

ପ୍ରାଧ୍ୟାପକ : ଦେବେନ୍ଦ୍ର ମହାନ୍ତି ଏମ୍. ଏ.

# ପଞ୍ଚସଖା ଓଡ଼ିଆ ସାହିତ୍ୟ

# ପଞ୍ଚସଖା ଓଡ଼ିଆ ସାହିତ୍ୟ

—ପ୍ରକାଶକ—

ଫ୍ରେଣ୍ଡସ୍ ପବ୍ଲିଶର୍ସ

କଟକ—୨ ।

ଲେଖକ—
ଅଧ୍ୟାପକ ଦେବେନ୍ଦ୍ର ମହାନ୍ତି

ପ୍ରକାଶକ—
ଫ୍ରେଣ୍ଡସ୍ ପବ୍ଲିଶର୍ସ

ପ୍ରଥମ ପ୍ରକାଶ
୧୯୬୪ ଜୁଲାଇ

ମୂଲ୍ୟ—
ଅଢ଼େଇ ଟଙ୍କା ମାତ୍ର

—ମୁଦ୍ରାକର—
ଶ୍ୟାମସୁନ୍ଦର ପ୍ରେସ,
କଟକ—୨ ।

# ସୂଚୀ


| ବିଷୟ | | ପୃଷ୍ଠା |
|---|---|---|
| ୧ । | ଭିତ୍ତିଭୂମି | ୧ |
| ୨ । | ଲେଖା ଓ ଲେଖକ | ୩୯ |
| ୩ । | ସମୀକ୍ଷା | ୧୩୪ |

# ନିଜକଥା

ପ୍ରାଚୀନ ଓଡ଼ିଆ ସାହିତ୍ୟର ପ୍ରକାଶ ପରେ ପଞ୍ଚସଖା ଓଡ଼ିଆ ସାହିତ୍ୟ ଲେଖିବାର ପ୍ରେରଣା ବନ୍ଧୁକ୍ଷେତ୍ରରୁ ମୋତେ ମିଳିବାରୁ ଏ ପ୍ରୟାସ କରିବାକୁ ସାହସୀ ହେଲି । ଷୋଡ଼ଶ ଶତାବ୍ଦୀର ବୈଷ୍ଣବ କବିଗଣଙ୍କ ରଚନାଦ୍ୱାରା ଓଡ଼ିଆ ସାହିତ୍ୟ କି ପ୍ରକାର ପରିପୁଷ୍ଟି ଲାଭ କରିଅଛି, ତାହା ଉକ୍ତ ପୁସ୍ତକରେ ଆଲୋଚିତ ହୋଇଅଛି । ପଞ୍ଚସଖାଙ୍କର ଧର୍ମଦର୍ଶନ ସେମାନଙ୍କ ସାହିତ୍ୟ ସାଧନାକୁ କିପରି ଭାବରେ ପରିଚାଳିତ କରିଅଛି, ସେ ବିଷୟରେ କିଞ୍ଚିତ ଆଭାସ ମଧ୍ୟ ଏଥିରୁ ମିଳିପାରିବ । ଓଡ଼ିଆ ବୈଷ୍ଣବସାହିତ୍ୟ ଓଡ଼ିଶାରେ ଏ ପର୍ଯ୍ୟନ୍ତ ବିବଦମାନ ପରିସ୍ଥିତି ଭିତରେ ଅଲୋଚିତ ହେଉଅଛି । କୌଣସି ଆଲୋଚକ ବୈଷ୍ଣବୀୟ ତତ୍ତ୍ୱଗୁଡ଼ିକୁ ପୂର୍ଣ୍ଣଭାବରେ ସମର୍ଥନ କରି ବୈଷ୍ଣବସାହିତ୍ୟର ପ୍ରଶଂସା କରୁଥିବାସ୍ଥଳେ କୌଣସି କୌଣସି ସାହିତ୍ୟିକ ବୈଷ୍ଣବ ସାହିତ୍ୟକୁ ନିନ୍ଦିତ କରିଅଛନ୍ତି । ସାଧାରଣ ପାଠକସମାଜ ଏହି ବିବଦମାନ ପରିସ୍ଥିତି ଭିତରକୁ ନ ଯାଇ ଧର୍ମର ବିଶ୍ୱାସରେ ବୈଷ୍ଣବ ସାହିତ୍ୟକୁ ଗ୍ରହଣ କରିଥାଆନ୍ତି । ଓଡ଼ିଶାରେ ବୈଷ୍ଣବ ସାହିତ୍ୟର ବିସ୍ତୃତ ଆଲୋଚନା ନିମିତ୍ତ ଏପର୍ଯ୍ୟନ୍ତ ଯେ କ୍ଷେତ୍ର ପ୍ରସ୍ତୁତ ହୋଇ ନାହିଁ ; ଏକଥା ଏକ ନିର୍ମମ ସତ୍ୟ । ବିଶ୍ୱବିଦ୍ୟାଳୟ ସ୍ତରରେ ବୈଷ୍ଣବ ସାହିତ୍ୟ ଅଧ୍ୟାପନା ମଧ୍ୟ ଆଶାଜନକ ନୁହେଁ । ସ୍ୱର୍ଗତ ଆର୍ତ୍ତବଲ୍ଲଭ ମହାନ୍ତି ଓଡ଼ିଆ ପ୍ରାଚୀନ ଗ୍ରନ୍ଥଗୁଡ଼ିକୁ ଉଦ୍ଧାର କରି ସଂପାଦନା କରିବା ସମୟରେ ସଂପୃକ୍ତ ଗ୍ରନ୍ଥଗୁଡ଼ିକର ମୁଖବନ୍ଧରେ ବୈଷ୍ଣବ ସାହିତ୍ୟ ବିଷୟରେ ଯେଉଁ ଆଲୋଚନା କରିଅଛନ୍ତି, ତନ୍ମଧ୍ୟରୁ କୌଣସି ପାଠକ ବୈଷ୍ଣବ ସାହିତ୍ୟ ବିଷୟରେ ଏକ ନିର୍ଭୁଲ ଧାରଣା ପାଇ ପାରିବ ନାହିଁ । ପଣ୍ଡିତ ନୀଳକଣ୍ଠ କେବଳ ବୈଷ୍ଣବ ସାହିତ୍ୟର

ଦୋଷ ବାଢ଼ିବାକୁ ଯାଇ ବୈଷ୍ଣବ ସାହିତ୍ୟର ପ୍ରକୃତ ରୂପ ବିଷୟରେ ପାଠକମାନଙ୍କୁ ଅନ୍ଧକାରରେ ରଖିଅଛନ୍ତି । ପଣ୍ଡିତ ବିନାୟକ ମିଶ୍ର ବୈଷ୍ଣବ ସାହିତ୍ୟ ବିଷୟରେ ମତପ୍ରଦାନ କରିବାକୁ ଯାଇ ଏପରି ତତ୍ତ୍ୱ-ବ୍ୟାଖ୍ୟାନ ରୀତି ଗ୍ରହଣ କରିଅଛନ୍ତି, ଯାହା କି ସାଧାରଣ ପାଠକର ଅବଗତିଠାରୁ ବହୁ ଊର୍ଦ୍ଧ୍ୱରେ । ସାହିତ୍ୟ ଏକାଡ଼େମୀ ତରଫରୁ ଯେଉଁ **ପଞ୍ଚସଖା ଓଡ଼ିଆ ସାହିତ୍ୟ** ପୁସ୍ତକଟି ପ୍ରକାଶିତ ହୋଇଅଛି, ତହିଁରେ ଲେଖକ ଶ୍ରୀଯୁକ୍ତ କାହ୍ନୁଚରଣ ମିଶ୍ର କେବଳ ଗବେଷଣା ଲବ୍ଧ ତଥ୍ୟଗୁଡ଼ିକ ପରିବେଷଣ କରିଅଛନ୍ତି । ତେଣୁ ସ୍ଥଳେ ଓଡ଼ିଶାର ବୈଷ୍ଣବ ସାହିତ୍ୟ ବିଷୟ ଆଲୋଚନା କରିବା ଏକ ସହଜସାଧ୍ୟ ବ୍ୟାପାର ନୁହେଁ ।

ବୈଷ୍ଣବ ସାହିତ୍ୟ ବିଷୟରେ ଏହି ପୁସ୍ତକରେ ଯେ କୌଣସି ଏକ ଜଟିଳ ବିଷୟକୁ କେନ୍ଦ୍ରକରି ଆଲୋଚନା ସ୍ଥାନ ପାଇଅଛି ତାହା ନୁହେଁ, ବୈଷ୍ଣବ ସାହିତ୍ୟ ସଂପର୍କରେ ଯେଉଁସବୁ ତଥ୍ୟ ମୋର ଦୃଷ୍ଟିପଥାରୂଢ଼ ହୋଇଅଛି, ସେଗୁଡ଼ିକୁ ମୁଁ ଏହି ପୁସ୍ତକରେ ସ୍ଥାନ ଦେଇଅଛି । ଆଲୋଚନା ପ୍ରସଙ୍ଗରେ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ଗୋଷ୍ଠୀକୁ କେନ୍ଦ୍ରକରି ମତାମତ ପ୍ରଦତ୍ତ ହୋଇନାହିଁ । ବୈଷ୍ଣବ ସାହିତ୍ୟ ବିଷୟରେ ମୁଁ ନିଜେ ସ୍ୱକର୍ଣ୍ଣକ୍ଷେତ୍ରରେ ଯେଉଁ ପ୍ରକାର ମତ ପୋଷଣ କରେ, ତାହା ହିଁ ଦେବାକୁ ମୁଁ କୁଣ୍ଠାବୋଧ କରିନାହିଁ । ପଞ୍ଚସଖାଙ୍କ ବ୍ୟତୀତ ଷୋଡ଼ଶ ଶତାବ୍ଦୀର ଆଉ କେତେଜଣ ପଞ୍ଚସଖା ପ୍ରଭାବିତ କବିଙ୍କ ବିଷୟରେ ସାମାନ୍ୟ ଆଲୋଚନା ଏଥିରେ ମଧ୍ୟ କରାଯାଇଅଛି ।

ଓଡ଼ିଶାର ପାଠକପାଠିକାମାନଙ୍କ ନିକଟରେ "ପଞ୍ଚସଖା ଓଡ଼ିଆ ସାହିତ୍ୟ"କୁ ଉପସ୍ଥାପିତ କରି ତାହା ବିଷୟରେ ମତାମତ

ପାଷଣ କରିବାର ଦାୟିତ୍ୱ ସେମାନଙ୍କ ଉପରେ ନ୍ୟସ୍ତ କରୁଛୁ । ଆଶାକରେ "ଓଡ଼ିଆ କାବ୍ୟ - ସାହିତ୍ୟ" ଅତିଶୀଘ୍ର ସେମାନଙ୍କ ସମକ୍ଷରେ ଉପସ୍ଥାପିତ କରିବ ।

| | | |
|---|---|---|
| ବାଖରାବାଦ<br>କଟକ<br>୧୯୬୩ | } | ବିନୀତ<br>ଲେଖକ |

# ପଞ୍ଚସଖା
# ଓଡ଼ିଆ ସାହିତ୍ୟ
## ଭିତ୍ତିଭୂମି
### ପଞ୍ଚସଖା ଯୁଗର ଅଭ୍ୟୁଦୟ

କେବଳ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ନୁହେଁ, ଓଡ଼ିଆର ସାମାଜିକ ତଥା ରାଜନୈତିକ ଜୀବନରେ ଏହି ଯୁଗର ଅଭ୍ୟୁଦୟ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ସୂତ୍ରପାତ କରିଅଛି । ଓଡ଼ିଆର ଜାତୀୟ ଜୀବନରେ ୧୬ଶ ଶତାବ୍ଦୀ ଯେ ଏକ ଅବିସ୍ମରଣୀୟ କାଳ, ଏଥିରେ ସନ୍ଦେହର ଅବକାଶ ନାହିଁ । ଦେଶର ସାମାଜିକ ଓ ରାଜନୈତିକ ଅବସ୍ଥାରେ ଯେତେବେଳେ ଏକ ବିରାଟ ପରିବର୍ତ୍ତନର ସୂତ୍ରପାତ ହୁଏ, ସାହିତ୍ୟ କ୍ଷେତ୍ରରେ ସେତେବେଳେ ତାହାର ଅପ୍ରତିହତ ପ୍ରଭାବ ପରିଦୃଷ୍ଟ ହୁଏ । ୧୬ଶ ଶତାବ୍ଦୀର ଓଡ଼ିଆ ସାହିତ୍ୟରେ ତାହା ହିଁ ହୋଇଛି ।

ଏହି ପଞ୍ଚସଖା ଯୁଗରେ ଯେଉଁ ଯୁଗାନ୍ତକାରୀ ପରିବର୍ତ୍ତନର ସୂତ୍ରପାତ ହେଲା, ତାହା ହଠାତ୍ ଗୋଟିଏ ଦୁଇଟି ଦିନର ବା ଗୋଟିଏ ଦୁଇଟି ମାସର ପ୍ରଚେଷ୍ଟାର ପରିଣାମ ନୁହେଁ । ଏହି ପରିବର୍ତ୍ତନକୁ ସ୍ୱାଗତ ଜଣାଇବା ନିମିତ୍ତ ବହୁ ପୂର୍ବରୁ କ୍ଷେତ୍ର-ପ୍ରସ୍ତୁତ ହୋଇ ସାରିଥିଲା । ଏ ସବୁର ଆଲୋଚନା କ୍ରମାନ୍ୱୟରେ କରାଯିବ । ଏ ଯୁଗରେ ବିଶେଷ ଉଲ୍ଲେଖଯୋଗ୍ୟ ଘଟଣା ହେଉଛି ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ ଓ ଓଡ଼ିଶାର ଧର୍ମଜୀବନ ଉପରେ ତାଙ୍କର ପ୍ରଭାବ । ଓଡ଼ିଆ ପଞ୍ଚସଖା ସେତେବେଳକୁ ଧର୍ମର ପ୍ରଚାର ତଥା ପ୍ରସାର ନିମିତ୍ତ ଚେଷ୍ଟା କରିବାକୁ ଆରମ୍ଭ କରି ଦେଇଥିଲେ ଲେଖନୀ ଜରିଆରେ । ଶ୍ରୀଚୈତନ୍ୟ ପୁରୀ ଆସି

ଜଗନ୍ନାଥ ଧାମରେ ଏହିମାନଙ୍କର ପ୍ରଭିଭାର ପରିଚୟ ପାଇ ମୁଗ୍ଧ ହୋଇଛନ୍ତି ଓ ତା ପରେ ତାଙ୍କର ଧର୍ମମତର ପରିପ୍ରଚାର ପାଇଁ ଶ୍ରୀକ୍ଷେତ୍ରକୁ ତାଙ୍କର ପ୍ରଧାନ ପୀଠ ରୂପେ ବାଛି ନେଇଛନ୍ତି । ଓଡ଼ିଶାର ବୈଷ୍ଣବମାନଙ୍କ ଉପରେ ତାଙ୍କର ପ୍ରଭାବ ପଡ଼ିଛି ଓ ବୈଷ୍ଣବସାହିତ୍ୟ ଜରିଆରେ ତାହା ଓଡ଼ିଆ ଗଣଜୀବନରେ କ୍ରମେ ପ୍ରସାରଲାଭ କରିଛି ।

ଶ୍ରୀଚୈତନ୍ୟଙ୍କ ଦ୍ୱାରା ପ୍ରଚାରିତ ବୈଷ୍ଣବଧର୍ମକୁ ଗୌଡ଼ୀୟ-ବୈଷ୍ଣବଧର୍ମନାମରେ ଅଭିହିତ କରଯାଇ ଓଡ଼ିଶୀ ବୈଷ୍ଣବଧର୍ମଠାରୁ ତାହାର ପାର୍ଥକ୍ୟ ଦେଖାଇ ଦିଆଯାଇଛି କେବଳ ପାଠ୍ୟପୁସ୍ତକ ଜରିଆରେ । ଏଭଳି ଏକ ବିଭାଗୀକରଣ ଆଦୌ ଠିକ୍ ହୋଇନାହିଁ ବୋଲି କହିଲେ ଆଜି ସତ୍ୟର ଅପଲାପ ହେବ ନାହିଁ । ଓଡ଼ିଶାରେ ବୈଷ୍ଣବଧର୍ମର ପରମ୍ପରା ଆଲୋଚନା କରି ସେଥିରେ ଓଡ଼ିଆ-ମାନଙ୍କର ବୈଶିଷ୍ଟ୍ୟ ଦେଖିସାରି ଶ୍ରୀଚୈତନ୍ୟଙ୍କର ଧର୍ମମତକୁ ବିଶ୍ଳେଷଣ କରିବାର କଥା ।

ଏହି ଧର୍ମଭାବର ଅନ୍ୟ ଏକ ପରିଣାମ ରୂପେ ଓଡ଼ିଆ ସାମ୍ରାଜ୍ୟର ସୀମା ସଙ୍କୁଚିତ ହୋଇ ଯାଇଛି । ମୁସଲମାନ ଆକ୍ରମଣକୁ ପ୍ରତିରୋଧ କରିବା ଶକ୍ତି ଓଡ଼ିଆ-ପାଇକ ହରାଇଛି । ଓଡ଼ିଆ ତାର ସ୍ୱାଧୀନତା ହରାଇଛି । ଏଥିପାଇଁ କେତେକ ଐତିହାସିକ ତଥା ସମା-ଲୋଚକ ଚୈତନ୍ୟଙ୍କୁ ଦୋଷ ଦେଇଥାନ୍ତି । ମାତ୍ର ଏପରି ମତ ପ୍ରଦାନ ଅସମୀଚୀନ । ଏଥିପାଇଁ ଯେବେ କେହି ଦାୟୀ ହେବାର ଥାଏ, ତେବେ ସେମାନେ ହେଉଛନ୍ତି ଆମର ଏହି ପଞ୍ଚସଖାଗଣ ଆଉ ଆମର ଗଜପତି । ସମଗ୍ର ଓଡ଼ିଶା ପଞ୍ଚସଖା ଧର୍ମରେ ଦୀକ୍ଷିତ ହୋଇଅଛି । ଓଡ଼ିଶାରେ ଧର୍ମର ଆଦର୍ଶ ଏପରି ଭାବରେ ବ୍ୟାପିଯାଇଛି ଯେ

ଓଡ଼ିଶା ଧର୍ମର ଦେଶ ହିସାବରେ ଖ୍ୟାତିପାଇଛି । ମୁସଲମାନମାନେ ଏହି ସୁଯୋଗ ନେଇ ଉତ୍କଳକୁ ଆକ୍ରମଣ କରି ସ୍ୱାଧୀନତା ସହିତ ଧର୍ମର ବିଲୋପ ସାଧନ ନିମିତ୍ତ ଚେଷ୍ଟା କରିଛନ୍ତି । କପିଳେନ୍ଦ୍ରଦେବଙ୍କ ପରେ ଓଡ଼ିଆର ଅଧଃପତନର ଆରମ୍ଭ । ଏହି ଅଧଃପତନ ପଞ୍ଚସଖା ଯୁଗର ବହୁତ ପୂର୍ବରୁ ଆରମ୍ଭ ହୋଇଛି । ବିଭିନ୍ନ ରାଜକୀୟ ପରିସ୍ଥିତି ସହିତ ଶ୍ରୀଚୈତନ୍ୟ ବା ପଞ୍ଚସଖା ନ ହୋଇ ସମଗ୍ର ଧାର୍ମିକ ମନୋବୃତ୍ତି ବା ଜାଗରଣ ଜାତୀୟ ଅଧଃପତନ ନିମିତ୍ତ ଦାୟୀ ବୋଲି କହିଲେ ଅସମୀଚୀନ ହେବ ନାହିଁ ।

ପଞ୍ଚସଖା ସାହିତ୍ୟ କହିଲେ ବଳରାମ, ଜଗନ୍ନାଥ, ଅନନ୍ତ, ଅଚ୍ୟୁତ ଓ ଯଶୋବନ୍ତଙ୍କ ସାହିତ୍ୟ ସୃଷ୍ଟି । ଏହି ସାହିତ୍ୟର ଧାରା ବା ବୈଶିଷ୍ଟ୍ୟ ତତ୍ପୂର୍ବବର୍ତ୍ତୀ ସାହିତ୍ୟରେ ପ୍ରକାଶ ଲାଭ କରିଛି । ସାରଳା ଦାସଙ୍କର ମହାଭାରତ ଏବଂ ତତ୍ପରବର୍ତ୍ତୀ କବି ଚୈତନ୍ୟଦାସଙ୍କର ବିଷ୍ଣୁଗର୍ଭ ପୁରାଣ ଓ ନିର୍ଗୁଣ ମାହାତ୍ମ୍ୟ ପାଠକଲେ ଜଣାଯାଏ ଯେ ପଞ୍ଚସଖା ସାହିତ୍ୟରେ ଥିବା ଶୂନ୍ୟଦର୍ଶନ ବହୁ ପୂର୍ବରୁ ଓଡ଼ିଆ ସାହିତ୍ୟରେ ପ୍ରକାଶ ଲାଭ କରିଥିଲା ଏବଂ ପରବର୍ତ୍ତୀ ସାହିତ୍ୟରେ ତାର ବିଶେଷ ବିକାଶ ହୋଇଅଛି । ଏହି ବିଶେଷ ବିକାଶରେ ଚୈତନ୍ୟଙ୍କର ପ୍ରଭାବ ଯଥେଷ୍ଟ ପରିମାଣରେ ପରିଦୃଷ୍ଟ ହୁଏ ।

ଓଡ଼ିଆ ବୈଷ୍ଣବ ସାହିତ୍ୟର ଆଲୋଚନା ନିମିତ୍ତ ସାରଳା ମହାଭାରତର ଶୂନ୍ୟବାଦ ଓ ଓଡ଼ିଆ ବୌଦ୍ଧସାହିତ୍ୟର ଆଲୋଚନା ନିତାନ୍ତ ଆବଶ୍ୟକ । ଆଲୋଚ୍ୟ ଶୂନ୍ୟବାଦ ମହାଯାନ ଶୂନ୍ୟବାଦ ସହିତ କେତେକାଂଶରେ ସମ୍ପୃକ୍ତ । ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକରେ ବୌଦ୍ଧଦାର୍ଶନିକ ନାଗାର୍ଜୁନ ଓଡ଼ିଶାରେ ତାଙ୍କର ମାଧ୍ୟମିକ ଦର୍ଶନର ପ୍ରଚାର କରିଥିଲେ । ମହାଯାନ ବୌଦ୍ଧଧର୍ମର ପ୍ରଧାନ ଗ୍ରନ୍ଥ ଅଷ୍ଟ-

ସନ୍ଧିସୂଚିକା, ପ୍ରଜ୍ଞାପାରମିତାର ଟୀକା ସେହି ନାଗାର୍ଜୁନ ସଂପାଦନ କରିଥିବାର ଜଣାଯାଏ । ଓଡ଼ିଶା ମହାଯାନ ବୌଦ୍ଧଧର୍ମର ବିହାର-ସ୍ଥଳୀ ଏବଂ ସେହି ମହାଯାନର ଶୂନ୍ୟବାଦର ସ୍ରୋତ ବହୁଯୁଗ ଅତିକ୍ରମ କରି କ୍ରମେ ବଜ୍ରଯାନ ଓ ସହଜଯାନ ମଧ୍ୟ ଦେଇ ଓଡ଼ିଆ ସାହିତ୍ୟରେ ପ୍ରବେଶ ଲାଭ କରିଛି । ବୌଦ୍ଧଗାନ ଓ ଦୋହାରେ ସବରପାଦଙ୍କ ରଚନାରୁ ଶୂନ୍ୟବାଦର ସମ୍ୟକ ଧାରଣା ମିଳେ । ଶୂନ୍ୟ, ତଥତା, ନୈରାତ୍ମ୍ୟ ପ୍ରଭୃତି ବୌଦ୍ଧଗାନ ଓ ଦୋହାର ରଚନାରେ ପ୍ରକାଶ ପାଇଛି । ଏହି ମତାନୁସାରେ ଶୂନ୍ୟ ଚାରି ଭାଗରେ ବିଭକ୍ତ —(୧) ଶୂନ୍ୟ, (୨) ଅତିଶୂନ୍ୟ, (୩) ମହାଶୂନ୍ୟ,, (୪) ସର୍ବଶୂନ୍ୟ ବା ନିର୍ବାଣ । ଏହି ଶୂନ୍ୟର ପ୍ରକାଶ ବାହାରେ ନୁହେଁ, ଶରୀର ଭିତରେ । ତେଣୁ କାୟା-ସାଧନା ସହିତ ଶୂନ୍ୟବାଦ ବହୁ ପ୍ରାଚୀନ କାଳରୁ ସଂଶ୍ଳିଷ୍ଟ ଥିଲା ଓଡ଼ିଆ ସାହିତ୍ୟରେ । ପଞ୍ଚସଖା-ଗଣ ପରବର୍ତ୍ତୀ କାଳରେ ଏହି ତତ୍ତ୍ୱର ପ୍ରବର୍ତ୍ତକ ଥିଲେ । ଏହି ଶୂନ୍ୟ-ସାଧନା ସହିତ ଆସେ ଭକ୍ତିବାଦର ସମାବେଶ । ଏହି ଯୁଗର ଅନବଦ୍ୟ ସୃଷ୍ଟି ହେଉଛି ଜଗନ୍ନାଥ ଦାସଙ୍କର ଓଡ଼ିଆ ଭାଗବତ । ଏହି ଭାଗବତ ଜରିଆରେ ଭକ୍ତିଭାବର ସମ୍ୟକ୍ ପ୍ରଚାର ସମ୍ଭବପର ହୋଇପାରିଛି । ଓଡ଼ିଆର ଜାତୀୟ-ଜୀବନରେ ଭାଗବତର ପ୍ରଭାବ ଏକାବେଳକେ ଅପ୍ରତିହତ । ଶ୍ରୀଚୈତନ୍ୟଙ୍କ ଆଗମନ ପୂର୍ବରୁ ପଞ୍ଚସଖା-ଗଣ ବୈଷ୍ଣବଧର୍ମର ପୃଷ୍ଠପୋଷକତା କରିଛନ୍ତି, ଅବଶ୍ୟ ପରୋକ୍ଷ ଭାବରେ । ଶ୍ରୀଚୈତନ୍ୟଙ୍କ ଆଗମନ ପରେ ସେମାନଙ୍କର ସମ୍ମିଳିତ ଉଦ୍ୟମ ଧର୍ମପ୍ରସାର ଦିଗରେ ଯଥେଷ୍ଟ ସାହାଯ୍ୟ କରିଛି । ଜଗନ୍ନାଥ ଦାସ କଳ୍ପବଟ ମୂଳରେ ଭାଗବତ ଅନୁବାଦ କରୁଥିବାବେଳେ ଚୈତନ୍ୟଙ୍କ ସହିତ ତାଙ୍କର ସାକ୍ଷାତ ହେଲା । ଏହି ଅନୁବାଦ ଦେଖି ଚୈତନ୍ୟ ଜଗନ୍ନାଥଙ୍କ ମହତ୍ତ୍ୱ ଜାଣିପାରିଲେ । ତା ପରେ ଜଗନ୍ନାଥ ଦାସ ହେଲେ ଅତିବଡ଼ ଜଗନ୍ନାଥ ଦାସ । ପଞ୍ଚସଖାଙ୍କର ମାର୍ଗ ହେଉଛି

ଜ୍ଞାନମିଶ୍ରା ଭକ୍ତି ମାର୍ଗ; ଶ୍ରୀଚୈତନ୍ୟ ପ୍ରଚାର କଲେ ପ୍ରେମଭକ୍ତି ବା ଶୁଦ୍ଧାଭକ୍ତି ମାର୍ଗ । ପ୍ରେମଭକ୍ତି ମାର୍ଗ ଅତି ସହଜ ଓ ମନ୍ତ୍ର, ଯନ୍ତ୍ର, ତନ୍ତ୍ର ଅପେକ୍ଷା ଭଗବତ୍‌ପ୍ରାପ୍ତି ଏଥିରେ ସୁଗମ । ଚୈତନ୍ୟଙ୍କ ପ୍ରଭାବରେ ପଞ୍ଚସଖାଙ୍କର ସାହିତ୍ୟରେ ଦର୍ଶନବାଦ ଗୋଳାଆ-ମିଶା ହୋଇଗଲା ।

ପଞ୍ଚସଖା ସାହିତ୍ୟ ଧର୍ମମତବାଦର ପ୍ରଚାର ନିମିତ୍ତ ଏକ ଅସ୍ତ୍ର ରୂପେ କାର୍ଯ୍ୟ କରୁଛି । ଛନ୍ଦୋବଦ୍ଧ ଭାବରେ ଭଜନ, ଚଉତିଶା ପ୍ରଭୃତି ଲେଖାଯିବାରୁ ତାହା ଜନସାଧାରଣଙ୍କ ପାଇଁ ଆମୋଦପୂର୍ଣ୍ଣ ମନେ ହେଲା । ଭାଷାର ସାରଲ୍ୟ ଏ ପ୍ରକାର ସାହିତ୍ୟର ଜନପ୍ରିୟତାର ମୂଳ । ମୂର୍ଖ ଲୋକମାନଙ୍କ କଣ୍ଠରୁ ମଧ୍ୟ ପଞ୍ଚସଖାଙ୍କର ଗୂଢ଼ତତ୍ତ୍ୱପୂର୍ଣ୍ଣ ଶୂନ୍ୟ-ଭଜନ ଶୁଣିବାକୁ ମିଳେ । ଭାଷାରେ କ୍ଲିଷ୍ଟତା ନ ଥିଲେହେଁ ତାତ୍ତ୍ୱିକ ବ୍ୟାଖ୍ୟାରେ ଏହି ସାହିତ୍ୟରେ କ୍ଲିଷ୍ଟତା ଭରିରହିଛି । ସରଳ ତରଳ ଭାଷାରେ ଓଡ଼ିଆ ଭାଗବତ ଓଡ଼ିଶାର ଜନସାଧାରଣଙ୍କୁ ଧର୍ମଚର୍ଚ୍ଚା କରିବାରେ ଯଥେଷ୍ଟ ସାହାଯ୍ୟ କରିଛି । ଏ ଯୁଗର ସାରସ୍ୱତ ବିଚାର କଲାବେଳେ ଏ ଯୁଗର ସାହିତ୍ୟସୃଷ୍ଟିର ଆଲୋଚନା କରି ଦେଖାଇଦେବା ସହଜ ହେବ ।

**ଓଡ଼ିଶାରେ ବିଭିନ୍ନ ଧର୍ମର ପରିପ୍ରସାର** ଓଡ଼ିଶାର ମାଟି ଉପରେ ବିଭିନ୍ନ ଧର୍ମଚକ୍ରର ପ୍ରବର୍ତ୍ତନ ଶାସନତନ୍ତ୍ରର ପ୍ରଭାବରୁ ହୋଇ ଥିବାର ଜଣାଯାଏ । ରାଜଧର୍ମ, ରାଜ୍ୟରେ ପ୍ରଚାର ଲାଭ କରିଥିବା କଥା ଇତିହାସ ସାକ୍ଷ୍ୟ ଦେଇଥାଏ । ବହୁ ପୁରାତନ କାଳର ଧର୍ମ ଇତିହାସରେ ବିଶେଷ ଭାବରେ ଉଲ୍ଲିଖିତ ନ ଥିଲେ ସୁଦ୍ଧା ରାଜଧ ଅନୁସାରେ ଓଡ଼ିଶାର ଧର୍ମ ଅନୁମାନ କରି ନେବାରେ କିଛି ଅସ୍ୱାଭାବିକତା ନ ଥାଇ ପାରେ ।

ଖ୍ରୀଷ୍ଟପୂର୍ବ ୫ମ ଶତାବ୍ଦୀର ଶେଷ ଭାଗରେ ଓଡ଼ିଶାରେ ବ୍ରାହ୍ମଣ୍ୟ-ଧର୍ମ ରାଜଧର୍ମ ରୂପେ ପ୍ରସାର ଲାଭ କରିଥିବ; କାରଣ ତତ୍କାଳୀନ ନନ୍ଦରାଜାମାନଙ୍କର ଧର୍ମ ଥିଲା ବ୍ରାହ୍ମଣ୍ୟଧର୍ମ । ତା ପରେ ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀରେ ଓଡ଼ିଶାରେ ବୌଦ୍ଧଧର୍ମର ପ୍ରସାର ନିତାନ୍ତ ସମ୍ଭବ । ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀରେ ଅଶୋକ କଳିଙ୍ଗ ବିଜୟ କରିଥିଲେ । ଅଶୋକ ବୌଦ୍ଧଧର୍ମର ଜଣେ ଶ୍ରେଷ୍ଠ ପୃଷ୍ଠପୋଷକ ଥିଲେ । କଳିଙ୍ଗକୁ ଜୟ କରିବା ପରେ କଳିଙ୍ଗରେ ସେ ଯେ ବୌଦ୍ଧଧର୍ମର ପ୍ରସାର କରାଇଥିବେ, ଏଥିରେ ସନ୍ଦେହ ନାହିଁ । ପୁଣି ଗୋଟିଏ କଥା ଏଠାରେ ଦେଖିବାର ଅଛି । ଅଶୋକ କଳିଙ୍ଗରେ ବୌଦ୍ଧଧର୍ମ ପ୍ରଚାର କରାଇଥିବା କଥା ଠିକ୍ ହୋଇ ନ ପାରେ । କାରଣ ଅଶୋକ କଳିଙ୍ଗକୁ ଜୟ କରିବା ପରେ ଉପଗୁପ୍ତଙ୍କ ଦ୍ୱାରା କଙ୍ଗରୁ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ବୋଲି ଯେଉଁ କଥା ଶୁଣାଯାଏ, ତାହା ଯେବେ ସତ ହୁଏ, ତେବେ ଆମକୁ ଏଠାରେ ଧରିନେବାକୁ ହେବ ଯେ ଅଶୋକଙ୍କ କଳିଙ୍ଗ ବିଜୟ ପୂର୍ବରୁ ଓଡ଼ିଶାରେ ବୌଦ୍ଧଧର୍ମ ପ୍ରାଧାନ୍ୟ ଲାଭ କରିଥିଲା । ତେଣୁ ଖ୍ରୀ:ପୂ: ୫ମ ଶତାବ୍ଦୀ ପରେ ଓଡ଼ିଶାରେ ବୌଦ୍ଧଧର୍ମ ପ୍ରାଧାନ୍ୟ ଲାଭ କରିଥିବା କଥା ବିଶେଷ ସମ୍ଭବପର ।

ଖାରବେଳଙ୍କ ସମୟ ଯଦି ଖ୍ରୀ:ପୂ: ଦ୍ୱିତୀୟ ଶତାବ୍ଦୀ ହୁଏ, ତେବେ ସେତେବେଳକୁ ଓଡ଼ିଶାରେ ଜୈନଧର୍ମ ପ୍ରାଧାନ୍ୟ ଲାଭ କରିଥିଲା । ଖାରବେଳ ଜୈନଧର୍ମର ପୃଷ୍ଠପୋଷକତା କରିଛନ୍ତି ଓ ଜୈନଧର୍ମ ପ୍ରଚାର ନିମିତ୍ତ ଯେ ଯଥେଷ୍ଟ ଚେଷ୍ଟା କରିଛନ୍ତି—ଏହା ଅସ୍ୱୀକାର କରାଯାଇ ନ ପାରେ । ଖ୍ରୀ:ପୂ: ୨ୟ ଶତାବ୍ଦୀରେ ଓଡ଼ିଶାରେ ବୈଷ୍ଣବଧର୍ମ ପ୍ରସାର ଲାଭ କରିଥିଲା ବୋଲି ଅନନ୍ତ ଗୁମ୍ଫାର ଗଜଲକ୍ଷ୍ମୀ ମୂର୍ତ୍ତି ଦେଖି ଅଧ୍ୟାପକ ପ୍ରଭାତ ମୁଖାର୍ଜୀ ମତ ଦେଇଛନ୍ତି । ଏପରି ମତ ଇତିହାସ ଦୃଷ୍ଟିରୁ ସମୀଚୀନ ହେଲେ ହେଁ ଗୋଟିଏ ମୂର୍ତ୍ତି ଦେଖି ଏପରି

ସିଦ୍ଧାନ୍ତରେ ଉପନୀତ ହେବା ସମୀଚୀନ ହେବ ନାହିଁ ।

ଖ୍ରୀଷ୍ଟୀୟ ୧ମ ଶତାବ୍ଦୀଠାରୁ ଆନ୍ଧ୍ର ରାଜବଂଶର ରାଜତ୍ୱ ସମୟରେ ଓଡ଼ିଶାରେ ବୌଦ୍ଧଧର୍ମର ପ୍ରଚାର ପ୍ରବଳ ଭାବରେ ହୋଇଥିବା କଥା ଇତିହାସରୁ ଜଣାଯାଏ । ଖ୍ରୀଷ୍ଟୀୟ ୩ୟ ଶତାବ୍ଦୀ ବେଳକୁ ତୋଷାଳୀ ଏକ ପ୍ରଧାନ ବୌଦ୍ଧକେନ୍ଦ୍ରରେ ପରିଣତ ହୋଇଛି । ତା ପରେ ଖ୍ରୀଷ୍ଟୀୟ ୪ର୍ଥ ଓ ୫ମ ଶତାବ୍ଦୀରେ କଳିଙ୍ଗରେ ମାଠର ରାଜତ୍ୱ ସମୟରେ ପୁଣି ବ୍ରାହ୍ମଣ୍ୟଧର୍ମ ପ୍ରାଧାନ୍ୟ ଲାଭ କରିଛି । ଏହି ସମୟରେ ବ୍ରାହ୍ମଣ୍ୟଧର୍ମ ରାଜଧର୍ମ ରୂପେ ପ୍ରାଧାନ୍ୟ ଲାଭ କରିଥିଲେ ହେଁ ବୌଦ୍ଧଧର୍ମ ଏକାବେଳକେ ଅପସରି ଯାଇ ନାହିଁ । କାରଣ ଏହା ପରେ କଳିଙ୍ଗରେ ବୌଦ୍ଧଧର୍ମର ପ୍ରାଧାନ୍ୟ ଥିବା କଥା ହୁଏନ୍‌ସାଙ୍ଗ ବିବରଣୀରୁ ମିଳେ । ତା ପରେ ଓଡ଼ିଶାରେ କର ବା ଭୌମ ରାଜତ୍ୱରେ ବୌଦ୍ଧଧର୍ମ ବିଶେଷ ଭାବରେ ପ୍ରସିଦ୍ଧି ଲାଭ କରିଥିଲା । ଏହି କର ବା ଭୌମ ରାଜତ୍ୱରେ ପୁଣି ବ୍ରାହ୍ମଣ୍ୟ ଓ ଶୈବଧର୍ମର ପ୍ରଭାବ ମଧ୍ୟ ଥିବାର ପ୍ରମାଣ ମିଳିଥାଏ ।

ଖ୍ରୀଷ୍ଟୀୟ ୭ମ ଶତାବ୍ଦୀରେ ନାଗାର୍ଜ୍ଜୁନ ଓଡ଼ିଶାରେ ଶୂନ୍ୟବାଦର ପ୍ରଚାର କରିଥିଲେ । ଏ ସମୟକୁ ବୌଦ୍ଧଧର୍ମର ତାନ୍ତ୍ରିକ ମତବାଦ ଗଢ଼ିଉଠିଛି । ଠିକ୍ ଏହି ସମୟରୁ ଓଡ଼ିଶାରେ ତାନ୍ତ୍ରିକ ବୌଦ୍ଧଧର୍ମର ବିକାଶ ହୋଇଛି । ଏହି ତାନ୍ତ୍ରିକ ବୌଦ୍ଧଧର୍ମ ଓଡ଼ିଶାରେ ବହୁ ସମୟ ଧରି ପ୍ରତିଷ୍ଠା ଲାଭ କରିଥିଲେ ହେଁ ଖ୍ରୀଷ୍ଟୀୟ ୮ମ ଶତାବ୍ଦୀର ଶେଷ ଭାଗରେ କେଶରୀ ରାଜତ୍ୱରେ ବ୍ରାହ୍ମଣ୍ୟଧର୍ମ ପୁଣି ବୌଦ୍ଧଧର୍ମକୁ ପରାଜିତ କରି ଓଡ଼ିଶାରେ ପ୍ରତିଷ୍ଠିତ ହେଲା । ଖ୍ରୀଷ୍ଟୀୟ ୯ମ ଶତାବ୍ଦୀରେ ଶଙ୍କରାଚାର୍ଯ୍ୟ ବ୍ରାହ୍ମଣ୍ୟଧର୍ମର ଧ୍ୱଜା ଧରି ଓଡ଼ିଶାକୁ ଆସିଲେ । ଏହି ସମୟରେ ଶୈବଧର୍ମ ପ୍ରଚ୍ଛନ୍ନ ଭାବରେ ଓଡ଼ିଶାରେ ଥିଲେ ମଧ୍ୟ କେଶରୀ

ବଂଶର ଅବସାନ ପରେ ପରେ ତାହାର ପ୍ରଭାବ କ୍ରମଶଃ ହ୍ରାସ ଲାଭ କରି ଦ୍ୱାଦଶ ଶତାବ୍ଦୀବେଳକୁ ଓଡ଼ିଶାରେ ବୈଷ୍ଣବଧର୍ମର ପ୍ରତିଷ୍ଠା ହେଲା । ଏହି ଦ୍ୱାଦଶ ଶତାବ୍ଦୀଠାରୁ ଓଡ଼ିଶାରେ ବୈଷ୍ଣବଧର୍ମର ଯେଉଁ ମୂଳପତ୍ତନ ପଡ଼ିଥିଲା, ତାହା ଷୋଡ଼ଶ ଶତାବ୍ଦୀର ପ୍ରଥମ ଭାଗ ପର୍ଯ୍ୟନ୍ତ ପ୍ରତିଷ୍ଠିତ ଥିଲା ଓ ଏହି ସମୟରେ ଚୈତନ୍ୟଙ୍କ ଉତ୍କଳ ଆଗମନ ଫଳରେ ବୈଷ୍ଣବଧର୍ମ ଓଡ଼ିଆର ଗଣଜୀବନରେ ଅତି ପରିଚିତ ହେଲା ।

## ଓଡ଼ିଶାରେ ବୈଷ୍ଣବଧର୍ମର ଭିତ୍ତିଭୂମି

ଉତ୍କଳର ଧର୍ମଜୀବନର କେନ୍ଦ୍ରସ୍ୱରୂପ ପୁରୀର ଜଗନ୍ନାଥ ବହୁ କାଳରୁ ଭାରତର ବିଭିନ୍ନ ପ୍ରାନ୍ତର ଧର୍ମପ୍ରବର୍ତ୍ତକମାନଙ୍କ ଦୃଷ୍ଟି-ପଥରେ ପଡ଼ିଛନ୍ତି । ଉତ୍କଳର ଧର୍ମ ବିଷୟରେ ଯେ କୌଣସି ଆଲୋଚନା କଲାବେଳେ ଜଗନ୍ନାଥ ବେଳେ ବେଳେ ସେଥି ଭିତରକୁ ଆସିଯାଆନ୍ତି । ଜଗନ୍ନାଥଙ୍କୁ ଛାଡ଼ିଦେଲେ ଉତ୍କଳର ଧର୍ମ ବିଷୟରେ କୌଣସି ଆଲୋଚନା ସମ୍ଭବପର ନୁହେଁ । ଉତ୍କଳର ଧର୍ମ ବିଷୟ ଆଲୋଚନା ସମୟରେ କେବଳ ବୈଷ୍ଣବଧର୍ମ ନୁହେଁ, ବୌଦ୍ଧଧର୍ମର ଆଲୋଚନାରେ ମଧ୍ୟ ପୁରୀର ଉଲ୍ଲେଖ ରହିଛି । ହୁଏନ୍‌ସାଙ୍ଗ ବିବରଣୀରୁ ଜଣାଯାଏ ଯେ ପୁରୀରେ ୫ ଗୋଟି ବୌଦ୍ଧବିହାର ଥିଲା । ଜଗନ୍ନାଥ ମଧ୍ୟ ବୌଦ୍ଧଦେବତା ବୋଲି ଅନେକ ଐତିହାସିକ ତଥା ଗବେଷକ ମତ ପ୍ରଦାନ କରନ୍ତି । ସେ ଯାହାହେଉ ନା କାହିଁକି, ପୁରୀର ଜଗନ୍ନାଥ ଭାରତର ବିଭିନ୍ନ ପ୍ରାନ୍ତରୁ ଧର୍ମପ୍ରବର୍ତ୍ତକ ଗଣଙ୍କୁ ଆକୃଷ୍ଟ କରି ନିଜ ପାଖକୁ ଟାଣିଆଣିଛନ୍ତି । ବିଭିନ୍ନ ଧର୍ମମତାବଲମ୍ବୀମାନେ ନିଜ ନିଜର ମତବାଦର ପରିପ୍ରସାର ନିମିତ୍ତ ଏହି ଜଗନ୍ନାଥ କ୍ଷେତ୍ରକୁ ଉପଯୁକ୍ତ ପୀଠରୂପେ ବାଛି ନେଇଛନ୍ତି । ସର୍ବଧର୍ମ ସମନ୍ୱୟ କରି ଜଗନ୍ନାଥ

ନିଜେ ଆସନ ବାଛି ନେଇଛନ୍ତି । ବୈଷ୍ଣବଧର୍ମର ବିଭିନ୍ନ ମତବାଦୀ-ମାନେ ଜଗନ୍ନାଥକ୍ଷେତ୍ରକୁ ଆସି ଉତ୍କଳରେ ବୈଷ୍ଣବଧର୍ମର ପରମ୍ପରା କିପରି ଭାବରେ ବଜାୟ ରଖିଛନ୍ତି, ତାହା ଆମର ଦେଖିବାର କଥା ।

ନବମ ଶତାବ୍ଦୀରେ ଶଙ୍କରାଚାର୍ଯ୍ୟ ପୁରୀ ଆସିଥିଲେ । ସେ ପୁରୀରେ ଭୋଗବର୍ଦ୍ଧନ ମଠ ବା ଗୋବର୍ଦ୍ଧନ ମଠ ସ୍ଥାପନ କରିଥିଲେ । ତ୍ରିବାଙ୍କୁଡ଼ ରାଜ୍ୟର ଉତ୍ତରରେ କଲଡି ନାମକ ସ୍ଥାନରେ ଖ୍ରୀ: ୭୮୮ରେ ଶଙ୍କରାଚାର୍ଯ୍ୟଙ୍କର ଜନ୍ମ । ବୌଦ୍ଧଧର୍ମ ବିରୁଦ୍ଧରେ ସେ ତାଙ୍କର ମତବାଦ ପ୍ରଚାର କରିଥିଲେ ବୋଲି ଅନେକ ଐତିହାସିକ ମତପ୍ରଦାନ କରନ୍ତି । ଶଙ୍କରାଚାର୍ଯ୍ୟଙ୍କ ଶୂନ୍ୟବାଦ ଓ ବୌଦ୍ଧଧର୍ମର ଶୂନ୍ୟବାଦରେ କେତେକ ଅସାମଞ୍ଜସ୍ୟ ଥିଲେ ହେଁ କେତେକ ସାମଞ୍ଜସ୍ୟ ଯୋଗୁଁ ଶ୍ରୀଚୈତନ୍ୟ ଶ୍ରୀଶଙ୍କରଙ୍କୁ ପ୍ରଚ୍ଛନ୍ନ ବୌଦ୍ଧ ବୋଲି କହିଛନ୍ତି । ପ୍ରକୃତରେ ଦେଖିବାକୁ ଗଲେ ଶଙ୍କରଙ୍କ ମତବାଦ ବୌଦ୍ଧ-ମତବାଦ ଠାରୁ ଭିନ୍ନ । ଶଙ୍କରଙ୍କ ମାୟାବାଦ ଅନୁସାରେ ଜଗତ ଅଜ୍ଞାନରେ ସତ୍ ଓ ଜ୍ଞାନରେ ଅସତ୍ । ବ୍ରହ୍ମ ହିଁ ଏକ ଏବଂ ଅଦ୍ୱିତୀୟ ତତ୍ତ୍ୱ । ରଜ୍ଜୁ ଉପରେ ସର୍ପର ଆରୋପ ପରି ବ୍ରହ୍ମ ଉପରେ ଜଗତ୍ ଆରୋପିତ ହୋଇଅଛି । ଜ୍ଞାନରେ ସର୍ପ ଯେପରି ମିଥ୍ୟା ଏବଂ ରଜ୍ଜୁ ହିଁ ସତ୍ୟ, ସେହିପରି ବ୍ରହ୍ମ ସତ୍ୟ ଓ ଜଗତ୍ ମିଥ୍ୟା ।

ଦ୍ୱାଦଶ ଶତାବ୍ଦୀର ପ୍ରଥମ ଭାଗରେ ରାମାନୁଜ ପୁରୀ ଆସିଥିଲେ । ସେ ଖ୍ରୀ:୧୦୧୭ରେ ଜନ୍ମଗ୍ରହଣ କରିଥିଲେ ଓ ୧୨୦ ବର୍ଷ ଜୀବିତ ଥିବାର ଜଣାଯାଏ । ସେ ଖ୍ରୀ:୧୦୨୨ରୁ ଖ୍ରୀ:୧୧୩୭ ମଧ୍ୟରେ ପୁରୀ ଆସିଥିବାର ଜଣାଯାଏ । ସେ "ଶ୍ରୀ" ସମ୍ପ୍ରଦାୟର ପ୍ରଚାରକ । ଏହି "ଶ୍ରୀ" ସଂପ୍ରଦାୟ ଦଶମ ଶତାବ୍ଦୀରେ ଦକ୍ଷିଣରେ ସୃଷ୍ଟି ହେବାର ଅନୁମାନ କରାଯାଏ । ଏହି ସମ୍ପ୍ରଦାୟର ପ୍ରଥମ ଗୁରୁ ନାଥମୁନି ।

ରାମାନୁଜ ପୁରୀ ଆସି ଜଗନ୍ନାଥ ମନ୍ଦିରରେ ସ୍ମାର୍ତ୍ତମତରେ ପୂଜା ଚଳାଇବା ପାଇଁ ଉଦ୍ୟମ କରି ବିଫଳମନୋରଥ ହେଲେ । ସେ ପୁରୀରେ ଦୁଇଗୋଟି ମଠ ସ୍ଥାପନ କରିଥିଲେ । ଗୋଟିଏ ମଠ ନିଜ ନାମରେ ଓ ଅନ୍ୟଟି ନିଜ ଶିଷ୍ୟ ଗୋବିନ୍ଦଙ୍କ ନାମରେ । ଗୋବିନ୍ଦ ଗୁରୁଙ୍କଠାରୁ ପାଇଥିବା 'ଏମ୍-ପେରୁ-ମାନ୍-ଆର୍' ଉପାଧିକ୍ରମେ ଓଡ଼ିଆରେ ଏମ୍ବାର ଓ ଏମାରରେ ପରିଚିତ ହେଲା । ତାଙ୍କ ମଠ ସେହି ଅନୁସାରେ 'ଏମାର ମଠ' ନାମରେ ପରିଚିତ । ରାମାନୁଜଙ୍କର ମତବାଦ ହେଉଛି, ଭଗବାନ ପୁରୁଷୋତ୍ତମ । ସେ ପ୍ରତ୍ୟେକ ଶରୀରରେ ସାକ୍ଷୀ-ସ୍ୱରୂପ ରହିଛନ୍ତି । ସେ ଜଗତର ନିୟନ୍ତା, ଅବିୟନ୍ତା ଏବଂ ସ୍ୱାମୀ । ଜୀବ ତାଙ୍କର ନିୟମର ବଶବର୍ତ୍ତୀ ତଥା ସେବକ । ଅହଙ୍କାର ତ୍ୟାଗ କରି ତାଙ୍କଠାରେ ସର୍ବତୋଭାବେ ଶରଣାପନ୍ନ ହେବା ଜୀବର ପରମଧର୍ମ । ଭଗବାନ ନାରାୟଣ ସତ୍ୟ; ତାଙ୍କର ଶକ୍ତି ମହାଲକ୍ଷ୍ମୀ ଚିତ୍ ଓ ଜଗତ ତାଙ୍କର ଆନନ୍ଦର ବିଳାସସ୍ଥଳ । ଓଡ଼ିଶାରେ "ଶ୍ରୀ" ସଂପ୍ରଦାୟର ପ୍ରଭାବ ବିଶେଷ ଭାବରେ ଥିଲା । ଉତ୍କଳୀୟ ବୈଷ୍ଣବଧର୍ମ ମତବାଦ ଏହି ସମ୍ପ୍ରଦାୟର ମତବାଦରୁ ଜାତ ହୋଇଛି ବୋଲି କହାଯାଏ ।

ସେଇ ଦ୍ୱାଦଶ ଶତାବ୍ଦୀରେ ପୁରୀକୁ ଆସିଲେ ଜୟଦେବ । ସେ ତାଙ୍କର ଗୀତଗୋବିନ୍ଦ ରଚନାରେ ଶୃଙ୍ଗାର ରସାଶ୍ରିତ ଭକ୍ତି-ମାର୍ଗର ପଥ ଉନ୍ମୋଚନ କରିଗଲେ । ଗୀତଗୋବିନ୍ଦର ସୁଲଳିତ ପଦାବଳୀ ଉତ୍କଳରେ ବିଶେଷ ଜନପ୍ରିୟତା ଲାଭ କଲା ।

ତା ପରେ ତ୍ରୟୋଦଶ ଶତାବ୍ଦୀରେ ମଧ୍ୱାଚାର୍ଯ୍ୟ ପନ୍ଥୀ ନରସିଂହ ମୁନି, ନରସିଂହ ତୀର୍ଥ ଓ ଜଗନ୍ନାଥ ତୀର୍ଥ ଓଡ଼ିଶାରେ ରହି ବୈଷ୍ଣବ-ଧର୍ମ ପ୍ରଚାର କରିଥିଲେ । ଚତୁର୍ଦ୍ଦଶ ଶତାବ୍ଦୀରେ ନରସିଂହ ଭାରତୀ,

ବାସୁଦେବ ଭାରତୀ ଓ ରାଘବ ଓଡ଼ିଶାରେ ମଧ୍ୱାଚାର୍ଯ୍ୟ ପ୍ରଦର୍ଶିତ ମତବାଦର ପ୍ରଚାର କରିଥିଲେ । ଏହି ମଧ୍ୱାଚାର୍ଯ୍ୟ ମତବାଦୀ ପ୍ରଚାରକ-ଗଣ ଓଡ଼ିଶାରେ ଗଙ୍ଗବଂଶର ପୃଷ୍ଠପୋଷକତା ଲାଭ କରି ସେମାନଙ୍କର ଧର୍ମପ୍ରଚାର କରିଥିଲେ । ଏହି ମତବାଦର ପ୍ରତିଷ୍ଠାତା ମଧ୍ୱାଚାର୍ଯ୍ୟ ମାନ୍ଦ୍ରାଜର ମାଙ୍ଗାଲୋର ଜିଲ୍ଲା ଅନ୍ତର୍ଗତ ବେଲ୍ଲିଳ ଗ୍ରାମରେ ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ । ଭଗବତ୍ ଗୀତାର ଅନୁବାଦ ତାଙ୍କର ପ୍ରଧାନ କୃତି । ବେଦର ପ୍ରାମାଣିକତା ସ୍ଥାପନ ଓ ଶଙ୍କରଙ୍କର ମାୟାବାଦର ଖଣ୍ଡନ ତାଙ୍କ ମତବାଦ ଗଠନର ଏକ ପ୍ରଧାନ ଭିତ୍ତି । ତାଙ୍କ ମତରେ ବିଚାର, ଶ୍ରବଣ, ଧ୍ୟାନ ଓ ସ୍ତବ ପ୍ରତ୍ୟେକ ଭକ୍ତର କାମ୍ୟ ।

ତ୍ରୟୋଦଶ ଶତାବ୍ଦୀ ପୂର୍ବରୁ ଓଡ଼ିଶାରେ ରୁଦ୍ର ସମ୍ପ୍ରଦାୟର ପ୍ରବର୍ତ୍ତକ ବିଷ୍ଣୁସ୍ୱାମୀଙ୍କର ମତବାଦ ପ୍ରଚଳିତ ହୋଇଥିଲା । ଏହାଙ୍କର ଦର୍ଶନ ମତ ଶୁଦ୍ଧଅଦ୍ୱୈତବାଦ ଓ ଉପାସ୍ୟ ଦେବତା ବାଳଗୋପାଳ । ଶ୍ରୀକୃଷ୍ଣଙ୍କଠାରେ ଆତ୍ମନିବେଦନ ଏହାର ମୂଳମନ୍ତ୍ର । ବଲ୍ଲଭାଚାର୍ଯ୍ୟ ଏହି ସମ୍ପ୍ରଦାୟର ସାଧକ । ବଲ୍ଲଭାଚାର୍ଯ୍ୟ ଦକ୍ଷିଣ-ଭାରତରେ ଜନ୍ମ-ଗ୍ରହଣ କରିଥିଲେ । ଭାଗବତରେ ବର୍ଣ୍ଣିତ ଶ୍ରୀକୃଷ୍ଣଙ୍କର ଲୀଳାଭୂମି ଯେ ପୂର୍ଣ୍ଣ ଓ ଅଖଣ୍ଡ, ସେ ତାହା ପ୍ରକାଶ କରିଛନ୍ତି । ସେ ଚୈତନ୍ୟଙ୍କର ସମସାମୟିକ । ଚୈତନ୍ୟଙ୍କର ଦକ୍ଷିଣ-ଭାରତ ଯାତ୍ରା ସମୟରେ ବଲ୍ଲଭାଚାର୍ଯ୍ୟଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା । ବଲ୍ଲଭାଚାର୍ଯ୍ୟ ପ୍ରେମଭକ୍ତି ଉପରେ ବିଶେଷ ପ୍ରାଧାନ୍ୟ ସ୍ଥାପନ କରିଛନ୍ତି । ସେ ଶଙ୍କରଙ୍କର ମାୟାବାଦର ବିରୋଧୀ ଥିଲେ । ସେ ଜୀବ ଓ ବ୍ରହ୍ମର ଶୁଦ୍ଧ-ଅଦ୍ୱୈତବାଦର ସମର୍ଥନ କରିଛନ୍ତି । ତାଙ୍କ ମତରେ ଭଗବାନ ଶ୍ରୀକୃଷ୍ଣ ପରଂବ୍ରହ୍ମ ଓ ତାଙ୍କର ସେବା ଜୀବର ଶ୍ରେଷ୍ଠ କର୍ତ୍ତବ୍ୟ । ଏହି ବିଷ୍ଣୁସ୍ୱାମୀ ସମ୍ପ୍ରଦାୟର ସାଧକ ବଲ୍ଲଭାଚାର୍ଯ୍ୟଙ୍କ ନାମାନୁସାରେ ଏ

ମତବାଦର ନାମକରଣ ପରେ ପରିବର୍ତ୍ତିତ ହେବାର କେତେକ ସ୍ଥଳରେ ଦେଖାଯାଏ । ଏହି ବିଷ୍ଣୁସ୍ୱାମୀ ମତବାଦ ଓଡ଼ିଶାରେ ପ୍ରଚଳିତ ହୋଇଥିଲା । ଶ୍ରୀମଦ୍‌ଭାଗବତର 'ଭାବାର୍ଥ-ଦୀପିକା' ନାମକ ଭାଷ୍ୟର ରଚୟିତା ପ୍ରସିଦ୍ଧ ଶ୍ରୀଧରସ୍ୱାମୀ ଓ 'ଶ୍ରୀନାମ-କୌମୁଦୀ'ର ରଚୟିତା ଲକ୍ଷ୍ମୀଧର ବିଷ୍ଣୁସ୍ୱାମୀ ଏହି ସମ୍ପ୍ରଦାୟର ଭକ୍ତ ଥିଲେ । ସେମାନେ ପୁରୀରେ ବାସ କରୁଥିଲେ ଓ ଧର୍ମପ୍ରଚାର କରୁଥିଲେ ।

ଭାରତୀୟ ବୈଷ୍ଣବଧର୍ମ ଜଗତରେ ପ୍ରାଧାନ୍ୟ ଲାଭ କରିଥିବା ଚାରି ଗୋଟି ସମ୍ପ୍ରଦାୟ ମଧ୍ୟରୁ ତିନି ଗୋଟି ସମ୍ପ୍ରଦାୟ ଓଡ଼ିଶା ଆସି ସେମାନଙ୍କର ମତବାଦ ପ୍ରଚାର କରିଥିବାର ପ୍ରମାଣ ମିଳୁଛି । ମାତ୍ର ନିମ୍ବାର୍କ ସମ୍ପ୍ରଦାୟର ପ୍ରଚାରକଗଣ ଓଡ଼ିଶାକୁ ଆସିଥିବାର ପ୍ରମାଣ ନାହିଁ । ତଥାପି ନିମ୍ବାର୍କ ମତବାଦ ଯେ ଓଡ଼ିଶାରେ ପ୍ରଚଳିତ ହୋଇଥିଲା, ଏହା ଓଡ଼ିଶାର ଧର୍ମଗ୍ରନ୍ଥମାନଙ୍କରୁ ମିଳେ । ଅଚ୍ୟୁତାନନ୍ଦଙ୍କ ଗୁରୁଭକ୍ତି ଗୀତାରେ ଏହି ଚାରି ସମ୍ପ୍ରଦାୟଙ୍କ କଥାର ଉଲ୍ଲେଖ ଅଛି । ନିମ୍ବାର୍କଙ୍କର ଦ୍ୱୈତାଦ୍ୱୈତବାଦ ଏକ ପ୍ରଧାନ ଧର୍ମମତବାଦ । ତାଙ୍କ ମତରେ ବ୍ରହ୍ମ ସର୍ବଶକ୍ତିମାନ ଓ ତାହା ସଗୁଣ ଭାବ ମୋକ୍ଷ । ଜୀବ ଅଣୁ ଓ ବ୍ରହ୍ମର ଅଂଶ ମାତ୍ର । ବ୍ରହ୍ମ, ଜୀବ ତଥା ଜଡ଼ ମଧ୍ୟରେ ପୃଥକ୍ ଓ ଅପୃଥକ୍ ଭାବରେ ବିଦ୍ୟମାନ୍ । ବ୍ରହ୍ମର ସଗୁଣ ତଥା ନିର୍ଗୁଣ ଦୁଇ ରୂପର ବିଚାର କରାଗଲେ ମଧ୍ୟ ଜୀବର ମୁକ୍ତି ନିମିତ୍ତ ଭକ୍ତିର ପ୍ରୟୋଜନୀୟତା ରହିଛି ।

ଆମର ଏଠାରେ ଦେଖିବାର କଥା, ପଞ୍ଚଦଶ ଶତାବ୍ଦୀ ବେଳକୁ ଭାରତରେ ପ୍ରାଧାନ୍ୟ ଲାଭ କରିଥିବା ଚାରିଗୋଟି ମତବାଦ ଓଡ଼ିଶାର ଧର୍ମଜଗତରେ ଉତ୍ତମଭାବେ ପରିଚିତ । ପଞ୍ଚଦଶ ଶତାବ୍ଦୀରେ ଉତ୍କଳ ବ୍ୟାସ ସାରଳାଦାସ ତାଙ୍କର ମହାଭାରତ ରଚନା କରିବାବେଳକୁ

ଓଡ଼ିଶାରେ ବୈଷ୍ଣବଧର୍ମର ଅନେକ ତତ୍ତ୍ୱ ପ୍ରକାଶ ଲାଭ କରିଛି । ସାରଳାଦାସ ଥିଲେ ଯୋଗବାଦୀ, ଶୂନ୍ୟବାଦୀ ଓ ଜ୍ଞାନମିଶ୍ରାଭକ୍ତିର ଉପାସକ । ସେ ମଧ୍ୟ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱର ପ୍ରଖ୍ୟାପନ କରିଛନ୍ତି । ନାଭିଠାରୁ ମସ୍ତକ ପର୍ଯ୍ୟନ୍ତ ତେତିଶ କୋଟି ଦେବତାଙ୍କ ଅବସ୍ଥାନ ବିଷୟ ସେ ବର୍ଣ୍ଣନା କରିଛନ୍ତି । ପାଣ୍ଡବମାନଙ୍କ ବନବାସ ସମୟରେ ସେ ଶରୀରତତ୍ତ୍ୱ ପ୍ରକାଶ କରିଛନ୍ତି ।

"ଅହେ ତାତ ପାଞ୍ଚ ମନ ପଚିଶ ପ୍ରକୃତି
ଏ କାୟାଘରକୁ ବୃଥା ଭ୍ରମରେ ପକାନ୍ତି
ବାସ୍ତରି ନାଡ଼ି ପୁଣି ଚୌରାଶୀ ହେତୁ
ଚବନର ଭେଟାଭେଟି ଶରୀର ତତ୍ତ୍ୱୁଁ ।
ଇଂଳା ପିଂଳା ପୁଣି ମଧ୍ୟେ ସୁସୁମ୍ନା
ଉଚାଟର ଛନ୍ଦ ଏହି ନବ ନାଡ଼ି ସିନା ।

× × ×

ସଂପୂର୍ଣ୍ଣ ଚଳଇ ଧାତୁ ଆହୁଟରେ ମନ୍ଦ
ଜ୍ଞାନ-କୋଠା ମଧ୍ୟରେ ଯେ ହୋଇଅଛି ଛନ୍ଦ ।"

ପଞ୍ଚଦଶ ଶତାବ୍ଦୀର ମଧ୍ୟ ଭାଗରେ ଓଡ଼ିଶାର ଧର୍ମ-ସାହିତ୍ୟରେ ରସାତ୍ମକ ଭକ୍ତିର ନିଦର୍ଶନ ମିଳିଛି । ସାରଳା ମହାଭାରତରେ ଶ୍ରୀକୃଷ୍ଣଙ୍କର ଗୋପୀମାନଙ୍କ ପ୍ରତି ପ୍ରେମର ଉଲ୍ଲେଖ କେତେକ ସ୍ଥାନରେ ଅଛି ।

ଏହିପରି ଭାବରେ ଉତ୍କଳରେ ବୈଷ୍ଣବଧର୍ମ ଯେତେବେଳେ ତାର ବିକାଶ ପଥରେ ଅଗ୍ରଗତି କରି ଚାଲିଥିଲା, ଯେତେବେଳେ ଉତ୍କଳୀୟ ବୈଷ୍ଣବଗଣ ସେମାନଙ୍କ ରଚନା ଜରିଆରେ ଧର୍ମ ମତ-

ବାଦର ପରିପ୍ରସ୍ତର ପାଇଁ ବନ୍ଧପରିକର, ସେତିକବେଳେ ଅର୍ଥାତ୍ ଷୋଡ଼ଶ ଶତାବ୍ଦୀର ଆରମ୍ଭରେ ଜଗନ୍ନାଥ ଧାମରେ ଅବତୀର୍ଣ୍ଣ ହେଲେ ଶ୍ରୀଚୈତନ୍ୟ । ଶ୍ରୀଚୈତନ୍ୟ ଉତ୍କଳକୁ ଆସି ତାଙ୍କ ମତବାଦ ପ୍ରଚାର କରିବା ପାଇଁ କୌଣସି ଆୟାସର ସମ୍ମୁଖୀନ ହୋଇ ନାହାନ୍ତି; କାରଣ ଉତ୍କଳର ଧର୍ମଜଗତରେ ତାଙ୍କ ମତବାଦ ପ୍ରଚାର ନିମିତ୍ତ ଅନୁକୂଳ ଅବସ୍ଥା ଆଗରୁ ସୃଷ୍ଟି ହୋଇ ରହିଥିଲା ।

## ବୈଷ୍ଣବଦର୍ଶନ

ଭାରତରେ ପ୍ରାଧାନ୍ୟ ଲଭ କରିଥିବା ବୈଷ୍ଣବଧର୍ମର ବିଭିଗୋଟି ମତବାଦ ପଞ୍ଚସଖାଙ୍କର ଆତ୍ମପ୍ରକାଶ ସମୟକୁ ଉତ୍କଳରେ ଉତ୍ତମ ଭାବରେ ପରିଚିତ । ବିଭିନ୍ନ ମତବାଦ ଉତ୍କଳରେ ଭଲ ଭାବରେ ଜଣାଶୁଣା ଥିଲେ ହେଁ ଉତ୍କଳର ପଞ୍ଚସଖା ଏହା ମଧ୍ୟରୁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ମତବାଦକୁ ଏକାବେଳକେ ଗ୍ରହଣ କରି ନାହାନ୍ତି । ବିଭିନ୍ନ ମତବାଦକୁ ସମ୍ମାନ ଦେଖାଇବା ସଙ୍ଗେ ସଙ୍ଗେ ଏମାନେ ବୈଷ୍ଣବଧର୍ମ ଦର୍ଶନକୁ ନିଜ ନିଜର ମତବାଦଦ୍ୱାରା ପରିପୁଷ୍ଟ କରିଛନ୍ତି । ସର୍ବଭାରତୀୟ କ୍ଷେତ୍ରରେ ବିକାଶ ଲଭ କରିଥିବା ବୈଷ୍ଣବ-ଧର୍ମର ମତବାଦ ଠାରୁ ଏମାନଙ୍କର ମତବାଦର ସ୍ୱାତନ୍ତ୍ର୍ୟ ରହିଛି । ଉତ୍କଳରେ ଖ୍ୟାତି ଲଭ କରିଥିବା ଏହି ବୈଷ୍ଣବଧର୍ମକୁ ପଞ୍ଚସଖାଧର୍ମ ରୂପେ ଗ୍ରହଣ କରି ନେବାରେ କିଛି ଅସମୀଚୀନତା ନାହିଁ । ପଞ୍ଚସଖା-ମାନଙ୍କର ମତବାଦରେ ସ୍ୱାତନ୍ତ୍ର୍ୟ ଥିବା ଯୋଗୁଁ ଏହି ଧର୍ମମତବାଦର ସ୍ୱତନ୍ତ୍ର ନାମକରଣ ଅତି ଯୁକ୍ତିସଙ୍ଗତ । ପଞ୍ଚସଖାଙ୍କ ପୂର୍ବରୁ ଉତ୍କଳୀୟ ବୈଷ୍ଣବ ମତବାଦ ଯାହା ଥିଲା, ପଞ୍ଚସଖାଙ୍କ ସମୟରେ ତାହା ପରିବର୍ତ୍ତିତ ହୋଇଅଛି । ପୁଣି ପଞ୍ଚସଖାଙ୍କ ସମୟରେ ଯାହା ଥିଲା, ପରବର୍ତ୍ତୀ କାଳରେ ତାହା ପରିବର୍ତ୍ତିତ ହୋଇଯାଇଛି । ତେଣୁ ମତବାଦର ସ୍ୱାତନ୍ତ୍ର୍ୟ ଓ ପରିବର୍ତ୍ତନ ଦୃଷ୍ଟିରୁ ଉତ୍କଳରେ ବିଭିନ୍ନ ସମୟରେ ବିକାଶପ୍ରାପ୍ତ

ହୋଇଥିବା ଧର୍ମ-ଦର୍ଶନକୁ କେବଳ ଉତ୍କଳୀୟ ବୈଷ୍ଣବଧର୍ମ ନାମରେ ନାମିତ କରିବା ଯୁକ୍ତିଯୁକ୍ତ ନୁହେଁ । ଉତ୍କଳର ପଞ୍ଚସଖାଙ୍କର ପ୍ରଚେଷ୍ଟାର ପରିଣାମ ଆମର ଆଲୋଚ୍ୟ ବିଷୟ ।

ପଞ୍ଚସଖା ଧର୍ମର ପ୍ରଧାନ ଲକ୍ଷଣ ହେଉଛି—୧-ଜଗନ୍ନାଥ, ୨-ଯୋଗ, ୩-ଭକ୍ତି (ଜ୍ଞାନମିଶ୍ରା) ।

୧ **ଜଗନ୍ନାଥ** ଓଡ଼ିଶୀ ବୈଷ୍ଣବଧର୍ମର ପ୍ରଥମ ଲକ୍ଷଣ ହେଉଛି ଜଗନ୍ନାଥ ଆରାଧନା । ଓଡ଼ିଶାର ଜଗନ୍ନାଥ ସର୍ବଧର୍ମ ସମନ୍ୱୟରେ ପ୍ରତିଷ୍ଠିତ । ଏଠାରେ ପ୍ରଶ୍ନ ଉଠେ, ଏହି ସର୍ବଧର୍ମର ସମନ୍ୱୟ କାହିଁକି ଓ କିପରି ହେଲା । ସାମାଜିକ ପରିସ୍ଥିତିରେ ସାହିତ୍ୟର ସୃଷ୍ଟି । ଷୋଡ଼ଶ ଶତାବ୍ଦୀରେ ମୁସଲମାନମାନେ ଆସିଥିଲେ । ସେମାନେ ରାଜ୍ୟବିସ୍ତାର କଲା ପରେ ହିନ୍ଦୁମାନଙ୍କର ସଂସ୍କୃତି ଓ ଧର୍ମମତ ଉପରେ ଆକ୍ରମଣ କଲେ । ହିନ୍ଦୁମାନେ ନିଜ ଧର୍ମକୁ ରକ୍ଷା କରିବାକୁ ଚେଷ୍ଟାକଲେ । ସେତେବେଳକୁ ହିନ୍ଦୁ ସମ୍ପ୍ରଦାୟ ବହୁ ଭାଗରେ ବିଭକ୍ତ ଥିଲା । ମୁସଲମାନ ଆକ୍ରମଣରୁ ଆତ୍ମରକ୍ଷା ପାଇଁ ଏହି ସବୁ ସମ୍ପ୍ରଦାୟ ଏକ ହେବାକୁ ଚେଷ୍ଟାକଲେ । ଏହାର ଫଳ ହେଉଛି ସର୍ବଧର୍ମ ସମନ୍ୱୟ । ଆକବର ମଧ୍ୟ ଦିନ୍-ଇଲାହି (Din Ilahi) ଧର୍ମ ମତବାଦ ସୃଷ୍ଟି କରି ରାଜନୈତିକ ସୂତ୍ରରେ ସର୍ବଧର୍ମ ସମନ୍ୱୟ କରିବାକୁ ଚେଷ୍ଟା କରିଥିଲେ । ଔରଙ୍ଗଜେବଙ୍କ ସମୟରେ ଏହି ତିକ୍ତତା ବଢ଼ିଯିବାରୁ ଗୋରଖ, ମତ୍ସ୍ୟେନ୍ଦ୍ର, କବୀର, ନାନକ ପ୍ରଭୃତି ଗୋଟିଏ ମିଳନ ପାଇଁ ଚେଷ୍ଟାକଲେ । ଓଡ଼ିଶାରେ ଏହି ମିଳନ ଜଗନ୍ନାଥଙ୍କୁ କେନ୍ଦ୍ରକରି ଗଢ଼ିଉଠିଛି । ଜଗନ୍ନାଥଙ୍କୁ ବୌଦ୍ଧମୂର୍ତ୍ତି ବୋଲି ଅନେକେ ମନେକରନ୍ତି । ସୁଭଦ୍ରାଙ୍କୁ କେହି କେହି ଦୁର୍ଗା, ଶକ୍ତି, ଏକାନଂସା ବା କେହି କେହି ଜଗନ୍ନାଥଙ୍କର ଭଉଣୀ ବୋଲି ମତ ଦିଅନ୍ତି । ଏହା

ଶକ୍ତିର ପ୍ରତୀକ । ପୁରୀର ବିମଳାଙ୍କ ପୂଜା ମଧ୍ୟ ଶକ୍ତିର ପୂଜା । ଶକ୍ତି ଯେତେବେଳେ ଖଣ୍ଡ ଖଣ୍ଡ ହେଲା, ପୁରୀର ବିମଳାଙ୍କ କ୍ଷେତ୍ରରେ କୁଚ ପଡ଼ିବାରୁ ଏହା ହିଁ କୁଚପୀଠ । ଜଗନ୍ନାଥଙ୍କ ପାଖରେ ଭୋଗ ଲଗାଇ ବିମଳାଙ୍କ ପାଖରେ ଦର୍ଶାଇଲେ ତାହା ପ୍ରସାଦରେ ପରିଣତ ହୁଏ । ରୁଦ୍ର ବଳଭଦ୍ରରୁ ମିଳେ; ତେଣୁ ବଳରାମ ହେଉଛନ୍ତି ରୁଦ୍ରଙ୍କର ଅବତାର । ବଳରାମ ଲଙ୍ଗଳ ଧରିଥିବାରୁ ତାଙ୍କୁ ଲାଙ୍ଗଲୀ କୁହାଯାଏ । ଭାଷାତତ୍ତ୍ୱ ଦୃଷ୍ଟିରୁ ଦେଖିଲେ ଲାଙ୍ଗଳ ଓ ଲିଙ୍ଗ ଏକ ଲଗ୍ ଶବ୍ଦରୁ ଜାତ । ହନୁମାନ ଓ ଶିବ ଏକ ବୋଲି କେତେକଙ୍କ ମତ । ପଞ୍ଚମୁଖୀ ଶିବ ଏବଂ ପଞ୍ଚମୁଖୀ ହନୁମାନ ଅଛନ୍ତି । ବଳରାମଙ୍କୁ ଜଗନ୍ନାଥଙ୍କ ବଡ଼ଭାଇ ରୂପେ ଗ୍ରହଣ କରାଯିବାରୁ ତାଙ୍କୁ ବଡ଼ଠାକୁର କୁହାଯାଏ । ଜଗନ୍ନାଥଙ୍କୁ କୃଷ୍ଣରୂପେ ଗ୍ରହଣ କରାଯାଇଛି । ଜଗନ୍ନାଥକ୍ଷେତ୍ରକୁ ସମୟାନୁକ୍ରମେ ବିଭିନ୍ନ ଧର୍ମମତାବଲମ୍ବୀମାନେ ଆସି ନିଜ ନିଜର ମତବାଦ ଅନୁସାରେ ଜଗନ୍ନାଥ ମନ୍ଦିରରେ ପୂଜାପଦ୍ଧତିର ପ୍ରଚଳନ କରିବାକୁ ଚେଷ୍ଟା କରିଛନ୍ତି । ଏହି ଚେଷ୍ଟା ଅନେକାଂଶରେ ସଫଳ ହୋଇଛି । ତେଣୁ ଆଜି ଜଗନ୍ନାଥ ମନ୍ଦିରର ପୂଜାପଦ୍ଧତିରେ ବିଭିନ୍ନ ପ୍ରକାର ପୂଜାପଦ୍ଧତିର ସମ୍ମିଶ୍ରଣ ଦେଖିବାକୁ ମିଳେ । ଉତ୍କଳୀୟ ବୈଷ୍ଣବଗଣ ଜଗନ୍ନାଥଙ୍କୁ ଅବତାରୀ ରୂପେ ଗ୍ରହଣ କରିଛନ୍ତି ।

୨-**ଯୋଗ** ବୌଦ୍ଧଗାନ ଓ ଦୋହାରେ ଯୋଗର ଉଲ୍ଲେଖ ରହିଛି । ଏହାକୁ କାୟାସାଧନା ବା ଘଟସାଧନା କୁହାଯାଏ । ଆଦ୍ୟଯୁଗରେ ପତଞ୍ଜଳୀଙ୍କର ଯେଉଁ ଯୋଗ ଥିଲା, ତାହା ରାଜଯୋଗ । ସେଥିରେ ପ୍ରାଣାୟାମ ଦ୍ୱାରା ଯୋଗାବସ୍ଥାରେ ପହଞ୍ଚିବା କଥା କୁହା-ଯାଇଛି । ଚିତ୍ତକୁ ସଂଯତ କରିବା ଅର୍ଥ ଯୋଗ । ଚିତ୍ତର ଅଧିଷ୍ଠାନ ସ୍ଥଳ ବା ଆଧାର ଯେ ଶରୀର, ତାକୁ ଆୟତ୍ତ ନ କଲେ ଚିତ୍ତ ସଂଯମ ଅସମ୍ଭବ । କାୟା ସିଦ୍ଧିପ୍ରାପ୍ତ ହେଲେ ଅନ୍ୟ ସିଦ୍ଧି ବଳେ ବଳେ

ମିଳିଯିବ । ଏଠାରେ କାଯ୍ୟ ସିଦ୍ଧି ଅର୍ଥ କାଯ୍ୟରେ ଯେଉଁ ଚେତନ ଅଛି ତାକୁ ଅଯ୍ୟନ୍ତ କରିବା । ନାଡ଼ୀ ଯୋଗ ବା ଷଡ଼ଚକ୍ର ଭେଦ ଦ୍ୱାରା ଜୀବସିଦ୍ଧି ପ୍ରାପ୍ତ ହୁଏ । ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ, ସମାଧି ଏହି ଅଠଗୋଟି ଉପାୟରେ ରାଜଯୋଗର ତତ୍ତ୍ୱ ସାଧନ କରାଯାଏ ।

**ଷଡ଼ଚକ୍ର—**

୧—ଗୁହ୍ୟ (ମୂଳ ବା ଆଧାର)
୨—ଲିଙ୍ଗ (ସ୍ୱାଧିଷ୍ଠାନ)
୩—ନାଭି (ମଣିପୁର)
୪—ହୃଦୟ ( ଅନାହତ )
୫—କଣ୍ଠ ( ବିଶୁଦ୍ଧ )
୬—ଲଲାଟ ( ଆଜ୍ଞା )

କୁଣ୍ଡଳିନୀ ସର୍ପ ଗୁହ୍ୟଚକ୍ରରେ ଅବସ୍ଥାପିତ ହୋଇଅଛି । ମସ୍ତିଷ୍କ ଚନ୍ଦ୍ରରୁ ସର୍ବଦା ଅମୃତଧାର ଝରୁଅଛି । ଗୁହ୍ୟଚକ୍ରରେ ଥାଇ କୁଣ୍ଡଳିନୀ ସେ ଅମୃତକୁ ଖାଇଯାଏ । ତେଣୁ ଯୋଗୀ ସେ କୁଣ୍ଡଳିନୀକୁ ଜାଗ୍ରତ କରାଇ ସେଠାରୁ ଅଲଗା କରାଇବା ଉଚିତ । ବ୍ୟାକରଣ ଅନୁସାରେ ବାକ୍ ଚତୁଃପ୍ରକାର—ପରା, ପଶ୍ୟନ୍ତି, ମଧ୍ୟମା ଓ ବୈଖରୀ । କେତେ-କଙ୍କ ମତରେ ପରା,ପଶ୍ୟନ୍ତି ହେଉଅଛି ନାଦ- ବିନ୍ଦୁ । ବିନ୍ଦୁର ସ୍ଥିତି ଗୁହ୍ୟଚକ୍ରରେ । ସେଠାରେ କୁଣ୍ଡଳିନୀ ସର୍ବଦା ବିନ୍ଦୁକୁ ଆବୃତ୍ତ କରି ରଖିଥିବାରୁ ଆମେ ସେ ବିନ୍ଦୁକୁ ଉପଲବ୍ଧି କରିପାରୁନାହିଁ । ଆମେ ଯଦି ବାୟୁକୁ ନେଇ ସେହି ସ୍ଥାନରେ ଚାପ ଦେଉ ତାହା ହେଲେ କୁଣ୍ଡଳିନୀ ସେଠାରୁ ଉଠିବ । ଯୋଗାଭ୍ୟାସ ନକଲେ ବାୟୁକୁ ଆମେ ଇଚ୍ଛାନୁସାରେ ଗତି କରାଇପାରିବା ନାହିଁ । ସେଠକୁ ସୁଷୁମ୍ନା ନାଡ଼ିବାଟେ

ବାୟୁକୁ ନେବାକୁ ହେବ । ଏହାହିଁ ହଠଯୋଗ । ଶରୀର ମଧ୍ୟରେ ଯେଉଁ ସ୍ନାୟୁ ସଂଜ୍ଞା ବହନ କରେ ତାକୁ ଗଙ୍ଗା ଓ ଯମୁନା ନାମରେ ନାମିତ କରାଯାଇଅଛି । ବୌଦ୍ଧଧର୍ମରେ ଏହାକୁ ପ୍ରଜ୍ଞା ଓ ନାଡି ଦୁଇଟିକୁ ଇଡାପିଙ୍ଗଳା କୁହାଯାଏ । ସନ୍ଧ୍ୟା ଭାଷାରେ ଏହି ଇଡା ଓ ପିଙ୍ଗଳା ହିଁ ଗଙ୍ଗା ଓ ଯମୁନା । ସୁଷୁମ୍ନାନାଡି ଷଟ୍‌ଚକ୍ରକୁ ଭେଦକରେ ଏବଂ ପାଞ୍ଚପବନ ସାଧନା ଦ୍ୱାରା "ପିଣ୍ଡବ୍ରହ୍ମାଣ୍ଡ ଏକମତ" ହେଉଛି ନାଥ ସମ୍ପ୍ରଦାୟର ମତ । ବୌଦ୍ଧଗାନ ଓ ଦୋହାରେ ଏକଥା ସ୍ପଷ୍ଟ ଭାବରେ ନଥିଲେ ମଧ୍ୟ ଉଲ୍ଲେଖ ରହିଛି । ଦାର୍ଶନିକ ଦୃଷ୍ଟିରୁ ଦେଖିଲେ ଜଣାଯାଏ, ସାରା ବିଶ୍ୱ ବ୍ରହ୍ମାଣ୍ଡରେ ଯେଉଁ ଯେଉଁ ଉପାଦାନ ଅଛି ଆମ ପିଣ୍ଡରେ ମଧ୍ୟ ସେହି ସେହି ଉପାଦାନ ରହିଛି । ଏହାକୁ ମହାଭୂତ, ଚୈତନ୍ୟ, ଜ୍ଞାନ ପ୍ରଭୃତି ସନ୍ଧ୍ୟା ଭାଷାରେ ସୂଚିତ । ଦେହ ହିଁ ବିଶ୍ୱର ପ୍ରତୀକ । ବିଶ୍ୱରେ ଗଙ୍ଗାଯମୁନାର ପ୍ରବାହ ଥିବାରୁ ତାହାର ଅନୁଭବ କରାଯାଇଛି । ବୌଦ୍ଧଗାନ ଓ ଦୋହାରେ ଅଛି—

"ଏଥୁ ସେ ସୁରସରି ଜମୁନା
ଏଥୁ ସେ ସୁରସରି ସାଅରୁ
ଏଥୁ ପାଆଗ ବଣାରସି
ଏଥୁ ସେ ଚନ୍ଦ ଦିବାଅରୁ ।"

ଏହି ଶରୀରରେ ସୁରସରିତ ଯମୁନା, ଗଙ୍ଗାସାଗର ଅଛି । ଏହି ଶରୀରରେ ଅଛି ପ୍ରୟାଗ, ବାରାଣସୀ, ଚନ୍ଦ୍ରର ଉଦୟ ଅସ୍ତ, ଦିନ ଆଉ ରାତି । ନାଥସଂପ୍ରଦାୟର [illegible]— ପିଣ୍ଡ ବ୍ରହ୍ମାଣ୍ଡ ମତର ମୂଳରୂପ ପଞ୍ଚସଖାଗ୍ରନ୍ଥରେ ମଧ୍ୟ ଦୃଶ୍ୟମାନ ହୋଇଅଛି । ପୁଣି ସେହି ବୌଦ୍ଧଗାନ ଓ ଦୋହାରେ ଅଛି ।

"କ୍ଷେତ୍ରୁ ପୀଠ ଉପପୀଠ ଏଥୁ
ମଇ ଭମଇ ପରିଠଓ

ଦେହା ସରସ ତରଥମୟୀ
ସୁଖ ଅନନ୍ତ ବହନ୍ତେ ।"

ଯେତେ କ୍ଷେତ୍ର, ପୀଠ, ଉପପୀଠ ଅଛି ସବୁ ଏହିଠାରେ । ମୁଁ ଉପରେ ଭଗରେ ଭ୍ରମୁଛି । ମୁଁ ହେଉଛି ଦେହ ସଦୃଶ ତୀର୍ଥ । ଅନ୍ୟସବୁ ସୁଖ ମୋତେ ଦେଖଯାଉ ନାହିଁ । ତେଣୁ ଅନ୍ୟସୁଖ ମୋତେ ଜଣାଯାଉ ନାହିଁ । ତେଣୁ ବୌଦ୍ଧଧର୍ମଠାରୁ ଆରମ୍ଭ କରି ବଜ୍ରଯାନ ବୌଦ୍ଧଧର୍ମ ଓ ନାଥ ସଂପ୍ରଦାୟ ଦେଇ ପଞ୍ଚସଖା ପର୍ଯ୍ୟନ୍ତ ଏହି ପିଣ୍ଡବ୍ରହ୍ମାଣ୍ଡବାଦ ଅଛି । ଏମାନଙ୍କରେ ସବୁଠାରୁ ବଡ଼ ପ୍ରଭେଦ ହେଉଛି ସଂପ୍ରଦାୟଗତ ପ୍ରଭେଦ । ଯେ ବୌଦ୍ଧ ସେ ବୁଦ୍ଧଙ୍କ, ଯେ ଶୈବ ସେ ଶିବଙ୍କ ଓ ଯେ ବୈଷ୍ଣବ ସେ ବିଷ୍ଣୁଙ୍କୁ ପୂଜା କରିବାର କଥା । ପୁଣି ସେଇ ବୌଦ୍ଧଗାନ ଓ ଦୋହାରେ ଅଛି,

"ପଣ୍ଡିଅ ସଅଲ ସତ୍ଥ ବକ୍‌ଖାଣଇ
ଦେହହିଁ ବୁଦ୍ଧ ବସନ୍ତ ଣ ଜାଣଇ ।

ପଣ୍ଡିତ ସବୁ ଶାସ୍ତ୍ର ବଖାଣନ୍ତି କିନ୍ତୁ ଦେହ ଭିତରେ ଯେ ବୁଦ୍ଧ ଅଛନ୍ତି ତାହା ସେ ଜାଣନ୍ତି ନାହିଁ । ଏହାର ଅର୍ଥ ଆମ ଦେହ ଭିତରେ ବୁଦ୍ଧ ଅଛନ୍ତି, ତାଙ୍କୁ ଆମେ ପୂଜା କରିବା । ନାଥସଂପ୍ରଦାୟ ସେହିପରି ଦେହ ଭିତରେ ଦେବପୂଜା କରନ୍ତି । ପଞ୍ଚସଖା ସେହିପରି ଦେହଭାବରେ ବିଷ୍ଣୁଙ୍କୁ ପୂଜା କରନ୍ତି ।

୩ ଭକ୍ତି —

ଉତ୍କଳୀୟ ବୈଷ୍ଣବମାନେ ଜ୍ଞାନମିଶ୍ରା ଭକ୍ତିର ଉପାସକ ଅର୍ଥାତ୍ ଜ୍ଞାନ ସାହାଯ୍ୟରେ ଭକ୍ତିଲାଭ ସେମାନଙ୍କର ଉଦ୍ଦେଶ୍ୟ । ସାଧନାର ଉଚ୍ଚମାର୍ଗ ହେଲାପରେ ବାଦନ୍ତି ଜ୍ଞାନଶାସ୍ତ୍ର ତର୍କ ।

କରିବା ମାନରେ ଭାବଜାତ ହୁଏ । ତାପରେ ଏହି ଭାବ ଭଗବତ୍-ଭାବରେ ପରିଣତ ହୁଏ । ଜ୍ଞାନ ଭକ୍ତିର ସୋପାନ ମାତ୍ର ଭଗବାନଙ୍କୁ ଲାଭ କରିବା ଯେବେ ଉଦ୍ଦେଶ୍ୟ ହୁଏ ତେବେ ଜ୍ଞାନ ହେଉଛି ଉପାୟମାତ୍ର । ଭକ୍ତି ଲାଭ କଲେ ଜ୍ଞାନର ଉପଯୋଗିତା ରହେ ନାହିଁ । ଗୁପ୍ତଗୀତା ପ୍ରଭୃତି ପ୍ରାୟ ସମସ୍ତ ଉତ୍କଳୀୟ ବୈଷ୍ଣବ ଗ୍ରନ୍ଥରେ ଜ୍ଞାନର ପ୍ରାଧାନ୍ୟ ପ୍ରତିପାଦିତ ହୋଇଅଛି । ଗୁପ୍ତଗୀତାରେ ଅଛି—

"ଜ୍ଞାନ ଯେ ଚରମ ଅଟଇ
ପୂର୍ବେ ଯେ କେହି ନ ଜାଣଇ ।
ସେ ଜ୍ଞାନ ହୋଇଛି ଗୁପତ । ଓଁକାର ଭିତରେ ଏ ତତ୍ତ୍ୱ ।

ଏହି ଜ୍ଞାନଯୋଗ ଜ୍ଞାନକୁ ହିଁ ବୁଝାଏ । କେତେକ ସ୍ଥାନରେ ଶୂନ୍ୟ-ସାଧନାକୁ ଜ୍ଞାନ ବୋଲି କୁହାଯାଇଛି । ଚୈତନ୍ୟ ଭାଗବତରେ ଈଶ୍ୱରଦାସ ଜଗନ୍ନାଥଙ୍କୁ ଜ୍ଞାନର ଅବତାର ବୋଲି କହିଛନ୍ତି । ଓଡ଼ିଶାର ବୈଷ୍ଣବଗଣ ଗୀତା, ଭାଗବତ, ଯନ୍ତ୍ର, ତନ୍ତ୍ର, ଯୋଗାନ୍ତ, ସିଦ୍ଧାନ୍ତ, ନାଗାନ୍ତ ପ୍ରଭୃତି ବିଦ୍ୟା ବା ଜ୍ଞାନକୁ ସ୍ଥାନ ବିଶେଷରେ ଜ୍ଞାନ ରୂପେ ଗ୍ରହଣ କରିଛନ୍ତି । ବ୍ରହ୍ମଶାଙ୍କୋଳିରେ କୁହାଯାଇଛି—

"ରୂପେ ସପ୍ତାଙ୍ଗ ହେଉଥିବା । ବାର ତିଥିରେ ହେଉ ଜଣା
ସାଧିଲେ ବ୍ରହ୍ମବଦନେ ସିଦ୍ଧି । ଏ ମହା କଷ୍ଟ ଜ୍ଞାନ ବିଧି ।"

ଗୁରୁଭକ୍ତିଗୀତାରେ ସାଧକର ସାଧନ ପ୍ରଣାଳୀ ବିଷୟରେ ସୂଚନା ଦିଆଯାଇଅଛି । ମନ୍ତ୍ର, ଯନ୍ତ୍ର, ତନ୍ତ୍ର, ପୂଜା, ଛାୟା, ଅବାଙ୍ଗ, ଜ୍ୟୋତି, ପବନ, ସମାଧି, ରୂପଚନ୍ଦ୍ରା, ଆଧାର, ଦାକ୍ଷିଣ୍ୟ ପ୍ରଭୃତି ପ୍ରତ୍ୟେକ ସାଧନର ପ୍ରକୃତିକୁ ଅତିକ୍ରମ କରିବାକୁ ହେଲେ ବର୍ଷେ ଲେଖାଏଁ ପ୍ରତ୍ୟେକଙ୍କ ଅଭ୍ୟାସ କରିବାକୁ ପଡ଼ିବ ।

"ଏମନ୍ତବାର ଯେ ବରଷ । ଶିଷ୍ୟ ପାଇବ ଭକ୍ତିରସ ।"

**ଶୂନ୍ୟବାଦ—**

ଏହା ବୌଦ୍ଧଧର୍ମଠାରୁ ଆରମ୍ଭ । ହିନ୍ଦୁ ଦର୍ଶନରେ ଏହାର ପ୍ରସିଦ୍ଧି ନାହିଁ । ବୌଦ୍ଧମାନେ ଆତ୍ମାକୁ ଅସ୍ୱୀକାର କରିବାକୁ କ୍ଷଣିକବାଦ କହନ୍ତି । ହୀନଯାନରେ ଆତ୍ମା ବା ଆତ୍ମୀୟ ରହିତ ପଦାର୍ଥକୁ ଶୂନ୍ୟ କହନ୍ତି। ମଜ୍ଝିମ ନିକାୟରେ ସୂଚିତ ହୋଇଛି ଯେ ଜଗତର ଯେତେ ପଦାର୍ଥ ସବୁ ଅନିତ୍ୟ, ସବୁ ଶୂନ୍ୟ । ପୁଣି ଶରୀର ଦ୍ୱାରା ଓ ଆତ୍ମାଦ୍ୱାରା ଶୂନ୍ୟପ୍ରାପ୍ତି ସମ୍ଭବ । ଆତ୍ମା ଓ ଶରୀର ସବୁ ଶୂନ୍ୟ, ଏହାହିଁ ନୈରାତ୍ମ୍ୟବାଦ ।

ମହାଯାନ ସମୟରେ ଏହି ଶୂନ୍ୟବାଦ ଧାରଣା ସମାନ ରହିଛି । ତଥତା ଅର୍ଥ ଯାହାର କିଛି ଅବସ୍ଥିତି ଅଛି ଓ ଧର୍ମତା ଅର୍ଥ ପ୍ରତ୍ୟେକ ପଦାର୍ଥର କିଛି ଗୋଟାଏ ଧର୍ମ ଅଛି । ମନ ଯାହାକୁ ଗ୍ରହଣ କରେ ତାହା ଧର୍ମ । ଏହି ତଥତା, ଧର୍ମତା କିମ୍ବା ଶୂନ୍ୟତାକୁ ସେମାନେ କହନ୍ତି "ଚତୁସତ୍ୟ ବିନିର୍ମୁକ୍ତ" । ଏହି ଚାରିଗୋଟି ସତ୍ୟ ହେଉଛି ଏକତ୍ୱ, ଅନ୍ୟତ୍ୱ, ଉଭୟତ୍ୱ ଓ ଅନୁଭୟତ୍ୱ । କୌଣସି ପଦାର୍ଥ ସଙ୍ଗରେ ଏକ, ଅନ୍ୟ, ଉଭୟ; ଅନୁଭୟ ନୁହେଁ ବୋଲି କହି ହେବା ଏହା ମଧ୍ୟ ନାସ୍ତି ; ଅସ୍ତି ; ସମାରୋପ ଓ ଅପାଦାନ ନାମରେ ନାମିତ । ତେଣୁ ତଥତା ଓ ଧର୍ମତା ହେଉଛି ଅବ୍ୟାକୃତ ବା **Undefinable**, ଯାହାକୁ ବ୍ୟାଖ୍ୟା କରି ହେବ ନାହିଁ । ପରବର୍ତ୍ତୀ କାଳରେ ଏହି ତଥତାକୁ ତଥାଗତ ବା ଆକାଶ ସଙ୍ଗେ ସମାନ କରାଯାଇଛି । ତଥାଗତ କହିଲେ କେବଳ ବୁଦ୍ଧଙ୍କୁ ନୁହେଁ ସବୁ ଈଶ୍ୱରଙ୍କୁ ବୁଝାଇଲା । ଏହାହିଁ **Ultimate existence.** ଏହା ମହାଯାନ ପନ୍ଥାର ଆସ୍ତିକତା ବା **Positive quality.** ପୁଣି ଆହୁରି ପରବର୍ତ୍ତୀ କାଳରେ ଏହି

ତଥାଗତ ତଥାଗତ ଗର୍ଭନାମରେ ପରିଚିତ ହେଲା । ଏହା ହିନ୍ଦୁ ଶାସ୍ତ୍ରର ହିରଣ୍ୟଗର୍ଭ ବା ବ୍ରହ୍ମାଣ୍ଡ ପରିକଳ୍ପନା ସହିତ ସମାନ ହୋଇଗଲା । ପୁଣି ବଜ୍ରଯାନୀମାନେ ଏହାକୁ ଚାରି ଭାଗରେ ବିଭକ୍ତ କଲେ । ଫଳ ଏବଂ ହେତୁର ପାର୍ଥକ୍ୟ ଦୃଷ୍ଟିରୁ ଶୂନ୍ୟ ଚାରିପ୍ରକାର-ଶୂନ୍ୟ; ଅତି ଶୂନ୍ୟ; ମହାଶୂନ୍ୟ ଓ ସର୍ବଶୂନ୍ୟ ।

ଶୂନ୍ୟ ହେଉଛି ଆଲୋକ ସ୍ୱରୂପ; ଏହାକୁ ପ୍ରଜ୍ଞା କିମ୍ବା ଜ୍ଞାନ ସ୍ୱରୂପ ବୋଲି କୁହାଯାଇପାରେ । ତେଣୁ ଶକ୍ତିର କର୍ମତା ବା Active forceକୁ ପ୍ରଜ୍ଞା କୁହାଯାଏ । ଏଣୁ ଏହି ଶୂନ୍ୟକୁ ସ୍ତ୍ରୀ ମଧ୍ୟ କୁହାଯାଏ । ଏହି ହେତୁରୁ ଏହି ଶୂନ୍ୟକୁ କାୟାସାଧନ ସମୟରେ ବାମ ବୋଲି କୁହାଯାଇଛି । ପୁଣି ନାଦବିନ୍ଦୁରୁ ଯେଉଁ କଳ୍ପନା କରାଯାଏ ସେହି କଳ୍ପନାରେ ଏହି ଶୂନ୍ୟ ହେଉଛି ବିନ୍ଦୁ । ଏହି ଶୂନ୍ୟକୁ ଚନ୍ଦ୍ରମଣ୍ଡଳ ବୋଲି କଳ୍ପନା କରାଯାଇଛି ।

ଅତିଶୂନ୍ୟ ହେଉଛି ଆଲୋକର ଆଭାସ । ପ୍ରଚଳିତ ଅର୍ଥରେ ଏହା ବ୍ୟବହୃତ । ଶୂନ୍ୟପ୍ରଜ୍ଞା ହେଲେ ହେଁ ଅତିଶୂନ୍ୟ ଉପାୟ ସ୍ୱରୂପ । ଏହି ଉପାୟ ଆଲୋକ ଜ୍ଞାନ ଅର୍ଥାତ ଶୂନ୍ୟରୁ ଜନ୍ମ । ଏହା ଦକ୍ଷିଣ ବୋଲି ଉଲ୍ଲେଖ ଅଛି । ଶୂନ୍ୟକୁ ଚନ୍ଦ୍ରରୂପେ ଏବଂ ଅତିଶୂନ୍ୟକୁ ସୂର୍ଯ୍ୟରୂପେ କୁହାଯାଇଛି । ଏହାକୁ ମଧ୍ୟ ବଜ୍ର ବୋଲି କୁହାଯାଇଛି । ତଥାପି ଏହାର ଅର୍ଥ ସହଜରେ ବୁଝାପଡ଼େ ନାହିଁ ।

ମହାଶୂନ୍ୟ ହେଉଛି ଆଲୋକର ଉପଲବ୍ଧି । ଏଥିରେ ସ୍ତ୍ରୀ ପୁରୁଷ; ବାମ ଦକ୍ଷିଣ ବା ଚନ୍ଦ୍ରସୂର୍ଯ୍ୟ ପ୍ରଭୃତିର କଳ୍ପନା ନାହିଁ । ଶୂନ୍ୟ; ଅତିଶୂନ୍ୟ ଓ ମହାଶୂନ୍ୟ ଅବିଦ୍ୟାର ଅନ୍ତର୍ଗତ । କାରଣ ଏଥିରେ ଗ୍ରାହ୍ୟ ଗ୍ରାହକତାର ଭାବ ଅଛି । ଏହାର ଅର୍ଥ ଦ୍ୱୈତ ଭାବ ।

ଏହା ହେଉଛି ସବିକଳ୍ପକ (ଭେଦଜ୍ଞାନ ଥିବା) ଅବସ୍ଥା । ଏ ପର୍ଯ୍ୟନ୍ତ ସଂପୂର୍ଣ୍ଣଜ୍ଞାନ ଆସି ନ ଥିବାରୁ ଏହା ଅବିଦ୍ୟାର ଅନ୍ତର୍ଗତ ।

ସର୍ବଶୂନ୍ୟ ହେଉଛି ପ୍ରଭାସ୍ୱର ଅଥବା "ଶୂନ୍ୟମପି ବିଶୁଦ୍ଧ" । ଉପରିଲିଖିତ ୩ଟି ଶୂନ୍ୟର ଏହା ବିଶୁଦ୍ଧ ଅବସ୍ଥା । ଏଠାରେ ଅବିଦ୍ୟା ଶେଷ ହୋଇଯାଏ । ଏହା ନିର୍ବିକଳ୍ପ ଅବସ୍ଥା । ଗ୍ରାହ୍ୟ ଗ୍ରାହକ ଭାବ ଅଲଗା ନ ରହି ଏହିଠାରେ ଏକରେ ପରିଣତ ହୁଏ । ଜ୍ୟୋତିରେ ଏକ ହୋଇଯିବା ଅବସ୍ଥାକୁ ସର୍ବଶୂନ୍ୟ ଅବସ୍ଥା କହନ୍ତି । ଏହି ଅବସ୍ଥା ହେଉଛି ମହାସୁଖ ଅବସ୍ଥା ।

ଏହି ସର୍ବଶୂନ୍ୟ ନାଥ ସଂପ୍ରଦାୟଙ୍କ ଦ୍ୱାରା ସହଜଶୂନ୍ୟ ରୂପେ ବର୍ଣ୍ଣିତ ହୋଇଅଛି । ଅନ୍ୟ ୩ ଗୋଟି ଶୂନ୍ୟ ସେହିପରି ଥିଲେ ହେଁ ଅର୍ଥଗତ ପାର୍ଥକ୍ୟ ରହିଛି । ନାଥସଂପ୍ରଦାୟ ମତରେ ୪ର୍ଥ ଅବସ୍ଥାରୁ ପ୍ରଥମ ଅବସ୍ଥାର (ଶୂନ୍ୟ) ବ୍ରହ୍ମଗ୍ରନ୍ଥିରେ ଭେଦ ହେବ ଏବଂ କ୍ୱଣନ ପରି ଅନାହତ ସ୍ୱର ଶୁଣାଯିବ । ୨ୟରେ ଅତିଶୂନ୍ୟ ବିଷ୍ଣୁ ଗ୍ରନ୍ଥିରେ ଭେଦ ହେବ ଏବଂ ସେଥିରେ ଭେରୀ ଧ୍ୱନି ଶୁଣାଯିବ । ୩ୟରେ ମର୍ଦ୍ଦଳଧ୍ୱନି ଶୁଣାଯିବ ଏବଂ ୪ର୍ଥରେ (ମହାଶୂନ୍ୟ ବା ସହଜ ଶୂନ୍ୟରେ) ରୁଦ୍ର ଗ୍ରନ୍ଥିର ଭେଦ ହେବ ଏବଂ ବେଣୁ ସ୍ୱନ ଶୁଣାଯିବ । ଏହି ଶେଷ ଅବସ୍ଥାରେ ବେଣୁ ବା ବୀଣାର ସ୍ୱନ ହୋଇପାରେ ଓ ଏହି ଶେଷ ଅବସ୍ଥାରେ ସହଜାନନ୍ଦ ଉପଲବ୍ଧି ହୋଇ ଚିତ୍ତ ଏକୀଭୂତ ହେବ ।

ବୌଦ୍ଧଗାନ ଓ ଦୋହାରେ ମଧ୍ୟ ଏହିପରି ୪ ପ୍ରକାର ଶୂନ୍ୟର ସୂଚନା ମିଳେ । ଏହି ଶୂନ୍ୟର ସଂଖ୍ୟାକୁ ବଢ଼ାଇ କେହି କେହି ୭, ୧୬ ଓ ୧୮ ପ୍ରକାର ପର୍ଯ୍ୟନ୍ତ ବର୍ଣ୍ଣନା କରିଛନ୍ତି । ସ୍କନ୍ଦ

ତନ୍ତ୍ରରେ ୭ ପ୍ରକାର ଶୂନ୍ୟର ଉଲ୍ଲେଖ ରହିଛି—ଉର୍ଦ୍ଧ୍ୱ ଶୂନ୍ୟ, ଅଧଃ ଶୂନ୍ୟ, ବ୍ୟାଳ ଶୂନ୍ୟ, ସମାନ ଶୂନ୍ୟ; ଓ ଉନ୍ମନାଶୂନ୍ୟ, ଏହି ୬ ଟି ସବିକଳ୍ପ ଓ ୭ମଟି ହେଉଛି ଚରମ ଶୂନ୍ୟ । ଏହା ନିର୍ବିକଳ୍ପକ ଓ ଶୁଦ୍ଧସତ୍ତ୍ୱ ଅବସ୍ଥା । ଅଦ୍ୱୟ ବଜ୍ରସଂଗ୍ରହରେ ଶୂନ୍ୟକୁ ବଜ୍ର ବୋଲି କୁହାଯାଉଛି । ବଜ୍ରସତ୍ତ୍ୱ ଶବ୍ଦ ମଧ୍ୟ ଏହି ଅର୍ଥରେ ପ୍ରଯୁକ୍ତ । ୟନଶ୍ଚ ହେଉଛି ସତ୍ୟ (Ultimate truth) ଏହା ଜ୍ଞାନ ରୂପକ । ଏଥିପାଇଁ ଉପାୟ ହେଉଛି କରୁଣା । ପ୍ରଜ୍ଞା (ଶୂନ୍ୟ) ଓ ଉପାୟ (କରୁଣା) ଯଥାକ୍ରମେ ସ୍ତ୍ରୀ ଓ ପୁରୁଷ ରୂପେ କଳ୍ପନା କରାଯାଇଛି । ଏହି ପ୍ରଜ୍ଞା ଓ ଉପାୟ ଦୁଇଗୋଟି ଯେତେବେଳେ ଅଦ୍ୱୟ ହେବ ସେତେବେଳେ ମୁକ୍ତି ହେବ । ଏହି ଅଦ୍ୱୟତା ହେଉଛି ଜ୍ଞେୟ ଅଜ୍ଞେୟ ବା ଗ୍ରାହ୍ୟ ଗ୍ରାହକ ଭାବ-ବିବର୍ଜିତ । ସେତେବେଳେ ବୋଧିଚିତ୍ତର ଉଦୟ ହେବ । ବଜ୍ରଯାନ ଓ ସହଜଯାନର ପ୍ରଭେଦ ହେଉଛି ଯେ ବଜ୍ରଯାନୀମାନେ କହନ୍ତି ଏହି ମିଳନ (ଅଦ୍ୱୟତାରୁ) ରୁ ବୋଧିଚିତ୍ତର ଉତ୍ପତ୍ତି । କିନ୍ତୁ ଏଇ ବୋଧିଚିତ୍ତ ହେଉଛି ଗୋଟିଏ ବିଶେଷ ଭାବ ବା ଗ୍ରାହ୍ୟ ଗ୍ରାହକତାର ଅଭାବ । ସହଜଯାନ ପନ୍ଥୀଙ୍କ ମତରେ ଗୋଟିଏ ବିଶେଷ ଭାବକୁ ଗ୍ରହଣ କରି ପ୍ରକୃତ ଭାବରେ ପହଞ୍ଚିବା ଉଚିତ । ସେଥିପାଇଁ ସେମାନେ ଏହି ଅବସ୍ଥାକୁ ମହାସୁଖ ଓ ସହଜ ସୁଖ କହନ୍ତି । ସେଥିପାଇଁ ବୌଦ୍ଧଗାନରେ ଏହି ଶବ୍ଦ ସବୁ ବେଶୀ ଦିଆଯାଏ । ସ୍ତ୍ରୀ ପୁରୁଷଙ୍କର ମିଳନର ଯୁଗନଦ୍ଧ ଅବସ୍ଥାକୁ ବଜ୍ରଯାନୀ ଓ ସହଜଯାନୀ ମାନେ ପ୍ରଜ୍ଞା ଓ କରୁଣାର ମିଳନ ରୂପେ ଗ୍ରହଣ କରିଛନ୍ତି । ଶୈବତନ୍ତ୍ରରେ ଶିବ ଓ ପାର୍ବତୀଙ୍କର ମିଳନ ଏହିପରି ଦେଖାଯାଏ । ଶାକ୍ତମତରେ ମଧ୍ୟ ଏହାକୁ କାମକଳା ବିଳାସ କୁହାଯାଏ । ଏହା ମଧ୍ୟ ସେହି ଯୁଗନଦ୍ଧ ଅବସ୍ଥା ।

ବୌଦ୍ଧମାନଙ୍କ ପରେ ବୈଷ୍ଣବମାନଙ୍କର ମଧ୍ୟ ଏପ୍ରକାର

ସହଜଅବସ୍ଥା ଅଛି । ଏମାନଙ୍କୁ ସହଜିଆ ବୈଷ୍ଣବ କୁହାଯାଏ । ଏମାନଙ୍କର ଉପାସ୍ୟ କୃଷ୍ଣ କିନ୍ତୁ ଏମାନେ ବୌଦ୍ଧମାନଙ୍କ- ପରି ଶୂନ୍ୟବାଦକୁ ଗ୍ରହଣ କରିଛନ୍ତି । କେବଳ ଯୁଗନଦ୍ଧ କମ୍ବା ଶିବ ପାର୍ବତୀ ସ୍ଥାନରେ ଏମାନେ ରାଧାକୃଷ୍ଣଙ୍କୁ ଅବସ୍ଥାପନ କଲେ । ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ଠିକ୍ ଯୁଗନଦ୍ଧର ପରିକଳ୍ପନା । ବୌଦ୍ଧମାନଙ୍କର ମହାସୁଖ ଅବସ୍ଥା ବୈଷ୍ଣବମାନଙ୍କର ପ୍ରେମପ୍ରାପ୍ତି । ବୌଦ୍ଧମାନଙ୍କର ପ୍ରଥମ ୩ଗୋଟି ଶୂନ୍ୟ କଳ୍ପନା ପରି ବୈଷ୍ଣବମାନଙ୍କର ବୃନ୍ଦାବନର ୩ଟି ଆଦ୍ୟ ଅବସ୍ଥା ବର୍ଣ୍ଣିତ । ଏହି ସବୁ ଯୌଗିକ ଅବସ୍ଥାର ମିଳନରେ ବୈଷ୍ଣବମାନଙ୍କର ଜ୍ଞାନମିଶ୍ରା ଭକ୍ତିର ଜନ୍ମ । ଯୋଗ, ଶରୀରସାଧନ, ଯୁଗନଦ୍ଧ ପ୍ରଭୃତି ବୈଷ୍ଣବ ପରଂପରାର ବର୍ଣ୍ଣନା ପଞ୍ଚସଖାଯୁଗରେ ମିଳେ । ଆଖ୍ରର ସଂସ୍କୃତିରୁ ଚଢ଼ି ପଢ଼ି ରାଧାକୃଷ୍ଣ ଆସି ଏହି ସମୟରେ ଦେଖାଦେଲେ । ପୁଣି ବୌଦ୍ଧଗାନ ଓ ଦୋହାରେ ଅଛି—

"ପେଖମି ଦଶ ଦିଶ ସବ୍ବ ବା ଶୂନ୍ୟ
ଚିଅ ବହୁନ୍ନେ ପାପ ନ ପୁଣ୍ୟ
ଚିଅ ସହଜେ ପୁଣ ସଂଚନ୍ନା
କାହ୍ନ ବଇଏ ମୋହୋହିଁ ବସନା ।"

ଚିତ୍ତ ସହଜରେ ଶୂନ୍ୟଦ୍ୱାରା ପୂର୍ଣ୍ଣ । ସ୍କନ୍ଧବିଯୋଗରେ ବିଷଣ୍ଣ ହୁଅନାହିଁ । ଶରୀର ହେଉଛି ପାଞ୍ଚଟି ସ୍କନ୍ଧର ସମଷ୍ଟି । ବୈଷ୍ଣବ ମତବାଦ ପୁଣି ଦୁଇ ଭାଗରେ ବିଭକ୍ତ—ସଗୁଣ ଓ ନିର୍ଗୁଣ । ନିର୍ଗୁଣରୁ ଶୂନ୍ୟର ଉତ୍ପତ୍ତି । ହିନ୍ଦୀ ସାହିତ୍ୟରେ କବିରଙ୍କ ରଚନାରେ ଶୂନ୍ୟବାଦର ସୂଚନା ଅଛି । ପୁଣି ବଙ୍ଗଳାରେ ମୁସଲମାନ

ଫକୀରମାନଙ୍କର ଶୂନ୍ୟ ସାଧନା ଅଛି ।

ଏହି ନିର୍ଗୁଣ ଶୂନ୍ୟ ବ୍ରହ୍ମସ୍ୱରୂପ କିନ୍ତୁ ପଞ୍ଚସଖାଙ୍କ ସମୟରେ ଏହି ଶୂନ୍ୟରେ ଗୁଣର ଆରୋପ କରାଯାଇଛି । ବ୍ରହ୍ମକୁ ସ୍ୱୀକାର କରି ସେଥିରେ ରାଧାକୃଷ୍ଣଙ୍କର ସ୍ଥିତିକୁ ସ୍ୱୀକାର କରିବା ଦ୍ୱାରା ସଗୁଣ ଶୂନ୍ୟର ଉତ୍ପତ୍ତି । ଯଶୋବନ୍ତ ଦାସଙ୍କର ପ୍ରେମ ଭକ୍ତି ବ୍ରହ୍ମଗୀତା ଓ ଶୂନ୍ୟ ସଂହିତାରୁ ଏହା ଜଣାପଡ଼େ । ଜଗନ୍ନାଥ ଦାସଙ୍କର ତୁଳାଭିଣାରେ ମଧ୍ୟ ଏହାର ଉଲ୍ଲେଖ ଅଛି ।

ମଥୁରାରେ ମହାଶୂନ୍ୟ ଜ୍ୟୋତିରୂପରେ ଠୂଳ ହେଲା । ଠୂଳରୁ ଅର୍ଦ୍ଧମାତ୍ରା ହେଲା ଜନ୍ମ ବସୁଦେବ । ପୁଣି ଅର୍ଦ୍ଧମାତ୍ରା ଦେବକୀ । ସେହି ଅର୍ଦ୍ଧମାତ୍ରାରୁ କ୍ଲୀଁ ବା କୃଷ୍ଣଙ୍କ ଜନ୍ମ । କଳା, ଶୁକ୍ଳ ଦୁଇ ରୂପରାମ । ଏ ଦୁଇ ଶବ୍ଦରୁ ମାତା ପିତାରୁ ଦେହ ରଚନା ହେଲା । ଏହି ଦୁଇଅକ୍ଷର ରାଧାକୃଷ୍ଣ । ମହାଶୂନ୍ୟରୁ ଆସି ଗୋପପୁରରେ ରହିଲା । ଗୋପପୁର ହିଁ ଦେହ । ଏ ଦେହ ହିଁ ଲୀଳାର ସ୍ଥଳୀ ।

ପଞ୍ଚସଖା ଯୁଗରେ ଯେଉଁ ଶୂନ୍ୟ ବାଦର ବର୍ଣ୍ଣନା ଦେଖାଯାଏ ତାହା ନିତ୍ୟ ରାଧାକୃଷ୍ଣଙ୍କ ବର୍ଣ୍ଣନା । ଏ ଯୁଗର ରାଧାକୃଷ୍ଣଙ୍କର ଜନ୍ମ ମୃତ୍ୟୁ ନାହିଁ । ଏହା ଜ୍ଞାନମିଶ୍ରା ଭକ୍ତିର ଯୁଗ । ଲଲାଟ ଚକ୍ରରେ ପ୍ରବେଶ ହେଲେ ରାଧାକୃଷ୍ଣ ପ୍ରାପ୍ତି ସମ୍ଭବହେବ । ଏହାହିଁ ଏଯୁଗର ବୈଷ୍ଣବୀୟମତ । ଏହିମତ ଉପାସ୍ୟ ଦେବତା ଭେଦରେ ସବୁ ମତାବଲମ୍ବୀମାନଙ୍କ ଦ୍ୱାରା ସ୍ୱୀକୃତ । ପଞ୍ଚସଖାଙ୍କ ପୂର୍ବରୁ ସାରଳାଦାସ ମଧ୍ୟ ନିଜ ରଚନାରେ ବହୁତ ଦେବ ଦେବୀଙ୍କ ଉପାସନାସହ ଶୂନ୍ୟ ଶବ୍ଦର ଉଲ୍ଲେଖ କରିଛନ୍ତି ।

## ବିଷ୍ଣୁ, କୃଷ୍ଣ ଓ ଜଗନ୍ନାଥ—

ପ୍ରଥମେ ବିଷ୍ଣୁ ଓ କୃଷ୍ଣ ଏକ ନଥିଲେ । ପରବର୍ତ୍ତୀ କାଳରେ କୃଷ୍ଣ ବିଷ୍ଣୁରେ ପରିଣତ ହେବାରୁ ସବୁ କୃଷ୍ଣାଶ୍ରିତ ଧର୍ମ ବୈଷ୍ଣବ ଧର୍ମରେ ପରିଣତ ହେଲା । ପ୍ରଥମେ ବିଷ୍ଣୁ ଧର୍ମ ଥିଲା ଭାଗବତ ଧର୍ମ ଓ ପରେ ହେଲା ବୈଷ୍ଣବ ଧର୍ମ । ବେଦରେ କୃଷ୍ଣଙ୍କର ନାମୋଲ୍ଲେଖ ନାହିଁ କିନ୍ତୁ ବିଷ୍ଣୁଙ୍କର ନାମୋଲ୍ଲେଖ ଅଛି । ପୁରାଣ ସମୟକୁ ବିଷ୍ଣୁଙ୍କର ପ୍ରାଧାନ୍ୟ ଯଥେଷ୍ଟ ଭାବରେ ଥିଲା । ତାପରେ ଯେତେବେଳେ କୃଷ୍ଣପୂଜକଙ୍କ ସଂଖ୍ୟା ବହୁତ ବଢ଼ିଗଲା ସେତେବେଳେ କୃଷ୍ଣ ଓ ବିଷ୍ଣୁ ଏକରେ ପରିଣତ ହେଲେ । କୃଷ୍ଣଙ୍କଠାରେ ବିଷ୍ଣୁଙ୍କର ସବୁଗୁଣ ଆରୋପ କରି ଦିଆଗଲା । ବିଷ୍ଣୁ ଚତୁର୍ଭୁଜ କିନ୍ତୁ କୃଷ୍ଣ ଦ୍ୱିଭୁଜ । କୃଷ୍ଣଙ୍କର ଇତିହାସ ଦେଖିଲେ ଜଣାଯାଏ ଯେ କୃଷ୍ଣ ଏକ ନୁହନ୍ତି । ବ୍ରାହ୍ମଣ ଆରଣ୍ୟକରେ ଯେଉଁ କୃଷ୍ଣ ଅଛନ୍ତି ସେ ଦ୍ୱୈପାୟନ କୃଷ୍ଣ, ସେ ହେଉଛନ୍ତି ଋଷି । ଗୀତାରେ ଯେଉଁ କୃଷ୍ଣଙ୍କର ଉଲ୍ଲେଖଅଛି ସେ ହେଉଛନ୍ତି ଦାର୍ଶନିକ କୃଷ୍ଣ । ମହାଭାରତରେ କୃଷ୍ଣ ହେଉଛନ୍ତି ଧୂର୍ତ୍ତ, କୁଟିଳ, ରାଜନୀତିଜ୍ଞ । ସେଠାରେ ସେ ମିଥ୍ୟାର ଆଶ୍ରୟ ନେଇଛନ୍ତି ମାତ୍ର ଏହା ଦାର୍ଶନିକତାର ଲକ୍ଷଣ ନୁହେଁ । ଆଉ ଗୋଟିଏ କୃଷ୍ଣ ହେଉଛନ୍ତି ବୃନ୍ଦାବନ ବିହାରୀ, ବହୁ ସ୍ତ୍ରୀ ସମ୍ଭୋଗକାରୀ କୃଷ୍ଣ । ବାତ୍ସଲ୍ୟରସପୂର୍ଣ୍ଣ ଯଶୋଦା ମନୋରଂଜନକାରୀ କୃଷ୍ଣ ହେଉଛନ୍ତି ଏହି କୃଷ୍ଣଙ୍କର ଅନ୍ୟରୂପ । ଏହି କୃଷ୍ଣ ନିଶ୍ଚୟ ବୃନ୍ଦାବନ ବିହାରୀ କୃଷ୍ଣଙ୍କଠାରୁ ଅଳ୍ପବୟସ୍କ । ରାକ୍ଷସଙ୍କୁ ମାରିବା କୃଷ୍ଣ ଏକ ଅନ୍ୟ କୃଷ୍ଣ । ସେଠାରେ ଆର୍ଯ୍ୟ ଅନାର୍ଯ୍ୟ ସଂଘର୍ଷ ପ୍ରସ୍ଫୁଟିତ । ସେଠାରେ କୃଷ୍ଣ ଇନ୍ଦ୍ରଙ୍କ ସାନଭାଇ ଓ ଆର୍ଯ୍ୟ, କଂସ ଅନାର୍ଯ୍ୟ ।

## କୃଷ୍ଣଙ୍କ ପ୍ରକାର ଭେଦ—

### ୧ ଦ୍ୱୈପାୟନ କୃଷ୍ଣ—

ଆରଣ୍ୟକ ବା ବ୍ରାହ୍ମଣ ଇତ୍ୟାଦି ଗ୍ରନ୍ଥରେ ଏହା କୃଷ୍ଣ ବର୍ଣ୍ଣିତ । ଏହା କୃଷ୍ଣବର୍ଣ୍ଣନାର ସର୍ବପ୍ରଥମ ସ୍ତର । ବେଦରେ କୃଷ୍ଣଙ୍କର ନାମୋଲ୍ଲେଖ ଥିବା କଥା ପଣ୍ଡିତ ମାଳକସ୍ଙ୍କ ମତରୁ ମିଳେ । ମାତ୍ର ଏହା ମଧ୍ୟ ସନ୍ଦେହ ଶୂନ୍ୟ ନୁହେଁ । ଗୀତା-କୃଷ୍ଣ ବା ଦାର୍ଶନିକ କୃଷ୍ଣ ଦ୍ୱୈପାୟନ କୃଷ୍ଣଙ୍କର ଅନ୍ତର୍ଗତ ।

### ୨ ବାସୁଦେବ କୃଷ୍ଣ—

ଚତୁର୍ବ୍ୟୂହରେ ବର୍ଣ୍ଣିତକୃଷ୍ଣ, ଅର୍ଥାତ୍ ବାସୁଦେବ, ବଳରାମ, ଅନିରୁଦ୍ଧ ଓ ପ୍ରଦ୍ୟୁମ୍ନଙ୍କ ନାମଦ୍ୱାରା ଗଠିତ ଚତୁର୍ବ୍ୟୂହରେ ଏହାଙ୍କର ବର୍ଣ୍ଣନା ଦେଖିବାକୁ ମିଳେ । ଦ୍ୱାରକାର କୃଷ୍ଣ କୃଷ୍ଣ ଅଂଶୀ ଏବଂ ସେହି ହେଉଛନ୍ତି ବାସୁଦେବ କୃଷ୍ଣ । ଦ୍ୱାରକା କୃଷ୍ଣ, ବୃନ୍ଦାବନ କୃଷ୍ଣ ଏକ ନୁହନ୍ତି । ମହାଭାରତରେ ବର୍ଣ୍ଣିତ ଅଛି ଯେ ଦ୍ୱାରକାର କୃଷ୍ଣ ନିଜସ୍ତ୍ରୀଙ୍କୁ ନେଇ ଫେରୁଥିବା ବେଳେ ଆଭୀରମାନେ ତାଙ୍କୁ ଅକ୍ରମଣ କରିଥିଲେ । ତେଣୁ ଦ୍ୱାରକା-କୃଷ୍ଣ ଗୋପକୃଷ୍ଣ ନୁହନ୍ତି ।

### ୩ ଗୋପ କୃଷ୍ଣ—

ଏହି ହେଉଛନ୍ତି ଅଭୀର କୃଷ୍ଣ, ଆଭୀର ଜାତି ପ୍ରାୟ ଈଶ୍ୱର ସେମାନ ବଂଶଜ । ଏହା ଖ୍ରୀଷ୍ଟପୂର୍ବ ଯୁଗରେ ଥିବାର ସୂଚନା ମିଳେ । କେହି କେହି ଆଭୀରଙ୍କୁ ଆର୍ଯ୍ୟ ଓ କେହି କେହି ଅନାର୍ଯ୍ୟ ଭାବରେ ଗ୍ରହଣ କରନ୍ତି । ଯଦି ଏ ମାନଙ୍କୁ ଆର୍ଯ୍ୟ ଧରାଯାଏ ତେବେ ନିକୃଷ୍ଟ

ଶ୍ରେଣୀର ଅର୍ଯ୍ୟ । ଏମାନେ କ୍ରମେ ଶକ୍ତିଶାଳୀ ହୋଇ ଗୋପ ଓ ମଥୁରାରେ ରାଜ୍ୟବିସ୍ତାର କଲେ । ଏମାନେ ଯେଉଁ ଅଞ୍ଚଳରେ ରାଜ୍ୟ-ବିସ୍ତାର କଲେ ସେହି ଅଞ୍ଚଳକୁ ଏମାନଙ୍କର ସଂସ୍କୃତିକୁ ବାହିନେଲେ । ଆଭୀରୀୟ ସାହିତ୍ୟ ଅପଭ୍ରଂଶ ଆକାରରେ ମିଳୁଛି । ହେମଚନ୍ଦ୍ରଙ୍କର ହେମାନୁଶାସନ ପୁସ୍ତକରେ ସଂସ୍କୃତ ପ୍ରାକୃତ ଓ ଅପଭ୍ରଂଶର ଉଦାହରଣ ଦେବାକୁ ଯାଇ ସେ କେତେ ଗୋଟି ଦୋହାର ଉଲ୍ଲେଖ କରିଛନ୍ତି । ସେହି ଦୋହାରେ ଆଭୀର ଓ ଆଭୀରସ୍ତ୍ରୀଙ୍କର କ୍ରିୟାକଳାପର ସୂଚନା ମିଳେ । ଉଗ୍ର ଶୃଙ୍ଗାର ରସ ଏମାନଙ୍କର ସାହିତ୍ୟରେ ଥିଲା । ଏମାନେ ଭ୍ରମଣଶୀଳ ଜାତିର ଲୋକ । ଏମାନେ ଯେଉଁ ଆଡ଼କୁ ଯାଉଥିଲେ ସେଇ ଆଡ଼କୁ ଏମାନଙ୍କର ଗୋରୁଗାଈ ନେଇ ଯାଉଥିଲେ । ଏମାନଙ୍କର କଥୋପକଥନରେ ଯୌନ ମନୋବୃତ୍ତି ବେଶୀ ଦେଖିବାକୁ ମିଳେ । ଏମାନେ ଯେପରି ଏମାନଙ୍କର ଦେବତା କୃଷ୍ଣଙ୍କୁ ମଧ୍ୟ ସେହି ପରି ଭାବରେ ଚର୍ଚ୍ଚିତ କରିଛନ୍ତି । ଇନ୍ଦ୍ର ହେଉଛନ୍ତି ଅର୍ଯ୍ୟ ଦେବତାଙ୍କର ରାଜା । ଗୋବର୍ଦ୍ଧନ ଗିରି ସମ୍ବାଦରୁ ଜଣାଯାଏ କୃଷ୍ଣ ଇନ୍ଦ୍ରଙ୍କ ସହିତ ଯୁଦ୍ଧ କରିଥିଲେ । ଆଭୀରମାନେ ଅର୍ଯ୍ୟ ହୋଇଥିଲେ ଇନ୍ଦ୍ରଙ୍କ ସହିତ କୃଷ୍ଣ ଯୁଦ୍ଧ କରି ନ ଥାନ୍ତେ । ତେଣୁ ଆଭୀରମାନେ ଆର୍ଯ୍ୟ ନ ହୋଇ ଅନାର୍ଯ୍ୟ ହୋଇ ପାରନ୍ତି ପୁଣି କୃଷ୍ଣ ଅସୁରମାନଙ୍କୁ ନିଧନ କରିଥିଲେ, ଅର୍ଥାତ୍ ସେ ଅନାର୍ଯ୍ୟଙ୍କ ସହିତ ଯୁଦ୍ଧ କରିଥିଲେ । ପୁଣି କୃଷ୍ଣଙ୍କୁ ଉପେନ୍ଦ୍ର କୁହାଯାଏ । ଇନ୍ଦ୍ର ଅର୍ଯ୍ୟ ଦେବତା, ତେଣୁ କୃଷ୍ଣ ଅର୍ଯ୍ୟ ଦେବତା ହେବା ସମ୍ଭବ । ଏହି ଦୃଷ୍ଟିରୁ ଆଭୀର ମାନେ ଅର୍ଯ୍ୟ ହୋଇ ପାରନ୍ତି ।

## ୪ ଗୋପାଳକୃଷ୍ଣ

ଆଭୀର କୃଷ୍ଣଙ୍କର ପରବର୍ତ୍ତୀ କାଳରେ କୃଷ୍ଣଙ୍କଠାରେ ସମସ୍ତ

କୃଷ୍ଣଙ୍କର ସାମାହାରରେ ଏକ ରୂପ ଦେଖିବାକୁ ପାଉ । ତାର ପରିଣାମ ଂପ୍ରଦାୟିକତା ଲୋପ ପାଇବାକୁ ବସିଲା ଓ ସବୁଧର୍ମ ମତାବଲମ୍ବୀ ଆର୍ଯ୍ୟମାନେ ଏକତ୍ର ହୋଇ ମିଳିତ ସାମ୍ମୁଖ୍ୟ ଗଠନ କରି ଅନାର୍ଯ୍ୟମାନଙ୍କ ସହିତ ଯୁଦ୍ଧ କରିବାକୁ ବଦ୍ଧ-ପରିକର ହେଲେ । ପଞ୍ଚସଖା ଯୁଗରେ କୃଷ୍ଣଙ୍କଠାରେ ଆମେ ଏହିପରି ବିଭିନ୍ନ କୃଷ୍ଣଙ୍କ ବର୍ଣ୍ଣନା ଦେଖିବାକୁ ପାଉ । ଏହି କୃଷ୍ଣ ବର୍ତ୍ତମାନ ଆମର ଉପାସ୍ୟ ଦେବତା ।

ପୂର୍ବରେ ଦେଖା ଦେଇଥିବା ମତ ଦ୍ୱୈଧର ସମୀକରଣ ପାଇଁ ସେତୁ ସଂପ୍ରଦାୟର ଉପାସ୍ୟ ଦେବତା କୃଷ୍ଣ ଚତୁର୍ଭୁଜ କୃଷ୍ଣରେ ପରିଣତ ହେଲେ । କୃଷ୍ଣ ହେଲେ ନିତ୍ୟ ବିହାରୀ ବା ଗୋଲଖିବ ହାରୀ । ଗୋପୀମାନଙ୍କ ସହିତ କୃଷ୍ଣଙ୍କ ସଂପର୍କରୁ ଆଭୀର ଜାତିର ପ୍ରଭାବର ସୂଚନା ମିଳେ । ଧର୍ମମତ ଦୃଷ୍ଟିରୁ ଜଗନ୍ନାଥଙ୍କର ବୈଶିଷ୍ଟ୍ୟ ହେଉଛି ତାଙ୍କଠାରେ କୃଷ୍ଣତ୍ୱ, ରାମତ୍ୱ ପ୍ରଭୃତି ଆରୋପିତ ।

## ଉତ୍କଳରେ ବୈଷ୍ଣବ ଧର୍ମ—

୧୫୧୦ ଖ୍ରୀଷ୍ଟାବ୍ଦରେ ଚୈତନ୍ୟଙ୍କ ଉତ୍କଳ ଆଗମନ ସଙ୍ଗେ ସଙ୍ଗେ ବୈଷ୍ଣବ ଧର୍ମର ଉଚ୍ଛଳ ପ୍ରଭାବରେ ସମଗ୍ର ଉତ୍କଳ ଭୂମି ପ୍ଲାବିତ ହୋଇଗଲା । ଶୈବ, ଶାକ୍ତ, ସୌର ଜମା ଗାଣପତ୍ୟ ପ୍ରଭୃତି ଧାର୍ମିକ ସମ୍ପ୍ରଦାୟ ଓ ମତ ବାଦ ତୁଳନାରେ ବୈଷ୍ଣବଧର୍ମ ପ୍ରବଳ ବେଗରେ ପ୍ରସାର ଲାଭକଲା । ଓଡ଼ିଶାରେ ବୈଷ୍ଣବ ସାହିତ୍ୟ ଏକ ପକ୍ଷରେ ରାମ ଓ ଅନ୍ୟପକ୍ଷରେ କୃଷ୍ଣଙ୍କୁ କେନ୍ଦ୍ରକରି ଗଢି ଉଠିଲା । କୃଷ୍ଣକେନ୍ଦ୍ରିକ ଉପାସନା ଦୁଇଟି ମୁଖ୍ୟ ଧାରାରେ ପ୍ରବର୍ତ୍ତିତ ହେଲା । ପ୍ରଥମଟି ଉତ୍କଳୀୟ ବା ଓଡ଼ିଶୀ ବୈଷ୍ଣବ ସଂପ୍ରଦାୟ ଓ ଦ୍ୱିତୀୟଟି

ହେ... ...ଗୌଡ଼ୀୟ ବୈଷ୍ଣବ ସଂପ୍ରଦାୟ । ଏହି ଦୁଇ ମତବାଦ ଭିତରେ ଥିବା ...ନୈକ୍ୟ ବର୍ତ୍ତମାନ ଆଲୋଚ୍ୟ ।

## ୧ ଅବତାରୀ ଓ ଅବତାର

ଉତ୍କଳୀୟ ମତରେ ଶ୍ରୀକ୍ଷେତ୍ର ବିହାରୀ ଜଗନ୍ନାଥ ଷୋଳ-କଳାରେ ପରିପୂର୍ଣ୍ଣ । ସେ ଅଂଶୀ ଓ ଅବତାରୀ । ତେଣୁ ମହାଭାରତ ଓ ଭାଗବତରେ ଶ୍ରୀକୃଷ୍ଣ ଜଗନ୍ନାଥଙ୍କ ଅଂଶରେ । ଜାତ ଦିବାକର ଦାସଙ୍କ ଜଗନ୍ନାଥ ଚରିତାମୃତ ଅନୁସାରେ-

"ଜଗନ୍ନାଥ ଯେ ଷୋଳକଳା
ତହୁଁ କଳାଏ ନନ୍ଦବାଳା
କଳାକେ ଷୋଳ କଳାକରି
ଗୋପେ ବିହରେ ନରହରି ।"

ଏହି ଆଦର୍ଶ ପୁଣି ଦେଖାଯାଏ ଧନକୃଷ୍ଣ ଦାସଙ୍କ ରସକଲ୍ଲୋଳରେ—

"କଚ୍ଛପ ମତ୍ସ୍ୟାଦି ଅବତାର ଯେତେକ
କରିବାକୁ ଜାତ ଜଗନ୍ନାଥ ଜନକ ।" (୧ମ ଛାନ୍ଦ)

ଲୌକିକ ରୀତିରେ ହୁଏତ କୁହାଯାଇ ପାରେ ଓଡ଼ିଶୀ ବୈଷ୍ଣବ ଧନକୃଷ୍ଣ ଜଗନ୍ନାଥଙ୍କୁ ପିତା ରୂପେ କଳ୍ପନା କରି ଅବତାର ମାନଙ୍କୁ ସନ୍ତାନ ରୂପେ ବର୍ଣ୍ଣନା କରିଛନ୍ତି । ଗୌଡ଼ୀୟମାନଙ୍କ ପକ୍ଷରେ ଏମତ ନିତାନ୍ତ ଅସହ୍ୟ । ସଂସ୍କୃତ ଭାଗବତ ଅନୁସାରେ,

"ଏତେଚାଂଶ କଳା ପୁଂସଃ
କୃଷ୍ଣସ୍ତୁ ଭଗବାନ୍ ସ୍ୱୟଂ"

ଏହି ପ୍ରମାଣ ଅନୁସାରେ ଗୌଡ଼ୀୟମାନେ କହନ୍ତି, ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ୍, ଓ ଜଗନ୍ନାଥ ତାଙ୍କର ମୂଳ ନୁହନ୍ତି । ଅଭିମନ୍ୟୁ ବଦରଥ ଚିନ୍ତାମଣିରେ ଲେଖିଛନ୍ତି—

"ଈଶ୍ୱର ସ୍ୱତନ୍ତ୍ର ସ୍ୱୟଂ ଭଗବାନ ତୁହି
ଇଚ୍ଛାମୟ ସର୍ବଶକ୍ତି ବନ୍ତ ତଉ ହି ।"

"ଈଶ ଶେଷାଦ୍ଦ ସେବକ ସେବ୍ୟ ଏକା ତୁହି ।"

ଅଭିମନ୍ୟୁ ତେଣୁ ଶ୍ରୀକୃଷ୍ଣଙ୍କୁ ଏଠାରେ ଅବତାରୀ ବୋଲି କହିଛନ୍ତି । ଏହା ଭାଗବତର ପୁନରୁକ୍ତି ମାତ୍ର । ତାଙ୍କ ମତରେ ମହାଦେବ ଓ ଶେଷଦେବ ତାଙ୍କର ଗୁଣଗାନ କରୁଛନ୍ତି । ଏହା ନାରଦ ୧୫ ବଚନରେ ଥିବା ଶ୍ଳୋକର ମର୍ମାନୁବାଦ, ସେଥିରେ ଅଛି ।

"ସେବନ୍ତେ ସତତଂ ସନ୍ତୋ ବ୍ରହ୍ମେଣ ଶେଷ ସନକାଃ
ସେବନ୍ତେ ନିର୍ଗୁଣଂ ବ୍ରହ୍ମ ଭଗବନ୍ତ ସନାତନମ୍ ।"

ତେଣୁ ଗୌଡ଼ୀୟ ମତରେ କୃଷ୍ଣହିଁ ଅବତାରୀ ଓ ଉତ୍କଳୀୟ ମତରେ ଜଗନ୍ନାଥହିଁ ଅବତାରୀ । ଭାରତରେ ପ୍ରାୟ ଏକଶତ ପର୍ଯ୍ୟନ୍ତ ଶ୍ରେଷ୍ଠବଡ଼ ବୈଷ୍ଣବ ସମ୍ପ୍ରଦାୟ ଦେଖାଯାନ୍ତି । ଯଦ୍ଦି ଓ ବିଷ୍ଣୁ ସେମାନଙ୍କର ଉପାସ୍ୟ ଦେବତା ତଥାପି ବିଷ୍ଣୁ ସମସ୍ତଙ୍କର ଇଷ୍ଟ ଦେବତା ନୁହନ୍ତି । ରାମାନୁଜୀୟମାନେ ନାରାୟଣଙ୍କୁ ଅତି ପ୍ରାଚୀନ ସାତତ୍ୱମାନେ ବାସୁ-ଦେବଙ୍କୁ, ମାଧ୍ୱମାନେ ବ ୁଙ୍କୁ, ବଲ୍ଲଭୀୟମାନେ ବାଳଗୋପାଳଙ୍କୁ, ଉତ୍କଳୀୟମାନେ ଜଗନ୍ନାଥଙ୍କୁ ଗୌଡ଼ୀୟମାନେ ଶ୍ରୀକୃଷ୍ଣଙ୍କୁ ଶ୍ରେଷ୍ଠ ଉପାସ୍ୟ ଦେବତା ରୂପେ ଗ୍ରହଣ କରିଛନ୍ତି । ଦୀନକୃଷ୍ଣଙ୍କ ଭାଷାରେ—

"କର ସାଧୁଜନମାନେ ମନକୁ ଏକ
କର ଧୀରେ ଧ୍ୟାନ ନୀଳାଚଳ ନାୟକ

×        ×        ×        ×

କଳା ପର୍ବତରେ ଲୀଳା କରି ଅନେକ ।"

ଯେଉଁ ଶ୍ରୀକୃଷ୍ଣ ରସକଲ୍ଲୋଳର ନାୟକ ତାଙ୍କୁ କବି ନୀଳାଚଳ ଧାମର ଜଗନ୍ନାଥଙ୍କର ଅବତାର ରୂପେ ଗ୍ରହଣ କରିଛନ୍ତି । କବି

କବି ଶ୍ରୀକୃଷ୍ଣ ପରିବର୍ତ୍ତେ ଜଗନ୍ନାଥଙ୍କୁ ହିଁ ଆଦ୍ୟରେ ସ୍ତୁତି କରିଛନ୍ତି । ଉପେନ୍ଦ୍ରଭଞ୍ଜ ବୈଦେହୀଶବିଳାସର ପ୍ରଥମ ଛାନ୍ଦରେ ଜଗନ୍ନାଥଙ୍କୁ ସ୍ତୁତିକରି ଲେଖିଛନ୍ତି କିନ୍ତୁ ଅଭିମନ୍ୟୁଙ୍କ ନିଜ ଆରାଧ୍ୟ ଦେବତା ହରି ବା ଶ୍ରୀକୃଷ୍ଣହିଁ ବିଦଗ୍ଧ ଚିନ୍ତାମଣିର ଆରମ୍ଭରେ ବନ୍ଦିତ ହୋଇଛନ୍ତି—

"ଅପ୍ରାକୃତ ପ୍ରେମମୂର୍ତ୍ତି ଜୟ ରାଧା ହରି
ଅବ୍ୟକ୍ତ ଲୀଳାକୁ ବ୍ୟକ୍ତ କର ଅବତରି ।"

(୨) କ୍ଷେତ୍ର—

ଉତ୍କଳୀୟମାନଙ୍କ ମତରେ ପୁରୁଷୋତ୍ତମକ୍ଷେତ୍ର ବା ଶ୍ରୀକ୍ଷେତ୍ର ହେଉଛି ନିତ୍ୟ କ୍ଷେତ୍ର ଏବଂ ଅନ୍ୟ କ୍ଷେତ୍ରମାନଙ୍କର ଉତ୍ପତ୍ତି ତାହାଠାରୁ ହୋଇଅଛି । ରସ ବିନୋଦରେ ଦୀନକୃଷ୍ଣ ଲେଖିଛନ୍ତି—

"ନିତ୍ୟ ଯେ ଶ୍ରୀପୁରୁଷୋତ୍ତମ
ତହିଁକି କେଉଁ ତୀର୍ଥ ସମ
× × × ×
ଦେଖିଲି ଶ୍ରୀ ପୁରୁଷୋତ୍ତମ
କ୍ଷେତ୍ରମାନଙ୍କ ଯେ ଉତ୍ତମ ।"

ଜଗନ୍ନାଥଙ୍କ ଭାଷାରେ—

"କୋଟି ବ୍ରହ୍ମ ନ ଜାଣନ୍ତି   ଅନନ୍ତ ଶେଷ ମୂରତି
ସେହି ପ୍ରଭୁ ବିଜେ ନିତ୍ୟ ଏ ନୀଳଗିରି
× × ×
ଅଶେଷ ବ୍ରହ୍ମାଣ୍ଡ ସାର   ଅନନ୍ତ ଶିର ଉପର
ନୀଳାଦ୍ରି ଅବ୍ୟୟ ନିତ୍ୟସ୍ଥଳ ଗୋଲକ ।"

ବଳରାମଙ୍କ ବେଦାନ୍ତ ସାର, ଅଚ୍ୟୁତାନନ୍ଦଙ୍କ ଗୁରୁଭକ୍ତି ଗୀତା, ଦିବାକର ଦାସଙ୍କ ଜଗନ୍ନାଥ ଚରିତାମୃତ, ଯଶୋବନ୍ତ ଦାସଙ୍କ

ପ୍ରେମଭକ୍ତି ବ୍ରହ୍ମଗୀତା, ଧନକୃଷ୍ଣଙ୍କ ନାମରତ୍ନ ଗୀତା ପ୍ରଭୃତିରେ ଏ ସମସ୍ତ ପ୍ରତିପାଦିତ ହୋଇଅଛି । ଗୌଡ଼ୀୟ ବୈଷ୍ଣବମାନଙ୍କ ମତରେ ବୃନ୍ଦାବନ ହିଁ ସର୍ବଶ୍ରେଷ୍ଠ କ୍ଷେତ୍ର । ଅଭିମନ୍ୟୁ ଶ୍ରୀକ୍ଷେତ୍ର ପରିବର୍ତ୍ତେ ବୃନ୍ଦାବନର ଗୌରବ ସୁବିସ୍ତୃତ ଭାବେ ବର୍ଣ୍ଣନା କରିଛନ୍ତି ।

"ବୃନ୍ଦାବନ ଦ୍ରବ୍ୟ ଆଣି          କେ କହିବ ପରିମାଣି
ବିଶେଷ ବୃକ୍ଷ ଯହିଁରେ ସନ୍ତାନ ସମ
ଯହିଁ ବିଭୂ ଚିନ୍ତାମଣି          କାମଧେନୁ ଧେନୁ ଶ୍ରେଣୀ
ଗୋପାଳ ଯହିଁ ଅଖିଳ ନିଧାନ ଶ୍ୟାମ
ଯେଉଁ ସ୍ଥାନ ଧୂଳି ଲଭିନେ
ଗୁଳ୍ମ ହେବାକୁ ବିଧାତା ଭାବନ୍ତି ମନେ ।" (୯୧ ଛାନ୍ଦ)

ଉକ୍ତ ଛାନ୍ଦରେ ବୃନ୍ଦାବନର ଗୌରବ ଶତ ମୁଖରେ ବର୍ଣ୍ଣିତ ହୋଇଅଛି । ଏହାହିଁ କବିଙ୍କର ଗୌଡ଼ୀୟ ମତବାଦର ପରିଚାୟକ ।

(୩) ଭକ୍ତି—

ଉତ୍କଳୀୟ ବୈଷ୍ଣବମାନେ ଜ୍ଞାନମିଶ୍ରା ଭକ୍ତିର ସାଧକ । କିନ୍ତୁ ଗୌଡ଼ୀୟମାନେ ଶୁଦ୍ଧ ପ୍ରେମଭକ୍ତିର ଉପାସକ । ଉତ୍କଳୀୟମାନେ ଯୋଗବଳରେ ଷଟ୍ଚକ୍ର ଭେଦ କରି ପରଂବ୍ରହ୍ମଙ୍କୁ ଉପଲବ୍ଧି କରିବା ପାଇଁ ସତତ ଉଦ୍ୟତ । କିନ୍ତୁ ନାରୀ ଭାବରେ ଶ୍ରୀକୃଷ୍ଣଙ୍କ ନିତ୍ୟ ଦାସ ହେବା ଗୌଡ଼ୀୟମାନଙ୍କର କାମ୍ୟ । ଅହୈତୁକୀ ଭକ୍ତି ସେମାନଙ୍କ ଶ୍ରେଷ୍ଠ ସାଧନା । ଅଭିମନ୍ୟୁ ଗୌଡ଼ୀୟ ବୈଷ୍ଣବ ତତ୍ତ୍ୱକୁ ଏହି ମର୍ମରେ ପ୍ରକାଶ କରିଛନ୍ତି—

"ହୃଷୀକେଶାନନ୍ଦ ହେ ମାଗୁଛି ପଦଧରି
ଓ କରିବ ଅଳ୍ପେ ଦାସୀ ଡାକିଲେ କିଶୋରୀ ।"

ପୁଣି "ଅନନ୍ତ କୋଟି ବ୍ରହ୍ମାଣ୍ଡ ଈଶ୍ୱରୀ ଈଶ୍ୱର
ଅକୈତବ କରୁଣାକୁ ପରସ୍ପରେ କର ।" (ପ୍ରଥମ ଛାନ୍ଦ)

ଗୋପୀଭକ୍ତି ମୂଳକ ପ୍ରେମ ଭକ୍ତିର ମଧ୍ୟ ସେ ଉଲ୍ଲେଖ କରିଛନ୍ତି—
"ଏମନ୍ତ ମହିମାବନ୍ତ ପ୍ରେମଭକ୍ତି ରସ
ଏକ ନିଷ୍ଠେ ଅଭିମନ୍ୟୁ କବି କରେ ଆଶ ।" (ଛାନ୍ଦ ୧)

ଅଭିମନ୍ୟୁ ସେହି ପ୍ରେମଭକ୍ତି ରସକୁ ଏକନିଷ୍ଠ ଭାବରେ ଗ୍ରହଣ କରିଛନ୍ତି । ଏଥିପାଇଁ ସେ ଅନ୍ୟ କୌଣସି ଐଶ୍ୱର୍ଯ୍ୟର କାମନା କରିନାହାନ୍ତି—

"ଐରାବତ ଗତି ଅଣିମାଦି ଭୋଗ ମୁକ୍ତି
ଐଶ୍ୱର୍ଯ୍ୟାଦିରେ ମୋ ଚିତ୍ତ ନୋହିବ ଆସକ୍ତି ।"

ଅଭିମନ୍ୟୁ କେବଳ ଦାସୀ ଭାବରେ ଶ୍ରୀକୃଷ୍ଣଙ୍କର ଚରଣ ସେବା କରିବା ପାଇଁ ଲାଳାୟିତ । ଧନକୃଷ୍ଣ ପ୍ରମୁଖ ଉତ୍କଳୀୟ ବୈଷ୍ଣବମାନେ ଭଗବାନଙ୍କ ନାମ କୀର୍ତ୍ତନ ଓ ଯୋଗମୂଳକ ଧ୍ୟାନ ସମାଧିର ଆବଶ୍ୟକତା ପ୍ରତିପାଦନ କରିଛନ୍ତି ।

(୪) ପ୍ରୀତି—ଉତ୍କଳୀୟମାନଙ୍କର ସ୍ୱକୀୟା ପ୍ରୀତି, ମାତ୍ର ଗୌଡ଼ୀୟ ମାନଙ୍କର ପରକୀୟା ପ୍ରୀତି । ରାଧାହିଁ ଗୌଡ଼ୀୟମାନଙ୍କର ପରକୀୟା ପ୍ରୀତିର ଉଦାହରଣ । ଓଡ଼ିଆ ସାହିତ୍ୟରେ ଯେତେବେଳେ ଗୌଡ଼ୀୟ-ମାନଙ୍କ ପ୍ରବର୍ତ୍ତିତ ପରକୀୟା ପ୍ରୀତି ପ୍ରବେଶ କରି ନାହିଁ ସେତେବେଳେ କୌଣସି କବି ରାଧାଙ୍କୁ ଓଡ଼ିଆ ସାହିତ୍ୟରେ ପ୍ରବେଶ କରାଇ ନାହାନ୍ତି । ତେଣୁ ଜଗନ୍ନାଥ ଦାସ ଅତି ସତର୍କତାର ସହିତ ରାଧାଙ୍କ ପରିବର୍ତ୍ତେ ବୃନ୍ଦାବତୀଙ୍କ କଥା ଉଲ୍ଲେଖ କରି ବର୍ଣ୍ଣନା କରିଛନ୍ତି । ପରବର୍ତ୍ତୀ କାଳରେ ଯେତେବେଳେ ଓଡ଼ିଆ ସାହିତ୍ୟରେ ଗୌଡ଼ୀୟ ମତବାଦ

ବିଶେଷ ଭାବରେ ସ୍ଥାନ ପାଇଲା ସେତେବେଳେ ରାଧା ଓ କୃଷ୍ଣଙ୍କର ଶୃଙ୍ଗାର ରସାଶ୍ରିତ ବର୍ଣ୍ଣନାର ପ୍ରାଚୁର୍ଯ୍ୟ ପରିଲକ୍ଷିତ ହେଲା । ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀର ବୈଷ୍ଣବ ସାହିତ୍ୟରେ ରାଧାକୃଷ୍ଣଙ୍କର ପ୍ରେମ ବର୍ଣ୍ଣନା ମୁଖ୍ୟସ୍ଥାନ ଗ୍ରହଣ କରିଅଛି ।

(୫) ମହାମନ୍ତ୍ର—

ଏଥିରେ ଉଭୟ ମତରେ ନାମ ବିନ୍ୟାସରେ ପାର୍ଥକ୍ୟ ଦେଖାଯାଏ । ଅଭିମନ୍ୟୁ ହରେକୃଷ୍ଣ ମନ୍ତ୍ରର ଉପାସକ । ସେ ଲେଖିଛନ୍ତି—

"ହରେକୃଷ୍ଣ ରାମ ନାମ ପଢ଼ି ସେହି ତତ୍ତ୍ୱ
ହରଷେ ରସ ଏ ଘେନି ସାଧବ ଏଗୀତ ।"

ଉତ୍କଳୀୟ ବୈଷ୍ଣବମାନେ କଳିସନ୍ତରଣୋପନିଷଦ୍‌ର ଅବଲମ୍ବନରେ 'ହରେରାମ' ମନ୍ତ୍ରର ଉପାସକ । ସେଥିରେ ଅଛି—

"ହରେ ରାମ ହରେ ରାମ, ରାମ ରାମ ହରେ ହରେ
ହରେ କୃଷ୍ଣ ହରେ କୃଷ୍ଣ, କୃଷ୍ଣ କୃଷ୍ଣ ହରେ ହରେ ।
ଇତିଷୋଡ଼ଶଙ୍କଂ ନାମ୍ନାଂ କଳି କଳ୍ମଷ ନାଶନମ୍
ନାତଃ ପରତରୋପାୟଃ ସର୍ବବେଦେଷୁ ଦୃଶ୍ୟତେ ।"

ଦିବାକର ଦାସଙ୍କ ଜଗନ୍ନାଥ ଚରିତାମୃତରେ ଏ ସମସ୍ତର ଦୀର୍ଘ ବିବରଣୀ ଦେଖିବାକୁ ମିଳେ ।

(୬) ଗାୟତ୍ରୀ—

ଉତ୍କଳୀୟମାନଙ୍କର ଯୁଗଳ ଗାୟତ୍ରୀ ଜପ କରାଯାଏ ମାତ୍ର ଗୌଡ଼ୀୟମାନଙ୍କର କାମ ଗାୟତ୍ରୀ ଜପ କରାଯାଏ । ଦ୍ୱାରିକା ଦାସ ପରିଚେ ଗୀତାରେ ଗାୟତ୍ରୀ, ସାବିତ୍ରୀ ଓ ନାମ ମହାମନ୍ତ୍ରର ଜନ୍ମ ଓ ବୃତ୍ତିର ବିଷୟରେ ଲେଖିଅଛନ୍ତି ଯେ ମହାଶୂନ୍ୟରୁ ଓଁକାରର ଉତ୍ପତ୍ତି-

୨୪ ଅକ୍ଷର ଗାୟତ୍ରୀ ମାତା ଓ ବୀଜ ୮ ଅକ୍ଷର ଓଁକାରକୁ ପିତା ରୂପେ ପରିକଳ୍ପନା କରି ତହିଁରୁ ଭୂର ଲୋକ, ତ୍ରିଲୋକ, ତୀର୍ଥସ୍ଥାନ ପ୍ରଭୃତି ଜାତ । ମାନବ ଶରୀରକୁ ମଧ୍ୟ ଗାୟତ୍ରୀ ରୂପରେ ସେ ବର୍ଣ୍ଣନା କରିଛନ୍ତି ।

କୃଷ୍ଣଙ୍କର ପ୍ରାଧାନ୍ୟରେ କାମ ଗାୟତ୍ରୀ ଏବଂ ରାଧାକୃଷ୍ଣ ଉଭୟଙ୍କ ପ୍ରାଧାନ୍ୟରେ ଯୁଗଳ ଗାୟତ୍ରୀର କଳ୍ପନା କରାଯାଇଛି । କାମ ଗାୟତ୍ରୀର ସାରକଥା ହେଉଛି କୃଷ୍ଣ ସଂସାରର ପାଳନ କର୍ତ୍ତା । ସଂସାର କାମ ବା କାମନାରୁ ଜାତ । ସଂସାରର ସ୍ଥିତି କାମ ଉପରେ ନିର୍ଭର କରେ । ବାସ୍ତବ କାମ ପ୍ରେମରେ ରୂପାନ୍ତରିତ ହେଲେ ଭଗବତ୍ ପ୍ରାପ୍ତି ସହଜ ସାଧ୍ୟ ହୁଏ ।

(୭) ଗ୍ରନ୍ଥ—

ସଂସ୍କୃତ ଭାଗବତକୁ ଗୌଡ଼ୀୟମାନେ ନିଜର ବେଦତୁଲ୍ୟ ମନେ କରି ସ୍ୱାଧୀନ ଭାବରେ ତହିଁର ଶ୍ଳୋକଗୁଡ଼ିକୁ ବ୍ୟାଖ୍ୟାନ କରିଥାଆନ୍ତି । "ଅନୟାରାଧିତୋନୂନଂ ଭଗବାନ୍ ହରିରୀଶ୍ୱର" ଏହି ଶ୍ଳୋକରୁ ସେମାନେ ରାଧାଙ୍କ ଆବିଷ୍କାର କରି ତାଙ୍କୁ ଶ୍ରୀକୃଷ୍ଣଙ୍କ ପ୍ରିୟତମା ଓ ସର୍ବଶ୍ରେଷ୍ଠ ନାୟିକା ରୂପେ ଗ୍ରହଣ କରିଛନ୍ତି । ମାତ୍ର ଓଡ଼ିଆ ଭାଗବତ ଲେଖକ ଜଗନ୍ନାଥ ଦାସ ଉକ୍ତ ଶ୍ଳୋକରେ ବୃନ୍ଦାବତୀଙ୍କୁ ଗ୍ରହଣ କରିଛନ୍ତି—ସେ ରାଧାଙ୍କୁ ଗ୍ରହଣ କରିନାହାନ୍ତି । ଅଭିମନ୍ୟୁ କେବଳ ଯେ ବୃନ୍ଦାବତୀଙ୍କୁ ଗୌଣ ଭାବରେ ଗ୍ରହଣ କରିଛନ୍ତି ତା ନୁହେଁ ରାଧାଙ୍କୁ ସବୁପ୍ରକାର ପ୍ରାଧାନ୍ୟ ଦେଇଛନ୍ତି—

"ଧନ୍ୟ ଅଭିମନ୍ୟୁ ଜୀବ    ରାଧାଭାବ ଭାବ ଏ ଜୀବ ଯିବ
ସତେ ଏ ଭାଗ୍ୟ କି ଦେଖାଯିବ ।"

× × ×

"ରାଧା ଭାବ ମନୁ ଧନ ଅଭିମନ୍ୟୁ
ନ ତେଜୁ ନିଶି ବାସର ।"

ଏହି କେତୋଟି ପ୍ରଧାନ ବିଶେଷତ୍ୱକୁ ବାଦ ଦେଲେ ଦୁଇ ମତବାଦ ମଧ୍ୟରେ ଅନେକ ଗୌଣ ପାର୍ଥକ୍ୟ ଦେଖାଯାଏ । ସେ ସବୁର ବିଶେଷ ଆଲୋଚନାର ପରିସର କେବଳ ବୈଷ୍ଣବ ଦର୍ଶନରେ ସୀମାବଦ୍ଧ । ସାହିତ୍ୟ ଆଲୋଚନାରେ ଦର୍ଶନର ବିଶେଷ ଆଲୋଚନା ଯେତିକି ଅଯୌକ୍ତିକ ସେତିକି ଅବାନ୍ତର ।

# ଲେଖା ଓ ଲେଖକ

## ବଳରାମ ଦାସ

ଉତ୍କଳର ଗଜପତି ପ୍ରତାପରୁଦ୍ରଙ୍କର ରାଜତ୍ୱ ସମୟରେ ଯେଉଁ ପଞ୍ଚସଖା ଆବିର୍ଭୂତ ହୋଇ ସମଗ୍ର ଉତ୍କଳ ଖଣ୍ଡରେ ବୈଷ୍ଣବ ଧର୍ମର ପ୍ରସାର କରିଥିଲେ ଏବଂ ଯେଉଁମାନଙ୍କର ସାରସ୍ୱତ ସାଧନା ଦ୍ୱାରା ଓଡ଼ିଆ ବୈଷ୍ଣବ ସାହିତ୍ୟ ପରିପୁଷ୍ଟ, ସେହିମାନଙ୍କ ମଧ୍ୟରୁ ବଳରାମ ଦାସ ଅନ୍ୟତମ । ଇତିହାସ ସାକ୍ଷ୍ୟ ଦିଏ ଯେ ପ୍ରତାପରୁଦ୍ର ଦେବ ୧୪୯୭ ଖ୍ରୀଷ୍ଟାବ୍ଦରୁ ୧୫୩୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଉତ୍କଳ ସିଂହାସନ ଅଳଙ୍କୃତ କରିଥିଲେ । ବଳରାମ ଦାସ ତାଙ୍କର ରଚିତ ବେଦାନ୍ତସାର ଗୁପ୍ତଗୀତାରେ କହିଅଛନ୍ତି ଯେ ପ୍ରତାପରୁଦ୍ରଙ୍କ ୧୭ ଅଙ୍କ ମକର ମାସ ଶୁକ୍ଳ ପକ୍ଷ ଏକାଦଶୀ ଦିନ ସେ ଗ୍ରନ୍ଥ ରଚନାର ସମାପ୍ତି ହୋଇଥିଲା । ଓଡ଼ିଶାର ନରପତିମାନଙ୍କର ଅଙ୍କ ଗଣନା ଅନୁସାରେ ପ୍ରତାପରୁଦ୍ର ଦେବଙ୍କ ସତର ଅଙ୍କ ତାଙ୍କ ରାଜତ୍ୱର ଚତୁର୍ଦ୍ଦଶ ବର୍ଷରେ ପଡ଼ୁଅଛି । ଏଥିରୁ ଅନୁମିତ ହୁଏ ଯେ ପ୍ରାୟ ୧୫୧୨ ଖ୍ରୀଷ୍ଟାବ୍ଦ ମଧ୍ୟରେ ଗୁପ୍ତଗୀତା ରଚନା ଶେଷ ହୋଇଥିବ । ବଳରାମ ଦାସଙ୍କୁ ତାଙ୍କ ରଚିତ ରାମାୟଣ ସମାପ୍ତି ବେଳକୁ ୩୦ ବର୍ଷ ବୟସ ହୋଇଥିଲା ବୋଲି ସୂଚନା ଦେଇଛନ୍ତି । ଏ ଦୁଇରଚନାର ବ୍ୟବଧାନ ପ୍ରାୟ ୬।୭ ବର୍ଷ ଧରିଲେ ପ୍ରାୟ ବଳରାମ ଦାସଙ୍କ ଜନ୍ମ ସମୟ ୧୪୭୨ଠାରୁ ୧୪୭୬ ମଧ୍ୟରେ ବୋଲି ଜଣାଯିବ ।

ତାଙ୍କର ରାମାୟଣରୁ ଜଣାପଡ଼େ ଯେ ତାଙ୍କ ପିତାଙ୍କର ନାମ ସୋମନାଥ ମହାପାତ୍ର, ତାଙ୍କ ପିତା ଉତ୍କଳ ମହାରାଜାଙ୍କର ମହାମନ୍ତ୍ରୀ ପଦରେ ନିଯୁକ୍ତ ହୋଇଥିଲେ । ତାଙ୍କ ରଚିତ ରାମାୟଣର ଉତ୍ତରା କାଣ୍ଡରେ ଅଛି––

"ମହାପାତ୍ର ସୋମନାଥ ଦାସର ତନୟ
ବଳରାମ ଦାସ ଗୀତ ଯେ ଅମୃତମୟ ।"

ପୁଣି ଲଙ୍କା କାଣ୍ଡରେ,

"ମହାମନ୍ତ୍ରୀବୀର ସୋମନାଥ ମହାପାତ୍ର
ବଳରାମ ଦାସ ମୁଁ ଯେ ତାହାଙ୍କର ପୁତ୍ର ।"

ଏହି ସୂଚନା ଅନୁସାରେ କବିଙ୍କର ପିତାଙ୍କର ନାମ ଓ ତାଙ୍କର ଜୀବିକା ବୃତ୍ତିର ସୂଚନା ଅକ୍ଲେଶରେ ଜଣାପଡ଼େ । ଗୁପ୍ତ ଗୀତାରେ ମଧ୍ୟ ସେ ତାଙ୍କର ପରିଚୟର ସୂଚନା ଦେଇଛନ୍ତି—

"ପ୍ରତାପରୁଦ୍ର ନାମେ ହେବ ରାୟ
କହଇ ତୋତେ ସେ କାଳ ବିଷୟ
ସୋମନାଥ ନାମ ଶୂଦ୍ର କୁଳର
ଅନିରୁଦ୍ଧ ଜାତ ତାହାରି ଘର ।
ଜମ୍ବୁ ନାମେଣ ତାହାରି ଭାରିଯା
ଅନିରୁଦ୍ଧ ହେବ ତାର ତନୁଜା
ତା ସୁତ ନାମ ବଳରାମ ଦାସ
ଗୁପତ ଗୀତା ଅଧ୍ୟାୟେ ପ୍ରକାଶ ।

ପଞ୍ଚସଖାଙ୍କ ଭିତରେ ବଳରାମ ଦାସ ଅନ୍ୟାନ୍ୟ ବୈଷ୍ଣବ ମାନଙ୍କ ପରି ଏକ ମହାତ୍ମା ଥିଲେ । ତାଙ୍କର ଦିବ୍ୟ ଯୋଗୀ ଭକ୍ତି ଓ ନିଷ୍ଠା ଫଳରେ ସେ ପ୍ରତାପରୁଦ୍ରଦେବଙ୍କ ଦ୍ୱାରା ପୂଜିତ ହୋଇଥିଲେ । ଚୈତନ୍ୟଦେବଙ୍କ ଆଦେଶରେ ବଳରାମ ଦାସ ଜଗନ୍ନାଥ ଦାସଙ୍କୁ ବୈଷ୍ଣବ ଧର୍ମ ଦୀକ୍ଷା ଦେଇଥିଲେ । ଚୈତନ୍ୟ ଦେବ ଓ ଜଗନ୍ନାଥ ଦାସ ପ୍ରମୁଖ ଅନ୍ୟାନ୍ୟ ସଖାମାନେ ପ୍ରତାପରୁଦ୍ର ଦେବଙ୍କର ଗୁରୁ ରୂପେ ବିବେଚିତ ହେଉଥିଲେ । ମାତ୍ର ବଳରାମ ଦାସ ଚୈତନ୍ୟଙ୍କ ଦ୍ୱାରା

ଆଦୃତ ହେବାରୁ ଏବଂ ତାଙ୍କ ନିର୍ଦ୍ଦେଶରେ ଜଗନ୍ନାଥ ଦାସଙ୍କର ଗୁରୁର କାର୍ଯ୍ୟ ସମାପନ କରିଥିବାରୁ ପ୍ରତାପରୁଦ୍ର ବଳରାମ ଦାସଙ୍କୁ ଗୁରୁଙ୍କର ଗୁରୁ ବା ପରମଗୁରୁ ରୂପେ ସମ୍ବୋଧନ କରୁଥିଲେ । ରାମାୟଣର ଲଙ୍କାକାଣ୍ଡରେ ବଳରାମ ଲେଖିଛନ୍ତି—

"ସୋମନାଥ ମହାପାତ୍ର କୋଳେ ହୋଇଲି ସଂଭୂତ
ଯହୁଁ ପିତା ମୋର ବିଷ୍ଣୁରେ ଭକତ ।
ତେଣୁ ଜଗନ୍ନାଥ ଦୟା ମୋତେ କଲେ
ରାମାୟଣ ଗ୍ରନ୍ଥ ଯେ ମୁଖେ ବଖାଣିଲେ ।"

ଭଗବତ୍ ଗୀତାରେ ସେ ଲେଖିଛନ୍ତି—

ମହାପାତ୍ର ସୋମନାଥ ତନୟେ
ବଳରାମ ଦାସ ଗୀତାରେ କହେ ।

ଦାର୍ଢ୍ୟତା ଭକ୍ତିରେ ଅଛି—

" ଭକତଜନ ମଧ୍ୟେ ସାର, ମହିମା ଅପାରୁ ଅପାର ।
ମହନ୍ତ ସୋମନାଥ ଶିଷ୍ୟ, ନାମ ତା ବଳରାମ ଦାସ ।
ପୁରୁଷୋତ୍ତମେ ତାର ଘର, କୁଟୁମ୍ବ ଧେନ ନିରନ୍ତର,
ରୁଦ୍ର ଅଂଶରେ ଗଜପତି, ପ୍ରତାପରୁଦ୍ର ଯେ ନୃପତି
ତାହାଙ୍କ ସପ୍ତଦଶ ଅଙ୍କେ, ମକର ମାସ ଶୁକ୍ଳପକ୍ଷେ ।"

ଦିବାକର ଦାସ ଜଗନ୍ନାଥ ଚରିତାମୃତରେ ଲେଖିଛନ୍ତି ଯେ ଶ୍ରୀ ଚୈତନ୍ୟଙ୍କ ଆଦେଶରେ ଜଗନ୍ନାଥଦାସଙ୍କୁ ମନ୍ତ୍ର-ଦୀକ୍ଷା ଦେଇଥିଲେ । ସେ ବିବାହ କରିଥିଲେ ଓ ତାଙ୍କର କେତେଗୋଟି ପୁତ୍ରକନ୍ୟା ମଧ୍ୟ ଥିଲେ । ସେ ପିଲାଦିନେ ବେଶି ପଢ଼ାଶୁଣା କରି ନ ଥିଲେ । ସେ ପଣ୍ଡିତ-ମାନଙ୍କ ଠାରୁ ରାମାୟଣ ଶୁଣି ଯାହା ମନେ ରଖିଥିଲେ, ତାହା ଲେଖି 'ଜଗମୋହନ ରାମାୟଣ' ନାମ ଦେଇଥିଲେ ।

କବି ଶ୍ରୀ ଚୈତନ୍ୟଙ୍କଦ୍ୱାରା ବୈଷ୍ଣବଧର୍ମରେ ପ୍ରଭାବିତ ହୋଇ-ଥିଲେ ହେଁ ଶ୍ରୀ ଚୈତନ୍ୟଙ୍କ ପ୍ରେମଭକ୍ତିର ମର୍ମ ବୁଝି ପାରି ନ ଥିଲେ । ଏହା ତାଙ୍କ ରଚିତ ବ୍ରହ୍ମାଣ୍ଡ ଭୂଗୋଳ, ଶରୀର ଭୂଗୋଳ ଓ ତୁଳାଭିଣାର ତତ୍ତ୍ୱ ବର୍ଣ୍ଣନାରୁ ଜଣାଯାଏ । ତାଙ୍କର ଦୁର୍ଗାସ୍ତୁତି, ରାମାୟଣ ପ୍ରଭୃତି ବୈଷ୍ଣବମନ୍ତ୍ର ଦୀକ୍ଷା ଗ୍ରହଣ ପୂର୍ବରୁ ରଚିତ । ଶ୍ରୀ ଚୈତନ୍ୟଙ୍କ ପ୍ରେମଭକ୍ତି ବଳରାମଙ୍କ କୌଣସି ରଚନାରେ ଦେଖା-ଯାଏ ନାହିଁ । ତେଣୁ ସେ ଶ୍ରୀ ଚୈତନ୍ୟଙ୍କ ଧର୍ମଭାବରେ ପ୍ରଭାବିତ ନୁହନ୍ତି ବୋଲି ବିନାୟକ ମିଶ୍ର ଅନୁମାନ କରିଛନ୍ତି । ପରବର୍ତ୍ତୀ ଯୁଗରେ ଦ୍ୱାରିକା ଦାସ ଓ ନନ୍ଦ ଦାସ ତାଙ୍କୁ ଅନିରୁଦ୍ଧ ଅବତାର ରୂପେ ବର୍ଣ୍ଣନା କରିଛନ୍ତି ।

କଟକ ଜିଲ୍ଲାର ଗୋପୀନାଥପୁର ମନ୍ଦିରରେ ଥିବା ଶିଳାଲେଖରୁ କପିଳେନ୍ଦ୍ର ଦେବଙ୍କ ମନ୍ତ୍ରୀ ଯେଉଁ ଗୋପୀନାଥ ମହାପାତ୍ରଙ୍କ ନାମ ଆବିଷ୍କୃତ ହୋଇଅଛି, ବଳରାମ ଦାସ ବୋଧହୁଏ ତାଙ୍କର ବଂଶଧର ।

ରଚନା—(୧) ରାମାୟଣ (୨) ବ୍ରହ୍ମପୁରାଣ (୩) କାନ୍ତକୋଇଲି (୪) ଲକ୍ଷ୍ମୀପୁରାଣ (୫) ମୃଗୁଣୀ ସ୍ତୁତି (୬) ଦୁର୍ଗାସ୍ତୁତି (୭) ରାମ ବିଭା (୮) କମଳଲୋଚନ ଚଉତିଶା (୯) ବାରବାସୀ (୧୦) ଭାବସମୁଦ୍ର (୧୧) ଭକ୍ତିରସାମୃତ ସିନ୍ଧୁ (୧୨) ସଭା-ବିନୋଦ (୧୩) ତୁଳାଭିଣା (୧୪) ଶରୀର ଭୂଗୋଳ (୧୫) ବେଢ଼ା ପରିକ୍ରମା (୧୬) ବ୍ରହ୍ମାଣ୍ଡ ଭୂଗୋଳ (୧୭) ଅର୍ଜ୍ଜୁନ ଗୀତା (୧୮) ଗଜ ନିସ୍ତାରଣ ଗୀତା (୧୯) ଭଗବତ୍ ଗୀତା (୨୦) ଅମରକୋଷ ଗୀତା (୨୧) ଗୁପ୍ତ ଗୀତା (୨୨) ଛତିଶଗୁପ୍ତ ଗୀତା (୨୩) ଗରୁଡ଼ ଗୀତା (୨୪) ନାମରତ୍ନ ଗୀତା (୨୫) ବିରାଟ ଗୀତା

(୨୬) ଗୀତାସାର (୨୭) ଗଣେଶ ବିଭୂତି ଗୀତା (୨୮) ବଉଳ ଅଧ୍ୟାୟ (ବିନାୟକ ମିଶ୍ରଙ୍କ ମତରେ), ପ୍ରାଚୀନ ଉତ୍କଳକାରଙ୍କ ମତରେ ପୁଣି (୨୯) ଭୂତକେଳି (୩୦) ଚଣ୍ଡୀ ପୁରାଣ (୩୧) ରସକେଳି (୩୨) କୃଷ୍ଣଲୀଳା (୩୩) ମହାଭାରତ (୩୪) ବଟ ଅବକାଶ ।

ହଣ୍ଟର ସାହେବ ରସବିନୋଦର ରଚୟିତା ବଳରାମ ଦାସ ବୋଲି ମତ ଦେଇଛନ୍ତି । କିନ୍ତୁ ଏ ମତ ଠିକ ନୁହେଁ । ବଳରାମ ଦାସଙ୍କ ନାମରେ ଦିଆଯାଇଥିବା ଗ୍ରନ୍ଥଗୁଡ଼ିକ ଯେ ସଠିକ ଭାବରେ ତାଙ୍କର ରଚନା—ଏ ବିଷୟ ମଧ୍ୟ ସଠିକ ନୁହେଁ । ଅନେକ ରଚନା ବର୍ତ୍ତମାନ ମିଳୁ ନ ଥିଲେ ମଧ୍ୟ କେବଳ ତାଙ୍କର ରଚନାରୂପେ ଶୁଣାଯାଇଥାଏ ।

## ରଚନା ବିଚାର—

### (୧) ଜଗମୋହନ ବା ଦାଣ୍ଡି ରାମାୟଣ--

ବଳରାମ ଦାସଙ୍କ ସର୍ବପ୍ରଧାନ ରଚନା ଜଗମୋହନ ବା ଦାଣ୍ଡି ରାମାୟଣ । ଏହା ଦାଣ୍ଡିବୃତ୍ତରେ ଲେଖାଯାଇଥିବାରୁ ଏହାର ନାମ ଦାଣ୍ଡି ରାମାୟଣ ଏବଂ ଏହା ଜଗମୋହନ ନିକଟରେ ଲେଖାଯାଇ ଥିବାରୁ ଏହାର ନାମ ଜଗମୋହନ ରାମାୟଣ । ରାମାୟଣର ମୁଖ-ବନ୍ଧରେ ଜଗନ୍ନାଥଙ୍କ ବନ୍ଦନା ଓ ପୁରୁଷୋତ୍ତମକ୍ଷେତ୍ରର ବର୍ଣ୍ଣନା ପ୍ରସଙ୍ଗରେ ବଳରାମ ଦାସ ଲେଖିଛନ୍ତି—

"ପାଟଣା ନଗର ନାମ ପୁରସ୍ତମ ପୁରୀ
ବ୍ରହ୍ମା ସୃଜି ଅଛି ଯାହା ଅତି ଯତ୍ନ କରି ।"

ପୁରୀର ଅନ୍ୟ ନାମ ପୁରୁଷୋତ୍ତମ ଥିବାର ଏଥିରୁ ଜଣାଯାଏ । ପୁରୁଷୋତ୍ତମପୁରୀରୁ ପୁରୁଷୋତ୍ତମ କ୍ରମେ ଲୋପ ହୋଇ ପୁରୀ ରହିଅଛି । ବଳରାମ ଦାସ ସଂସ୍କୃତ ରାମାୟଣ ପଢ଼ି ନ ଥିଲେ ମଧ୍ୟ ପଣ୍ଡିତ-

ମାନଙ୍କଠାରୁ ଯାହା ଶୁଣିଥିଲେ, ତାହା ସେ ଭଲ ରୂପେ ମନେ ରଖି-ଥିଲେ । ବଳରାମ ଦାସଙ୍କ ରାମାୟଣ ସଂସ୍କୃତ ରାମାୟଣର ଅବିକଳ ଅନୁବାଦ ନୁହେଁ । ମାତ୍ର ମୂଳଗ୍ରନ୍ଥର ସମସ୍ତ ବିଷୟ ଏଥିରେ ସନ୍ନି-ବେଶିତ ହୋଇଅଛି । ଗୁହ-ଶବରର ବର୍ଣ୍ଣନାରେ ଓଡ଼ିଶାର ଶବର ଜାତିର ବର୍ଣ୍ଣନା କବି ଦେଇଛନ୍ତି । ଲଙ୍କାପୋଡ଼ି ବେଳେ ଲଙ୍କା ବାସୀମାନଙ୍କର ଅବସ୍ଥାର ଯେଉଁ ବର୍ଣ୍ଣନା ଅଛି, ତାହା ଓଡ଼ିଶାର ଘର-ପୋଡ଼ିର ଏକ ଚିତ୍ରପରି ମନେହୁଏ । ସ୍ୱାମୀଙ୍କ ସହିତ ସୀତା ବନକୁ ଯିବା ସମୟରେ କୌଶଲ୍ୟାଙ୍କର ତାଙ୍କ ପ୍ରତି ଉପଦେଶରେ ଓଡ଼ିଶାର ଜାତୀୟ ଚିତ୍ର ପ୍ରତିଫଳିତ । କୌଣସି ବ୍ୟକ୍ତିକୁ ଚୋରି ପ୍ରଭୃତି ଅପ-ରାଧରେ ସନ୍ଦେହ କଲେ କନ୍ଧମାନେ ଅପରାଧ ପରୀକ୍ଷା ନିମନ୍ତେ ତାହାକୁ ଜଳନ୍ତା ନିଆଁରେ ଠିଆ କରାନ୍ତି । ତାହାର ପାଦ ଯଦି ପୋଡ଼ି ନ ଯାଏ, ତେବେ ସେ ନିର୍ଦ୍ଦୋଷ ବୋଲି ପ୍ରମାଣିତ ହୁଏ । ଏହାକୁ ମାଣ୍ଡୁ ପରୀକ୍ଷା କହନ୍ତି । ଏହି ମାଣ୍ଡୁ ପରୀକ୍ଷା ପ୍ରଥା ଓଡ଼ିଶାର ରାଜ-ଦରବାରରେ ପ୍ରଚଳିତ ଥିବା କଥା ବଳରାମ ଦାସ ରାମାୟଣରେ ବର୍ଣ୍ଣନା କରିଅଛନ୍ତି । ଏହା ବ୍ୟତୀତ ବାମଣ୍ଡା ଓ ବଣାଇର ଉତ୍ପତ୍ତି ସମ୍ବନ୍ଧରେ କବି ରାମାୟଣରେ ଉଲ୍ଲେଖ କରିଥିବାରୁ ମନେହୁଏ ଯେ ସେ ଜାତୀୟଭାବରେ ଅନୁପ୍ରାଣିତ ହୋଇ ଓଡ଼ିଶାର ଗୌରବ ବଢ଼ାଇବା ପାଇଁ ଯତ୍ନଶୀଳ ଥିଲେ । ସେ କାଳରେ ବ୍ରାହ୍ମଣ ପଣ୍ଡିତ-ମାନେ ଶୂଦ୍ରଙ୍କ ରଚନାକୁ ଘୃଣା କରୁଥିଲେ । ସେଥିପାଇଁ ଲଙ୍କା-କାଣ୍ଡରେ ଲେଖିଛନ୍ତି—

"ମୁହିଁ ହୀନ ଯେ ବିଶେଷ ଶୂଦ୍ର ଯୋନି
ସୁଜ୍ଞ ଜନେ କୋପ ନ କରିବ ଏହା ଶୁଣି ।"

ଜଗନ୍ନାଥଙ୍କ ଆଜ୍ଞାରେ ସେ ଗ୍ରନ୍ଥ ଲେଖା ଆରମ୍ଭ କଲେ—

"ଶାସ୍ତ୍ର ପୁରାଣ ଶୁଣିଲି ମୁହିଁ ବିପ୍ର ମୁଖେ
ତେଣୁ ସେବା କରେ ତୋ ଚରଣେ ଆତ୍ମସୁଖେ ।

ଶୁଣି ସୁପ୍ରସନ୍ନ ମୋତେ ହେଲେ ଜଗନ୍ନାଥ
ହୃଦୟେ ପ୍ରସନ୍ନ ହେଲେ ଶଙ୍ଖଚକ୍ର-ହସ୍ତ ।
ଶ୍ରୀ ଜଗନ୍ନାଥ ଆଜ୍ଞା ଶିରରେ ମୁଁ ଧରି
ଗ୍ରନ୍ଥ ବଖାଣିବା ଇଚ୍ଛା ଆଦି ଅନ୍ତ କରି । [ଆଦ୍ୟକାଣ୍ଡ]

ବ୍ୟତିକ୍ରମ—

ଗ୍ରନ୍ଥର ଆରମ୍ଭରେ ଅଛି—ତାରକ ରାମନାମ ସ୍ୱୟଂ ଶଙ୍କରଙ୍କୁ ପାପରୁ ମୁକ୍ତ କରିଥିଲା । ଶଙ୍କର ଦକ୍ଷଙ୍କ ଯଜ୍ଞ ଧ୍ୱଂସ କରିବାରୁ ତାଙ୍କୁ ପାପ ଲାଗିଲା । ଫଳରେ ତାଙ୍କର ଶରୀର କ୍ଷୀଣ ହେଲା । ବ୍ରହ୍ମାଙ୍କ ପରାମର୍ଶରେ ଶଙ୍କର ତାରକ ରାମନାମ ଜପ କଲେ ୬ କଳ୍ପବ୍ୟାପୀ ପରେ ତାଙ୍କ ଦେହ ସୁସ୍ଥ ଓ ସୁନ୍ଦର ହେଲା । ପାର୍ବତୀଙ୍କୁ ଶଙ୍କର ରାମ ଅବତାରର କାରଣ ଓ ଚରିତ କହିଲେ ।

ଦେବତାମାନଙ୍କ ପ୍ରତି ରାବଣର ଅତ୍ୟାଚାର ଶଙ୍କରଙ୍କ ମୁଖରେ ବଳରାମ ଦାସ ପ୍ରକାଶ କରିଛନ୍ତି । ରାବଣ ସ୍ୱର୍ଗର ଦେବତାମାନଙ୍କୁ ପାଦ ତଳେ ଖଟାଇବା ପରେ ଦିନେ ସେ ବେଦମତୀଙ୍କ ପ୍ରତି ଅତ୍ୟାଚାର କଲା । ବେଦମତୀ କୁଶଧ୍ୱଜ ରାଜାଙ୍କ ଦୁହିତା । ବିଷ୍ଣୁଙ୍କୁ ପତି ରୂପେ ପାଇବାକୁ ସେ ତପସ୍ୟା କରୁଥିବାବେଳେ ରାବଣ ତାଙ୍କୁ ଦେଖି ଅତ୍ୟନ୍ତ କାମାସକ୍ତ ହୋଇ ତାଙ୍କୁ ଧରିଲା । ବେଦମତୀ କୋପ କଲେ ଏବଂ ବ୍ରହ୍ମଅଗ୍ନି ଜାତ କରି ରାବଣକୁ ଭୟ ଦେଖାଇଲେ—

"ବୋଇଲା ବିଷ୍ଣୁଙ୍କୁ ମୁଁ ଯେ ବରିଅଛି ମନେ
ମୋର ନିମନ୍ତେ ତୋତେ ମାରନ୍ତୁ ସେ ରଣେ ।"

ତା ପରେ ବେଦମତୀ ନିଜ ଅଙ୍ଗକୁ ଅପବିତ୍ର ମଣି ଅନଳରେ ନ୍ୟାସ ଦେଲେ ଓ ପରେ ସୀତା ରୂପରେ ଅବତୀର୍ଣ୍ଣ ହେଲେ । ତା ପରେ ଦେବତାମାନଙ୍କ ସ୍ତୁତିରେ ସ୍ୱୟଂ ବିଷ୍ଣୁ ରାମ-ଅବତାର ଗ୍ରହଣ କରି ରାବଣକୁ ବଧ କଲେ । ଏହି ବର୍ଣ୍ଣନା ମୂଳ ରାମାୟଣର ବର୍ଣ୍ଣନାଠାରୁ

ପୃଥକ୍ । ଏଥିରେ ଅଛି—ନାରଦଙ୍କୁ ବାଲ୍ମୀକି ପ୍ରଶ୍ନ କଲେ, ମର୍ତ୍ତ୍ୟ-ଲୋକରେ ଏବେ କିଏ ସର୍ବାପେକ୍ଷା ବଡ଼ ବୀର, ଜିତେନ୍ଦ୍ରିୟ, ସତ୍ୟପ୍ରିୟ, ଗୁଣବାନ, ସଚ୍ଚରିତ୍ର, କ୍ରୋଧଶୂନ୍ୟ, ସୁପଣ୍ଡିତ, ହିଂସାହୀନ ? ନାରଦ ଉତ୍ତର ଦେଲେ—ବର୍ତ୍ତମାନ କେବଳ ଜଣେ ସେପରି ମହାବୀର ଜୀବିତ ଅଛନ୍ତି । ସେ ହେଉଛନ୍ତି ଇକ୍ଷ୍ୱାକୁବଂଶର ବୀରଚୂଡ଼ାମଣି ରାମଚନ୍ଦ୍ର । ଏହା କହିବା ପରେ ନାରଦ ବାଲ୍ମୀକିଙ୍କୁ ସମଗ୍ର ରାମାୟଣର କଥା କହିଲେ । ନାରଦଙ୍କଠାରୁ ବିଦାୟ ନେଇ ବାଲ୍ମୀକି ତମସା ତୀରକୁ ଗଲେ । ତା ପରେ ନିଷାଦକର୍ତ୍ତୃକ କ୍ରୌଞ୍ଚବଧ ଦର୍ଶନ କରି "ମା ନିଷାଦ ପ୍ରତିଷ୍ଠାତ୍ୱଂ" ପ୍ରଥମ ଶ୍ଳୋକ ରଚନା କରି ଅବମାକୁ ମୋହିତ କଲେ । ଏହା ମୂଳ ରାମାୟଣରେ ଦ୍ୱିତୀୟ ସର୍ଗରେ ବର୍ଣ୍ଣିତ । ପ୍ରଜାପତି ବାଲ୍ମୀକିଙ୍କ ମୁଖରୁ ଏହି ଶ୍ଳୋକ ଶୁଣି ରାମଚରିତକୁ ଏହି ଶ୍ଳୋକବନ୍ଧରେ ଲେଖିବାକୁ ଅନୁରୋଧ କରିବାରୁ ସେ ରାମାୟଣ ରଚନା କଲେ । ଏହି ରାମାୟଣକୁ ଲବକୁଶ ଗାଇ ଗାଇ ଆଶ୍ରମ ସନ୍ନ୍ୟାସୀମାନଙ୍କୁ ଶୁଣାଇଲେ । ତା ପରେ ଲବକୁଶ ଅଯୋଧ୍ୟା ଦାଣ୍ଡରେ ଗାଇ ଗାଇ ଯାଉଥିବାବେଳେ ରାମଙ୍କର ଦୃଷ୍ଟି ପଡ଼ିଲେ । ତା ପରେ ରାମଚନ୍ଦ୍ରଙ୍କର ଦରବାରରେ ଲବକୁଶ ରାମାୟଣ ଗାନ କରିଛନ୍ତି । ଏ ସମସ୍ତ ଦାଣ୍ଡି ରାମାୟଣରେ ନାହିଁ ।

ମୂଳ ରାମାୟଣର କାଣ୍ଡସଂଖ୍ୟା ବଳରାମ ଦାସ ଠିକ୍ ଲେଖି-ଛନ୍ତି । ମୂଳ ରାମାୟଣର ପ୍ରତ୍ୟେକ କାଣ୍ଡର ସାର କଥାକୁ ନେଇ ସେ ଗ୍ରନ୍ଥ ରଚନା କରିଛନ୍ତି । ମୂଳର ଅନେକ କଥା ସେ ତ୍ୟାଗ କରିଛନ୍ତି ଓ କେତେକ ମନଗଢ଼ା କଥା ଯୋଗ କରିଛନ୍ତି । ମୂଳ ରାମାୟଣର ସାରକଥାର ଅସ୍ଥିକଙ୍କାଳ ସହିତ ବଳରାମ ଦାସଙ୍କ ରାମାୟଣର କିଛି ସାଦୃଶ୍ୟ ଥିବା ଛଡ଼ା ମୂଳ ଗ୍ରନ୍ଥର ଅନ୍ୟ କୌଣସି ପ୍ରକୃତିର ବଳିଷ୍ଠ ପ୍ରକାଶ ଏଥିରେ ନାହିଁ । ବାଲ୍ମୀକି ରାମାୟଣ ଓ

ବଳରାମ ଦାସଙ୍କ ରାମାୟଣ ଭିତରେ ପାର୍ଥକ୍ୟ ଓ ସାଦୃଶ୍ୟ ଥିଲେ ହେଁ ବଳରାମ ଦାସଙ୍କ ଗ୍ରନ୍ଥ ଏକ ସ୍ୱତନ୍ତ୍ର ଗ୍ରନ୍ଥ ବୋଲି କହିଲେ ଅସମୀଚୀନ ହେବ ନାହିଁ ।

ମୂଳ ରାମାୟଣ ଗୋଟିଏ କାବ୍ୟଗ୍ରନ୍ଥ । ମାତ୍ର ବଳରାମ ଦାସଙ୍କ ରାମାୟଣରେ ମୂଳଗ୍ରନ୍ଥର ଗାମ୍ଭୀର୍ଯ୍ୟ ପଦମାଧୁରୀ ସୂକ୍ଷ୍ମ ଓ ବଳିଷ୍ଠ ଚରିତ୍ରଚିତ୍ରଣ ନାହିଁ । ମୂଳର ନୀତି କଥା ମଧ୍ୟ ଏଥିରେ ଖୁବ ଅଳ୍ପ । ମୂଳଗ୍ରନ୍ଥରେ ରାମଚନ୍ଦ୍ରଙ୍କ ବ୍ରହ୍ମ ରୂପେ କଳ୍ପନା କରାଯାଇ ନାହିଁ । ବଳରାମ ଦାସ ରାମଚନ୍ଦ୍ରଙ୍କ ସ୍ୱୟଂ ପରଂବ୍ରହ୍ମଙ୍କର ୭ମ ଅବତାର ରୂପେ ପ୍ରକାଶ କରି ତାଙ୍କୁ ବ୍ରହ୍ମୋଚିତ ଗୁଣାବଳୀରେ ଭୂଷିତ କରିଛନ୍ତି । ରାମଚନ୍ଦ୍ର ଆଦର୍ଶ ପୁତ୍ର, ଆଦର୍ଶ ଭ୍ରାତା, ଆଦର୍ଶ ସ୍ୱାମୀ, ଆଦର୍ଶ ନରପତି, ଆଦର୍ଶ ବୀର ରୂପରେ ଚିତ୍ରିତ । ରାବଣଠାରେ ସେ ସମସ୍ତ ଦୁଷ୍ଟ ପ୍ରକୃତିର ସମନ୍ୱୟ କରିଛନ୍ତି । ଶତାଧିକ ଚରିତ୍ର-ଚିତ୍ରଣ ମଧ୍ୟରେ ଦଶରଥ, ଲକ୍ଷ୍ମଣ, ଭରତ, ହନୁମାନ, ସୁଗ୍ରୀବ, ବିଭୀଷଣ ପ୍ରଭୃତିଙ୍କର ଚରିତ୍ରଚିତ୍ରଣ ମନୋହର ହୋଇଅଛି ।

ବଳରାମ ଦାସ ଓଡ଼ିଶା ସୀମାର ବହୁ ଚିତ୍ର ଦେଇଛନ୍ତି ଓ ଓଡ଼ିଆ ସମାଜର ବହୁ ଚିତ୍ର ମଧ୍ୟ ଦେଇଛନ୍ତି । ରାମଚନ୍ଦ୍ରଙ୍କ ଜନ୍ମଠାରୁ ତାଙ୍କର ନାମକରଣ ପର୍ଯ୍ୟନ୍ତ ଯାବତୀୟ ବିଧି-ବିଧାନରେ ଓଡ଼ିଆ ସମାଜର ଆଚାର-ବ୍ୟବହାର ଓ ବିଧି-ବିଧାନ ପ୍ରଭୃତି ଦେଖାଯାଏ । ବଳରାମ ଦାସ ବହୁତ ପ୍ରାଚୀନ ଓଡ଼ିଆ ଶବ୍ଦ ବ୍ୟବହାର କରିଛନ୍ତି—ଭାଞ୍ଜି, ନୁହସି, କୁହକନା, ପାଇବାକ, ବହେଣି, କହଣା ପ୍ରଭୃତି ।

ମୂଳଗ୍ରନ୍ଥରେ ନ ଥିଲେ ମଧ୍ୟ ବଳରାମ ଦାସ ଅନ୍ୟାନ୍ୟ ପୁରାଣ-ମାନଙ୍କର କେତେକ ବିଷୟ ଆହରଣ କରି ଏଥିରେ ବର୍ଣ୍ଣନା କରିଛନ୍ତି । ଗଙ୍ଗା ସମୁଦ୍ରଗାମୀ ହେବା ସମୟରେ ବ୍ରହ୍ମପୁତ୍ର ନଦୀର

ଉପୃତ୍ତି ବିଷୟ ମୂଳଗ୍ରନ୍ଥରେ ନାହିଁ । ବଳରାମ ଦାସ ଏହି ଗଙ୍ଗା ପ୍ରସଙ୍ଗ ବର୍ଣ୍ଣନାକୁ କେତେକ ସ୍ଥଳରେ ମଧ୍ୟ ବଢ଼ାଇ ଦେଇଛନ୍ତି । ଐରାବତ ହସ୍ତୀ ଗଙ୍ଗାଙ୍କୁ ଦମନ କରିବାକୁ ପ୍ରାର୍ଥନା କରିବା ପରେ ନିଜେ ଗଙ୍ଗାସ୍ରୋତରେ ଭାସିଯାଇ ଯେଉଁ କୂଳରେ ଲାଗିଲା, ସେ ସ୍ଥାନର ନାମ ହସ୍ତିନାପୁର ହେଲା । ଏହି ପ୍ରସଙ୍ଗଟି ପଦ୍ମପୁରାଣର ସ୍ୱର୍ଗ ଖଣ୍ଡରେ ବର୍ଣ୍ଣିତ ହୋଇଅଛି । ଗଙ୍ଗାଦେବୀ ଯମୁନାଙ୍କ ସହିତ ପ୍ରୟାଗରେ ଏକମାତ୍ର ଅବସ୍ଥାନ କରିବା ସମୟରେ ସଗର ରାଜା ତାଙ୍କୁ କାଶୀକ୍ଷେତ୍ର ନୈମିଷ ପ୍ରଭୃତିଙ୍କ ମାହାତ୍ମ୍ୟ ବର୍ଣ୍ଣନା କରିଥିବା ବଳରାମ ଉଲ୍ଲେଖ କରିଛନ୍ତି । ଏହା ମଧ୍ୟ ମୂଳଗ୍ରନ୍ଥରେ ନାହିଁ । ବିଶ୍ୱାମିତ୍ର ଆଶ୍ରମକୁ ଗଲାବେଳେ କାମାଶ୍ରମ ଦାହନ, ସରଯୂ ନଦୀର ଉତ୍ପତ୍ତି, ବିଶ୍ୱାମିତ୍ରଙ୍କ ଅସ୍ତ୍ରଦାନ, ତାଡ଼କା ଅତ୍ୟାଚାର ପ୍ରଭୃତି କେତେକ ବିଷୟ ବଳରାମ ତ୍ୟାଗ କରିଛନ୍ତି । ମୂଳଗ୍ରନ୍ଥରେ ବର୍ଣ୍ଣିତ କଥାବସ୍ତୁ ବଳରାମଙ୍କ ଦ୍ୱାରା କେତେକ ସ୍ଥଳରେ ପରିବର୍ତ୍ତିତ ହୋଇ-ଥିବାର ଦେଖାଯାଏ । ଋଷ୍ୟଶୃଙ୍ଗ ମୁନିଙ୍କର ଜନ୍ମ, ରାବଣ ଇନ୍ଦ୍ର ପ୍ରଭୃତିଙ୍କର ଶିବଧନୁ ଉଠାଇବାର ବିଫଳ ପ୍ରଚେଷ୍ଟା, ରାମଙ୍କର ବନବାସ ପୂର୍ବରୁ ଗୁହ-ଶବର ସହିତ ତାଙ୍କର ପରିଚୟ, ପର୍ଶୁରାମ ଉପାଖ୍ୟାନ, ସହସ୍ରାର୍ଜ୍ଜୁନଙ୍କ ବିରୁଦ୍ଧରେ ତାଙ୍କର ଏକବିଂଶ ବାର ଯୁଦ୍ଧ କରିବାର ବିଫଳ ପ୍ରଚେଷ୍ଟା ଏବଂ ପରେ ବିଷ୍ଣୁଙ୍କ କୃପାରୁ ତାଙ୍କୁ ଜୟ କରିବା ପ୍ରଭୃତି ।

କବିଙ୍କର ଏ ସମସ୍ତ କଥାବସ୍ତୁଗତ ମୌଳିକତା ବ୍ୟତୀତ ତାଙ୍କର ସ୍ୱଦେଶ-ପ୍ରେମିକତାର ପରିଚୟ ମଧ୍ୟ ତାଙ୍କର ଏହି ରଚନାରୁ ମିଳି-ଥାଏ । ଓଡ଼ିଶାର ସ୍ଥାନମାନଙ୍କୁ ପ୍ରାଧାନ୍ୟ ଦେବାକୁ ଯାଇ ସେ କପିଳାସକୁ କୈଳାସର ସ୍ଥାନ ଦେଇଛନ୍ତି । ରାମଚନ୍ଦ୍ରଙ୍କ ପକ୍ଷ ଗ୍ରହଣ କରି ଯୁଦ୍ଧ କରିଥିବା ମର୍କଟ ସୈନ୍ୟମାନେ କୋଣାର୍କର ଅଧିବାସୀ ।

ଏହାଛଡ଼ା ବର୍ଣ୍ଣନା ପ୍ରସଙ୍ଗରେ କବି ବିରଜାକ୍ଷେତ୍ର ବା ଆଧୁନିକ ଯାଜପୁର, ବଣାଇ, ବାମଣ୍ଡା, ଉଦୟଗିରି, ଧଉଳଗିରି ପ୍ରଭୃତି ଓଡ଼ିଶାର ବିଭିନ୍ନ ସ୍ଥାନମାନଙ୍କର ନାମୋଲ୍ଲେଖ କରିଛନ୍ତି ।

## (୨) ଭଗବତ୍ ଗୀତା—

ଏହି ପୁସ୍ତକ ଏକ କଥାବସ୍ତୁଗତ ଅନୁବାଦ । ଏହା ସଂସ୍କୃତ ଗୀତାରୁ ଅନୂଦିତ ହୋଇଅଛି । ଏହାର ଭାଷା ସରଳ ଏବଂ ସହଜ । ଗୀତାର ୧୮ ଅଧ୍ୟାୟର ୧, ୨ ଶ୍ଳୋକର ଓଡ଼ିଆ ଅନୁବାଦ ଏହି ପ୍ରକାର କରାଯାଇଛି ।

ଶ୍ଳୋକ—"ସନ୍ନ୍ୟାସସ୍ୟ ମହାବାହୋ ତତ୍ତ୍ୱମିଚ୍ଛାମି ବେଦିତୁମ୍
ତ୍ୟାଗସ୍ୟଚ ହୃଷିକେଶ ପୃଥକ କେଶିନ ସୂଦନ
କାମ୍ୟାନାଂ କର୍ମଣାଂ ନ୍ୟାସଂ ସନ୍ନ୍ୟାସଂ କବୟୋ ବିଦୁଃ
ସର୍ବ କର୍ମ ଫଳ ତ୍ୟାଗଂ ପ୍ରାହୁସ୍ତ୍ୟାଗଂ ବିଚକ୍ଷଣା ।"

ଅନୁବାଦ — "ଅର୍ଜ୍ଜୁନ ବୋଇଲେ ଦେବ ପୁଚ୍ଛଇ କଥାଏ
ଦୁଇ କଥା ଭିନ୍ନ ଭିନ୍ନ ଶୁଣି ତ ମୋ ମନ
ବୋଲନ୍ତି ମାଧବ ଶୁଣ ପାଣ୍ଡୁର ନନ୍ଦନ
କାମ୍ୟ କର୍ମ ଛାଡ଼ିଲକୁ ସନ୍ନ୍ୟାସୀ ବୋଲନ୍ତି
ତ୍ୟାଗୀମାନେ ସବୁ କର୍ମ ଫଳ ହିଁ ଛାଡ଼ନ୍ତି ।

## (୩) ଜ୍ଞାନ ଚୂଡ଼ାମଣି—

ବଳରାମ ଦାସ ଜ୍ଞାନ ଚୂଡ଼ାମଣି ଲେଖିଥିବା କଥା ଜଗବନ୍ଧୁ ସିଂହ ପ୍ରାଚୀନ ଉତ୍କଳରେ ଲେଖିଛନ୍ତି । ଏହା ଏକ ଗଦ୍ୟଗ୍ରନ୍ଥ । ଏହା ବିଷୟରେ ବିଶେଷ ବିବରଣୀ ମିଳନାହିଁ ।

## (୪) ଗୁପ୍ତଗୀତା—

ଗୁପ୍ତଗୀତା ଓ ଛତିଶ ଗୁପ୍ତଗୀତା ବଳରାମ ଦାସଙ୍କ ନାମରେ ଭଣିତ ହୋଇଥିବାରୁ ଏହା ବଳରାମଙ୍କ ରଚନା ବୋଲି ଅନେକେ ମତ ଦଅନ୍ତି । ପଣ୍ଡିତ ବିନାୟକ ମିଶ୍ର ଏ ମତରେ ସତ୍ୟତା ନ ଥିବା କଥା କହନ୍ତି । ଗୁପ୍ତଗୀତା ୮ ଗୋଟି ଛୋଟ ଛୋଟ ଅଧ୍ୟାୟରେ ବିଭକ୍ତ । ଜ୍ଞାନ-ଯୋଗର ବିଷୟ ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ କଥା ଛଳରେ ବର୍ଣ୍ଣିତ । ଜ୍ଞାନ, ଜ୍ଞାନର ନିଷ୍ଠା, ତ୍ରିବେଣୀ, ତ୍ରିକୂଟ ସ୍ଥାନ, ଷଡ଼ଚକ୍ର ଅନାହତ, କାଞ୍ଚିସ୍ଥ-ମଣ୍ଡଳ, ଗୋଲହାଟ, ସୁଷୁମ୍ନା, ନିରାକାରଙ୍କ ସ୍ଥାନ, ମହାଶୂନ୍ୟର ରୂପ, ବ୍ରହ୍ମର ସ୍ୱରୂପ ପ୍ରଭୃତି ଅନେକ ବିଷୟ ସଂକ୍ଷିପ୍ତ ଭାବରେ ବୁଝାଇ ଦିଆ-ଯାଇଛି । ବଳଭଦ୍ର, ଜଗନ୍ନାଥ, ସୁଭଦ୍ରା ଓ ସୁଦର୍ଶନ ଚକ୍ରର ଅର୍ଥ ସମ୍ବନ୍ଧରେ ଏଥିରେ ଅଛି ।

"ବଳଭଦ୍ର ଯେ ସାମ ହୋଇ, ଋକ ଯେ ସୁଭଦ୍ରା ଅଟଇ
ଯଜୁର୍ବେଦ ଶ୍ରୀ ଜଗନ୍ନାଥ, ଅଥର୍ବ ସୁଦର୍ଶନ ପାର୍ଥ
ନାସିକା ସୁଦର୍ଶନ କହି, ଅଧର ସୁଭଦ୍ରା ଅଟଇ
ନୟନ ଜଗନ୍ନାଥ ଜାଣ, ବଳଭଦ୍ରଟି ଯେ ଶ୍ରବଣ ।"

ଶରୀର ଭିତରେ ବ୍ରହ୍ମାଣ୍ଡର କଳ୍ପନା କରାଯାଇଛି । ଅର୍ଜୁନ ପଚାରିବାରୁ ଶ୍ରୀକୃଷ୍ଣ କହୁଛନ୍ତି—ପାଦ ହେଉଛି ଯାଜପୁର, କଟି ହେଉଛି କଟକ, ପେଟ ହେଉଛି ଖଣ୍ଡଗିରି, ନାଭି ହେଉଛି ଭୁବନେ-ଶ୍ୱର, ଡାହାଣ ଭୁଜ ହେଉଛି ହଟକେଶ୍ୱର, ବାମ ଭୁଜ ହେଉଛି ଚନ୍ଦ୍ରଭାଗା, ମୁଖ ହେଉଛି ସିଂହଦ୍ୱାର ଓ ପାଟି ହେଉଛି ବାଇଶି ପାବଚ୍ଛ ।

ଉତ୍କଳର ବିଭିନ୍ନ ସ୍ଥାନ, ବଡ଼ ଦେଉଳ, ଚତୁର୍ଦ୍ଧାମୂର୍ତ୍ତି ମନୁଷ୍ୟର ଶରୀର ମଧ୍ୟରେ ଅବସ୍ଥିତ ବୋଲି ବଳରାମ ଦାସ ବ୍ୟକ୍ତ କରିଛନ୍ତି ।

## (୫) ବ୍ରହ୍ମାଣ୍ଡ ଭୂଗୋଳ –

ଭାଗବତର ସୃଷ୍ଟି ତତ୍ତ୍ୱ ସମ୍ବନ୍ଧିତ ଦର୍ଶନର ଭାବଧାରା ଲେଖକଙ୍କ ଯୋଗର ବିଭିନ୍ନ ବିଷୟକୁ ଲେଖକ ଏହି ପୁସ୍ତକରେ ବର୍ଣ୍ଣନା କରି ଅଛନ୍ତି । ଏହା ୮୯ଟି ଅଧ୍ୟାୟରେ ବିଭକ୍ତ । ସାରଳା ମହାଭାରତରେ ଅର୍ଜୁନ ଓ ଶ୍ରୀକୃଷ୍ଣଙ୍କର କଥୋପକଥନ ଛଳରେ ଶ୍ରୀମଦ୍ ଭଗବତ୍ ଗୀତାର ସମସ୍ତ ବିବରଣୀ ଲେଖା ହୋଇଥିବା ପରି ହରି-ଅର୍ଜୁନ ସମ୍ବାଦରେ ପରସ୍ପର ଉକ୍ତି-ପ୍ରତ୍ୟୁକ୍ତି ଛଳରେ ସମଗ୍ର ଭାଗବତର ଦର୍ଶନ ପ୍ରକୃଟିତ ହୋଇପାରିଅଛି ।

ଅର୍ଜୁନଙ୍କର ପୃଥିବୀ, ମନୁଷ୍ୟ ଦେହ ଓ ଆତ୍ମା ପ୍ରଭୃତି ବିଷୟରେ ପ୍ରଶ୍ନର ଆଧ୍ୟାତ୍ମିକ ଅର୍ଥ ଭଗବାନଙ୍କ ମୁଖରେ ପ୍ରଦତ୍ତ ହୋଇଅଛି । ଜୀବ କିପରି ପରମାତ୍ମାର ଅଂଶ ଏବଂ କିପରି ପୃଥିବୀରେ ତାର କ୍ରିୟା-କଳାପ ଶେଷ କରି, ଶେଷରେ ସେହି ପରମାତ୍ମା ଅଙ୍ଗରେ ବିଲୀନ ହୋଇଯାଏ, ଏ ସମସ୍ତ ସୃଷ୍ଟି ତତ୍ତ୍ୱ ଲେଖକ ସୁନ୍ଦର ଭାବରେ ଏହି ପୁସ୍ତକରେ ବର୍ଣ୍ଣନା କରିବାରେ ସମର୍ଥ ହୋଇଛନ୍ତି । ସେ ଉତ୍କଳୀୟ ବୈଷ୍ଣବ କବି ଓ ଜ୍ଞାନମିଶ୍ରାଭକ୍ତିର ଉପାସକ ଥିବାରୁ ଏହି ପୁସ୍ତକରେ ଯୋଗ ହିଁ ମୁକ୍ତି ବା ନିର୍ବାଣରେ ଏକମାତ୍ର ସୋପାନ ରୂପେ ପ୍ରତିପାଦିତ ହୋଇଅଛି । ଏଥିରେ ପୃଥିବୀ ଓ ଜୀବନ ସମ୍ବନ୍ଧୀୟ ଆଲୋଚନା ନ ଥିବାରୁ ଯଥାର୍ଥରେ ଏହି ପୁସ୍ତକର ନାମ-କରଣ "ବ୍ରହ୍ମାଣ୍ଡ ଭୂଗୋଳ" ହୋଇଅଛି ।

ଭାଗବତ ଦ୍ୱାଦଶ ସ୍କନ୍ଧର ଅର୍ଥ ବଳରାମ ଦାସ ୭ମ ଅଧ୍ୟାୟରେ ଏହିପରି ବ୍ୟକ୍ତ କରିଅଛନ୍ତି— ୧ମ ସ୍କନ୍ଧ-ତାଳୁ, ୨ୟ ସ୍କନ୍ଧ-ଲଲାଟ, ୩ୟ ସ୍କନ୍ଧ-କର୍ଣ୍ଣ, ୪ର୍ଥ ସ୍କନ୍ଧ-ଚକ୍ଷୁ, ୫ମ ସ୍କନ୍ଧ-ନାସା, ୬ଷ୍ଠ ସ୍କନ୍ଧ-କଣ୍ଠ, ୭ମ ସ୍କନ୍ଧ-ବକ୍ଷ, ୮ମ ସ୍କନ୍ଧ-ହୃଦୟ, ୯ମ ସ୍କନ୍ଧ-ନାଭି, ୧୦ମ ସ୍କନ୍ଧ-ଗୁହ୍ୟପ୍ରାନ୍ତ

୧୧ଶ ସ୍କନ୍ଧ-ଇନ୍ଦ୍ର ସୂ ଓ ଦ୍ୱାଦଶ ସ୍କନ୍ଧ-ବାୟୁ ସୂକ୍ତ । ଏହି ସମଗ୍ର ଭାଗବତ ସାରସଂଗ୍ରହ ଅର୍ଜୁନ ସମ୍ବାଦ ଛଳରେ ବର୍ଣ୍ଣିତ ।

"ଦେବଙ୍କ ବ୍ୟାକୁଳେ ମୁରାରି, ମଞ୍ଚେ ମନୁଷ୍ୟ ଦେହଧରି
ଦୁର୍ଜ୍ଜନଗଣେ ନାଶ କଲେ, ଅବନୀ ଭାର ଉଶ୍ୱାସିଲେ ।"

ଏହାର ଅର୍ଥ ଭଗବାନ କହୁଛନ୍ତି—

"ଅବନୀ ଦେହକୁ ଯେ କହି, ପ୍ରକୃତି ଯହିଁ ବଶ ହୋଇ ।
ଦୁଷ୍ଟ ଗଣକୁ ନାଶ କରି, ଏ ଆତ୍ମା ଯାଉ ନିଜ ପୁରୀ,
ଜୀବ ପରମ ଶୂନ୍ୟେ ଚଳେ, ଅବନୀ ଭର ଉଶ୍ୱାହିଲେ ।"

## (୭) ବେଦାନ୍ତସାର ଗୁପ୍ତଗୀତା—

ଏଥିରେ ବଳରାମ ଦାସ ରଚନା ପ୍ରସଙ୍ଗରେ ବେଦାନ୍ତ ବିଷୟରେ ନିଜର ଜ୍ଞାନର ସୂଚନା ଦେଇଛନ୍ତି । ବଳରାମ ଦାସଙ୍କର ବେଦାନ୍ତ ବିଷୟରେ କହିବା ସମୟରେ ପଣ୍ଡିତ ସଭାରେ ବ୍ରାହ୍ମଣ-ମାନଙ୍କ ଦ୍ୱାରା ଉପହାସ, ଫଳରେ ରାଜାଙ୍କ ଦ୍ୱାରା ସେ ବନ୍ଦୀ ହେବା ଏବଂ ସେ ତହିଁଆରଦିନ ପ୍ରତ୍ୟୁଷରୁ ପ୍ରଭୁଙ୍କ ମହିମାରୁ ମୂର୍ଖ ମୁଖରୁ ବେଦାନ୍ତ ନିଃସୃତ କରାଇବାର ପ୍ରତିଶ୍ରୁତି ଦେବା, ଶେଷରେ ରାଜାଙ୍କ ନିର୍ଦ୍ଦେଶରେ ଏକ ମୂର୍ଖ, ନିରକ୍ଷର ସେହି ବନ୍ଦୀସ୍ଥଳକୁ ଆନୀତ ହେବା, ପୂର୍ବ ରାତ୍ରରେ ଜଗନ୍ନାଥଙ୍କୁ ସ୍ମରଣ କରି ତାଙ୍କର ନିର୍ଦ୍ଦେଶରେ ବଳରାମ ଦାସ ମୂର୍ଖ ମୁଖରେ ବେଦାନ୍ତ ପ୍ରଚାର କରାଇବା ଅତି ସୁନ୍ଦର ରୂପେ ବର୍ଣ୍ଣିତ ହୋଇଅଛି । କବି ବଳରାମ ଦାସ ସରଳ ଭାଷାରେ ଓ ପ୍ରାଞ୍ଜଳ ଭାବରେ ଜଟିଳତତ୍ତ୍ୱ ଉପସ୍ଥାପିତ କରିପାରିଛନ୍ତି । ଏହି ପୁସ୍ତକରୁ ମଧ୍ୟ ଜଗନ୍ନାଥଙ୍କ ପ୍ରତି କବିଙ୍କର ଅଟଳ ଭକ୍ତି ଓ ଭକ୍ତର ଅଟଳ ଭକ୍ତିର ପ୍ରତିଦାନ ସ୍ୱରୂପ ଭଗବାନଙ୍କର ଭକ୍ତର ଅଭିଳାଷ ପୂରଣ ଅତି ସୁନ୍ଦର ରୂପେ ଚିତ୍ରିତ ହୋଇପାରିଅଛି ।

ଏଥିରେ ଅଙ୍ଗନ୍ୟାସ, ଆସନ, ତତ୍ତ୍ୱଜ୍ଞାନ, ସ୍ୱରଭେଦ ଓ ବ୍ରହ୍ମାଣ୍ଡରହସ୍ୟ ପ୍ରଭୃତି ବର୍ଣ୍ଣିତ । ଏହି ଗ୍ରନ୍ଥଟି ଭାଗବତ ଛନ୍ଦରେ ଲିଖିତ । ବେଦାନ୍ତ ସମର୍ଥିତ ଜ୍ଞାନମିଶ୍ରା ଭକ୍ତିଯୋଗ ସମ୍ବନ୍ଧରେ ଅନେକ ବିଷୟ ଏଥିରେ ଅଛି । ମନୁଷ୍ୟ ନିଜ ଆତ୍ମାକୁ ଚିହ୍ନି ପାରିଲେ ଭଗବାନଙ୍କୁ ଲାଭ କରିବ ଏବଂ ଏହା ଲାଭ କରିବାକୁ ହେଲେ ଯୋଗ ଆବଶ୍ୟକ । ଯେ ଶରୀରରେ ଭଗବାନଙ୍କୁ ଦେଖନ୍ତି ସେ ପ୍ରକୃତ ଭକ୍ତ । ସେ ଭକ୍ତର ଜନ୍ମବନ୍ଧନ ନାହିଁ । ପିଣ୍ଡରେ ବ୍ରହ୍ମାଣ୍ଡର ଅବସ୍ଥିତି ଜାଣି ଏହି ପିଣ୍ଡର ବ୍ରହ୍ମଙ୍କୁ ଦେଖିବା ହିଁ ଆତ୍ମଜ୍ଞାନ । ଏହି ଆତ୍ମଜ୍ଞାନ ହିଁ ପରମସୁଖ ।

ଏହି ଗୁପ୍ତଗୀତାକୁ ବୋଧହୁଏ ନଗେନ୍ଦ୍ରନାଥ ବସୁ 'ପ୍ରଣବ ଗୁପ୍ତଗୀତା' ବୋଲି ଧରି ନେଇଛନ୍ତି ।

## (୭) **ବଟ ଅବକାଶ**—

ଏହି କ୍ଷୁଦ୍ର ପୁସ୍ତିକାରେ ଜଗନ୍ନାଥଙ୍କ କୃପାରୁ ତାଙ୍କ ସହିତ କବିଙ୍କର ଲଙ୍କାପୁରୀ ଗମନ ବୃତ୍ତାନ୍ତ ବର୍ଣ୍ଣିତ ହେବା ସଙ୍ଗେ ସଙ୍ଗେ କବି ଜଗନ୍ନାଥଙ୍କ ପ୍ରତି ନିଜର ଅଟଳ ଭକ୍ତିର ସୂଚନା ଦେଇଛନ୍ତି । ଜଗନ୍ନାଥଙ୍କ ନିର୍ଦ୍ଦେଶରେ ଲଙ୍କାଗମନ ସମୟରେ ବଳରାମ ମନ୍ଦିରରୁ ସ୍ୱର୍ଣ୍ଣଝର ନେବା, ପ୍ରଭାତ ପୂର୍ବରୁ ଭ୍ରମବଶତଃ ତାହା ଯଥାସ୍ଥାନରେ ରଖି ନ ପାରିବା, ସ୍ୱର୍ଣ୍ଣଝର ବିଷୟରେ ତଦନ୍ତ ହେବା ସମୟରେ ବଳରାମ ଦାସ ସ୍ୱର୍ଣ୍ଣଝର ନେଇଥିବା କଥା ପ୍ରକାଶ ପାଇବା ଓ ସ୍ୱର୍ଣ୍ଣଝର ବୃତ୍ତାନ୍ତ ଶୁଣି ରାଜା ବିସ୍ମିତ ହେବା ପ୍ରଭୃତି ବିଷୟରେ ଏହି ପୁସ୍ତକଟି ରଚିତ ।

ଏଥିରେ ଲଙ୍କାପୁରର ବର୍ଣ୍ଣନା ଅତ୍ୟନ୍ତ ସୁନ୍ଦର ହୋଇଅଛି । ଲଙ୍କାରେ ଉପସ୍ଥିତ ଥିବା ସମୟରେ ବିଭୀଷଣ ପ୍ରଭୁଙ୍କର ଦର୍ଶନ କରି

ବସ୍ତ୍ର, ମଲ୍ଲିଫୁଲ ହାର ଓ ମୁକ୍ତାମାଳ ପ୍ରଭୃତି ତାଙ୍କୁ ଦେଇ ପ୍ରଣିପାତ ହେବା ଏବଂ ଜଗନ୍ନାଥ ବିଭୀଷଣ ହସ୍ତରେ ଛୁରୀ, ଖଣ୍ଡା ପ୍ରଭୃତି ପ୍ରଦାନ କରିବା ବିଷୟ କବି ଲେଖିଛନ୍ତି । ଏହା ବ୍ୟତୀତ ଗ୍ରନ୍ଥର କ୍ଷୁଦ୍ର କଳେବର ଭିତରେ କବି ଅନେକ ଦେବଦେବୀଙ୍କର ନାମୋଲ୍ଲେଖ କରିଥିବାର ଦେଖାଯାଏ । ଏହି ସମସ୍ତ ଦେବଦେବୀ ଉତ୍କଳୀୟ । ଏଥିରୁ ଅନୁମିତ ହୁଏ ଯେ, ଉତ୍କଳରେ ବୈଷ୍ଣବଧର୍ମର ସ୍ରୋତ ପ୍ରବାହିତ ହେବା ପୂର୍ବରୁ ଶକ୍ତିଉପାସନା ପ୍ରବଳ ଭାବରେ ପ୍ରଚଳିତ ଥିଲା । ଫଳରେ ବୈଷ୍ଣବଧର୍ମର ପ୍ରଚାର ପରେ ବିଭିନ୍ନ ଶକ୍ତିପୀଠର ଦେବଦେବୀଗଣ ପରମବୈଷ୍ଣବୀ ମୂର୍ତ୍ତିରୂପେ ବିଷ୍ଣୁ ଉପାସକ ମାନଙ୍କର ଉପାସ୍ୟରେ ପରିଣତ ହେଲେ ।

"ଶାକାମ୍ବରୀ, କାନ୍ତାରୀ, ଦୁର୍ଗେଶ୍ୱରୀ କାଳୀ
ରାମଚଣ୍ଡୀ କୋଟେଶ୍ୱରୀ ଭଗବତୀ ବାସେଳୀ ।
ହାଡ଼ମାଈ କୋଡମାଚଣ୍ଡୀ ବ୍ରହ୍ମାୟେଣୀ ଇନ୍ଦ୍ରାକ୍ଷୀ
ସାବିତ୍ରୀ ସାରଳା ଚଣ୍ଡୀ ଜୀଉଛନ୍ତି ।
ଅପରାଜିତା ରୂପାଈ ଚମ୍ପାଇ ପିଙ୍ଗଳା
ସାରକମା ମାରକମା ଭଗବତୀ ହେଙ୍ଗୁଳା ।"

ଉଲ୍ଲିଖିତ ପଦ୍ୟାଂଶରେ କବି ଉତ୍କଳୀୟ ଦେବୀମାନଙ୍କର ନାମୋଲ୍ଲେଖ କରିଛନ୍ତି । ଏହି ପୁସ୍ତକରେ ଏହିପରି ଅନେକ ଦେବୀ-ଙ୍କର ଉଲ୍ଲେଖ ଅଛି ।

ଏହି ପୁସ୍ତକଟି ଦଣ୍ଡକ ବୃତ୍ତରେ ଲିଖିତ । ପୁସ୍ତକର ଭାଷା ଓ ଉପସଂହାରରେ ରାଜାଙ୍କ ସହିତ ବଳରାମଙ୍କର ଉକ୍ତି-ପ୍ରତ୍ୟୁକ୍ତି ଏବଂ ସର୍ବଶେଷରେ ଜଗନ୍ନାଥଙ୍କର ମହିମାଗାନ ଓ ତାଙ୍କ ପ୍ରତି କବିଙ୍କର ଭକ୍ତିର ନିଦର୍ଶନର ପରିଚୟ ନିମିତ୍ତ ନିମ୍ନଲିଖିତ କେତେକ ପଂକ୍ତିର ଉଦ୍ଧାର ଅସମୀଚୀନ ହେବ ନାହିଁ ।

"ଏମନ୍ତେନ ଅବକାଶେ ବଜପ୍ପ ପ୍ରଭୁ ଭକ୍ତେ
କମଳାଙ୍କ ପରିବାର ସନ୍ନିଧେ ଭେଟିଲେ ।
ନିଦ୍ରା ପାହୁଡ଼ ସାରି ହୋଇଲେ ଅବକାଶ
ସମସ୍ତ ଭୃତ୍ୟମାନେ ହୋଇଲେ ଚରିବେଶ ।
ପାହାନ୍ତ ଅବକାଶେ ଫିଟିଲା କବାଟ
ନ ପାଇଲେ ଉନ୍ନଟଙ୍କ ଚଢ଼ିଲା ଏଡ଼େ ହାଟ ।
ଏବେ ହୋ ମନକୁ ତୁମ୍ଭେ ନ ଯାଅ ଚରିତେ
ସବୁରି ଷଡ଼ଯନ୍ତ୍ର ଏ ପ୍ରଭୁ ଜଗନ୍ନାଥେ ।
ରାଜା ବୋଇଲେ ଦାସେ ସବୁ କଥା ସତ
ସବୁଙ୍କର ଷଡ଼ଯନ୍ତ୍ର ଏ ପ୍ରଭୁ ଜଗନ୍ନାଥ ।"

ଏହି ପୁସ୍ତକଟି ଅତି କ୍ଷୁଦ୍ର ହେଲେ ହେଁ ଏଥିରେ କବିଙ୍କର ରଚନା-ଲାଳିତ୍ୟ ଓ କଳ୍ପନାବୈଶିଷ୍ଟ୍ୟ ଅକ୍ଷୁଣ୍ଣ ରହିଅଛି ।

(୮) **ବେଢ଼ା ପରିକ୍ରମା**—

ଜଗନ୍ନାଥଙ୍କ ମନ୍ଦିରର ଚତୁଃପାର୍ଶ୍ୱସ୍ଥ ଓ ମଧ୍ୟସ୍ଥ ଦେବଦେବୀ-ମାନଙ୍କର ଓ ଜଗନ୍ନାଥଙ୍କର ନିତ୍ୟକର୍ମପଦ୍ଧତି ଏଥିରେ ବର୍ଣ୍ଣିତ ହୋଇଅଛି ।

(୯) **ବିରାଟ ଗୀତା**—

ଏଥିରେ ଅର୍ଜୁନ ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ତତ୍ତ୍ୱଜ୍ଞାନ ସମ୍ବନ୍ଧୀୟ କଥୋପକଥନ ଲେଖାଯାଇଛି । ଶ୍ରୀକୃଷ୍ଣଙ୍କ ମୁଖରେ କବି ପ୍ରକାଶ କରିଛନ୍ତି—

"ବେଦରେ ମୋର ରୂପ ନାହିଁ
ଅରୂପ ବ୍ରହ୍ମ ମୁଁ ଅଟଇ ।
ବିରାଟ ରୂପେ ଥିଲି ମୁହିଁ
ମୋ ବିନୁ ଆନ କେହି ନାହିଁ ।"

## (୧୦) ସପ୍ତାଙ୍ଗ ଯୋଗ ସାରଣୀକା—

ଏଥିରେ ସପ୍ତାଙ୍ଗ ଯୋଗତତ୍ତ୍ୱ ବୁଝାଇ ଦିଆଯାଇଅଛି । ମଲ୍ଲିକା ଶିଷ୍ୟ ଭାବରେ ଗୁରୁ ଗୋରେଖନାଥଙ୍କୁ ପ୍ରଶ୍ନ ପଚାରିଛନ୍ତି । ଗୋରେଖ ତାର ଉତ୍ତର ଦେଇଛନ୍ତି ।

## (୧୧) ଭାବସମୁଦ୍ର—

ଏଥିରେ କବି ଜଗନ୍ନାଥଙ୍କ ରଥଯାତ୍ରାର ବର୍ଣ୍ଣନା ଦେବା ସଙ୍ଗେ ସଙ୍ଗେ ଭକ୍ତିର ମୂଲ୍ୟ ଓ ମାହାତ୍ମ୍ୟ ପ୍ରତିପାଦନ କରିଛନ୍ତି । ପୁସ୍ତକର ପ୍ରତି ପଦକ୍ଷେପରେ, ଜଗନ୍ନାଥଙ୍କ ପ୍ରତି କବିଙ୍କର ଅଟଳ ଭକ୍ତି ଓ ନିଶ୍ଚଳ ନିଷ୍ଠାର ସୂଚନା ମିଳେ । କବି ତାଙ୍କର ଅତ୍ୟା-ଚାରିତ, ପ୍ରପୀଡ଼ିତ ଓ ଅପମାନିତ ଜୀବନର ବ୍ୟଥିତ ମର୍ମନ୍ତୁଦ ବେଦନା ଏଥିରେ ପ୍ରକାଶ କରିଛନ୍ତି । ଥରେ ରଥଯାତ୍ରା ସମୟରେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଉପରକୁ ବଳରାମ ଯିବାକୁ ଚେଷ୍ଟା କରିବାରୁ ରାଜାଙ୍କର ସେବକମାନେ ରାଜାଙ୍କର ନିର୍ଦ୍ଦେଶରେ ତାଙ୍କୁ ଫେରାଇଦେଲେ । ତା ପରେ ବଳରାମ କପର ବାଙ୍କୀ ମୁହାଣଠାରେ ବାଲିରଥ କରି ଜଗନ୍ନାଥଙ୍କୁ ଅଶେଷ ପ୍ରାର୍ଥନା କଲେ, ବଳରାମଙ୍କ ପ୍ରତି ଏହି ଅତ୍ୟାଚାରର ଫଳରେ ଜଗନ୍ନାଥ କପର ବିଚଳିତ ହେଲେ ଓ ରଥ ଚଳିଲା ନାହିଁ ଏବଂ ଶେଷରେ ସ୍ୱପ୍ନାଦେଶରେ ରାଜା ଏ ସମ୍ବାଦ ଜାଣିପାରି ବ୍ୟଥିତ ଓ ଲଜ୍ଜିତ ହୋଇଲେ ଏବଂ ଜଗନ୍ନାଥଙ୍କ ନିର୍ଦ୍ଦେଶରେ ରାଜା ବଳରାମଙ୍କୁ କ୍ଷମାପ୍ରାର୍ଥନା କରନ୍ତେ ରଥଯାତ୍ରା ସୁଚାରୁରୂପେ ଅନୁଷ୍ଠିତ ହେବା ପ୍ରଭୃତି ବିଷୟ ଅତି ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଅଛି ।

"ସମସ୍ତ ଲୋକେ କଲେ ଉପହାସ
ଦାସ ବୋଲି ଆ ତୋ ମୁହିଁ ଦାସ ।

ନାଥ ତୋ ଦୃଷ୍ଟି ଗୋଚରରେ ଯେ ମୋତେ
ରାଜା ନ କଲ ସେ ଯେ କେତେ କେତେ ।
ହରି ହୋ, ହାବଡ଼ା ମାରି ସେ ଦେଲ ଘଉଡ଼ି
ବଳରାମରର ସେ ଭଙ୍ଗିଲି ଥୋଡ଼ି ।"

କବି ତାଙ୍କର ହୃଦୟ ବେଦନା ପ୍ରକାଶ କରିବା ସଙ୍ଗେ ସଙ୍ଗେ ଭକ୍ତର ଭଗବାନଙ୍କ ନିକଟରେ ଏହାର ପ୍ରତିକାର ଛଳରେ ନିବେଦନ ଏବଂ ଭଗବାନଙ୍କ ଉପରେ ଭକ୍ତର ସମ୍ପୂର୍ଣ୍ଣ ଆଶ୍ୱସ୍ତି ଯେ କିପରି ଭାବରେ ପ୍ରସ୍ଫୁଟିତ ହୋଇପାରିଛି, ତାହା ପ୍ରତ୍ୟେକ ପାଠକ ଉପଲବ୍ଧି କରିବାର କଥା । 'ଭାବସମୁଦ୍ର' ବାସ୍ତବରେ "ଭାବନାର ସମୁଦ୍ର" । କବି ଯଥାର୍ଥରେ ତାଙ୍କର ଏହି ପୁସ୍ତକରେ ନିଜ ହୃଦୟର ଭାବରାଶିର ଉନ୍ମେଷ କରି ପୁସ୍ତକର ନାମକରଣକୁ ସାର୍ଥକ କରିଅଛନ୍ତି ।

## ୧୨ । ଗଣେଶ ବିଭୂତି ଟୀକା—

ନଗେନ୍ଦ୍ରନାଥ ବସୁଙ୍କ ମତରେ ଏହା ବଳରାମ ଦାସଙ୍କ ଲେଖା । ଏଥିରେ ଲେଖକଙ୍କର ନାମ ଦିଆଯାଇ ନାହିଁ । ପ୍ରଭାତ ମୁଖାର୍ଜୀଙ୍କ ମତରେ ଏହା ଭୂପତି ଭଞ୍ଜଙ୍କ ଲେଖା । ଏଥିରେ ସାଧାରଣ ଯୋଗପ୍ରଣାଳୀ, ସପ୍ତାଙ୍ଗ ଓ ଅଷ୍ଟାଙ୍ଗ ଯୋଗତତ୍ତ୍ୱ, ବୀଜମନ୍ତ୍ର ପ୍ରଭୃତି ବର୍ଣ୍ଣନା କରାଯାଇଅଛି ।

## ୧୩ । ବଉଳା ଅଧ୍ୟାୟ—

ନାଥ ସଂପ୍ରଦାୟର ଯୋଗୀମାନେ ଏହି ଗୀତକୁ କେନ୍ଦରା ବଜାଇ ବୋଲି ଭିକ ମାଗନ୍ତି । ବଉଳା ଗାଈ ଲକ୍ଷ୍ମୀଙ୍କ ଦୟାରୁ ବା ଜଗନ୍ନାଥଙ୍କ ଦୟାରୁ ବାଘ ମୁହଁରୁ ରକ୍ଷାପାଇଛି । ଏଥିରେ ସତ୍ୟର ମାହାତ୍ମ୍ୟ ଓ ଅନ୍ନଦାନର ଫଳ ଦେଖାଇ ଦିଆଯାଇଛି ।

୧୬ । **ଲକ୍ଷ୍ମୀପୁରାଣ—**

ଲକ୍ଷ୍ମୀଙ୍କର ଚଣ୍ଡାଳ ଘରକୁ ଗମନ ଓ ସେଥିପାଇଁ ସେ ଜଗନ୍ନାଥଙ୍କ ଦ୍ୱାରା ପରିତ୍ୟକ୍ତା ହେବା, ଜଗନ୍ନାଥ ଓ ବଳରାମଙ୍କୁ ଅନ୍ନ ନ ମିଳିବା, ଶେଷରେ ଲକ୍ଷ୍ମୀଙ୍କ ଦ୍ୱାରରେ ଦୁହେଁ ଭିକାରୀ ବେଶରେ ଉପମୀତ ହେବା—ସେଠାରେ ସେମାନେ ଅନ୍ନ ପାଇବା ଓ ପରିଶେଷରେ ସମସ୍ତେ ନିଜ ନିଜର ଭୁଲ୍ ବୁଝିପାରିବା ପ୍ରଭୃତିକୁ ନେଇ ଏହାର କଥାବସ୍ତୁ ଗଠିତ । ଓଡ଼ିଶାରେ ମାର୍ଗଶିର ଗୁରୁବାରରେ ଏହି ପୁରାଣଟି ପାଠ କରାଯାଏ । ଏହା ଏକ ଜନପ୍ରିୟ ଗ୍ରନ୍ଥ ।

୧୪ । **କାନ୍ତକୋଇଲି—**

ଏହା ଉତ୍କଳର ପୁରପଲ୍ଲୀରେ ବିଶେଷ ଭାବରେ ଆଦୃତ । ରାବଣ ସୀତାଙ୍କୁ ନେଇଯିବା ସମୟରେ ସୀତା କୋଇଲି ଆଗରେ ନିଜର କରୁଣୋକ୍ତି ପ୍ରକାଶ କରିଛନ୍ତି । ରଚନାଟି କରୁଣ ରସରେ ପୂର୍ଣ୍ଣ ହୋଇଥିବାରୁ ପାଠକର ମନକୁ ଏହା କରୁଣ ରସରେ ଆପ୍ଳୁତ କରି ଭାବାବିଷ୍ଟ କରିବାକୁ ସମର୍ଥ ହୋଇଥାଏ ।

ଏ ସମସ୍ତ ବ୍ୟତୀତ ବଳରାମ ଦାସଙ୍କର ଅନ୍ୟ କେତେକ ରଚନା ଥିବାର ବିଭିନ୍ନ ସାହିତ୍ୟିକମାନେ ମତପୋଷଣ କରନ୍ତି । ସୁନାମଧନ୍ୟ କବି ବଳରାମ ଦାସଙ୍କର ରାମାୟଣ, ବେଦାନ୍ତସାର ଗୁପ୍ତଗୀତା, ଭଗବଦ୍‌ଗୀତା, ବ୍ରହ୍ମାଣ୍ଡ ଭୂଗୋଳ, ଭାବସମୁଦ୍ର, ବଟ ଅବକାଶ ପ୍ରଭୃତି ରଚନାଗୁଡ଼ିକ ଦେଖିଲେ ତାଙ୍କର ଯେ ଅନ୍ୟ ଅନେକ ରଚନା ନ ଥିବ, ଏପରି ଧାରଣା କରିବା ଅସମୀଚୀନ । ହୁଏ ତ ତାଙ୍କର ଅନେକ ଗ୍ରନ୍ଥ ସମୟର ସ୍ରୋତରେ ନଷ୍ଟ ହୋଇଯିବଣି କିମ୍ବା କେତେକ ଉତ୍କଳର କେଉଁ ସୁଦୂର ପୁରପଲ୍ଲୀରେ ଅପ୍ରକାଶିତ ଭାବରେ ଲୋକଲୋଚନର ଅନ୍ତରାଳରେ ରହିଥିବ । ମାତ୍ର ଆଲୋଚିତ

ପ୍ରକାଶିତ ପୁସ୍ତକମାଳାରୁ କବିଙ୍କର କବିତ୍ୱ ଓ ପ୍ରତିଭା ସହଜରେ ଅନୁମେୟ । ପ୍ରତାପରୁଦ୍ର ବା ବୈଷ୍ଣବ ସାହିତ୍ୟ ଯୁଗରେ କବି ବଳରାମ ଦାସଙ୍କ ସ୍ଥାନ ଯେ ଅତି ଉଚ୍ଚରେ, ତାହା କେହି ଅସ୍ୱୀକାର କରିବେ ନାହିଁ ।

ପ୍ରକୃତ ସିଦ୍ଧ-ସାଧକ ବା ନିଷ୍ଠାପର ବୈଷ୍ଣବମାନଙ୍କର ଜୀବନରେ ବୈଚିତ୍ର୍ୟ ପ୍ରଦର୍ଶିତ ହେଲା ପରି ବଳରାମ ଦାସଙ୍କ ଜୀବନରେ ମଧ୍ୟ ଅଦ୍ଭୁତ ଐଶୀଶକ୍ତିର ପରିଚୟ ମିଳେ । ବଳରାମ ଦାସଙ୍କ ଜୀବନରେ ସମସ୍ତ ଅଦ୍ଭୁତ କ୍ରିୟା-ପ୍ରକ୍ରିୟା ମଧ୍ୟରେ ଶ୍ରୀ ଚୈତନ୍ୟଦେବଙ୍କ ଦତ୍ତ 'ମତ୍ତ' ଉପାଧିରେ ଭୂଷିତ ହେବା ଏକ ଆଶ୍ଚର୍ଯ୍ୟ ବିବରଣୀ । ବଳରାମ ଦାସଙ୍କ ସହିତ ଚୈତନ୍ୟଙ୍କର କପରି ଚନ୍ଦ୍ରପୁରରେ ପ୍ରଥମ ସାକ୍ଷାତ ହୋଇଥିଲା, ତାହା ଚୈତନ୍ୟଭାଗବତରେ ବର୍ଣ୍ଣିତ ହୋଇ-ଅଛି । ବଳରାମ ଶ୍ରୀ ଚୈତନ୍ୟଙ୍କ ଦ୍ୱାରା ଆଦୃତ ହୋଇଥିଲେ । ତତ୍କାଳୀନ ମହାରାଜା ପ୍ରତାପରୁଦ୍ରଦେବ ବଳରାମଙ୍କର ବୈଷ୍ଣବ-ପ୍ରାଣତା ଏବଂ କବି-ପ୍ରତିଭାରେ ମୁଗ୍ଧ ହୋଇ ତାଙ୍କୁ ଅଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ । ଓଡ଼ିଆ ସାହିତ୍ୟରେ କବି ବଳରାମ ଦାସଙ୍କ ନାମ ଚିରସ୍ମରଣୀୟ ।

# ଜଗନ୍ନାଥ ଦାସ

ଉତ୍କଳର ଗଜପତି ପ୍ରତାପରୁଦ୍ରଙ୍କ ରାଜତ୍ୱ ସମୟରେ ଆବିର୍ଭୂତ ହୋଇଥିବା ପଞ୍ଚସଖାଙ୍କ ମଧ୍ୟରୁ ଏହି ମହାତ୍ମା ଅନ୍ୟତମ । କବି ଜଗନ୍ନାଥ ଦାସଙ୍କର ଅନେକ ରଚନା ଥିଲେ ମଧ୍ୟ ସେ କୌଣସିଠିରେ ନିଜର ଜନ୍ମ, ପରିବାର ପ୍ରଭୃତି ବିଷୟରେ ସନ୍ତୋଷଜନକ ପରିଚୟ ପ୍ରଦାନ କରି ନାହାନ୍ତି । ମାତ୍ର କବି ଜଗନ୍ନାଥ ଦାସଙ୍କର ଜୀବନୀ ସଂଗ୍ରହ କରିବା ପାଇଁ ତାଙ୍କର ଶିଷ୍ୟ ଦିବାକର ଦାସଙ୍କର "ଜଗନ୍ନାଥ ଚରିତାମୃତ", ପରବର୍ତ୍ତୀ ଲେଖକ ଈଶ୍ୱର ଦାସଙ୍କର "ଚୈତନ୍ୟ ଭାଗବତ" ଏବଂ ବଙ୍ଗୀୟ ଗୌଡ଼ୀୟବୈଷ୍ଣବକବି ଶ୍ରୀ କୃଷ୍ଣଦାସଙ୍କର "ଚୈତନ୍ୟଚରିତାମୃତ"କୁ ଆଶ୍ରୟ କରିବାକୁ ପଡ଼ିଥାଏ । ଏହି ସବୁଥିରୁ ହିଁ ଜଗନ୍ନାଥଙ୍କର ଜୀବନୀ ଓ ଆତ୍ମପରିଚୟର ସମ୍ୟକ୍ ସୂଚନା ମିଳିଥାଏ ।

ତାଙ୍କର ପିତାଙ୍କ ନାମ ଭଗବାନ ଦାସ ଏବଂ ମାତାଙ୍କର ନାମ ପଦ୍ମାବତୀ । ପୁରୀ ନିକଟସ୍ଥ କପିଳେଶ୍ୱର ଶାସନ ତାଙ୍କର ଜନ୍ମସ୍ଥାନ । ତାଙ୍କର ଜନ୍ମସମୟ ବିଷୟରେ କୌଣସି ପୁସ୍ତକରେ ସୂଚନା ନାହିଁ । କିନ୍ତୁ ଉତ୍କଳର ଗଜପତି ପ୍ରତାପରୁଦ୍ରଙ୍କ ରାଜତ୍ୱ ସମୟ ଏବଂ ଶ୍ରୀଚୈତନ୍ୟଙ୍କ ସହ ଜଗନ୍ନାଥଙ୍କର ପରିଚୟର ସମୟ ଓ ସେ ସମୟରେ ଜଗନ୍ନାଥଙ୍କର ବୟସ ଜଣାଗଲେ ତାଙ୍କର ଜନ୍ମସମୟ ବିଷୟରେ ସୂଚନା ମିଳିପାରେ । ଜଗନ୍ନାଥଙ୍କୁ ୧୮ ବର୍ଷ ହୋଇଥିବା ସମୟରେ ଚୈତନ୍ୟଙ୍କ ସହ ତାଙ୍କର ପୁରୀ ବଡ଼ଦେଉଳରେ ବଟଗଣେଶଙ୍କ ନିକଟରେ ଭାଗବତ ପାଠ ସମୟରେ ପରିଚୟ ହୋଇଥିଲା ।

ଚୈତନ୍ୟଙ୍କ ଓଡ଼ିଶା ଆଗମନକାଳ ୧୫୧୦ ସାଲ ହେଲେ ଏବଂ ସେତେବେଳେ ଜଗନ୍ନାଥଙ୍କୁ ୧୮ ବର୍ଷ ହୋଇଥିଲେ ତାଙ୍କର ଜନ୍ମ ୧୪୯୨ ବା ୧୪୯୩ ସାଲରେ ହେବା ଅନୁମିତ ହୁଏ । ସେହି ସମୟକୁ ମଧ୍ୟ ପ୍ରତାପରୁଦ୍ର ଗଜପତି ଥିଲେ । ଦିବାକର ଦାସଙ୍କ ରଚନା ଅନୁଯାୟୀ ଜଗନ୍ନାଥ ଦାସ ଭାଦ୍ରବମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଜନ୍ମଗ୍ରହଣ କରିଥିଲେ ।

ଶୈଶବରୁ ତାଙ୍କର ଧର୍ମପ୍ରତି ଆସକ୍ତି ଥିଲା ଏବଂ ସେ ଧର୍ମ-ଚର୍ଚ୍ଚାରେ ଜୀବନଯାପନ କରିବା ପାଇଁ ବ୍ରତୀ ହୋଇଥିଲେ । ତାଙ୍କୁ ୧୮ ବର୍ଷ ହେବା ସମୟରେ ସେ ସନ୍ନ୍ୟାସଧର୍ମ ଗ୍ରହଣ କରିଥିଲେ । ତାଙ୍କର ପ୍ରଗାଢ଼ ଭକ୍ତି ଏବଂ ଈଶ୍ୱରନିଷ୍ଠା ବଳରେ ସେ ଶ୍ରୀ ଚୈତନ୍ୟଙ୍କ ସହିତ ପରିଚିତ ହୋଇଥିଲେ ଏବଂ ସେ ନିଜେ ଚୈତନ୍ୟଙ୍କ ଦ୍ୱାରା ଆଦୃତ ହେବାରୁ ଯେଉଁମାନେ ତାଙ୍କ ସମ୍ପର୍କରେ ଆସିଥିଲେ, ସେ ସେମାନଙ୍କଠାରୁ ଆଦର ଓ ସମ୍ମାନ ଲାଭ କରିଥିଲେ । ଚୈତନ୍ୟ-ଦେବ ତାଙ୍କର ପ୍ରବଳ ଯୋଗୀଶକ୍ତି ଓ ଈଶ୍ୱର ନିଷ୍ଠାର ପରିଚୟ ପାଇ ତାଙ୍କୁ 'ଅତିବଡ଼' ଉପାଧିରେ ଭୂଷିତ କରିଥିଲେ । ଏହି ଅତିବଡ଼ ଉପାଧିଦାନର ବିବରଣୀ ଦିବାକର ଦାସଙ୍କର ଜଗନ୍ନାଥ ଚରିତା-ମୃତରେ ବର୍ଣ୍ଣିତ ହୋଇଅଛି । ଉକ୍ତ ଗ୍ରନ୍ଥରେ ୩ୟ ଅଧ୍ୟାୟ ଅନୁସାରେ—

"ଆପଣା ଶ୍ରୀଅଙ୍ଗ ପାଟଗୁଡ଼ି
କାଶୀ ବସନ ଅଙ୍ଗୁ କାଢ଼ି
ଦାସଙ୍କ ଶିରେ ବାନ୍ଧିଦେଲେ
'ଅତିବଡ଼' ବୋଲି ବୋଇଲେ ।"
ଅତିବଡ଼ କଥା କହିଲେ,
ତେଣୁ ଅତିବଡ଼ ହୋଇଲେ ।

ତା ପରଠାରୁ ଜଗନ୍ନାଥ ଦାସ 'ଅତିବଡ଼ ଜଗନ୍ନାଥ ଦାସ' ରୂପେ ପରିଚିତ ହେଲେ ଏବଂ ତାଙ୍କ ଦ୍ଵାରା ସ୍ଥାପିତ ସମ୍ପ୍ରଦାୟ 'ଅତିବଡ଼ ସମ୍ପ୍ରଦାୟ' ନାମରେ ଆଖ୍ୟାୟିତ ହୋଇଅଛି ।

ଜଗନ୍ନାଥ ଦାସଙ୍କୁ ୧୮ ବର୍ଷ ହୋଇଥିବା ସମୟରେ ଚୈତନ୍ୟଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା । ତା'ପରେ ୨୪ ବର୍ଷ ହେବା ପର୍ଯ୍ୟନ୍ତ ସେ ଚୈତନ୍ୟଙ୍କର ନିତ୍ୟ ସଖାରୂପେ ତାଙ୍କ ସହିତ ରହିଥିଲେ । ତା'ପରେ ତାଙ୍କର ୬୦ ବର୍ଷ ବୟସରେ ମୃତ୍ୟୁଦିବସ ପର୍ଯ୍ୟନ୍ତ ଅବଶିଷ୍ଟ ୩୬ ବର୍ଷକାଳ ଈଶ୍ବର ଆରାଧନା ଓ ଧର୍ମଚର୍ଚ୍ଚାରେ କଟିଥିଲା ।

**ରଚନା—**

(୧) ନିତ୍ୟ ରାସ (୨) ବୋଲେ ହୁଁ ଗୀତ (୩) ଭାଗବତ ସାର, (୪) ଗୀତା ନାମ (୫) ଚନ୍ଦ୍ରିକା (୬) ଭାଗବତ (୭) ଗୁପ୍ତ ଭାଗବତ (୮) ଦାରୁବ୍ରହ୍ମ ଗୀତା (୯) ଗଜସ୍ତୁତି (୧୦) ଅର୍ଥ କୋଇଲି (୧୧) ନୃଗୁଣୀ ସ୍ତୁତି (୧୨) ଧ୍ରୁବସ୍ତୁତି (୧୩) ତୁଳାଭିଣା (୧୪) ଜଡ଼ିନାମ ପୂରଣ (୧୫) ପାଷାଣ୍ଡଦଳନ (୧୬) ମନଶିକ୍ଷା (୧୭) ଦାରୁଗୀତା (୧୮) ରାମାୟଣ (୧୯) ଷୋଳ ଚଉପଦୀ (୨୦) ମାଳିକା ପକ୍ଷୀ ସମ୍ବାଦ (୨୧) ଦାରିଖେଳ (୨୨) ମହାଭାରତ ।

**ସଂସ୍କୃତ ରଚନା:—**

(୧) କୃଷ୍ଣଭକ୍ତିକଳ୍ପଲତା (୨) କୃଷ୍ଣଭକ୍ତିକଳ୍ପଲତା ଫଳ (୩) ନିତ୍ୟଗୁପ୍ତମାଳା (୪) ଉପାସନା ଶତକମ୍ (୫) ନିତ୍ୟାଚାର (୬) ଦୀକ୍ଷାସହିତା ସୋପାନ ବଧିଃ (୭) ନୀଳାଦ୍ରି ଶତକମ୍ (୮) ଜଗନ୍ନାଥ ଚରିତାମୃତାଦିସରଣୀ । ଜଟବନ୍ତ ସିଂହଙ୍କ ମତରେ ପୁଣି—ମୂଲଚାଲା, ବୃତ୍ତବୋଧ ପଦ୍ୟ ଓ ଶ୍ରୀସନ୍ଧସଙ୍ଗ ।

ଉପର୍ଯ୍ୟୁକ୍ତ ସମସ୍ତ ରଚନାଗୁଡ଼ିକର ଶିଚ୍ଛିରେ ଜଗନ୍ନାଥ ଦାସଙ୍କ ଉପରେ ଆରୋପିତ ହେଲେ ହେଁ ସବୁଗୁଡ଼ିକ ଯେ ଜଗନ୍ନାଥଙ୍କ ରଚନା, ଏହି ବିଷୟରେ ମତଦ୍ୱୈଧ ରହିଛି । ଶରତ୍ ରାସ, ମହାଭାରତ ଓ ରାମାୟଣ ଜଗନ୍ନାଥ ଦାସଙ୍କ ନାମରେ ମିଳିଲେ ମଧ୍ୟ ଏହି ଜଗନ୍ନାଥ ଭାଗବତକାର ଜଗନ୍ନାଥ ନୁହନ୍ତି । ମହାଭାରତକାର ଜଗନ୍ନାଥ ହିଁ ଭାଗବତକାର ବୋଲି ସ୍ୱର୍ଗତ ଚନ୍ଦ୍ରମଣି ଆଚାର୍ଯ୍ୟ ମତପ୍ରଦାନ କରିଥିଲେ । ମାତ୍ର ପରବର୍ତ୍ତୀ କାଳରେ ଜଣାପଡ଼ିଛି ଯେ ମହାଭାରତକାର ଜଗନ୍ନାଥ ଅଷ୍ଟାଦଶ ଶତାବ୍ଦୀର କବି ଓ ତାଙ୍କର ଜନ୍ମସ୍ଥାନ ଯାଜପୁର । ଇତିହାସ ପୁରାଣରେ ପୁରୁଷୋତ୍ତମ ଦାସଙ୍କ ନାମରେ ଭଣିତି ରହିଛି । ତେଣୁ ଏହାଙ୍କୁ ଜଗନ୍ନାଥ ଦାସଙ୍କ ରଚନା ରୂପେ ଗ୍ରହଣ କରିବା ଅସମୀଚୀନ । ଜଗନ୍ନାଥ ଦାସଙ୍କ ରଚନା ବିଷୟରେ ପଣ୍ଡିତ ବିନାୟକ ମିଶ୍ର, ସୂର୍ଯ୍ୟନାରାୟଣ ଦାସ, ଜଗବନ୍ଧୁ ସିଂହଙ୍କ ବିବରଣୀରେ ଭିନ୍ନତା ପରିଦୃଷ୍ଟ ହୁଏ । ପୁଣି କେତେକ ମତପୋଷଣ କରନ୍ତି ଯେ ଜଗନ୍ନାଥ ଦାସ ପ୍ରେମସୁଧାନିଧି ନାମକ ଏକ ସଂସ୍କୃତ ଗ୍ରନ୍ଥ ମଧ୍ୟ ରଚନା କରିଛନ୍ତି । ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମତରେ ଜଗନ୍ନାଥ ଦାସ ଶୈବାଗମ ଭାଗବତ ଲେଖିଛନ୍ତି ।

## ରଚନା ବିଚାର:—

୧ । **ଭାଗବତ**—ଜଗନ୍ନାଥ ଦାସଙ୍କ ରଚିତ ଭାଗବତ ସଂସ୍କୃତ ଭାଗବତର ଆକ୍ଷରିକ ଅନୁବାଦ ନୁହେଁ । ସଂସ୍କୃତ ଭାଗବତର ମୁଖ୍ୟ କଥାବସ୍ତୁକୁ ସ୍ଥାନ ଦେଇ ଜଗନ୍ନାଥ ଦାସ ନିଜ କବିତ୍ୱ-ଚାତୁରୀରେ ନିଜର ଭାଗବତ ରଚନା କରିଛନ୍ତି । ତାଙ୍କ ଭାଗବତରେ ସଂସ୍କୃତ ଭାଗବତର ବିଷୟ ସଂସ୍ଥାପନରେ ମଧ୍ୟ ପାର୍ଥକ୍ୟ ପରିଲକ୍ଷିତ ହୁଏ । ଏହା ଛଡ଼ା ଭାବପ୍ରକାଶରେ ମଧ୍ୟ କବିଙ୍କର ବୈଶିଷ୍ଟ୍ୟ ରହିଅଛି ।

ହୁଏ ତ କେଉଁ ସ୍ଥାନରେ ଶ୍ଳୋକର ରଚନା ଏକ ମୁଖ୍ୟ କଥାବସ୍ତୁ ଉପରେ ଲିଖିତ ହୋଇଥିଲେ ହେଁ ଜଗନ୍ନାଥ ଦାସ ସେଠାରେ ଉପମା, ଉପମେୟ ସନ୍ନିବେଶିତ କରି; ଏପରି କି ବ୍ୟାବହାରିକ ଜୀବନରୁ ଉଦାହରଣ ଦେଇ ଶ୍ଳୋକଭାବର ଜଟିଳତାକୁ ସରଳ କରିବା ସଙ୍ଗେ ସଙ୍ଗେ ନିଜର ମୌଳିକତାର ମଧ୍ୟ ପରିଚୟ ଦେଇଛନ୍ତି । ସଂସ୍କୃତ ଭାଗବତର ଆନୁଷଙ୍ଗିକ ବିବରଣୀରୁ ଅନେକ ପରିତ୍ୟକ୍ତ ହୋଇଅଛି । କବି ଜଗନ୍ନାଥ ଦାସ, ସଂସ୍କୃତର ବିଷ୍ଣୁପୁରାଣ, ପଦ୍ମ-ପୁରାଣ, ବ୍ରହ୍ମବୈବର୍ତ୍ତ ପୁରାଣ ପ୍ରଭୃତି ବୈଷ୍ଣବ ଗ୍ରନ୍ଥରୁ ବିବରଣୀ ସଂଗ୍ରହ କରି ତାଙ୍କର ଭାଗବତରେ ସଂସ୍ଥାପନ କରିଅଛନ୍ତି । ଏଥିରୁ କବିଙ୍କର କବିପ୍ରତିଭା ଅନୁମେୟ । ସଂସ୍କୃତରେ ଅଷ୍ଟାଦଶ ପୁରାଣମାନଙ୍କ ମଧ୍ୟରେ ଦେବୀ-ଭାଗବତ ଏବଂ ଉପ-ପୁରାଣମାନଙ୍କ ମଧ୍ୟରେ ଶ୍ରୀମଦ୍ ଭାଗବତକୁ ସ୍ଥାନ ଦିଆଯାଇଥିଲେ ହେଁ ଜଗନାଥ ଦାସ ତାଙ୍କ ରଚିତ ଓଡ଼ିଆ ଭାଗବତକୁ ଏକ ଉଚ୍ଚକୋଟିର ଗ୍ରନ୍ଥରୂପେ ପ୍ରକାଶ କରି "ଭାଗବତ"କୁ ଏକ ଅତି ଉଚ୍ଚସ୍ଥାନ ଦେଇଅଛନ୍ତି । ଭାଗବତର ଭାଷା ସୁନ୍ଦର ଏବଂ ଭାବ-ବ୍ୟଞ୍ଜକ । କବି ସଂସ୍କୃତ ସାହିତ୍ୟରେ ପ୍ରବୀଣ ଥିବାରୁ ତାଙ୍କର ଭାଷାଗତ ବୈଶିଷ୍ଟ୍ୟ ପରିଲକ୍ଷିତ ହେବା ସ୍ୱାଭାବିକ ।

ଭାଗବତ ଉତ୍କଳର ଗ୍ରାମେ ଗ୍ରାମେ, ଗୃହେ ଗୃହେ ପରିଚିତ । ଏହି ଭାଗବତ ଅଧ୍ୟୟନ ପାଇଁ ଉତ୍କଳର ଗ୍ରାମମହଲରେ ଏକ ସ୍ୱତନ୍ତ୍ର ଭାଗବତ ଟୁଙ୍ଗୀ ପ୍ରସ୍ତୁତ ହୋଇଥିଲା । ଲୋକମାନଙ୍କ ନୈତିକ ଚରିତ୍ର ଗଠନ କରିବାରେ ଜଗନ୍ନାଥ ଦାସଙ୍କ ଭାଗବତ ଓଡ଼ିଆ ସାହିତ୍ୟରେ ଏକ ପ୍ରଧାନ ଗ୍ରନ୍ଥ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ପରବର୍ତ୍ତୀ କବି ଦିବାକର ଦାସ, ଧାନକୃଷ୍ଣ ଦାସ, ଭକ୍ତଚରଣ ଦାସ, ଜନାର୍ଦ୍ଦନ ଦାସ, ଦ୍ୱାରକା ଦାସ, ହଳଧର ଦାସ, ପୀତାମ୍ବର ଦାସ ପ୍ରଭୃତିଙ୍କ ଉପରେ ଜଗନ୍ନାଥ ଦାସଙ୍କ ପ୍ରଭାବ ପଡିଥିବାର ଦେଖାଯାଏ । ସେହି

ସେହି କବିମାନେ ଭାଗବତର ଦର୍ଶନ ଓ ମାଣ୍ଡିଶିଷାଗୁଡ଼ିକୁ ଅବଲମ୍ବନ କରି ଜ୍ଞାନ-ମିଶ୍ରିତ ଭକ୍ତିର ପ୍ରଚାର କରିଥିବାର ଜଣାଯାଏ । ଭାଗବତର ନବାକ୍ଷରୀ ବୃତ୍ତ ପରବର୍ତ୍ତୀ କାଳରେ ଓଡ଼ିଆ ସାହିତ୍ୟରେ ଅଦ୍ଭୁତ ହୋଇଛି ।

**ବିଶେଷତ୍ୱ:—**

(୧) ମୂଳଗ୍ରନ୍ଥର ଶ୍ଳୋକସଂଖ୍ୟା ସହିତ ଜଗନ୍ନାଥ ଦାସଙ୍କର ଶ୍ଳୋକ-ସଂଖ୍ୟା ସମାନ ନୁହେଁ ।

(୨) ସ୍କନ୍ଧମାନଙ୍କର ଅଧ୍ୟାୟ ସଂଖ୍ୟାରେ ମଧ୍ୟ ପ୍ରଭେଦ ଦେଖାଯାଏ । ମୂଳଗ୍ରନ୍ଥର ଦଶମ ସ୍କନ୍ଧରେ ଥିବା ଅଧ୍ୟାୟ ଅପେକ୍ଷା ଓଡ଼ିଆ ଭାଗବତର ଦଶମ ସ୍କନ୍ଧର ଅଧ୍ୟାୟ ସଂଖ୍ୟା ଅଧିକ । ମୂଳ ଭାଗବତ ଦ୍ୱାଦଶ ସ୍କନ୍ଧରେ ୩୩୫ ଅଧ୍ୟାୟ ଥିବାର ଜଣାଯାଏ । ମାତ୍ର ଓଡ଼ିଆ ଭାଗବତରେ ଦ୍ୱାଦଶ ସ୍କନ୍ଧର ଶେଷ ପର୍ଯ୍ୟନ୍ତ ୩୪୨ଟି ଅଧ୍ୟାୟ ଅଛି ।

(୩) ଜଗନ୍ନାଥ ଦାସ ମୂଳ ସଂସ୍କୃତ ଭାଗବତର ଅବିକଳ ଅନୁବାଦ କରିନାହାନ୍ତି । ସଂସ୍କୃତ ଭାଗବତ ଉପରେ ଶ୍ରୀଧର ସ୍ୱାମୀ ଯେଉଁ ଟୀକା ଲେଖିଥିଲେ, ତାହା ଉପରେ ନିର୍ଭର କରି ସେ ଭାଗବତ ରଚନା କରିଅଛନ୍ତି । ଶ୍ରୀଧର ସ୍ୱାମୀଙ୍କ ଟୀକା ଅଚିନ୍ତ୍ୟ-ଭେଦାଭେଦ ଭାବକୁ ଅନୁସରଣ କରି ନ ଥିବାରୁ ଭାଗବତରେ ଜଗନ୍ନାଥ ଦାସ ଯେଉଁସବୁ ତତ୍ତ୍ୱ ପ୍ରତିପାଦନ କରିଅଛନ୍ତି, ତାହା ଗୌଡ଼ୀୟ ବୈଷ୍ଣବମାନଙ୍କ ମତଦ୍ୱାରା ସମର୍ଥିତ ନୁହେଁ ।

(୪) ଅନ୍ୟାନ୍ୟ ଗ୍ରନ୍ଥରେ ମଧ୍ୟ ଜଗନ୍ନାଥ ଦାସ ଜଗତକୁ ମିଥ୍ୟା ଓ ବ୍ରହ୍ମକୁ ସତ୍ୟ ବୋଲି ପ୍ରତିପାଦନ କରି ଶଙ୍କରାଚାର୍ଯ୍ୟଙ୍କ ମାୟାବାଦକୁ

ସମର୍ଥନ କରିଛନ୍ତି ଏବଂ ସେହି ହେତୁ ଭାଗବତରେ ମଧ୍ୟ ମାୟାବାଦର ଅନୁକୂଳ କେତେକ ବ୍ୟାଖ୍ୟା କରାଯାଇଛି ।

(୫) ମୂଳଗ୍ରନ୍ଥରେ ନ ଥିବା କେତେକ ବିଷୟ ଜଗନ୍ନାଥ ଦାସ ନିଜ ଗ୍ରନ୍ଥରେ ଦେଇଛନ୍ତି । ମଥୁରାରୁ ଶ୍ରୀକୃଷ୍ଣ ଫେରିବାବେଳେ ଆଗରୁ ସୁଦାମାଙ୍କୁ ପଠାଇ ତାଙ୍କର ପ୍ରତ୍ୟାବର୍ତ୍ତନ-ବାର୍ତ୍ତା ଗୋପରେ ଜଣାଇବା କଥା ଜଗନ୍ନାଥ ଦାସ ନିଜ ଗ୍ରନ୍ଥରେ ନିଜ ମନରୁ ଦେଇଛନ୍ତି ।

(୬) କଂସଙ୍କ ସପକ୍ଷରେ ଯେଉଁସବୁ ନରପତିମାନେ ଥିଲେ, ସେମାନଙ୍କ ତାଲିକା ମୂଳ ଅପେକ୍ଷା ଜଗନ୍ନାଥ ଦାସ ଅଧିକ ଦେଇଛନ୍ତି ।

(୭) କଂସବଧରେ ଜଗନ୍ନାଥ ଦାସ କେତେକ ନୂତନ ବିଷୟ ଯୋଗ କରିଛନ୍ତି ।

(୮) ଅକ୍ରୂର ଗୋପବାଳକଙ୍କ ମେଳରୁ ଭଗବାନଙ୍କ ମାୟାହେତୁ ବଳରାମ ଓ କୃଷ୍ଣଙ୍କୁ ଚିହ୍ନି ପାରିଲେ ନାହିଁ । ସମସ୍ତେ ଏକାଭଳି ଦିଶିଲେ । ଭଗବାନ ଶ୍ରୀକୃଷ୍ଣ ଏହି ମାୟାପଟଳ ପୁଣି ଉନ୍ମୋଚନ କଲେ । ନନ୍ଦ ଓ ଅକ୍ରୂରଙ୍କ କଥୋପକଥନ ମୂଳ ଗ୍ରନ୍ଥରେ ଅଛି, ମାତ୍ର ଜଗନ୍ନାଥ ଦାସ ତାହା ଦେଇନାହାନ୍ତି ।

(୯) ଜଗନ୍ନାଥଙ୍କ ଗ୍ରନ୍ଥରେ ରାଗାନୁଗା ଭକ୍ତିର ପୂର୍ଣ୍ଣ ପରିଚୟ ମିଳେ ନାହିଁ ; ଜ୍ଞାନମିଶ୍ରିତ ଭକ୍ତିର ପ୍ରାଧାନ୍ୟ ଏଥିରେ ଦେଖାଯାଏ । ଅଚିନ୍ତ୍ୟଭେଦାଭେଦବାଦୀ ଗୌଡ଼ୀୟବୈଷ୍ଣବମାନେ ଦଶମ ସ୍କନ୍ଧର କେତେକ ଶ୍ଳୋକରେ ରାଧାଙ୍କୁ ଲକ୍ଷ୍ୟ କରାଯାଇଛି ବୋଲି କହନ୍ତି । କେତେକ ପଣ୍ଡିତ ତଥା ବୈଷ୍ଣବଙ୍କ ମତରେ ଦଶମ ସ୍କନ୍ଧର ୩୦।୨୦ ଶ୍ଳୋକର "ବଧୂ" ଶବ୍ଦ ରାଧାଙ୍କ

ଉଦ୍ଧେଶ ରେ ଗ୍ରହଣ କରନ୍ତି । କିନ୍ତୁ ଜଗନ୍ନାଥ ଦାସ ଏହି "ବଧୂ" ଶବ୍ଦକୁ ବୃନ୍ଦାବନ୍ତ ରୂପେ ଗ୍ରହଣ କରିଅଛନ୍ତି ।

ଜଗନ୍ନାଥ ଦାସ ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ଲେଖିଛନ୍ତି । ଦ୍ୱାଦଶ ଓ ତ୍ରୟୋଦଶ ସ୍କନ୍ଧ ଦୁଇଟିକୁ ତାଙ୍କ ପରେ ମହାଦେବ ଦାସ ଲେଖିଥିବାର ଜଣାଯାଏ ।

"ଜଗନ୍ନାଥ ଦାସଙ୍କ ଗୀତ । ନାମ ତା ଶିଷ୍ଟ ଭାଗବତ ।
ତିନିଶତ ତିନିଡରଶ । ଏକାଦଶ ଯାଏ ପ୍ରକାଶ ।
× × ×
ଆଶ୍ରା ମୋ ସାଧୁଙ୍କ ଚରଣ । ଶରଣ ମହାଦେବ ହୀନ ॥"

ଜଗନ୍ନାଥଚରିତାମୃତରେ ଥିବା "ଶ୍ରୀ ରାମାୟଣ ଗ୍ରନ୍ଥ ସାଧି । ଶ୍ରୀ ଭାଗବତ ଦେଲେ ବୁଝି ।"—ପଦ ଯୋଗୁଁ କେହି କେହି ଅନୁମାନ କରନ୍ତି ଯେ ଜଗନ୍ନାଥ ଦାସ ରାମାୟଣ ରଚନା କରି ସାରିବା ପରେ ଭାଗବତ ରଚନା କରିଥିଲେ ; ମାତ୍ର ଏ ଅନୁମାନରେ ସମୀଚୀନତା ଥିଲା ପରି ମନେ ହୁଏ ନାହିଁ ।

ଜଗନ୍ନାଥ ଦାସଙ୍କର ଅନୁବାଦ ଏତେ ସହଜ ଓ ସରଳ ହୋଇଛି ଯେ ଏପରି ଅନୁବାଦ ଅନ୍ୟ କୌଣସି ଓଡ଼ିଆ କବି ବା ଲେଖକ ପକ୍ଷରେ ସମ୍ଭବ ହୋଇ ପାରିନାହିଁ ।

ମୂଳ—

ନିଗମ-କଳ୍ପତରୋର୍ଗଳିତଂ ଫଳଂ ଶୁକମୁଖାଦମୃତଦ୍ରବସଂଯୁତମ୍ ।
ପିବତ ଭାଗବତଂ ରସମାଳୟଂ ମୁହୁରହୋ-
ରସିକାଃ ଭୁବିଭାବୁକାଃ ।

ଅନୁବାଦ—

ସକଳ ବେଦ ହୋଇ ବୃକ୍ଷେ । ଫଳ ଫଳାଇଲେ ଅନ୍ତରୀକ୍ଷେ;
ଟେକଡେ ଦେଁ ଘନ ପାଳ ହେଲ । ବୃକ୍ଷୁଁ ଟଳିଲେ ବାୟୁ ବଳେ
ଶୁକ ଧାଇଁଲେ ତାହା ଦେଖି । ପକ୍ଷୀଙ୍କ ସଙ୍ଗତ ଉପେକ୍ଷି ।
ଚୋଞ୍ଚ ଅଧରେ କ୍ଷତ କଲା । ଭିତରେ ସୁରଙ୍ଗ ଦିଶିଲା ।
ତହୁଁ ଗିଳିଲା ରସସାର । କ ଅବା ଦେବା ପଞ୍ଚାନ୍ତର ।
ଅମୃତପର ସ୍ୱାଦୁ ପଣ । ସୁଜନେ ପିବ ଅନୁକ୍ଷଣ ।
ଆନନ୍ଦେ କର ସୁଧାପାନ । ଯେବେ ପାଇବ ଦିବ୍ୟଜ୍ଞାନ ।
ଏ ରସ ତୃର ବେଦମୂଳ । ନିଗମ ବୃକ୍ଷର ଏ ଫଳ ।
ପିବ ଜୀବନ ଅନ୍ତଯାଏ । ଯେବେ ବଞ୍ଚିବ ମାୟା ମୋହେ ।

—(୧ମ ସ୍କନ୍ଧ-ପ୍ରଥମ ଅଧ୍ୟାୟ ।)

ଭାରତର ଯେ କୌଣସି ଭାଷାରେ ଏଭଳି ମୌଳିକ ଅନୁବାଦ ବିରଳ । ତାଙ୍କର ଭାଗବତ ବହୁ ସଂଖ୍ୟାରେ ମୁଦ୍ରିତ ହୋଇ ଜନ-ସମାଜରେ ଆଦୃତ ହେଉଅଛି । ଭାଗବତର ଅଶେଷ ସୂକ୍ତି ଆଜି ମଧ୍ୟ ଆମର ଦୈନନ୍ଦିନ ଜୀବନରେ ପ୍ରଚଳିତ ହୋଇଥାଏ । ଜଗନ୍ନାଥ ଦାସଙ୍କ ଭାଗବତକୁ ଲକ୍ଷ୍ୟ କରି ୰ ଉତ୍କଳମଣି ଗୋପବନ୍ଧୁ ଲେଖିଛନ୍ତି—

"ନୃପତି ନଗରେ ଦରିଦ୍ର କୁଟୀରେ
ଆଜି ଉଠେ ତୁମ୍ଭ ନାମ,
ଦିବା ଅବସାନେ ଶ୍ରମକ୍ଳାନ୍ତ ଜନେ
ଦେଉଛି ଶାନ୍ତି ଆରାମ ।"

୨ । **ଅର୍ଥକୋଇଲି—**

ଜଗନ୍ନାଥ ଦାସଙ୍କର ପ୍ରାୟ ଅଧିକାଂଶ ରଚନା ପରି ଏହି କ୍ଷୁଦ୍ର କୋଇଲିଟି ମଧ୍ୟ ତତ୍ତ୍ୱଜ୍ଞାନସମ୍ବଳିତ ରଚନା । ମାର୍କଣ୍ଡଦାସଙ୍କ କେଶବ କୋଇଲିର ଏକ ଆଧ୍ୟାତ୍ମିକ ବ୍ୟାଖ୍ୟା ଏହି କ୍ଷୁଦ୍ର ରଚନାଟିରେ ପ୍ରକାଶିତ ହୋଇଛି ବୋଲି ସାହିତ୍ୟିକମାନେ ମତ ପ୍ରଦାନ କରନ୍ତି । ଏଥିରେ କୃଷ୍ଣ ଓ ଅର୍ଜୁନଙ୍କ କଥୋପକଥନ ଛଳରେ କେଶବ କୋଇଲିର ଅର୍ଥ ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ସୃଷ୍ଟି, ଜୀବାତ୍ମା ଓ ପରମାତ୍ମାର ବ୍ୟାଖ୍ୟା ମଧ୍ୟ ପ୍ରତିପାଦିତ ହୋଇଛି । ପ୍ରାଚୀନ କୋଇଲି ପରି ଏହା ମୁଖ୍ୟତଃ କରୁଣରସାପ୍ଳୁତ ନୁହେଁ । ଜ୍ଞାନମିଶ୍ରିତ ଭକ୍ତିର ଉପାସକ ଜଗନ୍ନାଥ ଦାସ ତାଙ୍କର ଧର୍ମମତ-ବାଦର ଜଟିଳ ତତ୍ତ୍ୱ ଏଥିରେ ସ୍ଥାନ ଦେଇଛନ୍ତି । ଏହା ମଧ୍ୟ ଚଉତିଶା ନିୟମରେ ଲିଖିତ ନୁହେଁ । ତଥାପି ସରଳ ଭାଷାରେ ଜଗନ୍ନାଥ ଦାସ ଯେ ବିରାଟ ଦର୍ଶନତତ୍ତ୍ୱ ଏହି କୋଇଲିର କ୍ଷୁଦ୍ର କଳେବର ମଧ୍ୟରେ ପ୍ରକାଶ କରିବାକୁ ସମର୍ଥ ହୋଇଛନ୍ତି, ତାହା କମ୍ ଗୌରବର କଥା ନୁହେଁ ।

ଅର୍ଜୁନ ପଚାରିଛନ୍ତି "କେଶବ କୋଇଲି ନାଥ କାହାକୁଟି କହି"; ଉତ୍ତର ଦେଇଛନ୍ତି ଶ୍ରୀକୃଷ୍ଣ—

"କୋଇଲି ବୋଲଇ ପାର୍ଥ ଜୀବକୁଟି କହି,
ସେହି ଜୀବ ମୁହିଁ ଜାଣ ସର୍ବ ଅଟଇ ।
ଆପେ ଆସିଥିଲି ପୁଣି ଆପେ ଚଳିଗଲି,
ସେହି ପୁଣିଗୋଟି ଆଉ ବାହୁଡ଼ି ନଗଲି ।"

୩ । **ତୁଳାଭିଣା**—ଜଗନ୍ନାଥଙ୍କ ରଚିତ ତୁଳାଭିଣା ଗୂଢ଼ତତ୍ତ୍ୱଜ୍ଞାନ ସମ୍ବଳିତ ଏକ ରଚନା । ଏଥିରେ ଶିବ-ପାର୍ବତୀଙ୍କ କଥୋପ-

କଥନ ଛଳରେ ସୃଷ୍ଟିର ପ୍ରାରମ୍ଭ ଏବଂ ସୃଷ୍ଟିର ସମସ୍ତ ତତ୍ତ୍ୱ ବିଷୟ ବର୍ଣ୍ଣିତ ହୋଇଅଛି । କୌତୂହଳର ବଶବର୍ତ୍ତୀ ହୋଇ ପାର୍ବତୀଙ୍କର ପ୍ରଶ୍ନ ଏବଂ ତାଙ୍କର ସନ୍ଦେହ ଦୂରକରିବା ନିମିତ୍ତ ଶିବଙ୍କର ଉତ୍ତର ଛଳରେ, ଜଗନ୍ନାଥ ଦାସ ଅତି ସରଳ ଭାଷାରେ ଜଟିଳ ତତ୍ତ୍ୱର ଅବତାରଣା କରି ପାରିଛନ୍ତି । ପୁସ୍ତକଟି ଦ୍ୱାଦଶ ଅଧ୍ୟାୟରେ ଆବଦ୍ଧ । ପ୍ରାଚୀନ ରଚନାର ଆରମ୍ଭ ପରି ଏହାର ଆରମ୍ଭରେ ଲେଖକ ଭଗବାନଙ୍କୁ ସ୍ତୁତି କରି ତା' ପରେ ପୁସ୍ତକର ବିଷୟବସ୍ତୁ ଆରମ୍ଭ କରିଛନ୍ତି ପାର୍ବତୀଙ୍କ ମୁଖରେ—

"ବୋଲନ୍ତି ହିମବନ୍ତ ଜେମା । ହେ ନାଥ କହ ତୁଳାଭିଣା ॥
କେମନ୍ତେ ହୋଇଲା ସଂସାର । ମନ ସଂଶୟ ଦୂରକର ॥"

ତୁଳାକୁ ଯେପରି ଭିଣାଯାଇ ତାହାର ସଦ୍‌ବ୍ୟବହାର କରାଯାଏ, ସେହିପରି ତତ୍ତ୍ୱରୂପୀ ତୁଳାକୁ ଭିଣାଯାଇଥିବାରୁ ଏହି କ୍ଷୁଦ୍ର ପୁସ୍ତକର ନାମକରଣ ତୁଳାଭିଣା ରଖାଯାଇଛି । ପୁସ୍ତକର ନାମକରଣର ସାର୍ଥକତା ସପ୍ତମ ଅଧ୍ୟାୟରେ ଶିବଙ୍କ ଉକ୍ତିରେ ପ୍ରକାଶ ପାଇଛି ।

"ଶୁଣ ଗୋ ହେମବନ୍ତ ଜେମା । ତୋତେ କହିବା ତୁଳାଭିଣା ।
ତୁଳାକୁ ଭିଣନ୍ତି ଯେସନ । ସେ ରୂପେ କରିବା ବଖାଣ ।"

ଜଗତର ଉତ୍ପତ୍ତି ସମ୍ବନ୍ଧରେ ଶିବ କହୁଅଛନ୍ତି—

ମହାଶୂନ୍ୟ ହେ ଜ୍ୟୋତିରୂପ । ଜ୍ୟୋତିରୁ ଜାତ ଠୁଳରୂପ ।
ଠୁଳରୁ ଅର୍ଦ୍ଧମାତ୍ରା କଲା । ମାତ୍ରାରୁ ଓଁକାର ଜନ୍ମିଲା ।

ଓଁ କାର ବ୍ରହ୍ମ ଏ ଜଗତ । ଶୁଣ ପାର୍ବତୀ ଦେଇ ଚିତ୍ତ ।
ଅଣାକାର ଯେ ଜ୍ୟୋତିରୂପ । ସେଠାରେ ନାହିଁ ରୂପରେଖ ।"

ସୃଷ୍ଟିର ଉତ୍ପତ୍ତି ବିବରଣରେ ଦାର୍ଶନିକ ବ୍ୟାଖ୍ୟା; ଜୀବର ଜନ୍ମ, ମନୁଷ୍ୟ ଶରୀରର ଅଭ୍ୟନ୍ତରର ବିଶଦ ଚିତ୍ର ପ୍ରଭୃତି ଏଥିରେ ବର୍ଣ୍ଣିତ । ପଦ୍ୟର ବର୍ଣ୍ଣନା ଦିଆଯାଇ ପୁଣି ଗଦ୍ୟରେ ତତ୍ତ୍ୱମାନ ବ୍ୟାଖ୍ୟା ଦିଆହୋଇଛି । ତା' ପରେ ମହାମନ୍ତ୍ରତତ୍ତ୍ୱ, ନାମତତ୍ତ୍ୱ, ରାମ, କୃଷ୍ଣ, ରାଧା ପ୍ରଭୃତି ନାମତତ୍ତ୍ୱ, ଭାଗବତ, ରାମାୟଣ, ମହାଭାରତ, ହରିବଂଶ ପ୍ରଭୃତି ଭେଦ, ବ୍ରହ୍ମଜ୍ଞାନ, ଶରୀରତତ୍ତ୍ୱ ପ୍ରଭୃତି ଅନେକଗୁଡ଼ିଏ ତତ୍ତ୍ୱ ଏଥିରେ ସନ୍ନିବେଶିତ ହୋଇଛି ।

## ୪ । ମୃଗୁଣୀସ୍ତୁତି—

ବଳରାମ ଦାସଙ୍କର ମୃଗୁଣୀସ୍ତୁତିର ବର୍ଣ୍ଣିତ ବିଷୟ ଓ ଜଗନ୍ନାଥଙ୍କ ମୃଗୁଣୀସ୍ତୁତିର ବର୍ଣ୍ଣିତ ବିଷୟ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଓଡ଼ିଆ ରଚନା ସଙ୍ଗେ ସରଳ ସୁଲଳିତ ସଂସ୍କୃତ ରଚନା ମୃଗୁଣୀସ୍ତୁତିରେ ସମାବେଶ କରି ଜଗନ୍ନାଥ ଦାସ ନିଜର ପାଣ୍ଡିତ୍ୟର ପରିଚୟ ଦେଇଛନ୍ତି । ଏହା ବ୍ୟତୀତ ଆଲୋଚ୍ୟ ରଚନାରେ ଆଉ ଗୋଟିଏ ଲକ୍ଷ୍ୟ କରିବାର କଥା ଅଛି । କେତେକ କୋଇଲିର ଛନ୍ଦ ଏବଂ ରାମାୟଣ ଓ ଭାଗବତର ପୟାର ଛନ୍ଦ ଛଡ଼ା ଅନ୍ୟ କୌଣସି ଓଡ଼ିଆ ଛନ୍ଦ ଷୋଡ଼ଶ ଶତାବ୍ଦୀରେ ପ୍ରଚଳିତ ନ ଥିଲା ବୋଲି କେହି କେହି ଧାରଣା କରନ୍ତି । କିନ୍ତୁ ଏହି ମୃଗୁଣୀସ୍ତୁତିରେ "ଆଷାଢ଼ଶୁକ୍ଳବାଣୀ" ବ୍ୟବହୃତ ହୋଇଥିବାରୁ ଏଥିରୁ ସୂଚିତ ହୁଏ ଯେ ଷୋଡ଼ଶ ଶତାବ୍ଦୀରେ ଓଡ଼ିଆରେ ବିଭିନ୍ନ ରାଗରାଗିଣୀ ସମନ୍ୱିତ କବିତା ରଚିତ ହେଉଥିଲା । ସୁତରାଂ ଏହି କବିତାର ମୂଲ୍ୟ ଯଥେଷ୍ଟ ରହିଛି ।

୫ । **ରାସକ୍ରୀଡ଼ା**—ଏଥିରେ ଗୋପୀଙ୍କ ରାସ ବର୍ଣ୍ଣିତ । ରାସକ୍ରୀଡ଼ା ସଙ୍ଗେ ସଙ୍ଗେ କେତେକ ଆଧ୍ୟାତ୍ମିକ ବିଷୟ ମଧ୍ୟ ଏଥିରେ ସନ୍ନିବେଶିତ ହୋଇଅଛି ।

୬ । **ଦାରୁବ୍ରହ୍ମଗୀତା**—ଏଥିରେ ଜଗନ୍ନାଥଙ୍କ ମାହାତ୍ମ୍ୟ ବର୍ଣ୍ଣିତ । ପୁରୀକ୍ଷେତ୍ର ଓ ଜଗନ୍ନାଥ ଦେବଙ୍କ ଚରିତ ନବାକ୍ଷରୀ ବୃତ୍ତରେ ତିନିଟି ଅଧ୍ୟାୟରେ ବର୍ଣ୍ଣିତ । ଏହାର ଭାଷା ସରଳ ।

୭ । **ଗୁପ୍ତ ଭାଗବତ**—ଏହି ଗୁପ୍ତ ଭାଗବତଟି, ଶ୍ରୀମଦ୍ ଭାଗବତ ପରି ମୁଖ୍ୟତଃ ପରୀକ୍ଷିତ ମହାରାଜ ଏବଂ ଶୁକମୁନିଙ୍କର ଉକ୍ତି-ପ୍ରତ୍ୟୁକ୍ତି ଛଳରେ ଲିଖିତ ହୋଇଅଛି । ଏମାନଙ୍କର ପ୍ରଶ୍ନ-ଉତ୍ତର ପ୍ରସଙ୍ଗରେ କବି ଏକାଦଶୀ ମହାତ୍ମ୍ୟ, ବ୍ୟାସଙ୍କ ଜନ୍ମ ଏବଂ ଶୁକଙ୍କର ଜନ୍ମର ବିବରଣୀ ଦେଇଛନ୍ତି । ଦ୍ୱିତୀୟ ଅଧ୍ୟାୟରେ ପରୀକ୍ଷିତଙ୍କ ଉତ୍ତରରେ—

ଶୁକଚରଣେ କର ଦେଇ । ଆନନ୍ଦେ ରାଜା ପଚାରଇ ॥
ହେ ମହାମୁନି ସାବଧାନ । କହ ପରମ ତତ୍ତ୍ୱଜ୍ଞାନ ॥
ଗୁପ୍ତ ସଂଶୟ ଯେ ଅଛନ୍ତି । କହିବା ମୋତେ ମହାଯତି ॥
ଚବିଶ ତିଥି ଏକାଦଶୀ । କହ ହେ ଏ ଜ୍ଞାନ ବିଶେଷି ।
କଲେ କେଉଁ ଧର୍ମ ହୁଅଇ । ନ କଲେ କି ପାପ ଲଭଇ ॥
ଏଥି ସଂଶୟ ମୋତେ କହ । ମନରୁ ଫିଟିବ ସନ୍ଦେହ ।

ଶୁକଙ୍କ ପ୍ରତ୍ୟୁତ୍ତରରେ—

"ଶୁକ କହନ୍ତି ରାଏ ଶୁଣ । ଏ ଭାଗବତ ଯେ ପୁରାଣ ॥
ମନ ନିବେଶି ବିଷ୍ଣୁପାଦେ । ତର ହୋ ଏ ଭବ ପ୍ରମାଦେ ॥
ଏକାଦଶୀ ନିର୍ଣ୍ଣୟ ଶୁଣ । କହିବା ଯଥାର୍ଥ ଭିବେଣ ॥

ଫାଲ୍‌ଗୁଣ ମାସ ଏକାଦଶୀ । ଯେ କରେ ତା ପାତକ ନାଶି ।
ତାହାର ଜନ୍ମମୃତ୍ୟୁ ନାହିଁ । ସେ ଟି ସାକ୍ଷାତେ ବିଷ୍ଣୁଦେହୀ ।

ଏହିପରି ଭାବରେ ଏକାଦଶୀର ମାହାତ୍ମ୍ୟ ପ୍ରକାଶିତ ହୋଇଛି । ଆହୁରି ମଧ୍ୟ ଏଥିରେ ସୃଷ୍ଟିର ବିବରଣୀ ଏବଂ ବିଷ୍ଣୁଙ୍କ ନିର୍ଦ୍ଦେଶରେ ବ୍ରହ୍ମାଙ୍କର ଜୀବସୃଷ୍ଟି ପାଇଁ ପୃଥିବୀରେ ଧାନ୍ୟ ଉତ୍ପାଦନର ବ୍ୟବସ୍ଥା କରିବାର ଚିନ୍ତା ବର୍ଣ୍ଣିତ । ଏହା ଛଡ଼ା ଜଗନ୍ନାଥ ଦାସ ଜ୍ଞାନମିଶ୍ରା ଭକ୍ତିର ଉପାସକ ହୋଇଥିବାରୁ ଏହି ପୁସ୍ତକରେ ଯୋଗସାଧନ ଦ୍ୱାରା ମୁକ୍ତିପନ୍ଥାର ବୈଶିଷ୍ଟ୍ୟ ପ୍ରଦର୍ଶନ କରୁଛନ୍ତି । ଚବିଶଟି ଅଧ୍ୟାୟରେ ଏହା ସମାପ୍ତ ହୋଇଛି ।

୮ । **ମନଶିକ୍ଷା**—କବିଙ୍କ ରଚିତ ମନଶିକ୍ଷା ସେହିପରି ଏକ ତତ୍ତ୍ୱଭାବସମ୍ବଳିତ ରଚନା । ଏଥିରେ ଉତ୍କଳୀୟ ବୈଷ୍ଣବଙ୍କର ମୁକ୍ତିଲାଭ ନିମିତ୍ତ ଯୋଗସାଧନା ପ୍ରଣାଳୀର ବର୍ଣ୍ଣନା ଓ ପ୍ରାଧାନ୍ୟ ଅଛି । ଆତ୍ମାରେ ପରମାତ୍ମାଙ୍କୁ ଲାଭ କରିବା ପାଇଁ ଯୋଗସାଧନ କିପରି ଏକ ଉତ୍କୃଷ୍ଟ ପନ୍ଥା, ତାହା ବର୍ଣ୍ଣିତ । ଏହି ତତ୍ତ୍ୱକୁ ପ୍ରଚୁର କରି ମନକୁ ଶିକ୍ଷା ଦେବାର ପ୍ରଚେଷ୍ଟା ହେଉଥିବାରୁ ଯଥାର୍ଥରେ ପୁସ୍ତକର ନାମ "ମନଶିକ୍ଷା" ।

୯ । **ଗଜସ୍ତୁତି**—ଏହା ଉତ୍କଳର ପୁରପଲ୍ଲୀରେ ବିଶେଷ ରୂପେ ଆଦୃତ ହୋଇଅଛି । କୁମ୍ଭୀରର ଆକ୍ରମଣରୁ କୃଷ୍ଣଙ୍କୁ ସ୍ତୁତି କରି ଗଜ ରକ୍ଷା ପାଇବାର ବର୍ଣ୍ଣନା ଏଥିରେ କରାଯାଇଛି । ପଦ୍ୟଟି ଆମୂଳଚୂଳ କରୁଣରସାତ୍ମକ । ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ହେଉଥିବାରୁ ରଚନାଟିରେ ଭକ୍ତିର ଭାବଧାରା ଅକ୍ଷୁଣ୍ଣ ରହିଛି ।

୧୦ । **ପାଷାଣ୍ଡ ଦଳନ**—ଏଥିରେ ଜଗନ୍ନାଥ ଦାସ କେତେକ ସଂସ୍କୃତ ଶ୍ଳୋକର ଅନୁବାଦ ପ୍ରକାଶ କରିଅଛନ୍ତି ।

ଶ୍ଳୋକ—"ଚଣ୍ଡାଳୋଽପି ମୁନିଶ୍ରେଷ୍ଠୋ ବିଷ୍ଣୁଭକ୍ତ ପରାୟଣଃ
ବିଷ୍ଣୁଭକ୍ତିବିହୀନସ୍ତୁ ଦ୍ୱିଜୋଽପି ଶ୍ୱପଚାଧମଃ ।"

ଅନୁବାଦ—

"ଚଣ୍ଡାଳ ହୋଇ ସେ ଯେବେ ଧର୍ମପରାୟଣ,
ହୋଇ ସଦା କରେ ମୁନିବ୍ରତ ଆଚରଣ ।
ସର୍ବ ବର୍ଣ୍ଣେ ପୂଜ୍ୟ ସେହୁ ହୋଇ ଦ୍ୱିଜବର,
ବିଷ୍ଣୁଭକ୍ତି ନେ ଚଣ୍ଡାଳରୁ ମାତର ।"

ଜଗନ୍ନାଥ ଦାସଙ୍କର ଅନ୍ୟ ଅନେକ ରଚନା ଥିବାର ଜଣାଯାଏ । ସେଥିରୁ କେତେକ ଅପ୍ରକାଶିତ ଭାବରେ ରହିଛି । ସେଗୁଡିକ ମଧ୍ୟରୁ କେତେକ କେବଳ ଜଗନ୍ନାଥ ଦାସଙ୍କ ଭାଷାର ଅନୁରୂପ ଏବଂ ନବାକ୍ଷରୀ ବୃତ୍ତରେ ଲିଖିତ ହୋଇଥିବାରୁ ସେଗୁଡିକୁ ଜଗନ୍ନାଥ ଦାସଙ୍କ ରଚନା ରୂପେ କେହି କେହି ଗ୍ରହଣ କରିଥାନ୍ତି । ମାତ୍ର ଦୃଢ଼ତାର ସହିତ ଏଗୁଡିକ ଜଗନ୍ନାଥ ଦାସଙ୍କର ରଚନା ବୋଲି ପ୍ରମାଣ କରିବା ପାଇଁ କୌଣସି ଉପାଦାନ ନାହିଁ । ଉଦାହରଣ ସ୍ୱରୂପ—କେତେକ ଲେଖକଙ୍କ ମତରେ ମହାଭାରତ ଏବଂ ଇତିହାସ ପୁରାଣ ଦୁଇଖଣ୍ଡି ପୁସ୍ତକ ଜଗନ୍ନାଥ ଦାସଙ୍କର ରଚନା ରୂପେ ଗୃହୀତ ହୋଇଛି ; ମାତ୍ର ଏ ଦୁଇଟି ପୁସ୍ତକକୁ ଭକ୍ତକବି ଜଗନ୍ନାଥ ଦାସଙ୍କ ରଚନା ରୂପେ ଗ୍ରହଣ କରିବା ପାଇଁ କୌଣସି ବଳିଷ୍ଠ ପ୍ରମାଣ ନାହିଁ । ଜନଶ୍ରୁତି ଉପରେ ବିଶ୍ୱାସ କଲେ କେବଳ ଏହି ଦୁଇଖଣ୍ଡ ପୁସ୍ତକ କାହିଁକି, ଏହିପରି ଶ୍ରେଣୀ ଶ୍ରେଣୀ ଅନେକ ପୁସ୍ତକ କବି ଜଗନ୍ନାଥ ଦାସଙ୍କର ଲେଖା ବୋଲି ଗ୍ରହଣ କରିବାକୁ ହେବ । ଅବଶ୍ୟ ଏହା ସତ୍ୟ ଯେ ଜଗନ୍ନାଥ ଦାସ ଓଡ଼ିଆ ସାହିତ୍ୟରେ ଏକ ବିଖ୍ୟାତ କବି ଏବଂ ତାଙ୍କର କବିପ୍ରତିଭା ଏବଂ ସାହିତ୍ୟଚର୍ଚ୍ଚା ଦେଖିଲେ ମନେହୁଏ ଯେ ସେ ଅନେକ ରଚନା ଓଡ଼ିଆ ସାହିତ୍ୟକୁ ଦାନ କରି ପାରିଥାଆନ୍ତି ; କିନ୍ତୁ ଉପଯୁକ୍ତ ପ୍ରମାଣ ନ ଥିବା ସ୍ଥଳେ

କେତେକ ରଚନାକୁ କବି ଜଗନ୍ନାଥ ଦାସଙ୍କର ରଚନା ରୂପେ ଗ୍ରହଣ କରିବା ଅସମୀଚୀନ ।

ଜଗନ୍ନାଥ ଦାସଙ୍କର ଜୀବନରେ ଅନେକ ଆଶ୍ଚର୍ଯ୍ୟ ଘଟଣା ପରିଲକ୍ଷିତ ହୁଏ । ଏହି ମହାପୁରୁଷଙ୍କର ଅସୀମ ଯୋଗଶକ୍ତି ପ୍ରଭାବରେ ଭଗବାନଙ୍କ ପ୍ରେମ ପାଇଁ ନିଜର ସ୍ତ୍ରୀରୂପ ପରିବର୍ତ୍ତନ, ଜଗନ୍ନାଥ ଦାସଙ୍କର ଭକ୍ତିର ପ୍ରତିଦାନ ସ୍ୱରୂପ ତାଙ୍କର ସେବା କରିବା ପାଇଁ ଜଗନ୍ନାଥଙ୍କ ନିର୍ଦ୍ଦେଶରେ ଜଗନ୍ନାଥ ମନ୍ଦିରର ରାତିରେ ଦେବଦାସୀମାନଙ୍କର ତାଙ୍କ ଗୃହକୁ ଆଗମନ ଇତ୍ୟାଦି ଅନେକ ଅଦ୍ଭୁତ ଘଟଣା ଜଗନ୍ନାଥ ଦାସଙ୍କ ବିଷୟରେ ଶୁଣାଯାଏ । ଈଶ୍ୱର ଦାସଙ୍କର ଚୈତନ୍ୟ ଭାଗବତରେ ମଧ୍ୟ ଜଗନ୍ନାଥ ଦାସଙ୍କର ନାରୀବେଶରେ ନାରାୟଣ ଓ ଲକ୍ଷ୍ମୀଙ୍କ ନିକଟରେ ଭକ୍ତି ସୁନ୍ଦରରୂପେ ବର୍ଣ୍ଣିତ ହୋଇଅଛି ।

ମହାଭାରତ ଜଗନ୍ନାଥ ଦାସଙ୍କର ବୋଲି ଗୃହୀତ ହୋଇଥିଲା, ମାତ୍ର ପରେ ମହାଭାରତକାର ଜଗନ୍ନାଥ ଦାସ ଯେ ଭାଗବତକାର ଜଗନ୍ନାଥ ଦାସ ନୁହନ୍ତି, ଏ କଥା ଜଣାଗଲା । ମହାଭାରତକାର ଜଗନ୍ନାଥ ଦାସ ଯାଜପୁରର ବ୍ୟକ୍ତି ଓ ସେ ଅଷ୍ଟାଦଶ ଶତାବ୍ଦୀର କବି । ମହାଭାରତ ନବାକ୍ଷରୀ ବୃତ୍ତରେ ବା ଭାଗବତ ବୃତ୍ତରେ ଲିଖିତ । ମହାଭାରତର ଚରିତ ସଂକ୍ଷେପରେ ଲେଖାଯାଇଛି । ଏ ଗ୍ରନ୍ଥଟି ଭାଗବତ ପରି ବହୁଜନ ପରିଚିତ ବା ବହୁଜନ ପ୍ରିୟ ନୁହେଁ ସତ୍ୟ, ମାତ୍ର ଭାଷାର ମାଧୁରୀ ଓ ସ୍ୱାଭାବିକ ସୌନ୍ଦର୍ଯ୍ୟରେ ଭାଗବତଠାରୁ କୌଣସି ଗୁଣରେ କମ୍ ନୁହେଁ । ସାରଳା ଦାସ ନିଜ ମହାଭାରତରେ ଯେଉଁ ରୀତିରେ ବିଷୟ ଚର୍ଚ୍ଚା କରିଅଛନ୍ତି । ଜଗନ୍ନାଥ ଦାସ ତାକୁ ବହୁ ଅଂଶରେ ଅନୁକରଣ କରିଛନ୍ତି । ପଦସଂଖ୍ୟା ନିରୂପଣ, ବ୍ୟାସଜନ୍ମ, ସୃଷ୍ଟି

ପ୍ରକରଣ, ମହାଭାରତ ନାମକରଣ, ଗଙ୍ଗାଚରିତ, ଝିମିଟିଖେଳ, କୁରୁପାଣ୍ଡବ ବିବାଦରେ ଜନମବର୍ଦ୍ଧନ ଓ ତାର ପରିଣତି ପ୍ରଭୃତି ପ୍ରାୟ ସବୁ ପ୍ରସଙ୍ଗ ସାରଳାଦାସଙ୍କ ଆଦର୍ଶରେ ଜଗନ୍ନାଥ ଦାସ ଲେଖିଛନ୍ତି । ଏହି ଗ୍ରନ୍ଥଟି ସାରଳାଦାସଙ୍କ ମହାଭାରତର ନବାକ୍ଷରୀ ବୃତ୍ତରେ ସଂକ୍ଷିପ୍ତ ସାର ସଂଗ୍ରହ କହିଲେ ଅତ୍ୟୁକ୍ତି ହେବ ନାହିଁ ।

## ଜଗନ୍ନାଥ ଦାସଙ୍କ ଗଦ୍ୟ—

ଜଗନ୍ନାଥ ଦାସ ତୁଳାଭିଣାରେ ପଦ୍ୟକୁ ବ୍ୟାଖ୍ୟା କରିବା ପାଇଁ ଗଦ୍ୟ ବ୍ୟବହାର କରିଅଛନ୍ତି । ଏହି ପୁସ୍ତକର ୧୩।୧୪ଟି ସ୍ଥାନରେ ଗଦ୍ୟ ଅଛି । ଏହି ଗଦ୍ୟ ଲେଖା ପୁସ୍ତକର ଏକ ଚତୁର୍ଥାଂଶ । ବର୍ତ୍ତମାନ ମିଳିଥିବା ପ୍ରାଚୀନ ଗଦ୍ୟ ମଧ୍ୟରେ ତୁଳାଭିଣାର ଗଦ୍ୟ ଲେଖା ଅତି ପ୍ରାଚୀନ । ଏଥିରେ 'ହୁଏ' ସ୍ଥାନରେ 'ହୋଏ', 'କଏ' ସ୍ଥାନରେ 'କେ' ପ୍ରଭୃତି ପ୍ରାଚୀନ ପ୍ରୟୋଗ ଦେଖାଯାଏ । ବାକ୍ୟ-ଗୁଡ଼ିକ କ୍ଷୁଦ୍ର । ଜଟିଳ ବାକ୍ୟର ବ୍ୟବହାର ନାହିଁ କହିଲେ ଚଳେ । ଭାଷା ସରଳ, ମାର୍ଜିତ ଓ ଅଳଙ୍କାର ଆଡ଼ମ୍ବରଶୂନ୍ୟ । ଅନେକ ସ୍ଥଳରେ ଗୋଟିଏ ବା ଦୁଇଟି ଢଙ୍ଗରେ ଗୋଟିଏ ବାକ୍ୟ ହୋଇଅଛି ।

# ଯଶୋବନ୍ତ ଦାସ

ଉତ୍କଳୀୟ ପଞ୍ଚସଖାଙ୍କ ମଧ୍ୟରୁ ଯଶୋବନ୍ତ ଦାସ ଅନ୍ୟତମ । ତାଙ୍କର ପିତାଙ୍କ ନାମ ଜଗନ୍ନାଥ ମଲ୍ଲିକ । ସେ ସାଧାରଣରେ ଜଗୁ ମଲ୍ଲିକ ନାମରେ ପରିଚିତ । ତାଙ୍କ ମାତାଙ୍କର ନାମ ରେଖାଦେବୀ । ସେ ଜାତିରେ କ୍ଷତ୍ରୀୟ ଥିଲେ । ସେ ବୈଷ୍ଣବଧର୍ମରେ ଦୀକ୍ଷିତ ହେବା ପରେ 'ଦାସ' ଉପାଧି ଗ୍ରହଣ କରିଥିଲେ । ତାଙ୍କର ପିତା ଓ ମାତା ଉଭୟେ ଧର୍ମପରାୟଣ ଓ ଦୟାର୍ଦ୍ର ଥିଲେ । ଯଶୋବନ୍ତଙ୍କ ଉପରେ ସେମାନଙ୍କର ପ୍ରଭାବ ପଡ଼ିଥିଲା । ପିତାମାତାଙ୍କର ସେହି ପ୍ରଭାବ ଫଳରେ ଯଶୋବନ୍ତ ଧର୍ମ ପ୍ରତି ଆକୃଷ୍ଟ ହେବାର ଏବଂ ଭଗବତ୍ ଆରାଧନା କରିବାର ସୁବିଧା ଓ ସୁଯୋଗ ପାଇଥିଲେ । ଯଶୋବନ୍ତ ଦାସ ନିଜ ବିଷୟରେ ବା ନିଜର ପାରିବାରିକ ଜୀବନ ବିଷୟରେ ସ୍ୱକୃତ କୌଣସି ଗ୍ରନ୍ଥରେ ସନ୍ତୋଷଜନକ ପରିଚୟ ଦେଇ ନାହାନ୍ତି । ସେହିହେତୁ ତାଙ୍କର ଜନ୍ମସମୟ ନିରୂପଣ କରିବାରେ ସନ୍ଦେହ ଉପସ୍ଥିତ ହୋଇଥାଏ । ଏତିକି ମାତ୍ର ନିଃସନ୍ଦେହ ଯେ ଯଶୋବନ୍ତ ଚୈତନ୍ୟଙ୍କ ସମସାମୟିକ ଥିଲେ ଏବଂ ବଳରାମ, ଜଗନ୍ନାଥ ପ୍ରଭୃତି ପଞ୍ଚସଖାଙ୍କ ମଧ୍ୟରୁ ଜଣେ । ଯଶୋବନ୍ତ ତାଙ୍କ ରଚିତ "ଶିବସ୍ୱରୋଦୟ" ପୁସ୍ତକର ଉପସଂହାରରେ ଲେଖିଛନ୍ତି—

ଏବଂଭୂତ ଯେଉଁ ପ୍ରଭୁ ତାଙ୍କ ପଞ୍ଚଭୂତ,
ଏବଂଭୂତ ସଖା ଯେ ଅଛଇ ଯଶୋବନ୍ତ ।"

କେତେକ ପୁସ୍ତକର ରଚନାକୁ ଏବଂ ଜନଶ୍ରୁତିକୁ ବିଶ୍ୱାସ କଲେ ଯଶୋବନ୍ତ ଦାସ ଜଗନ୍ନାଥଙ୍କର ଜନ୍ମ ସାଲରେ ଜନ୍ମଗ୍ରହଣ କରିଥିଲେ । ଯଶୋବନ୍ତ ତାଙ୍କର ଦ୍ୱାଦଶ ବର୍ଷ ବୟସ ସମୟରେ

ସଂସାର ପ୍ରତି ବୀତସ୍ପୃହ ହୋଇ ପଡ଼ିଲେ ଏବଂ ସନ୍ନ୍ୟାସବ୍ରତ ଅବଲମ୍ବନ କରି ଭାରତରେ ନାନାତୀର୍ଥ ପର୍ଯ୍ୟଟନ ଉଦ୍ଦେଶ୍ୟରେ ଗୃହତ୍ୟାଗ କରିଥିଲେ । ପୁରୀରେ ଶ୍ରୀ ଚୈତନ୍ୟଦେବଙ୍କ ଅବସ୍ଥାନ ସମୟରେ ଯଶୋବନ୍ତ ତାଙ୍କ ସମ୍ପର୍କରେ ଆସିଥିଲେ । ପୁରୀରେ ସେ ଦୀକ୍ଷାଗ୍ରହଣ କରିଥିଲେ । ଏହା ପରେ ସେ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିବା ପରେ ଅଡ଼ଙ୍ଗ କିଲ୍ଲାର ରାଜା ରଘୁରାମ ତାଙ୍କ ଭଗିନୀ ଅଞ୍ଜନାକୁ ଯଶୋବନ୍ତଙ୍କ ସହ ବିବାହ ଦେଇଥିଲେ । ରଘୁରାମ ବିବାହିତ ଦମ୍ପତିଙ୍କ ନିମିତ୍ତ ଏକ ମଠ ସେହିଠାରେ ନିର୍ମାଣ କରି ସେମାନଙ୍କର ବ୍ୟୟନିର୍ବାହ ନିମିତ୍ତ ଭୂସମ୍ପତ୍ତି ଖଞ୍ଜି ଦେଇଥିଲେ ।

ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟମାନଙ୍କ ପରି ଯଶୋବନ୍ତ ଏକ ପ୍ରଧାନ ଯୋଗୀ ଓ ସିଦ୍ଧପୁରୁଷ ଥିଲେ । ତାଙ୍କ ଜୀବନରେ ମଧ୍ୟ ପ୍ରକୃତ ସିଦ୍ଧ ବୈଷ୍ଣବର ଅଲୌକିକତାର ପରିଚୟ ପାଇଁ ଦୃଷ୍ଟାନ୍ତର ଅଭାବ ନାହିଁ ।

ଥରେ ପୁରୀ ଆଗମନ ସମୟରେ ବ୍ରହ୍ମରାକ୍ଷସ ଦ୍ୱାରା ପଥରୋଧ ଏବଂ ଯଶୋବନ୍ତଙ୍କ ଆଦେଶରେ ନିରୀହ ଭାବରେ ସମୁଦ୍ରରେ ସେହି ବ୍ରହ୍ମରାକ୍ଷସର ଗମନ, ଶେଷରେ ରାଜା ପ୍ରତାପରୁଦ୍ରଙ୍କର ଏହି ବିଷୟରେ ଜ୍ଞାତ, ଯଶୋବନ୍ତଙ୍କ ପ୍ରତି ତାଙ୍କର ସମ୍ମାନ ପ୍ରଦର୍ଶନ ଏବଂ ଯଶୋବନ୍ତଙ୍କ ନିର୍ଦ୍ଦେଶରେ ଗୁଣ୍ଡିଚା ଗୃହରେ ସେହି ବ୍ରହ୍ମରାକ୍ଷସର ପ୍ରତିଷ୍ଠାନ ନିମନ୍ତେ ରାଜାଙ୍କର ବନ୍ଦୋବସ୍ତ ପ୍ରଭୃତି ଯଶୋବନ୍ତଙ୍କ ଜୀବନରେ ଏକ ଅଦ୍ଭୁତ କାର୍ଯ୍ୟର ସମ୍ପାଦନ ରୂପେ ବିବେଚିତ । ଏହା ଛଡ଼ା ଅର୍ଥାଭାବ ସମୟରେ ଯଶୋବନ୍ତଙ୍କର ଅନ୍ୟ ଏକ କ୍ଷେତରେ ପ୍ରବେଶ କରି ଧାନ କାଟିବା ସମୟରେ ତାହାରୁ ରାମନାମ ଧ୍ୱନି ନିର୍ଗତ ହେବା ଫଳରେ ଶସ୍ୟକ୍ଷେତ୍ରର ପ୍ରଭୁ ଜାଗ୍ରତ ହେବା ଏବଂ ଏହି ସମ୍ବାଦରେ ତତ୍ରତ୍ୟ ଜମିଦାର ରଘୁରାମ ବିସ୍ମିତ ହେବା ଅନ୍ୟ ଏକ ଆଶ୍ଚର୍ଯ୍ୟ ଘଟଣା ।

ଯଶୋବନ୍ତଙ୍କ ଶିଷ୍ୟ ସୁଦର୍ଶନ ଦାସଙ୍କ ଯଶୋବନ୍ତ ଦାସଙ୍କ ୮୪ ଆ
ଶୀର୍ଷକ ପୁସ୍ତକରେ ଯଶୋବନ୍ତଙ୍କର ଅଦ୍ଭୁତ ଓ ଅଷ୍ଟପ୍ରଂଶିକ
ସମ୍ପାଦନର ବିସ୍ତୃତ ବିବରଣୀ ଦେଖିବାକୁ ମିଳେ ।

କବି ଭାବରେ ଯଶୋବନ୍ତ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସୁପରିଚିତ । ସେ ସଂସ୍କୃତ ସାହିତ୍ୟରେ ଜ୍ଞାନ ଅର୍ଜନ କରିଥିଲେ । ଯଶୋବନ୍ତଙ୍କ ରଚିତ ସଂସ୍କୃତରେ ଅନୂଦିତ "ଶିବସ୍ୱରୋଦୟ" ଦେଖି ତାଙ୍କର ସଂସ୍କୃତ ଜ୍ଞାନର ପରିମାପ କରିବା ସମୀଚୀନ ନୁହେଁ । ତାଙ୍କ ରଚନାମାନଙ୍କ ମଧ୍ୟରୁ ପ୍ରେମଭକ୍ତି ବ୍ରହ୍ମଗୀତା, 'ଗୋବିନ୍ଦଚନ୍ଦ୍ର ଟୀକା', ଶିବସ୍ୱରୋଦୟ ଓ ରାସର ନାମ ଉଲ୍ଲେଖଯୋଗ୍ୟ । ଏ ସମସ୍ତ ବ୍ୟତୀତ ସେ କେତେକ ଭଜନ ଓ ମାଳିକା ମଧ୍ୟ ରଚନା କରିଅଛନ୍ତି । ଏଥିମଧ୍ୟରୁ କେତେକ ପ୍ରକାଶିତ ଓ କେତେକ ଏ ପର୍ଯ୍ୟନ୍ତ ଅପ୍ରକାଶିତ ଭାବରେ ରହିଅଛି । ମାତ୍ର କବି ଯଶୋବନ୍ତ ସ୍ୱଭାବତଃ ଉତ୍କଳୀୟ ବୈଷ୍ଣବ ଓ ଜ୍ଞାନମିଶ୍ରାଭକ୍ତିର ଉପାସକ ହୋଇଥିବାରୁ ଏ ସମସ୍ତ ରଚନାରେ ମୁଖ୍ୟ ବା ଗୌଣ ଭାବରେ ସେହି ରହସ୍ୟବାଦ ଓ ବ୍ରହ୍ମ-ବାଦର ଭାବଧାରା ଲୁକ୍କାୟିତ ରହିଅଛି । ଅଧ୍ୟାପକ ଆର୍ତ୍ତବଲ୍ଲଭଙ୍କ ମତରେ ତାଙ୍କର ରଚନା ଶିବସ୍ୱରୋଦୟ, ହେତୁଦୟ ଭାଗବତ, ପ୍ରେମ-ଭକ୍ତି ବ୍ରହ୍ମଗୀତା, ରାସ, ଗୋବିନ୍ଦଚନ୍ଦ୍ରଗୀତା, ମାଳିକା, ଆଗତ-ଭବିଷ୍ୟ, ଧାନତୋଳି, ବାଉଁଲିଲା, ଭଜନସାର ଓ ୮୪ ଅଙ୍କ ।

## ରଚନା ବିଚାର—

୧ । **ପ୍ରେମଭକ୍ତି ବ୍ରହ୍ମଗୀତା**—ଏ ପୁସ୍ତକଟି ପାଞ୍ଚଗୋଟି ଅଧ୍ୟାୟରେ ଆବଦ୍ଧ । ପ୍ରଥମ ଅଧ୍ୟାୟରେ ମହାପୁରୁଷ ଯଶୋବନ୍ତ ଜଗନ୍ନାଥ, ଶିବ, ସରସ୍ୱତୀ ଓ ଗଣେଶଙ୍କୁ ବନ୍ଦନା ଏବଂ ବ୍ୟାସଦେବଙ୍କୁ ନମସ୍କାର କରି ଗ୍ରନ୍ଥାରମ୍ଭ କରିଛନ୍ତି । ପ୍ରେମଭକ୍ତିର ମହତ୍ତ୍ୱ ପ୍ରତିପାଦନ

ଏହି ଗ୍ରନ୍ଥର ଉଦ୍ଦେଶ୍ୟ । ଏହି ପ୍ରଥମ ଅଧ୍ୟାୟରେ ସୃଷ୍ଟିର ପ୍ରଥମ ଉପକ୍ରମର ବିବରଣୀ ପ୍ରଦତ୍ତ ହୋଇଛି ଏବଂ ରାଧାକୃଷ୍ଣ ମୂର୍ତ୍ତିଙ୍କର ପରିକଳ୍ପନାର ଆଭାସ ସୂଚିତ ହୋଇଛି । ଦ୍ୱିତୀୟ ଅଧ୍ୟାୟରେ ରାଧାକୃଷ୍ଣଙ୍କର ଯୁଗଳରୂପ, ନିତ୍ୟରାସ ଓ ସେମାନଙ୍କର ଜନ୍ମାଦି ବିଷୟ ବର୍ଣ୍ଣିତ । ରାଧାକୃଷ୍ଣ ଯଥାକ୍ରମରେ ଯେ ଜୀବ ଓ ପରମର ପ୍ରତି-ମୂର୍ତ୍ତି, ଏହା ହିଁ କବି ପ୍ରତିପାଦନ କରିଅଛନ୍ତି । ଜୀବ ଯେତେବେଳେ ପରମ ସହିତ ସମାଧିରେ ମଗ୍ନ, ସେତେବେଳେ ତାହା ଲୀଳାଶୂନ୍ୟ । ପୁନଶ୍ଚ ଉଭୟଙ୍କ ମଧ୍ୟରେ ଯେତେବେଳେ ଲୀଳାର ଆକାଙ୍‌କ୍ଷା ଜାଗ୍ରତ ସେତେବେଳେ ତାହା ଲୀଳାମୟର ଅବସ୍ଥା । ଲୀଳାମୟ ଅବସ୍ଥାର ମହତ୍ତ୍ୱ ଉପଲବ୍‌ଧି କରି ଯେଉଁମାନେ ଆନନ୍ଦଲାଭ କରନ୍ତି, ସେଇମାନେ ହିଁ ମୁକ୍ତିର ଅଧିକାରୀ । ଏହାଛଡ଼ା ଏହି ଅଧ୍ୟାୟରେ ରାଧାକୃଷ୍ଣଙ୍କର ପ୍ରଶ୍ନୋତ୍ତର ଛଳରେ ରାଧାଙ୍କର ଜନ୍ମବିବରଣୀ ଦିଆଯାଇଛି । ଜୀବ ପରମତତ୍ତ୍ୱ ଶୁଣି ରାଧାଙ୍କର ନିଜକୁ ଅପରର ପତ୍ନୀ କରାଇ ଶ୍ରୀକୃଷ୍ଣଙ୍କର ପରକୀୟା ପ୍ରୀତିର ଅଭିପ୍ରାୟର କାରଣରେ ପ୍ରଶ୍ନ ଏବଂ ଶ୍ରୀକୃଷ୍ଣଙ୍କର ଉତ୍ତରରେ ରାଧାଙ୍କର ଅଙ୍ଗରୁ ସ୍ୱେଦବିନ୍ଦୁ ନିର୍ଗତ ହୋଇ କ୍ଷୀର ସାଗରରେ ପଡ଼ିବାରୁ ତହିଁରୁ ନୀଳକନ୍ୟାର ଜନ୍ମ, ବିରୁଣି ତାହାଙ୍କୁ ବିଷ୍ଣୁଙ୍କର ପାଟରାଣୀ କମଳା ବୋଲି ଜାଣିବା; ସେ କନ୍ୟା ବ୍ରହ୍ମାଙ୍କ ନିର୍ଦ୍ଦେଶରେ ପ୍ରତ୍ୟହ ବିଷ୍ଣୁପ୍ରାପ୍ତି ଉଦ୍ଦେଶ୍ୟରେ ଗଙ୍ଗା-ତୀରରେ ବାଲୁକାପୂଜା କରିବା, ଏକଦା ଏକ ଯତି ତାଙ୍କୁ ଗ୍ରହଣ କରିବାକୁ ଅଭିଳାଷ କରିବା, ଏହି କନ୍ୟା ତାଙ୍କୁ ନପୁଂସକ ହେବା ପାଇଁ ଅଭିଶାପ ଦେବା, ପରେ ଯତି ତପସ୍ୟା କରି ଶ୍ରୀକୃଷ୍ଣଙ୍କୁ ସନ୍ତୁଷ୍ଟ କରିବା ଏବଂ ନୀଳକନ୍ୟା ଲାଭ କରିବା ଇଚ୍ଛାପ୍ରକାଶ କରିବା, କିନ୍ତୁ ତାହା ପୂରଣ କରିବା ଫଳରେ ଚନ୍ଦ୍ରଶେଖର ପତ୍ନୀ ରୂପରେ ସେ ଗୋପରେ ପରିଚିତ ହେବା ଏବଂ ଚନ୍ଦ୍ରଶେଖ ନପୁଂସକ ହୋଇଥିବାରୁ

କୃଷ୍ଣଙ୍କ ସହ ରାଧାଙ୍କର ରତିକାମନା ଇତ୍ୟାଦି ସୁନ୍ଦର ରୂପେ ଚର୍ଚ୍ଚିତ ହୋଇଛି ।

ତୃତୀୟ ଅଧ୍ୟାୟରେ ଜୀବ ଓ ପରମର ଲୀଳାବିହାର ବର୍ଣ୍ଣନୀୟ ବସ୍ତୁ । ମାନବ ଦେହରେ ଜୀବ ଓ ପରମର ଅବସ୍ଥିତି, ଏହା ହିଁ ସୂଚିତ ହୋଇଛି । ଏହି ଅଧ୍ୟାୟରେ ମଧ୍ୟ ଭଗବତ୍ ପ୍ରୀତିପ୍ରାପ୍ତିର ଉପାୟ ବା ପନ୍ଥା ନିର୍ଦ୍ଦେଶ କରି ଯଶୋବନ୍ତ କହୁଛନ୍ତି—

"ଆବର ମନ୍ତ୍ରଯନ୍ତ୍ର ଯେତେ । ନିତ୍ୟକୁ ନ ଘଟେ ପ୍ରତ୍ୟେ ॥
ପୁଂଲିଙ୍ଗ ସ୍ତ୍ରୀଲିଙ୍ଗ ବାହାର । ପ୍ରେମଭକ୍ତିରେ ନିତ୍ୟକାର ॥
ପୁରୁଷ ଅଙ୍ଗ ନାହିଁ ଯହିଁ । ଏକା ପୁରୁଷ ଭାବଗ୍ରାହୀ ॥
ଯେ ତାଙ୍କୁ ପ୍ରେମ-ଭକ୍ତି କରେ । ଶରୀର ବନ୍ଧି ଏ ସଂସାରେ ॥
ପ୍ରେମ ଭକତି ଯେ କରଇ । ସେ ପ୍ରାଣୀ ନିତ୍ୟରେ ବସଇ ॥
ଅନ୍ତେ ବସଇ ରାସ ଗତେ । ରାଧିକା ଶୁଣ ଏକଚିତ୍ତେ ॥"

ପୁଣି—

ଯାହାର ପୂର୍ବ ଭାଗ୍ୟବଳେ । ସେବଇ ଗୋପୀଗଣ ମେଳେ ।
ଅଷ୍ଟନାୟିକା ମଧ୍ୟ କରି । ଏକ ଗୋପିନୀ ଅଙ୍ଗ ଧରି ।
ସେ ଗୋପୀ ପ୍ରାୟେ ବେଶ କରି । ବସ୍ତ୍ର ଆଳନ୍ତ କରେ ଧରି ।
ସେବିବ ଶ୍ରୀକୃଷ୍ଣ ପୟର । ମନ ନ ଥିବ ଅନ୍ୟଠାର ।

ପୂର୍ବୋକ୍ତ ରଚନାରେ କବିର ସ୍ତ୍ରୀ ଭାବରେ ପ୍ରେମଭକ୍ତି ଏବଂ ଭକ୍ତିର ସ୍ରୋତରେ ଗୋପୀଅବସ୍ଥାର ଶ୍ରେଷ୍ଠତ୍ୱ ଏବଂ ସର୍ବୋପରି ରାଧାଅବସ୍ଥାର ଶ୍ରେଷ୍ଠତ୍ୱ ପ୍ରତିପାଦିତ ହୋଇଅଛି, ତାହା ପ୍ରତ୍ୟେକ ପାଠକ ଉପଲବ୍ଧି କରିବେ । ଏ ସମସ୍ତରେ ଗତାନୁଗତିକ ବୈଷ୍ଣବୀୟ ପ୍ରୀତିଭାବଧାରା ସେହି ଉଜ୍ଜ୍ୱଳ ଗୋପୀପ୍ରେମକୁ ହିଁ ପ୍ରାଧାନ୍ୟ ଦିଆ-

ଯାଇଛି । ଚତୁର୍ଥ ଅଧ୍ୟାୟରେ ନିତ୍ୟସ୍ଥଳ, ବ୍ରହ୍ମାଣ୍ଡ, ଚନ୍ଦ୍ର, ସୂର୍ଯ୍ୟ, ତାରା, ବାୟୁ ଓ ଆକାଶ ପ୍ରଭୃତିରେ ଅବସ୍ଥିତ ବର୍ଣ୍ଣିତ ହୋଇଅଛି । ପଞ୍ଚମ ଅଧ୍ୟାୟରେ ଶ୍ରୀକୃଷ୍ଣଙ୍କ ନିକଟରେ ତ୍ରିଲୋକରେ ଦୁର୍ଲ୍ଲଭ ସ୍ଥାନ ଦର୍ଶନ ନିମିତ୍ତ ଅର୍ଜୁନଙ୍କର ଅନୁରୋଧ ଏବଂ ଫଳରେ ଭଗବାନ ତାଙ୍କୁ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଦର୍ଶାଇବା ବର୍ଣ୍ଣିତ ହୋଇଅଛି । ଗରୁଡ଼ ପୃଷ୍ଠରେ ଅର୍ଜୁନଙ୍କୁ ସଙ୍ଗରେ ନେଇ ଶ୍ରୀକୃଷ୍ଣ ପୁରୁଷୋତ୍ତମ କ୍ଷେତ୍ରରେ ବୈକୁଣ୍ଠ, ଗୋଲୋକ ପ୍ରଭୃତି ସ୍ଥାନ ଦେଖାଇ ଦେଇଛନ୍ତି । ଏଥିରୁ ଉତ୍କଳୀୟ ବୈଷ୍ଣବମାନଙ୍କର ଧୂଶକ୍ଷେତ୍ର ସକଳ କ୍ଷେତ୍ରର ପୀଠରୂପେ ଗ୍ରହଣ କରିବାର ମତ ଅକ୍ଲେଶରେ ଅନୁମିତ ହୁଏ । ଶ୍ରୀକୃଷ୍ଣଙ୍କ ମୁଖରେ କବି ପ୍ରକାଶ କରିଛନ୍ତି—

"ଦେଖ ଏ ନିତ୍ୟ ନୀଳାଚଳ । ସକଳ ତୀର୍ଥଙ୍କର ଆଳ ॥
ଗୋପ ମଥୁରା ବୃନ୍ଦାବନ । ଦ୍ୱାରକା ଆଦି ଯେତେ ସ୍ଥାନ ॥
ସକଳ ଏହି ସ୍ଥାନେ ପାର । ଆବର କାଶୀ ମଧ୍ୟ ହୋଇ ॥
କୋଟିଏ ତୀର୍ଥ ଏ କ୍ଷେତ୍ରରେ । ମହିମା କହିଲେ ନ ସରେ ॥"

ଯଶୋବନ୍ତଙ୍କ ରଚନାରେ ପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ ବର୍ଣ୍ଣିତ ହେବା ସଙ୍ଗେ ସଙ୍ଗେ ଉତ୍କଳୀୟ ବୈଷ୍ଣବମାନଙ୍କର ମତ ସୂଚିତ ହୋଇଅଛି । ସର୍ବୋପରି ଏହି ପୁସ୍ତକରେ ଭକ୍ତ କପରି ଯୋଗ-ସାଧନା ଦ୍ୱାରା ନିର୍ବାଣପ୍ରାପ୍ତ ହୁଏ ଏବଂ ଦୈବପ୍ରେମ ଲାଭ କରେ ତାହା ମଧ୍ୟ ନାନାସ୍ଥାନରେ ବର୍ଣ୍ଣିତ ହୋଇଅଛି । ଏଥିରେ ଯଶୋବନ୍ତ ଦାସଙ୍କୁ ଜ୍ଞାନମିଶ୍ରାଭକ୍ତିର ଉପାସକ ରୂପେ ଗ୍ରହଣ କରିବା ସମୀଚୀନ ଓ ସ୍ୱାଭାବିକ ।

## ୨ । ଗୋବିନ୍ଦଚନ୍ଦ୍ର ଟୀକା—

ଯଶୋବନ୍ତ ଦାସଙ୍କର ଏହି ରଚନାଟି ଉତ୍କଳର ଜନ-ସାଧାରଣରେ ପରିଚିତ । ଏଥିରେ ବଙ୍ଗଳାର ଗୋବିନ୍ଦଚନ୍ଦ୍ର କଠିନ

ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସିଦ୍ଧିଲାଭ କରିଥିବାର ବର୍ଣ୍ଣନା ଅଛି । ମାତା ମୁକ୍ତାଦେବୀଙ୍କ ନିର୍ଦ୍ଦେଶରେ ଗୋବିନ୍ଦଚନ୍ଦ୍ର ସଂସାରର ମୋହ-ମାୟା ଓ ବିଷୟ ଜଞ୍ଜାଳରୁ ମୁକ୍ତ ହୋଇ ହାଡ଼ିପାଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ । ହାଡିପା ତାଙ୍କର ଚିତ୍ତସଂଯମର ପରୀକ୍ଷା ନିମିତ୍ତ ତାଙ୍କୁ ଏକ ବେଶ୍ୟାଗୃହରେ ପରିତ୍ୟାଗ କରି କିଛିଦିନ ସକାଶେ ପ୍ରସ୍ଥାନ କରି-ଥିଲେ । ପରେ ସେ ଫେରିଆସି ଗୋବିନ୍ଦଚନ୍ଦ୍ରଙ୍କର ଚିତ୍ତଶୁଦ୍ଧିର ପରିଚୟ ପାଇ ତାଙ୍କୁ ସିଦ୍ଧଶିଷ୍ୟରୂପେ ଗ୍ରହଣ କରିଥିଲେ ।

ଏହି ପୁସ୍ତକରେ ଉଭୟ ଭକ୍ତିରସ ଓ କରୁଣରସର ସଞ୍ଚାର ହୋଇଥିଲେ ମଧ୍ୟ କରୁଣରସ ପ୍ରାଧାନ୍ୟ ଲାଭ କରିଅଛି । ଗୋବିନ୍ଦଚନ୍ଦ୍ରଙ୍କର ଗୃହତ୍ୟାଗ ପରେ ରାଣୀମାନଙ୍କର ବିଳାପ ବର୍ଣ୍ଣନାର ସ୍ଥଳ ଅତି ମର୍ମନ୍ତୁଦ । ଏଥିରେ ହାଡ଼ିପାଙ୍କର ଗୁରୁ କାହ୍ନୁପା ଏବଂ ମୁକ୍ତାଦେବୀଙ୍କର ଗୁରୁ ଗୋରଖନାଥ ଥିବାର ଜଣାଅଛି । ଏହି ପୁସ୍ତକ ସରଳ ଭାଷାରେ ଲିଖିତ । ଏଥିରେ ହୋଇଲୁକ, ସାଇଲୁକ, ଯାଉଲୁର, କାଡ଼ସି ପ୍ରଭୃତି ପ୍ରାଚୀନ ଶବ୍ଦର ପ୍ରୟୋଗ ଦେଖାଯାଏ । ଉତ୍କଳର ପୂରପଲ୍ଲୀରେ ଯୋଗୀମାନେ ଭିକ୍ଷାଥାଳ ଧରି ସାଧାରଣତଃ ଏହି ଗୀତଟି ଗାଇ ଭିକ୍ଷା କରିଥାଆନ୍ତି ।

୩ । **ରାସ**—ଯଶୋବନ୍ତ ଦାସଙ୍କ ରାସ ଏକ କ୍ଷୁଦ୍ର ପୁସ୍ତକ । କବିଙ୍କର ମତରେ ରାସର ଅର୍ଥ ନିତ୍ୟରାସ । ମନୁଷ୍ୟର ଶରୀର ଭିତରେ, ବିଶେଷତଃ କପାଳରେ ବୃନ୍ଦାବନ କ୍ଷେତ୍ର ଅବସ୍ଥିତ । ସେଠାରେ କୃଷ୍ଣ ଓ ଗୋପୀମାନଙ୍କର ରାସ ନୃତ୍ୟ ସଙ୍ଘଟିତ ହେଉଅଛି । ଏଥିରୁ ଅନୁମିତ ହୁଏ ଯେ ଭାଗବତରେ ଯେଉଁ କୃଷ୍ଣଙ୍କର ରାସ ବର୍ଣ୍ଣିତ, ଏଥିରେ ସେ ରାସର ବର୍ଣ୍ଣନା ହୋଇନାହିଁ । ଜୀବାତ୍ମାରେ ପରମାତ୍ମାଙ୍କୁ ଦର୍ଶନ କରିବା

ବା ତାହାର ଶରୀର ମଧ୍ୟରେ ହେଉଥିବା ନିତ୍ୟରାସ ସନ୍ଦର୍ଶନ କରି ସେହି ପ୍ରେମରେ ତନ୍ମୟ ହେବା ହିଁ ପ୍ରକୃତ ଭକ୍ତିର ନିଦର୍ଶନ ।

ଏଥିରୁ ଅନୁମିତ ହୁଏ ଯେ ଯଶୋବନ୍ତ ଦାସ ଜ୍ଞାନମିଶ୍ରାଭକ୍ତିର ଉପାସକ ଥିଲେ । ତେଣୁ ସେ ଏହି ଯୋଗସାଧନ ବା ସମାଧି ଉପରେ ପ୍ରାଧାନ୍ୟ ଦେଇଅଛନ୍ତି ।

୪ । **ଶିବସ୍ୱରୋଦୟ**—ସଂସ୍କୃତ "ସ୍ୱରୋଦୟ ଲେଶ" ନାମକ ଗ୍ରନ୍ଥର ମୂଳ ବିଷୟକୁ ଅବଲମ୍ବନ କରି ଯଶୋବନ୍ତ ଦାସ ଏହି ପୁସ୍ତକଟି ରଚନା କରିଅଛନ୍ତି । ଯଶୋବନ୍ତ ସଂସ୍କୃତ ସାହିତ୍ୟରେ ଅଭିଜ୍ଞ ଥିଲେ । ଯୋଗ ସାଧନା ପ୍ରଣାଳୀ ଏହି ଗ୍ରନ୍ଥର ପ୍ରତିପାଦିତ ବିଷୟ । ସ୍ୱରଜ୍ଞାନ ସହଜ ଓ ସରଳ ଭାଷାରେ ଯଶୋବନ୍ତ ଦାସ ଏଥିରେ ବର୍ଣ୍ଣନା କରିଅଛନ୍ତି ।

ମୌଳିକ ଗ୍ରନ୍ଥଟି ୨୧ଟି ଅଧ୍ୟାୟ ବା ପରିଚ୍ଛେଦରେ ସମାପ୍ତ । ଯଶୋବନ୍ତ ଦାସଙ୍କର ଏହି ଗ୍ରନ୍ଥଟି ୪୭୫ ପଦରେ ଆବଦ୍ଧ । ସ୍ୱରର ପ୍ରଶଂସା, ନାଡ଼ୀଜ୍ଞାନ, ପ୍ରାଣାଦିବାୟୁ, ନାଡ଼ୀ ଚଳନାର ଫଳାଫଳ, ଇଡ଼ା, ପିଙ୍ଗଳା, ସୁଷୁମ୍ନା ପ୍ରଭୃତି ନାଡ଼ୀର ଫଳାଫଳ, ତତ୍ତ୍ୱନିରୂପଣ, ସ୍ତ୍ରୀ ବଶୀକରଣ ଇତ୍ୟାଦି ବିଷୟରେ ପାର୍ବତୀଙ୍କର ଶିବଙ୍କୁ ପ୍ରଶ୍ନ ଓ ଉତ୍ତର ଛଳରେ ଏ ସମସ୍ତର ବିଶଦ ବର୍ଣ୍ଣନା ଶିବଙ୍କ ମୁଖରେ ପ୍ରତିପାଦିତ ହୋଇଅଛି ।

ଯଶୋବନ୍ତ ତାଙ୍କର ଏ ଗ୍ରନ୍ଥ ରଚନାର ଭାଷାର ନିର୍ଦ୍ଦେଶ ଗ୍ରନ୍ଥର ଆରମ୍ଭରେ ଦେଇଅଛନ୍ତି—

ପରାକୃତ ବନ୍ଧେ ମତ ଏ ଦେଶ ଭାଷାରେ,
କରିବି ଶ୍ଳୋକର ଅର୍ଥକୁ ସମ୍ପୂର୍ଣ୍ଣ ଆଶାରେ ।

ପ୍ରଶ୍ନ ହେଉ ଉତ୍ତକାଳେ ଗୁରୁ ମୋ ମାନସ,
ନିର୍ବିଘ୍ନରେ ଜଗତରେ ହେଉ ପରକାଶ ।"

ଶିବଙ୍କ ଉକ୍ତିରେ—

"ଶୁଣ ଦେବି, ଯାହା ପକ୍ଷ ପରମ ଗୁପତ,
ଦେହ ମଧ୍ୟେ ଅଛି ସେ ନିଗମ ଜ୍ଞାନ ତ ।
ଏତତ୍ କହିଲି ମନ୍ତ୍ର ସର୍ବଜ୍ଞ ଯେ ସେହି,
ଏ ମନ୍ତ୍ରଜ୍ଞାନ କହିବା ଶୁଣ ସ୍ଥିର ହୋଇ ।"

ଏହି ରଚନାରେ ଯୋଗ ଏବଂ ପାର୍ବତୀଙ୍କର ଉକ୍ତିର ସୂଚନା ଓ ଉତ୍ତର ସ୍ଥଳରେ ସେ ସମସ୍ତ ବିଷୟର ବର୍ଣ୍ଣନା ସୂଚୀତ ହୋଇଛି । ନାଡ଼ୀର ବର୍ଣ୍ଣନା ପ୍ରସଙ୍ଗରେ ଶିବଙ୍କ ମୁଖରେ ପ୍ରକାଶ ପାଇଛି—

"ଏହି ଦଶ ନାଡ଼ି ଦେହ ମଧ୍ୟେ ବ୍ୟବସ୍ଥିତ,
ଇଅଁଳା ଯେ ବାମଭାଗେ ଚନ୍ଦ୍ରମା କଥିତ,
ପିଅଁଳା ଯେ ଦକ୍ଷ ଭାଗେ ସୂର୍ଯ୍ୟ ସେ ବିଦିତ;
ଆଦ୍ୟର କହିବା ସୁଷୁମ୍ନାର ଚରିତ ।"

ପଦସମାପ୍ତିରେ କବି ଜଗନ୍ନାଥଙ୍କର ନାମ ଉଲ୍ଲେଖ କରି ତାଙ୍କୁ ବନ୍ଦନା କରିବା ଏବଂ ପୁରୁଷୋତ୍ତମର ନାମ ଉଲ୍ଲେଖ କରିବା ସ୍ଥଳରେ ନିଜକୁ ଉତ୍କଳୀୟ ବୈଷ୍ଣବ ବୋଲି ପରିଚିତ କରାଇଛନ୍ତି । ସେ ଲେଖିଛନ୍ତି—

"କୋଟି କୋଟି ପତିତପାବନ ଦେବ ହରି,
ତିନି ଭୁବନର ନାଥ ନୀଳାଦ୍ରି ବିହାରୀ ।"

ଏହି ପଦରେ ନୀଳାଦ୍ରି ବିହାରୀ ଜଗନ୍ନାଥଙ୍କର ସ୍ତୁତି ହେବା ସଙ୍ଗେ ସଙ୍ଗେ ତାଙ୍କର ପ୍ରାଧାନ୍ୟ ସୂଚୀତ ହୋଇଅଛି । ରଚନାଟିର

ପଦବନ୍ଧ ସରଳ ଏବଂ ସ୍ୱାଭାବିକ । ଶିବ ଓ ପାର୍ବତୀଙ୍କର କଥୋପକଥନ ପ୍ରାକୃତିକ ଏବଂ ଉଭୟଙ୍କର ଉକ୍ତିସ୍ଥଳରେ କବିଙ୍କର ଭାଷା ମଧ୍ୟ ସ୍ଥଳୋପଯୋଗୀ ହୋଇଛି । ଏହି ପୁସ୍ତକର ଅନେକ ସ୍ଥଳରେ ସଂସ୍କୃତ ଶ୍ଳୋକଖଣ୍ଡଙ୍କର ଅନୁବାଦ ପରିଲକ୍ଷିତ ହୁଏ । ଓଡ଼ିଶାରେ ପ୍ରାଚୀନକାଳରୁ ଏହି ସ୍ୱରବିଜ୍ଞାନର ପ୍ରତିଷ୍ଠା ନିମନ୍ତେ ଯେ ପ୍ରଚେଷ୍ଟା ହୋଇଥିଲା, ତାହା ଏହି ଶିବସ୍ୱରୋଦୟ ଗ୍ରନ୍ଥ-ରଚନାରେ ଜଣାପଡ଼େ । ଏହି ସ୍ୱରବିଜ୍ଞାନ ଏକ ଜଟିଳ ଶାସ୍ତ୍ର ଏବଂ ଏହାକୁ ଆୟତ୍ତ କରି ମନୁଷ୍ୟମାନେ ଦୀର୍ଘଜୀବନ ଲାଭ କରିବାରେ ସମର୍ଥ ହେଉଥିଲେ । ସ୍ୱରବିଜ୍ଞାନରେ ପାରଙ୍ଗମ ସିଦ୍ଧ-ସାଧକମାନଙ୍କର ଜୀବନୀ ପାଠ କଲେ ଏହା ଜଣାପଡ଼େ । ଏହି ଜଟିଳ ବିଜ୍ଞାନକୁ କେବଳ ସିଦ୍ଧ ସାଧକମାନଙ୍କ ମଧ୍ୟରେ ଆବଦ୍ଧ ନ ରଖି ଏହାକୁ ସର୍ବସାଧାରଣଙ୍କ ନିକଟରେ ପରିଚିତ କରାଇବାର ଉଦ୍ୟମ ଯଶୋବନ୍ତ ଦାସଙ୍କର ଏହି ଶିବସ୍ୱରୋଦୟ ଗ୍ରନ୍ଥରୁ ଅନୁମିତ ହୁଏ । ଗ୍ରନ୍ଥର କଥାବସ୍ତୁ ମୌଳିକ ନ ହେଲେ ମଧ୍ୟ ଏହାର ରଚନାର ରୂପ, କଥାବସ୍ତୁର ଆନୁଷଙ୍ଗିକ ଅବସ୍ଥାର ସୂଚନା, ସ୍ଥଳବିଶେଷରେ ସାଧାରଣ ଜୀବନରୁ ତୁଳନାମାନ ଦେଇ, କବି ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିବାରେ ସମର୍ଥ ହୋଇଅଛନ୍ତି ।

# ଅଚ୍ୟୁତାନନ୍ଦ ଦାସ

ଅଚ୍ୟୁତାନନ୍ଦଙ୍କର ଜନ୍ମ ବିଷୟରେ ଏକ ବିସ୍ମୟପ୍ରଦ କଥା ଶୁଣାଯାଏ । ତାଙ୍କ ପିତାଙ୍କ ନାମ ଦୀନବନ୍ଧୁ ଖୁଣ୍ଟିଆ ଓ ମାତାଙ୍କ ନାମ ପଦ୍ମାବତୀ । ପିତାମାତା ଦୁହେଁ ଧର୍ମପରାୟଣ ଥିଲେ । କଥିତ ଅଛି— ଦୀନବନ୍ଧୁ ବଡ଼ ନୈଷ୍ଠିକ ଏବଂ ଈଶ୍ୱରଭକ୍ତ ଥିଲେ । ତାହାଙ୍କ ଜୀବନରେ ପିତୃଯଜ୍ଞ, ଦେବଯଜ୍ଞ, ବ୍ରହ୍ମଯଜ୍ଞ, ମାନବଯଜ୍ଞ ଓ ଭୂତଯଜ୍ଞ ପ୍ରଭୃତି ପଞ୍ଚମହାଯଜ୍ଞ ସମାପନ କରିବା ପ୍ରଧାନ ବ୍ରତଥିଲା । ତାହାଙ୍କ ଦୃଢ଼ ଈଶ୍ୱରବିଶ୍ୱାସ ବଳରେ ସେ ଜଗନ୍ନାଥଙ୍କ ଅସୀମ କୃପାରୁ ଏକ ସନ୍ତାନ ଲାଭ କରିଥିଲେ । ବହୁ ତପସ୍ୟା ବଳରେ ନିଃସନ୍ତାନ ଦମ୍ପତି-ଙ୍କର ଲବ୍ଧ ସେହି ସନ୍ତାନ ହିଁ ଆଲୋଚ୍ୟ ମହାପୁରୁଷ ଅଚ୍ୟୁତାନନ୍ଦ ।

ଅଚ୍ୟୁତାନନ୍ଦ କଟକ ଜିଲାର ନେମ୍ବାଳ ନିକଟବର୍ତ୍ତୀ ତିଳକଣା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଶୈଶବରୁ ସେ ଏକାକୀ ବସିରହି ଯୋଗାଧ୍ୟୟନ କରିବାରେ ଏକାନ୍ତ ଅନୁରକ୍ତ ଥିଲେ । ତାଙ୍କୁ ୧୧ ବର୍ଷ ହେବା ସମୟରେ ସେ ସଂସାର ପ୍ରତି ବିମୁଖ ହୋଇ ଚଳିଲେ ଏବଂ-ସାଂସାରିକ ଦୁଃଖ-ଜଞ୍ଜାଳ ମଧ୍ୟରୁ ମୁକ୍ତ ରହି ଭଗବତ୍ ଆରାଧନା କରି-ବାରେ ସତତ ନିଯୁକ୍ତ ରହୁଥିଲେ । ତାଙ୍କର ଯୋଗସାଧନା ଦ୍ୱାରା ସଂସାରର ସମସ୍ତ ସତ୍ୟ, ସୃଷ୍ଟିର ସମସ୍ତ ତତ୍ତ୍ୱ ସେ ଉପଲବ୍ଧି କରିପାରି-ଥିଲେ । ଏହା ସହିତ ସେ ଗୀତା, ଭାଗବତ ପ୍ରଭୃତି ପାଠ କରି ଜ୍ଞାନଲାଭ କରିବାକୁ ସମର୍ଥ ହୋଇଥିଲେ । ସେ ଥରେ ପିତାଙ୍କ ସଙ୍ଗେ ପୁରୀକୁ ଜଗନ୍ନାଥ ଯାତ୍ରା ଦେଖିବାକୁ ଯାଇଥିବା ସମୟରେ ଶ୍ରୀ ଚୈତନ୍ୟଙ୍କର ଦର୍ଶନଲାଭ କରିଥିଲେ । ଶ୍ରୀ ଚୈତନ୍ୟଙ୍କ ନିର୍ଦ୍ଦେଶରେ ସେ

ଶ୍ରୀ ନିତ୍ୟାନନ୍ଦଙ୍କ ଠାରୁ ଦୀକ୍ଷାଗ୍ରହଣ କରିଥିଲେ । ସେ ସନ୍ନ୍ୟାସୀରୂପେ ଭାରତର ନାନା ତୀର୍ଥ ପର୍ଯ୍ୟଟନ କରିଥିଲେ । ସେ ଯୋଗୀ ତଥା ଆଦର୍ଶବାଦୀ ଥିଲେ । ତାଙ୍କର ବହୁ ଶିଷ୍ୟ ଥିଲେ ଏବଂ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଗୋପାଳ ଜାତିର ପ୍ରଧାନ ନେତାରୂପେ ସେ ପରିଗଣିତ ହେଉଥିଲେ ।

## ରଚନା—

କବିରୂପେ ଅଚ୍ୟୁତାନନ୍ଦ ଓଡ଼ିଆ ସାହିତ୍ୟକ୍ଷେତ୍ରରେ ଏକ ପ୍ରଧାନ ଚରିତ୍ର କହିଲେ ଅତ୍ୟୁକ୍ତି ହେବନାହିଁ । ମାତ୍ର ତାଙ୍କର ରଚନାଗୁଡ଼ିକ ମଧ୍ୟରୁ ଅନେକ ଏ ପର୍ଯ୍ୟନ୍ତ ଅପ୍ରକାଶିତ ଭାବରେ ରହିଅଛି । ସେ ଓଡ଼ିଆରେ ଏକ ଲକ୍ଷ କ୍ଷୁଦ୍ର ରଚନା କରିଥିବାର ଶୁଣାଯାଏ ।

ସେ ୩୬ ସଂହିତା, ୭୮ ଗୀତା, ୨୭ ବଂଶାନୁଚରିତ, ୧୨ ଉପବଂଶ, ୧୦୦ ମାଳିକା, କେତେକ କୋଇଲି, କେତେକ ଚଉତିଶା, ଟୀକା, ବିଳାସ ଓ ଭଜନ ପ୍ରଭୃତି ଲେଖିଥିବାର ଜଣାଯାଏ । ସେଗୁଡ଼ିକୁ ଛାଡ଼ିଦେଲେ, ମୁଖ୍ୟତଃ ତାଙ୍କର ଶୂନ୍ୟସଂହିତା, ଗୁରୁଭକ୍ତିଗୀତା, ଗୋପାଳଙ୍କ ଓଗାଳ ଓ ସାତ ଖଣ୍ଡ ହରିବଂଶ ପ୍ରଭୃତି ପ୍ରଧାନ ରଚନା-ଗୁଡ଼ିକର ନାମ ଉଲ୍ଲେଖଯୋଗ୍ୟ ।

୧ । **ବ୍ରହ୍ମଶଙ୍କୁଳି**—ମୁଖବନ୍ଧରେ ଓ ମହତାବଙ୍କ ଇତିହାସରେ କେତେକ ନାମ ଦେଖିବାକୁ ମିଳେ । ସେଥିରୁ କେତେକ ପ୍ରକାଶିତ ଓ କେତେକ ଅପ୍ରକାଶିତ ।

ଅପ୍ରକାଶିତ—ଗୁପ୍ତ ସଂହିତା, ଜ୍ୟୋତି ସଂହିତା, ଅନାହତ ସଂହିତା ଅବାଡ଼ ସଂହିତା, ବ୍ରହ୍ମବଟ ସଂହିତା, ଯନ୍ତ୍ର ସଂହିତା, ମନ୍ତ୍ର ସଂହିତା, ତନ୍ତ୍ର ସଂହିତା, ଅନନ୍ତଗୋଇ, ଶବ୍ଦବ୍ରହ୍ମ ସଂହିତା ।

ପ୍ରକାଶିତ—ହରିବଂଶ ସାତଖଣ୍ଡ, ଶବ୍ଦବୋଧ, କୈବର୍ତ୍ତ ଗୀତା, ଜ୍ଞାନପ୍ରଦୀପ ଗୀତା, କଳିଯୁଗ ଗୀତା, ଭାବନାବଳି, ଗୁରୁଭକ୍ତି ଗୀତା, ଶୂନ୍ୟସଂହିତା, ଗରୁଡ଼ ଗୀତା, ଛପ୍ପନ୍ନଶପଟଳ, ଅକଳିତ ସଂହିତା, ଅଷ୍ଟଗୁଜରୀ, ନଷ୍ଟଲଜ୍ଞାନ ଗୀତା, ଗୋପାଳଙ୍କ ଓଗାଳ ଓ ଲଉଡ଼ୀ-ଖେଳ, ଅମର ଯୁମର ସଂହିତା, ତତ୍ତ୍ୱବୋଧିନୀ, ବ୍ରହ୍ମଶାଙ୍କୁଳୀ, ଅଣାକାର ସଂହିତା ।

୨ । **ଓଡ଼ିଶା ଇତିହାସ** (ହରେକୃଷ୍ଣ ମହତାବ), ନିରାକାର ସଂହିତା, ନବଗୁଞ୍ଜରୀ, ୪୨ ଚଉପଦୀ, ବ୍ରହ୍ମବିଦ୍ୟା ତତ୍ତ୍ୱଜ୍ଞାନ ।

୩ । **ବିନାୟକ ମିଶ୍ର**—ହରିବଂଶ, ଗୋପାଳଙ୍କ ଓଗାଳ, ଲଉଡ଼ୀଖେଳ, ସପ୍ତାଙ୍ଗବତ, ଅନନ୍ତ ଗୋଇ, ଜ୍ଞାନୋଦୟ କୋଇଲି, ୩୬ ଖଣ୍ଡ ସଂହିତା, ୭୮ ଖଣ୍ଡ ଗୀତା ଓ ଅନେକଗୁଡ଼ିଏ ମାଳିକା ।

୪ । **ତାରିଣୀ ଚରଣ ରଥ**—୩୬ ଖଣ୍ଡ ସଂହିତା, ୭୮ ଖଣ୍ଡ ଗୀତା, ହରିବଂଶ, ମାଳିକା-ଭବିଷ୍ୟପୁରାଣ ୧୦୦ ଖଣ୍ଡ, ଜ୍ଞାନୋଦୟ କୋଇଲି, ସପ୍ତାଙ୍ଗବତ ।

୫ । **ସୂର୍ଯ୍ୟନାରାୟଣ ଦାଶ**—ଉଲ୍ଲିଖିତ ପୁସ୍ତକ ବ୍ୟତୀତ ବର୍ତ୍ତିଟୀକା ପୁରାଣ, ଉଦୟ କାହାଣୀ, ଦଶପଟଳ ମାଳିକା ।

୬ । **ଚିତ୍ତରଞ୍ଜନ ଦାଶ**—ନିତ୍ୟ ରହାସ ।

୭ । **ବଂଶୀଧର ମହାନ୍ତି**—ରସଗୋପ ପଞ୍ଚାମୃତ (ଅପ୍ରକାଶିତ) ।

୮ । **ଜଗବନ୍ଧୁ ସିଂହ**—ଜ୍ୟୋତି ସହିତା, ଅନାହତ ସହିତା, ବୀଜ ସହିତା, ଜୁମର ସହିତା, ଅଣାକାର ସହିତା, ଅକଳିତ

ସଂହିତା, ଗୁରୁଭକ୍ତି ଗୀତା, ବ୍ରହ୍ମସଂହିତା, ବଟ ସଂହିତା, ଅମର ସଂହିତା, ଯନ୍ତ୍ର ସଂହିତା, ଜ୍ଞାନୋଦୟ କୋଇଲି, ବାସର କୋଇଲି, ତତ୍ତ୍ୱଭେଦ କୋଇଲି, ଅଭୟ କବଚ, ଚନ୍ଦ୍ରକଳ୍ପ ଟୀକା, ଅଷ୍ଟଗୁର୍ଜରୀ, ଶରଣପଞ୍ଜର ସ୍ତୋତ୍ର, ଲକ୍ଷ୍ମୀଧର ବିଳାସ, ଜ୍ଞାନନିର୍ଣ୍ଣୟ, ଦୃଢ଼ବୋଧ ଚଉତିଶା, ମାଳିକା, ଗହନ ଗୀତା, ଗୋପାଳଙ୍କ ଓଗାଳ ।

ଏ ସବୁ ବ୍ୟତୀତ ୮୪ ଟନ୍ତ ନାମରେ ଆଉ ଗୋଟିଏ ଛବିଳ ପୋଥି ତାଙ୍କ ନାମରେ ମିଳିଅଛି । ଏଥିରେ ବିଭିନ୍ନ ଚକ୍ରରେ ଅକ୍ଷରର ଚିହ୍ନସବୁ ଅଛି । ଏହା ଛଡ଼ା ଅଚ୍ୟୁତାନନ୍ଦଙ୍କ ନାମରେ ଅନେକ ଭଜନ ମିଳେ । ଏ ସବୁ ପାଠ କଲେ ଜଣାଯାଏ ଯେ ସେ ଜୀବନରେ ଯେତିକି ଯେତିକି ସାଧନାର ସ୍ତରରେ ପ୍ରବେଶ କରିଛନ୍ତି, ସେତିକି ସେତିକି ତତ୍ତ୍ୱ ରଚନାର ପରିବେଷଣ କରିଅଛନ୍ତି । ପ୍ରଥମେ ସେ କହନ୍ତି ଯେ ଯୋଗର ପ୍ରଥମ ସ୍ତରରେ ଶୁଦ୍ଧ୍ୟା ସହିତା, ପୁଣି ଯୋଗର ଦ୍ୱିତୀୟ ସ୍ତରରେ ଜ୍ୟୋତି ସାକ୍ଷାତ ।

## ଅଚ୍ୟୁତାନନ୍ଦ କେତେଜଣ—

୧୫ଶ ଶତାବ୍ଦୀର ଶେଷ କିମ୍ବା ୧୬ଶ ଶତାବ୍ଦୀର ଆଦ୍ୟ ଭାଗ ହେଉଛି ପଞ୍ଚସଖାଙ୍କ ଯୁଗ । ତେଣୁ ସେହି ସମୟର ସୂଚନା ଅଚ୍ୟୁତାନନ୍ଦଙ୍କର ଶୂନ୍ୟସିଂହିତା ପ୍ରଭୃତିରେ ମିଳେ । କିନ୍ତୁ ଦଶପଟଳ ମଧ୍ୟ ଅଚ୍ୟୁତାନନ୍ଦଙ୍କର ଲେଖା । ଏହି ଦଶପଟଳରେ ପ୍ରତାପରୁଦ୍ରଙ୍କ ପରେ ରାଜତ୍ୱ କରୁଥିବା ଯଦୁବଂଶର ବୀରକେଶରୀ ଦେବଙ୍କ ସମୟରେ ଅନେକ ପାତ୍ରମନ୍ତ୍ରୀଙ୍କ ନାମ ମଧ୍ୟ ଏଥିରୁ ମିଳୁଛି । ପାରଳାଖେମଣ୍ଡିର ରାଜା ଜଗନ୍ନାଥ ନାରାୟଣ ଦେବ ବୀରକେଶରୀଙ୍କୁ ପରାସ୍ତ କଲେ । ବୀରକେଶରୀ ମରହଟ୍ଟାଙ୍କ ସାହାଯ୍ୟ ନେଇ ପୁଣି ଜଗନ୍ନାଥ ନାରାୟଣଙ୍କୁ ପରାସ୍ତ କରି ନିଜ ସିଂହାସନ ଫେରସ୍ତ ପାଇଲେ । ବୀରକେଶରୀ ଥରେ

ନିଜର ସ୍ତ୍ରୀ ଓ ପୁତ୍ରଙ୍କୁ ମାର ଦେଇଥିବାରୁ ମରହଟ୍ଟା ଶାସକ ତାଙ୍କୁ ବନ୍ଦୀ କରିଥିଲେ । ପରେ ସେ ମୁକ୍ତ ହୋଇଥିଲେ । ଏହି ସବୁ ବର୍ଣ୍ଣନା ଦଣପଟଳରୁ ମିଳେ । ବୀରକେଶରୀ ଦେବଙ୍କ ସମୟ ୧୭୪୩ ସାଲ । ତେଣୁ ଦଣପଟଳର ଲେଖକ ଅଚ୍ୟୁତାନନ୍ଦ ନିଶ୍ଚୟ ଶୂନ୍ୟସଂହିତା ଲେଖକ ଅଚ୍ୟୁତାନନ୍ଦଙ୍କଠାରୁ ଭିନ୍ନ ଓ ବହୁ ପରବର୍ତ୍ତୀ ।

ପୁଣି ଗୁରୁଭକ୍ତି ଗୀତାରୁ ମିଳେ ଯେ ଅଚ୍ୟୁତାନନ୍ଦଙ୍କ ଗୁରୁଙ୍କ ନାମ ସନାତନ । ମାତ୍ର ପଞ୍ଚସଖା-ଅଚ୍ୟୁତାନନ୍ଦଙ୍କ ଗୁରୁ ସନାତନ ନୁହନ୍ତି । ଗୁରୁଭକ୍ତି ଗୀତାରେ ଅଚ୍ୟୁତଙ୍କ ସମୟର ରାଜା ଗୋପୀନାଥ ଦେବଙ୍କ ନାମ ମିଳେ । ଏହାଙ୍କ ରାଜତ୍ୱକାଳ ୧୭୨୫-୧୭୩୨ । ତେଣୁ ପଞ୍ଚସଖାଙ୍କ ସମୟ ଓ ଏହି ସମୟ ମଧ୍ୟରେ ବ୍ୟବଧାନ ୨୦୦ ବର୍ଷ । ଏହିପରି ଆଲୋଚନା କଲେ ଅଚ୍ୟୁତାନନ୍ଦ ନାମଧେୟ କବି ଯେ ଏକାଧିକ ଥିଲେ, ସେ ବିଷୟ ଯେତିକି ସ୍ପଷ୍ଟତର ହୁଏ, ଅଚ୍ୟୁତାନନ୍ଦ କେତେ ଜଣ ଥିଲେ, ସେ ବିଷୟ ସେତିକି ଅସ୍ପଷ୍ଟତର ହୋଇଥାଏ ।

## ସର୍ବଶେଷ ଆଲୋଚନା—

ଓଡ଼ିଆ ସାହିତ୍ୟରେ ଏକାଧିକ ଅଚ୍ୟୁତାନନ୍ଦଙ୍କ ନାମ ଶୁଣାଯାଏ । ଈଶ୍ୱର ଦାସଙ୍କ ଚୈତନ୍ୟ ଭାଗବତରେ ଅଚ୍ୟୁତାନନ୍ଦ କରଣ ଥିବାର ଲେଖାଯାଇଛି । ତାଙ୍କ ପିତାଙ୍କ ନାମ ଦୀନବନ୍ଧୁ ଖୁଣ୍ଟିଆ, ଅଜାଙ୍କ ନାମ ଗୋପୀନାଥ ଖୁଣ୍ଟିଆ, ମାଆଙ୍କ ନାମ ପଦ୍ମାବତୀ ଓ ପତ୍ନୀଙ୍କ ନାମ ଚମ୍ପାବତୀ । ଚମ୍ପାବତୀ ଥିଲେ ରଘୁରାମ ଚମ୍ପତିଙ୍କ କନ୍ୟା । ଏହାଙ୍କ ପୁତ୍ର ବ୍ରଜ ଗଦାଧର । ଏହାଙ୍କର ଦୁଇଟି ଭାଇ ଓ ଗୋଟିଏ ଭଉଣୀ ଥିଲେ । ଏ ମଧ୍ୟ ଜାତିରେ କରଣ ଥିଲେ ବୋଲି ଆର୍ତ୍ତବଲ୍ଲଭ ମତ ପ୍ରଦାନ କରିଛନ୍ତି । ଆଉ ଗୋଟିଏ କମ୍ବଦନ୍ତୀ ଅଛି ଯେ ସେ ଗୋପାଳ ଥିଲେ । ତାଙ୍କର ଅଧିକାଂଶ ଶିଷ୍ୟ ଗୋପାଳ ।

ପୁଣି ଭାବନାବର ପୁସ୍ତକରେ ତାଙ୍କୁ କମାର ବୋଲି ଉଲ୍ଲେଖ କରାଯାଇଛି । ତାଙ୍କର ଜନ୍ମତିଥି ମାଘ ଶୁକ୍ଳ ଏକାଦଶୀ ବୋଲି ଉଲ୍ଲେଖ ଅଛି । ଜନ୍ମ ସାଲ ବିଷୟରେ ମତପାର୍ଥକ୍ୟ ଦେଖାଯାଏ । ବିନାୟକ ମିଶ୍ରଙ୍କ ମତରେ ତାଙ୍କର ଜନ୍ମସାଲ ୧୪୯୦ ସାଲ ପୂର୍ବବର୍ତ୍ତୀ । କାରଣ ତାଙ୍କ ଲେଖାରେ ପଦ୍ମନାଭ ନରେନ୍ଦ୍ର ଓ ତେଲେଙ୍ଗା ମୁକୁନ୍ଦଦେବଙ୍କ ନାମ ଥିବାରୁ (ଗୋପାଳଙ୍କ ଓଗାଳ, ଲଉଡ଼ୀଖେଳ, ଅନନ୍ତ ଗୋଇ) ସେ ୧୪୯୦ ସାଲ ପୂର୍ବରୁ ଜନ୍ମ ହୋଇଥିଲେ । ସୂର୍ଯ୍ୟନାରାୟଣ ଦାସ କହନ୍ତି, ଉଦେ କାହାଣୀ ଅନୁସାରେ ତାଙ୍କର ଜନ୍ମ ୧୪୮୫ ସାଲ । ଉଦେ କାହାଣୀର ମତ ଅନୁସାରେ ଅନ୍ୟାନ୍ୟ ମତସବୁରେ ପରିବର୍ତ୍ତନ ଦେଖାଯାଉଛି ।

| | | |
|---|---|---|
| ବଳରାମ ଦାସ | ଜନ୍ମ | ୧୪୭୩ ସାଲ |
| ଶିଶୁ ଅନନ୍ତ | ଜନ୍ମ | ୧୪୭୫ ସାଲ |

ଉଦେ କାହାଣୀ ଅନୁସାରେ—

| | | |
|---|---|---|
| ଯଶୋବନ୍ତ | ଜନ୍ମ | ୧୪୭୭ ସାଲ |
| ଅଚ୍ୟୁତାନନ୍ଦ | ଜନ୍ମ | ୧୪୮୫ ସାଲ |

ତାରିଣୀ ଚରଣ ରଥଙ୍କ ମତରେ ସେ ଓଡ଼ିଶାର ରାଜା ପ୍ରତାପରୁଦ୍ରଦେବଙ୍କ ସମୟରେ (୧୫୦୪-୧୫୩୨) ଜୀବିତ ଥିଲେ । ସେ ଶ୍ରୀଚୈତନ୍ୟଦେବଙ୍କର ଜଣେ ପରମ ଭକ୍ତ ଥିଲେ । କବି ଜାତିରେ ଗୋପାଳ । ସେ କଟକ ଜିଲ୍ଲା ଅନ୍ତର୍ଗତ ସୁଆଙ୍ଗ ପ୍ରଗଣାସ୍ଥ ତିଳକଣା (ନିଧିପୁର) ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଏହାଙ୍କ ଜନ୍ମସ୍ଥାନ ବିଷୟରେ ମଧ୍ୟ ମତଭେଦ ରହିଛି । ତାଙ୍କର ଉକ୍ତିରେ—

"ତିଳକଣାରେ ମୁଁ ଜନମ ଲଭିଛି କେହି ନ ଚିହ୍ନିଲେ ମୋତେ,
ଅଗଣି ତ ବୋଲି ମାତା ଡାକୁଥାନ୍ତି ଅନ୍ନ ନ ମିଳଇ ଘରେ ।"

ଏହି ତିଳକଣା ନେମାଳ ନିକଟବର୍ତ୍ତୀ ତିଳକଣା ବୋଲି ଜଣାଯାଇଛି । ଏହାଙ୍କ ନାମରେ ମଧ୍ୟ କେତେକ ପ୍ରବାଦ ପ୍ରଚଳିତ ଅଛି । ଏହାଙ୍କ ପିତାମାତାଙ୍କର ସନ୍ତାନ ନ ହେବାରୁ ସେମାନେ ପୁରୀଯାଇ ଗରୁଡ଼ସ୍ତମ୍ଭ ପଛପଟେ ଗୋଟିଏ ପୁଅ ଦେଖିଲେ । ସେମାନେ ଭାବିଲେ ଯେ ଭଗବାନ ସନ୍ତୁଷ୍ଟ ହୋଇ ତାଙ୍କୁ ପୁଅ ଦେଲେ । ତା'ପରେ ଘରକୁ ଫେରିଆସି ପୁତ୍ର-ସନ୍ତାନ ଲଭ କଲେ । ସେଥିଯୋଗୁଁ ପୁଅର ନାମ ଅଗଣି ଦେଲେ । ବରୁଣ ଟୀକାରେ ଅଛି :—

" ଶୁଣିବାକୁ ତୁମ୍ଭେ ଦ୍ୱିଜକୁମର,
ମୋର ଜନ୍ମସ୍ଥାନ ଅଟେ ବିପୁର ।"

କେହି କେହି ମତ ଦିଅନ୍ତି ଯେ ଏହାଙ୍କ ଜନ୍ମସ୍ଥାନ ରଣପୁର । ଗୋପାଳଙ୍କ ଓଗାଳ ଓ ହରିବଂଶରେ ଏହାଙ୍କ ଜନ୍ମସ୍ଥାନ ରଣପୁର ବୋଲି ଉଲ୍ଲେଖ ଅଛି ।

"ରଣପୁର ମଝି ମୁଁ ଅଖଣ୍ଡାଚଳେ ବସିକରି ଥାଇ,
ପଦ୍ମନାଭ ନରେନ୍ଦ୍ର ମୋତେ ଅନ୍ନଦେଇ ପୋଷଇ ।"
(ହରିବଂଶ)

"ମୁଁ ଥିବି ମଣିନାଗଙ୍କୁ ଯୋଜନେ ଅନ୍ତର ।"
(ଅନନ୍ତ ଗୋଇ)

ତିଳକଣା ତାଙ୍କର ପ୍ରକୃତ ଜନ୍ମସ୍ଥାନ ହୋଇପାରେ । ରଣପୁରରେ ବୋଧହୁଏ ପଦ୍ମନାଭ ନରେନ୍ଦ୍ରଙ୍କ ଆଶ୍ରୟ ନେଇଥିଲେ ଏବଂ ସେଠାରେ କବି ପୁସ୍ତକାଦି ଲେଖିଥିଲେ । ଏହି ବିପୁର ବିଷୟରେ କୁହାଯାଇପାରେ ଯେ ଏହା ଏକ ଧର୍ମଗତ ନାମ । ବାଇଶି ପାହାଚର ସବା ଉପର ପାହାଚର ନାମ ବିପୁର । ଦୀକ୍ଷାନେବା ପରେ ଜନ୍ମସ୍ଥାନ

ନାମକୁ ବଦଳାଇବାର ପଦ୍ଧତି ଅଛି । ସେ ମଧ୍ୟ ସ୍ୱକୃତ ବରୁଣ ଟୀକାରେ ଏହି ନିପୁର ନାମ ବିଷୟ ପରିଷ୍କାର କହିଛନ୍ତି ।

"ନିତ୍ୟ ନୀଳାଚଳ ପୂର୍ବ ଦ୍ୱାରରେ,
ସ୍ତମ୍ଭ ଗୋଟିଏ ଅରୁଣ ନାମରେ,
ସେଠାରେ ବଂଶ ପାବଚ୍ଛ ଅନ୍ୱେନ,
ନିପୁର ଗ୍ରାମ ସୀମା ସନ୍ନିଧାନ ।

(ବରୁଣ ଟୀକା)

ଏଠାରେ ସାଧନାର ସ୍ଥାନକୁ ଗ୍ରାମ କୁହାଯାଇଛି ।

"ଅଚ୍ୟୁତାନନ୍ଦ ଦାସ ନାମ ମୋହର, ନେମାଳ ଗ୍ରାମରେ ଘର,
ଶୂଦ୍ର କୁଳେ ମୁହିଁ ଜନମ ଲଭିଛି, ଆଜ୍ଞା ଘେନ ପ୍ରଭୁଙ୍କର ।"

ଏହି ନେମାଳ ତିଲକଣା ପାଖ । ଏହାଙ୍କର ଗୁରୁ ଓ ଦୀକ୍ଷା ନେଇ ମଧ୍ୟ ଭିନ୍ନ ମତ ଦେଖାଯାଏ । ତାଙ୍କର ଗୁରୁ ରୂପେ ତିନି-ଜଣଙ୍କର ନାମ ଦେଖାଯାଏ । (୧) ସନାତନ (୨) ଶ୍ରୀଚରଣ (୩) ନନ୍ଦକିଶୋର । ଏଥିରୁ ତାଙ୍କର ଏକାଧିକ ଗୁରୁଥିବାର ଅନୁମାନ କରିବା ଅଯୌକ୍ତିକ ନୁହେଁ ।

୧ । "ଶିରୀ ସନାତନ ସ୍ୱାମୀଙ୍କୁ ଚାହିଁଣ
ଆଜ୍ଞା ଦେଲେ ଶଚୀସୁତ,
ଅଚ୍ୟୁତାନନ୍ଦଙ୍କୁ ତୁମ୍ଭେ ଉପଦେଶ
କର ହେ ଯାଇ ତୁରିତ ।

(ଶୂନ୍ୟସଂହିତା)

୨ । ନନ୍ଦକିଶୋରଙ୍କ ଶିଷ୍ୟ ଶିରୀ ଚରଣ ଗୋସାଇଁ,
ଶିରୀଚରଣ ଗୋସାଇଁ ଶିଷ୍ୟ ଅଚ୍ୟୁତ ମୁହିଁ ।

(ଗୁରୁଭକ୍ତି ଗୀତା) ।

୩ । "ନନ୍ଦକିଶୋର ବର୍ଣ୍ଣମୂଳେ । ରାମକୃଷ୍ଣ ଯେ ଗୁରୁଦେଲେ,
ସନାତନ ଯେ ଦାସଙ୍କୁ ହିଁ । ନନ୍ଦକିଶୋର ଦେଲେ କହି ।
ମୁଁ ଅଟେ ଅଚ୍ୟୁତ ଯେ ଦେହୀ । ସନାତନ ଯେ କୃପା ବହି ।"

(ଗୁରୁଭକ୍ତି ଗୀତା)

ଏହି ସନାତନ ନାମ ନେଇ ଦୁଇଗୋଟି ଉଲ୍ଲେଖ ମିଳେ । ସନାତନଙ୍କ ଗ୍ରାମ ଦୋଳି ଗ୍ରାମରେ—

"ଦୋଳଗ୍ରାମେ ତାଙ୍କ ବାସ ବୈରାଗୀର ଦେହୀ,
ଏକ ଶିଷ୍ୟ ମୁହିଁ ତାଙ୍କ ଅନ୍ୟ ଶିଷ୍ୟ ନାହିଁ ।"

(ଗୁରୁଭକ୍ତି ଗୀତା) ।

କିନ୍ତୁ ଶୂନ୍ୟସଂହିତାରେ ଯେଉଁ ସନାତନଙ୍କ ନାମ ମିଳେ, ସେ ଶ୍ରୀଚୈତନ୍ୟଙ୍କ ସହିତ ଆସିଥିବା ବୈଷ୍ଣବ ସନାତନ ବୋଲି ମନେ ହୁଏ । ଆର୍ତ୍ତବଲ୍ଲଭ ଅଚ୍ୟୁତାନନ୍ଦଙ୍କ ଗୁରୁ ନିତ୍ୟାନନ୍ଦ ବୋଲି ମତ ଦେଇଛନ୍ତି । କିନ୍ତୁ ନିତ୍ୟାନନ୍ଦଙ୍କ ବିଷୟରେ କୌଣସି ବିବରଣୀ ମିଳେ ନାହିଁ ।

ଭାବନାବଳୀରେ ଏହାଙ୍କର ପିଲାଦିନରେ କାହାଣୀ ଅଛି । ସେ ପାଞ୍ଚ ବର୍ଷରୁ ବିଦ୍ୟାରମ୍ଭ କରିଥିଲେ । ୧୧ବର୍ଷ ବୟସରେ ଧ୍ୟାନ, ଜ୍ଞାନାଦି ବିଷୟ ଅଧ୍ୟୟନ କରିଥିଲେ । ଗୀତା, ଭାଗବତ, ମନ୍ତ୍ର, ଯନ୍ତ୍ରରେ ସେ ବିଶେଷ ଜ୍ଞାନଲାଭ କରିଥିଲେ । ତା ପରେ ଶିଷ୍ୟ-ବେଷ୍ଟିତ ହୋଇ ସଂକୀର୍ତ୍ତନ ଦଳ ସହିତ ରାମେଶ୍ୱର, ଶିବକୂଟ, ଗୋପ, ମଥୁରା, ବୃନ୍ଦାବନ ପ୍ରଭୃତି ବିଭିନ୍ନ ସ୍ଥାନ ବୁଲିଥିଲେ ।

(ଶୂନ୍ୟସଂହିତା)

**ଲୀଳାସ୍ଥାନ**—ଅନେକ ସ୍ଥାନରେ ସେ ଗୋଷ୍ଠୀଘର ଓ ଗାଦି ସ୍ଥାପନ କରିଥିଲେ । ନେମାଳ, ସାଇଲୋ, ବଉମୂଳ, ସାଇବରିକୁଣ୍ଡ,

ବଲଦା, ହରିହରପୁର ପ୍ରଗଣାର ସାହାଜପୁର ପ୍ରଭୃତିରେ ତାଙ୍କର ଗାଦିମାନ ଅଛି । ନେମାଳରେ ଆଜି ମଧ ତାଙ୍କ ଗାଦି ଏକ ବିଖ୍ୟାତ ପୀଠ । ତାଙ୍କର ମତାବଲମ୍ବୀମାନେ ଏହାକୁ ପ୍ରଧାନ ପୀଠ ରୂପେ ମାନିଥାନ୍ତି । ଅଷ୍ଟ ଗୁର୍ଜ୍ଜରୀରେ ସେ କାମନା କରିଥିଲେ :—

"ଚିତ୍ରତୋଳା ନଦୀକୂଳରେ ଗ୍ରାମ ନେମ୍ବାଳ ସ୍ଥାନ,
ସେଠାରେ ଏ ଦେହ ହଜିବ ମୋର ଏହି ଧିଆନ ।"

ନିଜ ରଚନା ବିଷୟରେ ଅଣାକାର ସଂହିତାରେ ସେ ଲେଖିଛନ୍ତି :—

"ଛତିଶ ସଂହିତା ଅଠସ୍ତରି ଗୀତା ବଂଶାନୁସପ୍ତବଂଶରେ
ଉପବଂଶାନୁ ଦ୍ୱାଦଶ ଖଣ୍ଡ ଦେବି ଭବିଷ୍ୟ ଶତଖଣ୍ଡରେ,
ଚଉଦ୍ୟ ପଦ୍ୟାବଳୀ ଲକ୍ଷେକ ଯେ ଛନ୍ଦ ସବୁ ଶ୍ରୀକୃଷ୍ଣ ମହିମା,
ତୋ ଆଗେ କହିଲୁ ବରଜକୁମର ବ୍ରହ୍ମ ସାରସ୍ୱତ ସୀମା ।"

**ପରମ୍ପରା**—ଅଚ୍ୟୁତାନନ୍ଦ ତାଙ୍କ ଗୋପାଳଙ୍କ ଓଗାଳରେ ପାଞ୍ଚୋଟି ଯୁଗର ନାମୋଲ୍ଲେଖ କରିଛନ୍ତି । ଅନନ୍ତ, ସତ୍ୟ, ତ୍ରେତା, ଦ୍ୱାପର ଓ କଳିଯୁଗ ହେଉଛି ପାଞ୍ଚୋଟି ଯୁଗ । ଏହି ପାଞ୍ଚୋଟି ଯୁଗରେ ପଞ୍ଚସଖା ଭିନ୍ନ ଭିନ୍ନ ନାମ ଧରି ଜଗତରେ ଜନ୍ମଗ୍ରହଣ କରିଛନ୍ତି । ଦଶପଟଳରେ ମଧ ଏହିପରି ଏକ ପରମ୍ପରା ମିଳେ । ମାତ୍ର ଦଶପଟଳର ପଞ୍ଚସଖାଙ୍କ କ୍ରମ ଗୋପାଳର ପଞ୍ଚସଖାଙ୍କ କ୍ରମଠାରୁ ଭିନ୍ନ ।
ଗୋପାଳଙ୍କ ଓଗାଳରେ :—

ଅନନ୍ତ ଯୁଗରେ—ଶ୍ରୀଦାମ, ସୁଦାମ, ବସୁଦାମ, ନନ୍ଦ, ସନନ୍ଦ ।
ସତ୍ୟ ଯୁଗରେ—ମାର୍କଣ୍ଡ, କୃପାଜଳ, ଗାର୍ଗବ, ସ୍ୱୟମ୍ଭୂ, ନାରଦ ।
ତ୍ରେତା ଯୁଗରେ—ନଳ, ନୀଳ, ସୁଷେଣ, ଜମ୍ବେବ, ହନୁମାନ ।

ଦ୍ୱାପର ଯୁଗରେ—ସୁବଳ, ସୁବାହୁ, ଦାମ, ସୁଦାମ, ଶ୍ରୀବତ୍ସ ।
କଳି ଯୁଗରେ—ଅନନ୍ତ, ଅଚ୍ୟୁତ, ଜଗନ୍ନାଥ, ଯଶୋବନ୍ତ,
ଶ୍ରୀବତ୍ସ ।

ଦଶପଟଳରେ ପଞ୍ଚସଖାଙ୍କ କ୍ରମ ହେଉଛି (୧) ବଳରାମ (୨) ଜଗନ୍ନାଥ (୩) ଅଚ୍ୟୁତ (୪) ଅନନ୍ତ (୫) ଯଶୋବନ୍ତ ।

ପଞ୍ଚସଖାଙ୍କ ଧର୍ମସମ୍ପ୍ରଦାୟ ସମ୍ପର୍କରେ ଗୁରୁଭକ୍ତି ଗୀତାରେ ଅଛି:-

"ଅନନ୍ତ ଶିଷ୍ୟ ଯେ ରାମାନନ୍ଦ ବଇଷ୍ଣବ,
ଯଶୋବନ୍ତ ଦାସ ମାଧ୍ୱାଚାର୍ଯ୍ୟ ବଇଷ୍ଣବ,
ବଳରାମ ଦାସ ବିଷ୍ଣୁ ଶ୍ୟାମ ଦାସ ହୋଇ,
ନିତ୍ୟାନନ୍ଦ ବଇଷ୍ଣବ ଅଚ୍ୟୁତ ଅଟଇ ।"

ଏଥିରେ ଜଗନ୍ନାଥ ଦାସଙ୍କ ସମ୍ପ୍ରଦାୟ ବିଷୟରେ ଉଲ୍ଲେଖ ନାହିଁ । ସେ ନିଜସ୍ଥାପିତ ଅତିବଡ଼ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ଥିଲେ । ବଳରାମ ଦାସଙ୍କ ଧର୍ମସମ୍ପ୍ରଦାୟର ନାମ ବିଷ୍ଣୁଶ୍ୟାମ ଦାସ ବଦଳରେ ବିଷ୍ଣୁସ୍ୱାମୀ ଦାସ ହୋଇପାରେ । ଓଡ଼ିଆ ସାହିତ୍ୟର ପରିଚୟ ୧ମ ଭାଗରେ ସୂର୍ଯ୍ୟନାରାୟଣ ଦାଶ ଉପଯୁକ୍ତ ଉଦ୍ଧୃତାଂଶକୁ ବା ଉଦ୍ଧୃତାଂଶର କ୍ରମକୁ ଏ ପାଖ ସେ ପାଖ କରି କ୍ରମଭଙ୍ଗ କରିଅଛନ୍ତି ।

## ରଚନା ବିଚାର—

୧ । **ଶୂନ୍ୟସଂହିତା**—ଏହାର ଦୁଇଟି ସଂସ୍କରଣ ମିଳେ । ଗୋଟିଏ ରତ୍ନାକର ଗର୍ଗବଟୁଙ୍କ ଦ୍ୱାରା ପ୍ରକାଶିତ ଓ ଅନ୍ୟଟି ନାରାୟଣ ପ୍ରସାଦ ଦାସଙ୍କ ଦ୍ୱାରା ପ୍ରକାଶିତ । ଦାସଙ୍କ ସଙ୍କଳନରେ ୪୧ଟି ଅଧ୍ୟାୟ ଓ ଗର୍ଗବଟୁଙ୍କ ସଙ୍କଳନରେ "ଗ୍ରନ୍ଥାରମ୍ଭ" ଅଧ୍ୟାୟକୁ ଛାଡ଼ିଦେଲେ ୨୯ଟି ଅଧ୍ୟାୟ ଅଛି । ଉଭୟ ସଂସ୍କରଣର ନାମରେ ମଧ୍ୟ

ପାର୍ଥକ୍ୟ ଅଛି । ଦାସଙ୍କର ସଂକଳନର ନାମ "ବୃହତ୍‌ଶୂନ୍ୟ ସଂହିତା" ଓ ଗର୍ଗବନ୍ଧୁଙ୍କର ସଂକଳନର ନାମ "ଶୂନ୍ୟସଂହିତା" । ଏଥିରୁ ଜଣାଯାଏ ଦ୍ୱିତୀୟ ଭାଗଟି ପ୍ରକ୍ଷିପ୍ତ । ଶୂନ୍ୟସଂହିତାର ଗ୍ରନ୍ଥାରମ୍ଭରେ ପଞ୍ଚସଖା ଅଚ୍ୟୁତାନନ୍ଦଙ୍କର ଜୀବନୀ ଦିଆଯାଇଛି । ଆରମ୍ଭରେ ଅଛି ଯେ ଗୋସାଇଁ (ଅଚ୍ୟୁତାନନ୍ଦ)ଙ୍କର ପାଞ୍ଚଜଣ ଶିଷ୍ୟ ଥିଲେ । ସେମାନେ ମୁକୁନ୍ଦ, ଉଦ୍ଧାମ, ପବନ, ରାମ, ଧମ—ସେମାନଙ୍କୁ ପଞ୍ଚ ମହାଜନ ମଧ୍ୟ କୁହାଯାଇଛି । ଏଥିରେ କବି ଜାତିସ୍ମରତ୍ୱର ପରିଚୟ ଦେଇଛନ୍ତି । ପୂର୍ବଜନ୍ମରେ ସେ ସୁଦାମ ଥିଲେ । ରାମଦାସଙ୍କ ପ୍ରଶ୍ନ ଶୁଣି ଅଚ୍ୟୁତ ଯେଉଁ ଧର୍ମୋପଦେଶ ଦେଇଥିଲେ, ତାହା ହିଁ ଶୂନ୍ୟସଂହିତାରେ ବର୍ଣ୍ଣିତ । ଶୂନ୍ୟ ଭଜନ ଓ ନିରାକାର ଭଜନ ଦାସଙ୍କ ମତରେ ଜୀବ ପକ୍ଷରେ ମୁକ୍ତିପନ୍ଥା । ଅତି ଗୂଢ଼ ବିଷୟଗୁଡ଼ିକ ଲୋକସାଧାରଣଙ୍କର ସୁବୋଧ ହେବା ଲାଗି ଅତି ସରଳ ଭାଷାରେ ବ୍ୟକ୍ତ କରାଯାଇଛି । ନାମପିଣ୍ଡର କାରଣ-ନାମକୁ ଭଜିଲେ ମୁକ୍ତି ସମ୍ଭବ । ନାମ ଯୋଗୁଁ କାୟାର ସ୍ଥିତି, କର୍ଣ୍ଣଗୁରୁ ଉପଦେଶ ଦେଇ ପିଣ୍ଡକୁ ଧାରଣ କରନ୍ତି ।

ଏଥିରେ ନୀଳାଚଳର ଚତୁର୍ଦ୍ଧାମୂର୍ତ୍ତିର ବର୍ଣ୍ଣନା ଅଛି । ପଞ୍ଚଭୂତ, ପଞ୍ଚଆତ୍ମା, ପଞ୍ଚଗୀତା ପ୍ରଭୃତିର କଥା ମଧ୍ୟ ଦିଆଯାଇଛି । ଏଥିରେ ଗୋଟିଏ ଅଧ୍ୟାୟର ନାମ ସପ୍ତପଞ୍ଚାତ୍ମିକ ପ୍ରକରଣ । ଏହାର ଅର୍ଥ ସହଜ-ବୋଧ୍ୟ ନୁହେଁ । ଏଥିରେ ପୁଣି ଅଷ୍ଟାଙ୍ଗ ଯୋଗର ବର୍ଣ୍ଣନା ଅଛି । "ତାର ରଜ ଶଶବଦ" ମନ୍ତ୍ର ଜପ କରିବାକୁ ନିର୍ଦ୍ଦେଶ ଅଛି । ତାର ଅର୍ଥ ଚକ୍ଷୁ, ରଜ ଅର୍ଥ ନାସା, ଶଶ ଅର୍ଥ ମୁଖ ଓ ବଦ ଅର୍ଥ ବର୍ଣ୍ଣ ବୋଲି ଗ୍ରହଣ କରାଯାଇଛି । ସାନ୍ଧ୍ୟଭାଷା ଓ ସାଙ୍କେତିକ ଭାଷାରେ ମଧ୍ୟ ରଚନା ଅଛି ।

(୧) ପୁଚ୍ଛବାଟେ ଗାଈପୁଣି ଆହାର ଯେ ଖାଇ,
ମୁଖ ବାଟେ ନେଇ ପୁଣି ଆହାର ବଳଇ । (୩ୟ ଅଧ୍ୟାୟ)

(୨) ବାରଯୁଣ ଫେରିଗଲେ ପଳାଇବ ଗାଈ
ଭାଙ୍ଗି ଯିବ ଗୁହାଳ ଯେ ଲୋଡ଼ିଲେ ନ ପାଇ ।

ଏଠାରେ ଗାଈ ହେଉଛି ମନ ଓ ଗୁହାଳ ହେଉଛି ଶରୀର । ଶୂନ୍ୟ ଭଜନକୁ ସବୁଠାରୁ ଉତ୍କୃଷ୍ଟ ସ୍ଥାନ ଦିଆଯାଇଛି । କବିଙ୍କ ମତରେ ତାଙ୍କର ସମସ୍ତ ରଚନା ମଧ୍ୟରେ ଶୂନ୍ୟସଂହିତା ଶ୍ରେଷ୍ଠ ।

୨ । **୮୪ ଚକ୍ର**—ଏହା ଅଚ୍ୟୁତାନନ୍ଦଙ୍କ ନାମରେ ମିଳେ ।
ଏଥିରେ ବିଭିନ୍ନ ଚକ୍ରରେ ଅକ୍ଷର ବସାଣର ଚକ୍ରସବୁ ଅଛି ।

୩ । **ଗହନ ଗୀତା**—ଏହା ଭାଗବତ ବୃତ୍ତରେ ଲିଖିତ । ଏଥିରେ ଗରୁଡ଼ ଗୋବିନ୍ଦ ସମ୍ବାଦ ବର୍ଣ୍ଣିତ । ଭକ୍ତ ପ୍ରଶଂସା, ଗୋଲୋକ ବର୍ଣ୍ଣନା, ପିଣ୍ଡବ୍ରହ୍ମାଣ୍ଡ ବର୍ଣ୍ଣନା—ଏ ଗୀତାର ବର୍ଣ୍ଣିତ ବିଷୟ ।

୪ । **ଶବ୍ଦବ୍ରହ୍ମ ଗୀତା**—

ଏଥିରେ ଏ ଗ୍ରନ୍ଥ ରଚନାର ସମୟ ନିର୍ଦ୍ଦେଶ କରିଛନ୍ତି ।

" ସୂର୍ଯ୍ୟବଂଶରେ ମହୀପତି ସାର । କପିଳରୁଦ୍ର ନୃପତି କୁମର ॥
ଶ୍ରୀ ପୁରୁଷୋତ୍ତମ ନୃପ ତନୁଜ । ପ୍ରତାପରୁଦ୍ର ଦେବ ମହାରାଜ ॥

× × × ×

ସେ ମହାରାଜାଙ୍କ ପଞ୍ଚମ ଅଙ୍କେ । ଶବ୍ଦବ୍ରହ୍ମ ମୁଁ କଲି ନିଃଶଙ୍କେ ॥

ପ୍ରତାପରୁଦ୍ରଙ୍କ ୨୫ ଅଙ୍କ ଅର୍ଥାତ୍ ଖ୍ରୀ: ଅ: ୧୫୧୭ରେ ଏହି ଗ୍ରନ୍ଥ ରଚିତ ହୋଇଥିଲା । ଏଥିରେ ଛୋଟ ଛୋଟ ତିରିଶି ଅଧ୍ୟାୟରେ ଜ୍ଞାନଯୋଗର ଶ୍ରେଷ୍ଠତ୍ୱ ପ୍ରତିପାଦନ କରାଯାଇଛି । ଏହି ଗ୍ରନ୍ଥ ଲେଖିବାବେଳକୁ କବିଙ୍କର ଯୌବନାବସ୍ଥା ହୋଇଥିବାର ସୂଚିତ ।

"ସମସ୍ତେ ଶିଶୁ ପୁଅଙ୍କର ସଙ୍ଗେ ।
ଦିନ ବଞ୍ଚିଲା କଥା ଖେଳ ରଙ୍ଗେ ।
ଚଉଦ ଅନ୍ତରେ ମୁଁ ପଢ଼ିଲି ପାଠ ।
ଥୋକାଏ ଜାଣିଲି ବଉଦ୍ଧର ବାଟ ।"

(୧୦ ଅଧ୍ୟାୟ)

ଅଚ୍ୟୁତାନନ୍ଦଙ୍କର ପ୍ରାୟ ସବୁ ରଚନାରେ ଗୁରୁଶିଷ୍ୟ ସମ୍ବାଦ ଅଛି । ଅନ୍ୟ କେତେକ ସ୍ଥାନରେ ଚୈତନ୍ୟ-ଅଚ୍ୟୁତ ସମ୍ବାଦ ଓ ଅନ୍ୟ କେତେକ ବର୍ଣ୍ଣନା ଅଛି । ଏହି ଗ୍ରନ୍ଥରେ କାହାର ସମ୍ବାଦ ନାହିଁ ; କେବଳ ବର୍ଣ୍ଣନା ଅଛି ।

୪ । **ଦଶପଟଳ ମାଳିକା**—ପୂର୍ବେ ହରଙ୍କୁ ଉକ୍ତ ଶ୍ରୀ ଯେଉଁ କଥା କହିଥିଲେ, ତାହା ଅଚ୍ୟୁତାନନ୍ଦ ରାମଚନ୍ଦ୍ରଙ୍କୁ କହିଅଛନ୍ତି । ବର-କଳୋଟଙ୍କ ସମ୍ବନ୍ଧରେ ଯେଉଁ ଘଟଣା ବର୍ଣ୍ଣିତ ହୋଇଅଛି ସେଥିରୁ ପ୍ରମାଣିତ ହୋଇପାରେ ଯେ ଏହା ପଞ୍ଚସଖା ଅଚ୍ୟୁତାନନ୍ଦଙ୍କର ରଚନା ନୁହେଁ । କେଉଁ ଯୁଗରେ ପଞ୍ଚସଖା କ ରୂପେ ଜନ୍ମଗ୍ରହଣ କରିଥିଲେ ତାର ବର୍ଣ୍ଣନା ଅଛି ।

"ସବମନ୍ତ୍ରରେ ମୁଁ ଗୁପତ କରିଛି ନିରାକାର ମନ୍ତ୍ର ଗୋଟି,
ଭିନସମ୍ପ୍ର ଭକ୍ତ ପାଇଁ ମୁଁ ରଖିଛି ଶୂନ୍ୟସହିତା ବାଟିଟି ।"

ଅଚ୍ୟୁତାନନ୍ଦ ଧର୍ମ ସମ୍ବନ୍ଧରେ ଏକଦେଶଦର୍ଶୀ ନ ଥିଲେ । ସେହି ଅଲେଖ, ବିଷ୍ଣୁ, ମହେଶ୍ୱର, ସୂର୍ଯ୍ୟ, ଅମ୍ବିକା ପ୍ରଭୃତିଙ୍କ ସୃଷ୍ଟିକର୍ତ୍ତା । ଅଲେଖ ଭଜନରେ ସଂକୀର୍ଣ୍ଣ ସାମ୍ପ୍ରଦାୟିକତାର ସ୍ଥାନ ନାହିଁ । ହିନ୍ଦୁ, ମୁସଲମାନ ସମସ୍ତେ ସେହି ଅଲେଖଙ୍କୁ ଭଜନ କରନ୍ତି । ତାଙ୍କ ମତରେ "ହିନ୍ଦୁ ଭଜେ ଅଲେଖ, ତୁର୍କ ଆଲେପ୍ ଯେ" ।

ଶୂନ୍ୟସଂହିତାର ଦଶମ ଅଧ୍ୟାୟରେ ମାଧୁଶ୍ରୀଙ୍କ ଜୀବନୀ ଦିଆଯାଇଛି । ମାଧୁଶ୍ରୀ ବୈରାଗୀ ହୋଇ ବନକୁ ଯାଇଥିଲେ । ଦଣ୍ଡକାରଣ୍ୟର ପୂର୍ବ ପ୍ରାଚୀନଦୀ କୂଳରେ ପ୍ରବେଶ କରି ସେ ଦେଖିଲେ ସେଠାରେ ତପୀ, ଋଷି ଓ ସନ୍ନ୍ୟାସୀଙ୍କ ଆଶ୍ରମ ଅଛି । ମାତ୍ର ଦିନରେ ସେମାନଙ୍କ ସହିତ ସାକ୍ଷାତ ହେଲା ନାହିଁ । ରାତିରେ ଜଣେ ସାଧୁଙ୍କ ସହିତ ଦେଖା-ହେଲା । ସେ ଆଶ୍ରମ ଦେଖାଇ ଦେଲେ । ପ୍ରାଚୀନଦୀ କୂଳରେ ସେ ଏକଶତ ଗୁମ୍ଫା ଦେଖିଲେ । ସେମାନଙ୍କ ନାମ ମଧ୍ୟ ଉଲ୍ଲେଖ ଅଛି । ଗୋଲଖ ଗୁମ୍ଫା, ମଳିକା ଗୁମ୍ଫା, ଭାରଦ୍ୱାଜ ବାଲଙ୍କର ସିଂହଙ୍କ ଅଶ୍ରମ, ଲୋହିଦାସ ମଠ, ବାଲୁଁଗା ଦାସଙ୍କ ମଠ ପ୍ରଭୃତି । ମାଧୁଶ୍ରୀ ଗୁରୁଙ୍କ-ଠାରୁ ନାଗାନ୍ତ, ଯୋଗାନ୍ତ, ବେଦାନ୍ତ ସିଦ୍ଧାନ୍ତ ପ୍ରଭୃତି ଅନେକ ବିଦ୍ୟା ଶିଖିଥିଲେ ।

ଅଚ୍ୟୁତାନନ୍ଦଙ୍କର ଅନେକ ଶିଷ୍ୟ ଥିଲେ । ସେ ଲେଖିଛନ୍ତି ଯେ ତାଙ୍କର ୩୦୦୦ ଭକ୍ତ ଥିଲେ । ଏଥିରୁ ଉତ୍ତମ ଶିଷ୍ୟ ୫୦୦ ଓ ପ୍ରାଚୀ କୂଳରେ ତାଙ୍କର ୧୦୦୦ ଭକ୍ତ ଥିଲେ । ଅନନ୍ତପୁର ଶାସନର ଶର୍ମ୍ମା ଦ୍ୱିଜବର, ପ୍ରାଚୀକୂଳର ଦାସ ମହାପାତ୍ର, ଗଣେଶ ପଣ୍ଡ, ଗଡାକୁଳ କାହ୍ନୁଙ୍କ ପୁତ୍ର ପରୀକ୍ଷିତ, ଯାଜପୁରର ବନ୍ଧୁ ମହାନ୍ତି—ଏମାନେ ଅଚ୍ୟୁତାନନ୍ଦଙ୍କର ପ୍ରଧାନ ଶିଷ୍ୟ ।

ଏଥିରେ ଭଜନ ଓ ଯନ୍ତ୍ରମନ୍ତ୍ରକୁ ଉଚ୍ଚସ୍ଥାନ ଦିଆଯାଇଛି । ଅଚ୍ୟୁତାନନ୍ଦ ଥିଲେ ସାଧନାର ପକ୍ଷପାତୀ ।

"ଲିଭିଲେ ଜଳଇକ ଜୀବ ବାକୁ,
ଜ୍ଞାନ ଅଗ୍ନି ଦିହୁଡି ଲଗାଇ ସଂଶୟ ଛୁଡ଼କୁ,
ଲିଭିଯାଇ ପଡ଼େ ଫୁଙ୍କିଣ ଜାଳ,
ଜାଳ ତମିର ନାଶ ତତକାଳ ।

ବହୁତ ହୁଡ଼ାଟି ଏହି ଭଜନ,
ଯନ୍ତ୍ରସ୍ଥାପି ମନ୍ତ୍ର ମନରେ ଘେନ ।"

ସାଧନା କରିବାର ସୂଚନା ଏଥିରୁ ମିଳେ । ଶୂନ୍ୟ ସଂହିତାର ଭାଷା ସଙ୍କେତଗୁଡ଼ିକୁ ଛାଡ଼ିଦେଲେ ବୁଝିବା ପାଇଁ ସରଳ ।

ସତ୍ୟ ଯୁଗରେ—ନିରଞ୍ଜନଙ୍କର ପଞ୍ଚସଖା
ତ୍ରେତା ଯୁଗରେ—ରାମଚନ୍ଦ୍ରଙ୍କର ପଞ୍ଚସଖା
ଦ୍ୱାପର ଯୁଗରେ—କୃଷ୍ଣଙ୍କର ପଞ୍ଚସଖା
କଳି ଯୁଗରେ —ଚୈତନ୍ୟଙ୍କର ପଞ୍ଚସଖା ।

କଳିଯୁଗରେ କଳ୍କୀଦଳନ ହେବାର ବର୍ଣ୍ଣନା ଏହି ଦଶ-ପଟଳରେ ଅଛି । ବୀରକିଶୋରଦେବଙ୍କ ସମୟରେ ଯେଉଁ ବିପ୍ଳବ ହେଲା ତାହାକୁ ସେ ଗୁପ୍ତ ଭାଗବତରେ କଳିଯୁଗରେ ହେବ ବୋଲି ଲେଖିଛନ୍ତି । କେବଳ ଦଶପଟଳ ନୁହେଁ, ଏହାଙ୍କ ନାମରେ ୨୬ ପଟଳ ଓ ୪୬ ପଟଳ ମଧ୍ୟ ମିଳେ । ସବୁ ରଚନା ଏକଜାତୀୟ ।

୬ । **ଗରୁଡ଼ ଗୀତା**—ଏହା ନେମ୍ୟାଳରେ ଲିଖିତ । ଏହାର ରଚନାକାଳ ତେଲଙ୍ଗା ମୁକୁନ୍ଦଦେବଙ୍କର ୧୦ମ ଅଙ୍କ । ଏଥିରେ ବର୍ଣ୍ଣିତ କେତେକ ବିଷୟର ମୁକୁନ୍ଦଦେବଙ୍କ ପରେ ଭୋଇବଂଶ ବିଷୟରେ ମାଦଳାପାଞ୍ଜିରେ ବର୍ଣ୍ଣିତ ବିଷୟ ସହିତ ସାମ୍ୟ ଅଛି । ମାଦଳାପାଞ୍ଜିର "ଗଙ୍ଗା କଟକାଇ କଲେ" ଦୁର୍ଭିକ୍ଷ ଚଇ, ଖିଷଣ ପବନ ବହିବା ପ୍ରଭୃତି ବର୍ଣ୍ଣନା ସହିତ ଏଥିରେ ଥିବା ବର୍ଣ୍ଣନାର ସାମ୍ୟ ଦେଖାଯାଏ ।

"ଅଚ୍ୟୁତ ନାମ ଯେ ଅଟଇ ମୋହର ମୋହଠାରୁ ଦୁଃଖୀ ନାହିଁ,
ଚିତ୍ରୋତ୍ପଳା ନଦୀ କୂଳର ଯେ ଗ୍ରାମ ନେମ୍ୟାଳ ଅଟଇ ।"
"ଏହିଠାରେ ନାଥ ରହିଅଛି ମୁହିଁ ରହିଅଛି ରାତ୍ରଦିନ ।"

କଳିର ଆଗମ ବିଷୟ ମଧ୍ୟ ଏଥିରେ ବର୍ଣ୍ଣିତ । ଗରୁଡ଼-ଗୀତାରେ ବହୁସ୍ଥାନର ବିବରଣୀ ଦିଆ ନ ହୋଇଥିଲେ ମଧ୍ୟ ତେଲେଙ୍ଗା ମୁକୁନ୍ଦଦେବଙ୍କ ନାମ ଛଡ଼ା ଅନ୍ୟ କୌଣସି ଓଡ଼ିଆ ରାଜାଙ୍କ ନାମ ଦିଆ ହୋଇ ନ ଥିବାରୁ ଅନୁମାନ ହୁଏ ଯେ ତେଲଙ୍ଗା ମୁକୁନ୍ଦଦେବଙ୍କ ସମୟରେ କବି ଜୀବିତ ଥିଲେ । ତେଣୁ ସେ ଏହାକୁ ଭବିଷ୍ୟବାଣୀ ରୂପେ ଲେଖିଥିବାରୁ ଏ ଅଂଶଟି ପ୍ରକ୍ଷିପ୍ତ ପରି ମନେହୁଏ । କଳିରେ ଭୀଷଣ ଉତ୍ପାତ ହେବ ବୋଲି ଏଥିରେ ସୂଚିତ ।

୭ । **କୈବର୍ତ୍ତ ଗୀତା**—ପରାଶରଙ୍କ ଔରସରେ ସତ୍ୟବତୀଙ୍କ ଗର୍ଭରୁ ବ୍ୟାସଙ୍କ ଜନ୍ମବୃତ୍ତାନ୍ତ ସହିତ କୈବର୍ତ୍ତମାନଙ୍କୁ ପରାଶରଙ୍କ ବଂଶଧର ରୂପେ ଏଥିରେ ଚର୍ଚ୍ଚିତ କରାଯାଇଛି । ଏହି ବର୍ଣ୍ଣନାରେ କବି କୈବର୍ତ୍ତ ଜାତିର ଗୌରବ ବଢ଼ାଇ ଅଛନ୍ତି । ଏଥିରୁ ଜଣାଯାଏ, ଅଚ୍ୟୁତାନନ୍ଦଙ୍କୁ ପୌରାଣିକ ବିବରଣୀ ଜଣାଥିଲା ଏବଂ ଅନେକ ନୀଚକୁଳ ଜାତ ବ୍ୟକ୍ତି ଜ୍ଞାନ ଓ ଚରିତ୍ର ବଳରେ ମହାନ୍ ହୋଇ-ପାରନ୍ତି, ଏହା କବି ଭଲ ରୂପେ ହୃଦୟଙ୍ଗମ କରିଥିଲେ ।

ସୁତରାଂ ଅନୁମିତ ହୁଏ, କେବଳ ଅନ୍ଧବିଶ୍ୱାସରେ ବା ଗୁରୁଙ୍କ ଆଜ୍ଞାରେ ଅଚ୍ୟୁତାନନ୍ଦ ହିନ୍ଦୁ ସମାଜର ଜାତିଭେଦରେ ବିଶ୍ୱାସ କରି ନ ଥିଲେ । ସେ ସ୍ୱାଧୀନ ଚିନ୍ତାରେ ପୌରାଣିକ ବିଷୟଗୁଡ଼ିକ ଆଲୋଚନା କରିଥିବାରୁ ତାହାଙ୍କର ଚିତ୍ତ ହିନ୍ଦୁ ସମାଜର ସଂକୀର୍ଣ୍ଣ ପରିସରରେ ଆବଦ୍ଧ ନ ରହି ଉଦାର ହୋଇଥିଲା ।

୮ । **ଗୁରୁଭକ୍ତି ଗୀତା**—ଏହା ଏକ ବିରାଟ ଗ୍ରନ୍ଥ ଏବଂ ଏହା ତିନୋଟି ଭାଗ ବା ଖଣ୍ଡରେ ବିଭକ୍ତ । ପୂର୍ବୋକ୍ତ 'ଶୂନ୍ୟସଂହିତା' ପରି ଏହି ଗ୍ରନ୍ଥଟି ଅଚ୍ୟୁତାନନ୍ଦ ଓ ତାଙ୍କର ଶିଷ୍ୟମାନଙ୍କର କଥୋପ-କଥନ ଛଳରେ ଲିଖିତ ହୋଇଅଛି । ଶୂନ୍ୟସଂହିତାର ସୂଚନା

ଅପେକ୍ଷା, ଏହି ଗ୍ରନ୍ଥରେ ଅଚ୍ୟୁତାନନ୍ଦଙ୍କର ବହୁଶିଷ୍ୟଙ୍କର ନାମୋଲ୍ଲେଖ ଅଛି ଏବଂ ସେହିମାନଙ୍କର ମେଳରେ ସେମାନଙ୍କର ପ୍ରଶ୍ନ ଓ ଅଚ୍ୟୁତାନନ୍ଦଙ୍କର ଉତ୍ତର ଛଳରେ ଏହି ଗ୍ରନ୍ଥର ବର୍ଣ୍ଣନୀୟ ବିଷୟ-ବସ୍ତୁର ଅବତାରଣା କରାଯାଇଅଛି ।

ଅଚ୍ୟୁତାନନ୍ଦ ଜୀବନରେ ଗୋପାଳ ଜାତିର ଦୁଃଖ ଅନୁଭବ କରିଥିଲେ ଏବଂ ଗୋପାଳ ଜାତିକୁ ସାହାଯ୍ୟ କରିଥିଲେ । ଏହି ଅନୁଭୂତି ଅଚ୍ୟୁତାନନ୍ଦଙ୍କୁ ଏପରି ଭାବରେ ପ୍ରଭାବିତ କରିଥିଲା ଯେ ସେ ତାଙ୍କର କେତେକ ପୁସ୍ତକରେ ଗୋପାଳ ଜାତିର ଅଭ୍ୟୁତ୍ଥାନ, ତାଙ୍କ ପ୍ରତି ସଦୁପଦେଶମାନ ବର୍ଣ୍ଣନା କରିଛନ୍ତି । ଏ ବିଷୟରେ ସେ ଲେଖିଛନ୍ତି—

"ବିଷ୍ଣୁଦାସ ଗଣେ ମନେ ହେଉ ତୁମ୍ଭେ ଧର,
ପାଷାଣ୍ଡ ଗୋପାଳକୁଳେ ତୁମ୍ଭ ଅଧିକାର ।"

ଏବଂ

"ଏହି ପଞ୍ଚଶାଖା ମୋର ଅଟେ ନିଜ ଅଂଶ,
ତାରିବ ଗୋପାଳକୁଳ ଓଡ଼ିଶା ଯେ ଦେଶ ।"

ଏହି ପୁସ୍ତକରେ ବୈଷ୍ଣବର କାର୍ଯ୍ୟ, କୃଷ୍ଣଲୀଳା ଏବଂ ଶ୍ରୀଚୈତନ୍ୟ-ଲୀଳା ବର୍ଣ୍ଣିତ ହୋଇଅଛି । ବୈଷ୍ଣବର କାର୍ଯ୍ୟସ୍ଥଳରେ ଶିଷ୍ୟମାନଙ୍କର ସେହି ବିଷୟରେ ପ୍ରଶ୍ନ ଏବଂ ଅଚ୍ୟୁତଙ୍କର ଉତ୍ତର ଛଳରେ—

"ପାଞ୍ଚ ଯେ ବରଷ ଠାରେ ମନ୍ତ୍ର ଶିଖାଇବ,
ଦଶ ଯେ ବରଷ ଠାରେ ଯନ୍ତ୍ର ବୁଝାଇବ,
ପନ୍ଦର ବରଷ ଠାରେ ତନ୍ତ୍ରକୁ ଶିଖିବ ।"

ଏବଂ

"କୋଡ଼ିଏ ବରଷଠାରେ ସାଧନାକୁ କହି,
ପଚିଶ ବରଷଠାରେ ବ୍ରହ୍ମାହୁତ ଧାୟି ।"

ଜ୍ୟୋତି ଦେଖାଇବ ପୁଣି ତରିଶ ବରଷେ,
ପଞ୍ଚବିଂଶ ଠାବରେ ଯେ ସମାଧି ପ୍ରବେଶେ ।
ହଜବାର ଗମିବ ଯେ ଗୃଳଶ ବରଷେ,
ରସଗୁଣ କହୁଥିବ ମୃତ୍ୟୁ ପରବେଶେ ।"

ଏହିପରି ରଚନାରେ ପ୍ରକୃତ ସାଧୁର କାର୍ଯ୍ୟ ନିର୍ଣ୍ଣୟ କରି ସେ ମନ୍ତ୍ର, ଯନ୍ତ୍ର, ତନ୍ତ୍ର, ସାଧନା, ଗୁମ୍ଫା, ଜ୍ୟୋତି, ସମାଧି, ଗୁଣ ପ୍ରଭୃତି ଉତ୍କଳୀୟ ବୈଷ୍ଣବ ତତ୍ତ୍ୱ ନିରୂପଣ କରିଛନ୍ତି । ଏଥିରେ ଗୁରୁବାଦର ଶ୍ରେଷ୍ଠତ୍ୱ ପ୍ରତିପାଦିତ ହୋଇଅଛି । ଏଥିରେ କେତେକ ପ୍ରକ୍ଷିପ୍ତ ବିଷୟ ଦେଖାଯାଏ—

"ଏ ନାମ ଚୈତନ୍ୟ ଠାକୁର, ସାରଙ୍ଗ ଗୋସାଇଁ କର୍ଣ୍ଣର,
ଶ୍ୟାମ ଗୋସାଇଁ କର୍ଣ୍ଣ ମୂଳେ; ସାରଙ୍ଗ ଗୋସାଇଁ କହିଲେ ।"

ହରେକୃଷ୍ଣ ମନ୍ତ୍ରର ଭେଦ ତାଙ୍କ ନିଜ ଶିଷ୍ୟମାନଙ୍କ ପାଇଁ ଲେଖାଯାଇଥିବାରୁ ଅନ୍ୟ ସମ୍ପ୍ରଦାୟମାନଙ୍କ ବିଧି-ବିଧାନଠାରୁ ଏହା କେତେକାଂଶରେ ପୃଥକ୍ । ଏହାର ଭାଷା ସରଳ । ସମଗ୍ର ଗ୍ରନ୍ଥଟିରେ ଏକପ୍ରକାର ଛନ୍ଦଯୋଜନା ନାହିଁ । କେଉଁ କେଉଁ ସ୍ଥାନରେ ୧୪ ଅକ୍ଷର ବିଶିଷ୍ଟ ପାଦରେ ପଦ ଏବଂ କେଉଁ କେଉଁ ସ୍ଥାନରେ ୧୧ ଅକ୍ଷର ବିଶିଷ୍ଟ ପାଦରେ ପଦର ପ୍ରଚଳନ ଅଛି । କିନ୍ତୁ ଏଗୁଡ଼ିକରେ ବାଣୀର ନିର୍ଦ୍ଦେଶ ଥିବାରୁ ଏହା ସଙ୍ଗୀତ ରୂପେ ଗୀତ ହେବା ପାଇଁ ଲିଖିତ ହୋଇଥିବାର ଅନୁମିତ ହୁଏ । ତେଣୁ ଏହା ମଧୁର ଓ ଲଳିତ ।

୯ । **ହରିବଂଶ**—ଅଚ୍ୟୁତାନନ୍ଦଙ୍କ ହରିବଂଶ ସାଧାରଣତଃ 'ସାତଖଣ୍ଡିଆ ହରିବଂଶ' ନାମରେ ଓଡ଼ିଶାରେ ପରିଚିତ । ମୂଳ ହରିବଂଶର ଚରିତକୁ ଅଚ୍ୟୁତାନନ୍ଦ ପୂରାପୂରି ଅନୁସରଣ କରି

ନାହାନ୍ତି । ଗ୍ରନ୍ଥର ଭାଷା ସରଳ ଥିବାରୁ ଲୋକସମାଜରେ ଏହାର ଆଦର ଦେଖାଯାଏ । ରଣପୁରର ରାଜା ପଦ୍ମନାଭ ନରେନ୍ଦ୍ରଙ୍କ ସମୟରେ ଅଚ୍ୟୁତାନନ୍ଦ ରଣପୁରର ମଝିଖଣ୍ଡ ଗ୍ରାମରେ ବାସ କରୁଥିଲେ । ସେତିକିବେଳେ ହରିବଂଶ ଲେଖା ଶେଷ ହୋଇଥିଲା । ପଦ୍ମନାଭ ନରେନ୍ଦ୍ରଙ୍କ ଆଶ୍ରୟରେ ରହି କବି ଏ ଗ୍ରନ୍ଥକୁ ଲେଖିଥିଲେ ବୋଲି ସେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି । ଅଚ୍ୟୁତ ଶୂଦ୍ର କୁଳରେ ଜନ୍ମ । ସେ ଗୋପାଳମାନଙ୍କୁ ଦୀକ୍ଷା ଦେଇଥିଲେ ବୋଲି ଗୋପାଳମାନେ ତାଙ୍କୁ 'ମହନ୍ତ' ବୋଲି ମାନୁଥିଲେ । ହରିବଂଶରେ ସେ ଲେଖିଛନ୍ତି—

ରଣପୁରର ମଧ୍ୟ ଗ୍ରାମେ ବାସ କରିଥାଇ,
ପଦ୍ମନାଭ ନରେନ୍ଦ୍ର ପୋଷନ୍ତି ଅନ୍ନବସ୍ତ୍ର ଦେଇ,
ଶୂଦ୍ର ମଧ୍ୟରେ ଗଣନା ମୁହିଁ ତ ଅଟଇ,
ଦୀକ୍ଷା ଗୋଷ୍ଠି ପାଇଅଛି ଗୋପକୁଳେ ଥାଇ,
ସବୁ ଗୋପାଳମାନଙ୍କୁ ନାମ ଦୀକ୍ଷା ଦିଏ,
ଶ୍ରୀକୃଷ୍ଣ ପାଦପଦ୍ମରେ ଚିତ୍ତ ମୋର ଥାଏ ।
ତେଣୁ ଗୋପାଳକୁଳରେ ବୋଲାଇ ମହନ୍ତ,
ଦୟା କରିଛନ୍ତି ଯହୁଁ କମଳାର କାନ୍ତ ।
ଗୋପୀନାଥ ଚରଣକୁ ସଦା ମୋର ଆଶ
ଅଚ୍ୟୁତ ଦାସ କବିକୁ ରଖ ପୀତବାସ ।"

(ହରିବଂଶ—୭ମ ଖଣ୍ଡ)

ପୁଣି ସେହି ସପ୍ତମ ଖଣ୍ଡ ପ୍ରଥମାଂଶରେ ଅଛି—

"ପୁଣି ରଣପୁରସୀମା ମଝି ସେ ଖଣ୍ଡ ଗ୍ରାମରେ,
ମୋହର ଘର ଅଟଇ ତହିଁର ମଧ୍ୟରେ ।"

ଏହି ଗ୍ରନ୍ଥଟି ଅଚ୍ୟୁତାନନ୍ଦଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ନୁହେଁ । ଏହା ସଂସ୍କୃତର ପ୍ରଭାବରେ ଲିଖିତ । ଏହା ସାତଖଣ୍ଡରେ ବିଭକ୍ତ । ସଂସ୍କୃତର

ଆକ୍ଷରିକ ଅନୁବାଦ ଏହା ନୁହେଁ । ଏଥିରେ ଅନେକ ନୂତନ ବିଷୟର ଅନୁବାଦ ଅଛି । ଏହି ନୂତନ ବିଷୟଗୁଡ଼ିକ ଅନ୍ୟାନ୍ୟ ପୁରାଣରୁ ଗୃହୀତ । କେତେକ ସ୍ଥଳରେ ମଧ୍ୟ କଳ୍ପନା ପ୍ରବଣ ହୋଇ କେତେକ ମୌଳିକ ବର୍ଣ୍ଣନା କରି ଦେଇଛନ୍ତି । ଅଚ୍ୟୁତାନନ୍ଦ କହନ୍ତି ଯେ ସେ ଶିପ୍ରନାରାୟଣ ଦାସଙ୍କର ହରିବଂଶ ପଢ଼ିବାର ସୁବିଧା ପାଇ ନ ଥିବାରୁ ନିଜେ ହରିବଂଶ ଲେଖିବାକୁ ପ୍ରୟାସୀ ହୋଇଥିଲେ । ଏଥିରୁ ଅନୁମିତ ହୁଏ ଯେ, ଅଚ୍ୟୁତାନନ୍ଦଙ୍କର ଅବ୍ୟବହିତ ପୂର୍ବରୁ ବା ତାଙ୍କ ସମୟରେ ଓଡ଼ିଆରେ ଶିପ୍ରନାରାୟଣ ଦାସଙ୍କ ଦ୍ୱାରା ଏକ ହରିବଂଶ ଲିଖିତ ହୋଇଥିଲା । ମାତ୍ର ଅଚ୍ୟୁତାନନ୍ଦଙ୍କ ହରିବଂଶ ଶିପ୍ରନାରାୟଣଙ୍କ ହରିବଂଶ ଅପେକ୍ଷା ଅଧିକ ମୌଳିକ ବୋଲି ଜଣାଯାଏ ।

## ୧୦ । ଗୋପାଳଙ୍କ ଓଗାଳ ଓ ଲଉଡ଼ି ଖେଳ—

ଅଚ୍ୟୁତାନନ୍ଦଙ୍କ ଗ୍ରନ୍ଥଗୁଡ଼ିକ ମଧ୍ୟରୁ ଗୋପାଳଙ୍କ ଓଗାଳ ଖଣ୍ଡିଏ ଲୋକପ୍ରିୟ ରଚନା । ଗୋପାଳ କୁମାର ସୁଦାମଙ୍କ ପ୍ରଶ୍ନ ଓ ଶ୍ରୀଦାମଙ୍କ ଉତ୍ତର ଛଳରେ ଏହି କ୍ଷୁଦ୍ର ପୁସ୍ତକଟି ରଚିତ ହୋଇଅଛି । ଗୋପରାଜ ନନ୍ଦଙ୍କ ଗୃହରେ ଇନ୍ଦ୍ରପୂଜା ଉପଲକ୍ଷେ ଗୋପର ବନ୍ଧୁ ଗୋପାଳଙ୍କର ଯୋଗଦାନ ଏବଂ ସେମାନଙ୍କ ସଙ୍ଗରେ କୃଷ୍ଣଙ୍କର ଲଉଡ଼ିଖେଳ ବିଷୟରେ "ଲଉଡ଼ିଖେଳ" ପ୍ରସଙ୍ଗଟିର ଅବତାରଣା କରାଯାଇଛି । ଗ୍ରନ୍ଥର ଆରମ୍ଭରେ କବି କୃଷ୍ଣଙ୍କ ବନ୍ଦନା କରି ନିଜର ବୈଷ୍ଣବ-ପ୍ରାଣତାର ପରିଚୟ ଦେଇଛନ୍ତି । ତତ୍ପରେ କୃଷ୍ଣଙ୍କର ଜନ୍ମ ଏବଂ ରାଧାଙ୍କ ସହିତ ତାଙ୍କର ମିଳନ ପ୍ରସଙ୍ଗ ବର୍ଣ୍ଣିତ ହୋଇଅଛି । ଏ ସମସ୍ତ ବର୍ଣ୍ଣନା ପରେ କବି ନନ୍ଦ ଭବନରେ ଇନ୍ଦ୍ରପୂଜାର ଏକ ବିଶଦ ବର୍ଣ୍ଣନା ଦେଇଅଛନ୍ତି । ଏଥିରେ ବନ୍ଦନା ବର୍ଣ୍ଣନା ମଧ୍ୟରେ ଦେବକୀଙ୍କ ଗର୍ଭରେ କୃଷ୍ଣଙ୍କର ଜନ୍ମରହସ୍ୟ, ତାଙ୍କର ରାଧାଙ୍କ ସହିତ

ପ୍ରୀତି, ଚନ୍ଦ୍ରସେଣାଙ୍କର ନପୁଂସକତ୍ୱର କାରଣ ଏବଂ ସେହି ସମ୍ପର୍କରେ ଚନ୍ଦ୍ରସେଣା ଓ ରାଧାଙ୍କର ଜନ୍ମର ପୂର୍ବାଭାସ ସୁନ୍ଦର ରୂପେ ବର୍ଣ୍ଣିତ ହୋଇଅଛି[୨]।

ଯଶୋବନ୍ତଙ୍କ ରଚିତ ପ୍ରେମଭକ୍ତି ବ୍ରହ୍ମଗୀତାରେ କୃଷ୍ଣ ଓ ରାଧାଙ୍କ ଉକ୍ତି-ପ୍ରତ୍ୟୁକ୍ତି ଛଳରେ ସେମାନଙ୍କର ପୂର୍ବଜନ୍ମ ବୃତ୍ତାନ୍ତ ଥିଲେ ହେଁ ଏହି କ୍ଷୁଦ୍ର ପୁସ୍ତକଟିରେ ଏ ସମସ୍ତ ସଙ୍ଗୀତମୟ ଛନ୍ଦ-ବନ୍ଧରେ ଆବଦ୍ଧ ହୋଇ ସୁଲଳିତ ଏବଂ ଶ୍ରୁତିମଧୁର ହୋଇ ପାରିଅଛି । ଚନ୍ଦ୍ରକୁ ଜହ୍ନମାମୁଁ ବୋଲି ନାମକରଣ କରିବା ବିଷୟରେ ସୁଦାମଙ୍କର ପ୍ରଶ୍ନ ଏବଂ ଶ୍ରୀଦାମଙ୍କ ଉତ୍ତର ଛଳରେ—

"ଶୁଣ ଶୁଣ ଭାଇମାନେ ପଚାରିଲ ଯାହା,
ଯାହା କହୁଛି ଜାଣିଅଛି କହୁଅଛି ତାହା,
ଜହ୍ନମାମୁଁ ବୋଲି ଲୋକେ କାହିଁକି ଡାକନ୍ତି,
ଲକ୍ଷ୍ମୀଦେବୀ ଜଗତର ଜନନୀ ଅଟନ୍ତି ।
ଚନ୍ଦ୍ର ଲକ୍ଷ୍ମୀ ଦୁଇ ଜଣ ସମୁଦ୍ରରୁ ଜାତ,
ଚନ୍ଦ୍ର ତାଙ୍କର ଅଟନ୍ତି ସହୋଦର ଭ୍ରାତ ।
ଚନ୍ଦ୍ର ଭ୍ରାତ ଭଗ୍ନୀ ଲକ୍ଷ୍ମୀ ଜଗତ ମାତା ହେଲେ,
ତେଣୁ ମାମୁଁ ବୋଲି ଚନ୍ଦ୍ରେ ଜଗତେ ଡାକିଲେ ।"

ଏହିପରି କୌତୂହଳ-ପ୍ରଦ ଉତ୍ତର ପ୍ରଦତ୍ତ ହୋଇଛି । ପ୍ରାଚୀନ କବିମାନଙ୍କ ପରି ଶେଷରେ ଅଚ୍ୟୁତାନନ୍ଦ ନିଜର ନାମୋଲ୍ଲେଖ କରିଛନ୍ତି ।

"ସର ଲବଣୀ ଭୁଞ୍ଜି ହୋଇଲେ ତୋଷ,
ଗୀତରେ ଭଣିଲେ ଦୀନ ଅଚ୍ୟୁତ ଦାସ ।

× × ×

"ଶିବ ପୁରାଣ ଭବିଷ୍ୟ ପୁରାଣକୁ ଦେଖ,
ତହିଁରୁ ଜାଣି ପାରିବ କହନ୍ତ ଅଚ୍ୟୁତ ।"

ଏଥିରେ ଥିବା ବାରମାସୀ ଗୀତଟି ଅତି ହୃଦୟସ୍ପର୍ଶୀ । ପ୍ରକୃତିର ବର୍ଣ୍ଣନା ସଙ୍ଗେ ସଙ୍ଗେ ବାରମାସରେ ପ୍ରକୃତି ପରିବର୍ତ୍ତନ ଯୋଗୁଁ କୃଷ୍ଣ ଓ ରାଧାଙ୍କର ହୃଦୟଗତ ଅନୁଭୂତି ପ୍ରକାଶିତ ହୋଇଅଛି—

"ଆଦ୍ୟ ମାର୍ଗଶିର ଶିଶିରେ ଶୀତ,
ଶ୍ରୀକୃଷ୍ଣ ଜାଣନ୍ତି ରାଧିକା ଚିତ୍ତ,
ଦୁଃଖୀର ଜୀବନ ଦୁଃଖୀ ସଙ୍ଗୀତ,
କାହିଁ ଆଣିଦେବି କମଳା-କାନ୍ତ । ମୋ କାହ୍ନୁରେ !

× × ×

ପୌଷେ ଚନ୍ଦ୍ରାବଳୀ ଜପଇ ବସି,
ହସ୍ତେ ବର୍ଣ୍ଣମାଳା କଣ୍ଠେ ତୁଳସୀ,
ସେ ଦିନ ଗାଇବ ଗୋବିନ୍ଦ ବର,
କୃଷ୍ଣ କଥା ଯାକ ପଡ଼େ ମନର ।
ମାଘରେ ମାଧୋଇ ଆସିବେ ବୋଲି
ଶେଯ ଶୋଇଲା ପାଖୁଡ଼ା ମଲ୍ଲୀ,
ଜାଳି ବସାଇଲା ମାଣିକ ବତି,
ଚକ୍ଷୁ ଉଜାଗରେ ପାହିଲା ରାତି—ମୋ କାହ୍ନୁରେ !

× × ×

ଆଷାଢ଼ ମାସରେ ଗୁଣ୍ଡିଚ୍ଚା ଯାତ,
ରଥେ ବିଜେ କଲେ ଶ୍ରୀ ଜଗନ୍ନାଥ,
ଅଗ୍ରେ ବଳଭଦ୍ର ବସିଲେ ଯାଇ,
ମଧ୍ୟେ ସୁଭଦ୍ରା ଦେବୀ ପଛେ କହ୍ନାଇ, ମୋ କାହ୍ନୁରେ !

ବାରମାସୀ ଗୀତରୁ ଉଦ୍ଧୃତ ପଦ୍ୟାଂଶମାନ କପରି ସଙ୍ଗୀତ ମଧୁ ଏବଂ ହୃଦୟସ୍ପର୍ଶୀ, ତାହା ପ୍ରତ୍ୟେକ ପାଠକ ଉପଲବ୍ଧି କରି ପାରିବେ । ଲଉଡ଼ିଖେଳ ବା ବାଡ଼ିବୁଲାଣି ଗୀତଟି ଆହୁରି ସରଳ ଓ ସୁନ୍ଦର ।

"ରେ ରେ ରାହାକୁ ରାହା ଦେଇ ।
ବାହାକୁ ବାହା ଦେଇ ।
ସେହି ଗୋଡ଼ ସେହିଠି ଥିବ ।
ସେହି ହାତ ସେଇଠି ଥିବ ।
ଅଣ୍ଟା ହଲାଇ, ଗୁଣ୍ଡି ଫୁଲାଇ,
ଆସ ମୋର ଭାଇ, ଯାକଯୁକ ହୋଇ,
ରାଧାକୃଷ୍ଣ ନିତ୍ୟକେଳି କଦମ୍ବମୂଳେ ଭେଟ ହୋଇ ।"

ଏହିପରି ଲଉଡ଼ି ଓ ବାଡ଼ିବୁଲାଣି ଗୀତ ଆଜିକାଲି ମଧ୍ୟ ଗୋପାଳମାନେ ଗାଇ ଆଆନ୍ତି । ଏହାର ଭାଷା ଓ ଭାବସାରଲ୍ୟ ପାଇଁ ଏହା ସାଧାରଣ ଜନସମାଜରେ ଆଦୃତ ହୋଇଛି ।

୧୧ । **ବର୍ଣ୍ଣଟୀକା ପୁରାଣ**— ଏଥିରେ ବର୍ଣ୍ଣ ଅର୍ଥ ଜାତି । କବି ନିଜେ ଶୂଦ୍ର କୁଳରେ ଜାତ ହୋଇଥିଲେ । ଏଥିରେ ସେ ନିଜର ଜନ୍ମ, ବିବାହ, ବଂଶବୃକ୍ଷ ପ୍ରଭୃତି ରଚନା କରିଛନ୍ତି ।

୧୨ । **ଆଗତ ଭବିଷ୍ୟ ବା ଅନନ୍ତଗୋଇ**—

ଏଥିରେ ଅଚ୍ୟୁତାନନ୍ଦ କଳିଯୁଗର ଆଗତ ଭବିଷ୍ୟତ ଲେଖିଛନ୍ତି ଓ ସେଥିରେ ମଧ୍ୟ ନିଜ ଚରିତ ଲେଖିଛନ୍ତି ।

"ଗୋଲ ବସ୍ତୁ ହେବ ନୀଳାଦ୍ରି ପୁରେ,
ଭଗି ନୃପତି ରହିବ ସେଠାରେ ।
× × ×

ମୁକୁନ୍ଦଦେବ କି ପୁରାଣ ମୂର୍ତ୍ତି,
ଯୁଗ ପାଲଟି ତାହାକୁ ଘିନ୍ତ ।"

ଏଥିରୁ ଜଣାଯାଏ ଯେ ପୁରୀ ରାଜବଂଶରେ ଗୃହବିବାଦ ବେଳକୁ ସେ ଜୀବିତ ଥିଲେ ।

୧୩ । **ଭାବନାବର :—**

ଏଥିରେ ମଧ୍ୟ ସାଧୁ ଭାଷାରେ ତତ୍ତ୍ୱ ବ୍ୟାଖ୍ୟାନ କରାଯାଇଛି । ଜଗନ୍ନାଥ ମୂର୍ତ୍ତି ବିଷୟରେ ଏଥିରେ ଅଛି :—

ଭାଇ ବୋଲିକରି ଯାହାକୁ ବୋଲି ସେ
ସାକ୍ଷାତ ତୋହର ପୁଅ,
ଭଗ୍ନୀ ବୋଲି ଯାହା ସଙ୍ଗତେ ଯେମନ୍ତୁ
ଚହ୍ନିଲେ ତୋ ଅଂଶ ଦେହ ।
ତିନ ଜଣ ଏକା ସଲଖେ ବସିଲୁ
ପ୍ରାୟେ ଦେଖୁଥାନ୍ତି ଜନ,
ତିନ ଜଣରେ ଏକ ଶାତ୍ରୀ ପଦ୍ମତ
ନାମ ତାର ସୁଦର୍ଶନ ।

× × ×

ମୋହ ତହିଁ ଦେଖ ତୁମ୍ଭେ ରହିଅଛ
ତୁମ୍ଭେ ତହିଁ ପର ମୁହିଁ,
ତୁମ୍ଭ ମୋ ହିସାବ କରଣେ ବସିଲେ
ବିଦ୍ୟା ବିଁ ଅଣ୍ଟିବ ନାହିଁ ।

ଏଠାରେ ଅଭେଦତତ୍ତ୍ୱ ବା ବ୍ରହ୍ମର ବ୍ୟାଖ୍ୟା କରାଯାଇଛି ।

୧୪ । **ପଟଳ** :—

ଦଶ **ପଟଳ**, ଛୟାଳିଶ **ପଟଳ** ଓ ଚବିଶ **ପଟଳ** ନାମରେ ତିନୋଟି ପଟଳ ଅଚ୍ୟୁତାନନ୍ଦ ଦାସଙ୍କ ନାମରେ ମିଳିଅଛି । ଚବିଶ ପଟଳଟି ଅଚ୍ୟୁତାନନ୍ଦ ଦାସଙ୍କ ରଚନା ପରି ଦେଖାଯାଏ ନାହିଁ । ଏହା କୁମ୍ଭୀପଟିଆ ଅଚ୍ୟୁତାନନ୍ଦଙ୍କର ବୋଲି ଜଣାଯାଏ । ଚବିଶ ପଟଳରେ ଅଛି :—

"ଆଛାଦ ସିଦ୍ଧ ଗୋଷ୍ଠୀଠାରେ
ସେ ଢେଙ୍କାନାଳ ଯୋରନ୍ଦାରେ,
ତେଜି ଏ ତନୁ ହେବୁ ଗୁପ୍ତ
ଅବନାସ୍ଥାନେ ହୋଇ ଯୁକ୍ତ ।

ପୁଣି

ଗୋହଟ୍ଠାରେ ଶସ୍ତ୍ର ଆଦି
ଗୁପତେ ରଖିଛି ସମ୍ପାଦି
କଳିନ୍ଦ ସେନ ତା ପାଇବ,
ଅନେକ ପାପୀଙ୍କି ନାଶିବ ।"

ଏଥିରୁ ଜଣାଯାଏ ଗୋହଗଣ୍ଠିକାରେ ଯେଉଁ ଯୁଦ୍ଧ ହୋଇଥିଲା, ତାର ବିବରଣୀ ପ୍ରକାରାନ୍ତରେ ଏଠାରେ ଦିଆଯାଇଛି ।

"ଲେମ୍ବାଳ ତିନି ନଭେମ୍ବର,
ଦଧିବୋହିବ ତିନି ଧାର ।"

ଏହି "ନଭେମ୍ବର" ଶବ୍ଦରୁ ଜଣାଯାଏ, ଏ କବି ବହୁ ପରବର୍ତ୍ତୀ । ଏ ଅଚ୍ୟୁତାନନ୍ଦ କେବେ-ହେଁ ପଞ୍ଚସଖା ଅଚ୍ୟୁତାନନ୍ଦ ହୋଇ ନ ପାରନ୍ତି । ଏ ଅଚ୍ୟୁତାନନ୍ଦ "କୁମ୍ଭୀପଟିଆ" ଅଚ୍ୟୁତାନନ୍ଦ । ଛୟାଳିଶ ପଟଳରେ ମଧ୍ୟ ମହିମାଧର୍ମର ଲକ୍ଷଣ ଦେଖାଯାଏ ।

"ମନ୍ମଥମାର ଚୂଡ଼ାମଣିରେ ଚନ୍ଦ୍ରକ,
ମନ୍ମଥ ଗୋସେଇଁ ଅଲେଖ ।"

କିମ୍ବା ତା ପରେ :—

"ପଞ୍ଚସଖାଙ୍କୁ ଘେନ ସଙ୍ଗେ,
ସଂସାରେ ଖେଳେ ନାନାରଙ୍ଗେ ।
ପୁଣି
"ଶ୍ରୀ ନରକାର ସ୍ୱାମୀ ବକ୍ତା,
ଦୀନ ଅଚ୍ୟୁତାନନ୍ଦ ଶ୍ରୋତା,
× × ×
ବୋଲଇ ଫକୀର ଅଧମ,
ଧ୍ୟାଇଣ ଗୁରୁ ଶ୍ରୀଚରଣ ।"

## ୧୪ । ଅଷ୍ଟ ଗୁର୍ଜରୀ :—

ଏହା ଏକ ସମାନ ରାଗବିଶିଷ୍ଟ ଗୀତ । ଅଠଗୋଟି ସମାନ ରାଗବିଶିଷ୍ଟ ଗୀତ ଯୋଗୁଁ ଏହାର ନାମ ଅଷ୍ଟଗୁର୍ଜରୀ । ଏହାର ରାଗ "ରାମକେରୀ" । ପ୍ରଥମ ଗୀତଟିରେ ଭଗବାନ କପରି ଭକ୍ତର ଅଧୀନ, ତାହା ବର୍ଣ୍ଣନା କରାଯାଇଛି ।

"ଭାବ ବିନୋଦିଆ ଠାକୁର ଭକ୍ତବତ୍ସଳ ହରି,
ଭକ୍ତ ନିମନ୍ତେ କଳେବର ଦଶ ମୂରତି ଧରି ।
ଭକ୍ତ ତୁମ୍ଭ କିସ କରିବ ଭକ୍ତ ବୋଲରେ ଥାଅ,
ଭକ୍ତ ପେଷିଲା ହସ୍ତିନାକୁ ଦୂତ ପଣରେ ଯାଅ ।
ଭକ୍ତ ଦେଖାଇଲା ସ୍ତମ୍ଭକୁ ସ୍ତମ୍ଭୁଁ ହେଲ ଉଦିତ,
ଭକ୍ତର ଭୃତ୍ୟ ପରିଭୃତ୍ୟ ଭଣେ ଦୀନ ଅଚ୍ୟୁତ ।"

ଏହାର ପରବର୍ତ୍ତୀ ଅଧ୍ୟାୟରେ କବି ଭବକୂପରେ ପଡ଼ିଥିବାରୁ ଭଗବାନଙ୍କୁ ଏ ସଂସାରର ମାୟାରୁ ଉଦ୍ଧାର କରିବା ନିମିତ୍ତ ଆହ୍ୱାନ କରିଅଛନ୍ତି । ଏହା ଛଳରେ ସେ ପାଣ୍ଡବ, ଖ୍ରୀବତ୍ସ, ଅଜାମିଳ ପ୍ରଭୃତିଙ୍କ କଥା ଉଲ୍ଲେଖ କରିଅଛନ୍ତି । ତୀର୍ଥବ୍ରତ କରିବାରେ କିଛି ଲାଭ ନାହିଁ—କାୟା ସାଧନାର ମହତ୍ତ୍ୱ ଏଥିରେ ପ୍ରଦର୍ଶିତ । କାୟା ସାଧନା ବିଷୟରେ ଅଛି :—

"କମଳ କେଶର ଦଳରେ ଲୀଳା କରେ ଭ୍ରମର,
ଶୂନ୍ୟରେ ଜ୍ୟୋତି ଊର୍ମି ଜ୍ୟୋତି ଶୂନ୍ୟେ ଶୂନ୍ୟେ କେଶର ।"

୧୬ । **ପରମଜ୍ଞାନ ଗୀତା :—**

ଏଥିରେ ପ୍ରତିମାପୂଜାବିରୋଧି ମତ ପ୍ରକାଶ ପାଇଅଛି । ଏଥିରେ କାୟାସାଧନାର ମହତ୍ତ୍ୱ ପ୍ରଦର୍ଶିତ ହୋଇଅଛି । ଷଡ଼ଚକ୍ର ଭେଦିଲେ କିପରି ଜୀବ ପରମାତ୍ମାଙ୍କଠାରେ ଲୀନ ହୁଏ, ତାହା ମଧ୍ୟ ଏଥିରେ ଦର୍ଶାଇ ଦିଆଯାଇଅଛି । ପଞ୍ଚ ଭୂତ, ପଞ୍ଚ ମନ ବିଷୟ ବ୍ୟାଖ୍ୟା କରି ସେ ଲେଖିଛନ୍ତି :—

"ଦୁର୍ଲ୍ଲଭ ଏ ନର ଘଟ ଏଥୁ ଶ୍ରେଷ୍ଠ ନାହିଁ,
ଘଟକୁ ଛାଡ଼ିଲେ ମନ ପାଇବୁ ତୁ କାହିଁ ।
ଜଗତେ ପୂରିଛି ସେହି ନ ଦେଖନ୍ତି କେହି,
ପ୍ରତିମା ପିତୁଳ ପୂଜା ହେଉଥାନ୍ତି ବାଇ ।"

୧୭ । **ଅକଳିତ ସଂହିତା :—**

ରାମଦାସ ଓ ଅଚ୍ୟୁତଙ୍କ ମଧ୍ୟରେ କଥୋପକଥନ ଛଳରେ ଏହା ଲିଖିତ । ଅଚ୍ୟୁତ ଏ ଜ୍ଞାନ କଥା ଅନ୍ୟ କାହାକୁ ନ କହିବା

ନମନ୍ତେ ରାମଙ୍କୁ କହୁଛନ୍ତି । ଏଥିରେ ଅଚ୍ୟୁତ ସେହି ଶୂନ୍ୟ ଭଜନ କରିବାକୁ କହୁଛନ୍ତି ଏବଂ ନିଜର ପରିଚୟ ମଧ୍ୟ ଦେଇଛନ୍ତି ।

"ତିହାଙ୍ଗୀ ତଟ ନେମ୍ପାଳ ଗ୍ରାମରେ,
ନିବାସ ହୋଇବ ବଟ ପୁରରେ ।"

ଏଥିରେ ହରିନାମ, ବତିଶ ଅକ୍ଷର ମହାମନ୍ତ୍ର, ଗାୟତ୍ରୀମନ୍ତ୍ର ପ୍ରଭୃତି ବ୍ୟାଖ୍ୟା କରାଯାଇଛି । ଏହି ଶୂନ୍ୟମାର୍ଗ କପରି ଅସାଧ୍ୟ, ତାହା ସେ କହୁଛନ୍ତି :—

"ଅସାଧନ ମାର୍ଗ ଏହି ବିଷ୍ଣୁର
ଜିହ୍ଵା ଓଷ୍ଠ ନ ଚଳଇ ଏଠାର ।"

ତ୍ରେତୟାଯୁଗରେ ରାମଚନ୍ଦ୍ର ହନୁମାନଙ୍କୁ ଏହି ଦୀକ୍ଷା ଦେଇଥିଲେ । ତେଣୁ ସେ ଅଙ୍ଗୁଳିମୁଦି ନେଇ ସମୁଦ୍ର ଡେଇଁ ଲଙ୍କାରେ ସୀତାଙ୍କୁ ଠାବକଲେ । ମନକୁ ତତ୍ତ୍ୱ କରି ସେ ସମୁଦ୍ର ଡେଇଁଲେ । ଏଥିରେ ଅବାଡ଼ ସାଧନ ବିଷୟ ବର୍ଣ୍ଣିତ ଅଛି । ଏହି ସାଧନା କରିବାକୁ ହେଲେ ପଞ୍ଚଭୂତକୁ ଏକ କରିବାକୁ ହୁଏ । ତେବେ ଅବାଡ଼ ଭଲ ପଟରେ ଖେଳିବ । ପ୍ରଥମେ ଉଦୟ ହୋଇ ଜାଲବାଡ଼ ପରି ଘେରିବ । ଏହା ମୃଗତୃଷ୍ଣା ପରି ଦେଖାଯାଏ । ଏଥିରେ ଅନେକ ବିନ୍ଦୁ ଥାଏ । ଯେତେବେଳେ ସବୁ ବିନ୍ଦୁ ଏକ ହୁଏ, ସେତେବେଳେ ସୂର୍ଯ୍ୟମଣ୍ଡଳ ପରି ଦିଶେ । ତା' ପରେ ପଞ୍ଚ କଳା ହ୍ରାସ ହୁଏ । ପ୍ରଥମ ବେଢ଼ ଶୁକ୍ଳବର୍ଣ୍ଣ, ତା'ପରେ କୁଙ୍କୁମ, ତା'ପରେ ହରିଦ୍ରା, ତା'ପରେ ନୀଳୋତ୍ପଳ, ତା' ପରେ ନୟନାନନ୍ଦ ଆପେ ବାଳମୂର୍ତ୍ତିରେ ବିରାଜନ୍ତି । ଏହାକୁ ଦର୍ଶନ କଲେ ବିପତ୍ତି ଖଣ୍ଡନ ହୁଏ । ଖଡ୍ଗଦ୍ୱାରା ଶତ୍ରୁ ନାଶ କରାଯାଏ ମାତ୍ର ଅବାଡ଼ଦ୍ୱାରା ସମସ୍ତ ବିପତ୍ତି ବିନାଶ ପ୍ରାପ୍ତ ହୁଏ ।

ଯାହାକୁ ଅବାଡ଼ ନ ହରେ, ତାକୁ ବିଷ୍ଣୁ ନିବାଶ କରନ୍ତି ବୋଲି ଜାଣି ବାକୁ ହେବ । ଏହା ଷଟ୍ଚକ୍ରଠଳର ବର୍ଣ୍ଣିତ ବିଷୟବସ୍ତୁ । ତା ପରେ ଜ୍ୟୋତିଦର୍ଶନ କଥା ବର୍ଣ୍ଣନା କରାଯାଇଛି । ଏହି ଗ୍ରନ୍ଥଟି ସାତ ଅଧ୍ୟାୟ-ବିଶିଷ୍ଟ ।

୧୮ **ଅମରକୁମର ସଂହିତା :—**

ଏଠାରେ ନିରାକାର ଓ ଅଚ୍ୟୁତଙ୍କ କଥୋପକଥନ ଛଳରେ ଓଁକାରରୁ ବିଷ୍ଣୁ, ବ୍ରହ୍ମା ଓ ମହେଶଙ୍କ ଜନ୍ମ ବିଷୟ ଲିଖିତ ।

"ଓଁକାର ଅଟଇଟି ଶୂନ୍ୟ
ହକାର ଅଟଇ ପବନ ।"

ଅଷ୍ଟକଳା :—

ନଳଗଣ୍ଠିରେ ଦୁଇ, ତା ଉପରେ ଗୁହ୍ୟ କଳା, ନାଭିକଳା, କଣ୍ଠକଳା । ଏହି ପାଞ୍ଚକଳା ଉପରେ ବିରାଜ । ଲଲାଟ ପାଖରେ ଦୁଇକଳା । ଏହି ଦୁଇକଳା ମଧ୍ୟରେ ବୃନ୍ଦାବନ, ନାସିକାରେ ବ୍ରହ୍ମକଳା ।

"ଏହି ଅଷ୍ଟକଳା ଲାଗିଏ ଦେହଟି ଅଛି ।
ସଂସାର ସାଗରେ ଦେଖ ବନ୍ଦୀ ହୋଇଅଛି ।"

ପ୍ରାଣ ଛୁଟିଲା ବେଳେ ସୁଷୁମ୍ନାରେ ଝର ପଡ଼େ । ଏପରି ସନ୍ନିପାତ ଘୋଟି ପ୍ରଳୟବେଗରେ ତଳକଳାରୁ ଉପରଯାଏ ମାଡ଼ିଆସେ । ଲଲାଟପଟରେ ରାଧାକୃଷ୍ଣ ବିହାର କରୁଥିବା କଳାଟି ଉପୁଡ଼ିଲେ ଦୁଇ ଚକ୍ଷୁର ଦୁଇ ଧାର ପଡ଼ିଯାଏ । ପିଣ୍ଡରେ ପ୍ରଳୟ ହୁଏ । ବେଦର ଜନ୍ମ, ଜ୍ଞାନର ବିଷୟ ପଚାରିଛନ୍ତି ଅଚ୍ୟୁତ ଓ ଉତ୍ତର ଦେଇଛନ୍ତି ନିରାକାର :—

"ଜ୍ଞାନର ସାର ଯେ ଓଁକାର ।
ଏଣ ଅକ୍ଷରୁ ସେ ବାହାର ।"

**୧୯ । ଜ୍ଞାନପ୍ରଦୀପ ଗୀତା :—**

ଅର୍ଜ୍ଜୁନ ଓ ଶ୍ରୀକୃଷ୍ଣଙ୍କର କଥୋପକଥନ ଛଳରେ ବୀଜମନ୍ତ୍ରର ବ୍ୟାଖ୍ୟା କରାଯାଇଛି ।

ହ୍ଲୀଂ—ବଳଭଦ୍ର-ବଇଁଶୀ
ଶ୍ଲୀଂ—ସୁଭଦ୍ରା-ହୃଦୟ
କ୍ଲୀଂ—ଜଗନ୍ନାଥ-ଶିର ।

ପ୍ରକୃତ ଯୋଗୀର ପରିଚୟ :—

"ଯୋଗୀ ବୋଲି କର ଯାହାକୁ ବୋଲନ୍ତି
ଯୋଗ ଦ୍ୱାରେ ଦ୍ୱାସ୍ଥି ସେହି
ଯୋଗୀଜନ ଯୋଗେ ପ୍ରବେଶ ହୁଅନ୍ତେ
ମନଜ୍ଞାନକୁ ହରାଇ ।"

ଅର୍ଜ୍ଜୁନଙ୍କ ପ୍ରଶ୍ନ :—

"ଅବ୍ୟକ୍ତ ପୁରୁଷ କାହିଁରେ ଥାଇ,
ଜୀବ ପରମ ବୋଲନ୍ତି ସେ କାହିଁ ।
× × ×
ମାଈ କେ ଅଣ୍ଡି ବା ଜଣା ନ ଗଲା ।"

ଶ୍ରୀକୃଷ୍ଣଙ୍କ ଉତ୍ତର :—

"ଅଜ୍ଞାମାକୁ ବ୍ୟକ୍ତ କରିବୁ ନାହିଁ,
ଅବ୍ୟକ୍ତ ପୁରୁଷ ଶୂନ୍ୟରେ ଥାଇ ।

ଜୀବପରମ ତା ବେନି ଚରଣ,
ଜୀବ ପରମ ମୁଁ ହୋଇଛୁ ଜାଣ ।"
× × ×
"ଜୀବନ୍ତି ମାଈ ପରମ ଅଣ୍ଡିରା ।"

କେତେ କଳାରେ ରାତ୍ରି ଦିବସ, ଜୀବପରମଙ୍କ କଳାବିଷୟରେ ଅର୍ଜୁନ ପ୍ରଶ୍ନ କରିବାରୁ **ଶ୍ରୀକୃଷ୍ଣ** ଉତ୍ତର ଦେଇଛନ୍ତି :—

"ଆହାର ନିଦ୍ରା ମଇଥୁନ ବାଈ,
ଚନ୍ଦ୍ରର ଏ ଚାରିକଳା ଅଟଇ ।
ଉର୍ମି, ଧୂର୍ମି, ଜ୍ୟୋତି ଜ୍ୱାଳା ଏ ଚାରି
ଶୂନ୍ୟକଳା ଚାରିଦ୍ୱାରେ ପ୍ରହରି ।"

ଏଥିରେ ପଞ୍ଚମନ, ପଞ୍ଚପବନ, ପଞ୍ଚତତ୍ତ୍ୱ, ପଞ୍ଚଭୂତ, ପଞ୍ଚପ୍ରାଣ, ଷଡ଼ଚକ୍ର, ପଦ୍ମ, ପଦ୍ମର ଦଳ, ଅକ୍ଷର ବସାଣ ପ୍ରଭୃତି ହୋଇଅଛି ।

୨୦ । **ତତ୍ତ୍ୱବୋଧିନୀ** :—

ଅଚ୍ୟୁତାନନ୍ଦ ଓ ରାମଦାସଙ୍କ ମଧ୍ୟରେ କଥୋପକଥନ ଛଳରେ ଶୂନ୍ୟ, ଓଁକାର, ଅର୍ଦ୍ଧମାତ୍ରା, ପଞ୍ଚଭୂତ, ପଞ୍ଚବେଦ ସୃଷ୍ଟି ପ୍ରଭୃତି ବିଷୟରେ କୁହାଯାଇଛି । ପଚିଶ ପ୍ରକୃତି କଥା ମଧ୍ୟ କୁହାଯାଇଛି ।

"ସବୁପୁରେ ଅଛି ଓଁକାର ଦେହେ,
ଗୁରୁ ସିନା ତାଙ୍କୁ ଚହ୍ନାଇ ଦିଏ ।"

ଏଥିରେ ଆଗତ ଭବିଷ୍ୟ ବା କଳିକାଳ କଥା ବର୍ଣ୍ଣନା କରାଯାଇଛି ।

"ମୂର୍ତ୍ତିମନ୍ତ ପୁଂସ ଦେଖିଲେ ନାରୀ,
ସ୍ୱାମୀ ଛାଡ଼ି ପରସଙ୍ଗେ ବିହରି,
କାହୁନ୍ତେକ ଦେଖାଇବେ ଯୌବନ,
କାଢ଼ିବେ ଦୁକୂଳ ଧରିବ ସ୍ତନ ।
× × ×
ଓଡ଼ିଶାରେ ଘୋଟିବ ଘୋର କଳି,
ପାଞ୍ଚ ପଚଶରେ ହେବେ ମେଳି ।"

ଚଉଦ୍ୱାର, କଟକ, ଖୋର୍ଦ୍ଧା ପ୍ରଭୃତିର ଉଲ୍ଲେଖ ଏଥିରେ ଅଛି ।

## ୨୧ । ବ୍ରହ୍ମଶାଙ୍କୁଳୀ ଓ ଅଣାକାର ସଂହିତା :—

ଅଣାକାର ସଂହିତାର ଉପସଂହାରରୁ ଜଣାଯାଏ ଯେ ଅଚ୍ୟୁତାନନ୍ଦ ୩୬ ଖଣ୍ଡ ସଂହିତା, ୨୮ ଗୀତା, ବଂଶାନୁଚରିତ ତଥା ହରିବଂଶାଦି ୨୮ ଖଣ୍ଡ, ଉପବଂଶାଦି ୧୨ ଖଣ୍ଡ, ଭବିଷ୍ୟ ୧୦୦ ଏବଂ ଚଉତିଶା ଭଜନ ଆଦି ସହିତ ଲକ୍ଷେ ରଚନା କରିଛନ୍ତି ।

କବି ପ୍ରଥମେ ନମସ୍କାର କରି ମଙ୍ଗଳାଚରଣରେ ଲେଖିଛନ୍ତି :—

"ଜୟ ଜୟ ପ୍ରଭୁ ଜଗତ ଈଶ୍ୱର ନମସ୍ତେ କରୁଣା ସାଇଁ
ନମୋ ବିଶ୍ୱେଶ୍ୱର ନମୋ ଦୟାନିଧି ମହିମା କେ ପାରୁ କହି ।
ଅବ୍ୟୟ ବ୍ରହ୍ମ ଅବିନାଶୀ ମୋହରେ ସୁଦୟା ବହିବ ବାରେ,
ଅନେକ ଯୋଗୀ ଯା ଖୋଜି ନ ପାଇଲେ ସେ ଜ୍ଞାନ କହିବ
ମୋରେ ।"

ଅଣାକାର :—

ଅନାମ ଅଣ ଅକ୍ଷର ବୋଲି ଜାଣ ନାମଚିହ୍ନ ବୋଲି ତାଙ୍କୁ ।
ଅନାଦି ଅନନ୍ତ ଅବ୍ୟକ୍ତ ନାମ ନ ଜାଣି ତହୁଁ ପରିକୁ ॥
× × ×

ଅଣାକାରଟି ଆକାରରେ ମିଶିଲେ ତହିଁରୁ ରୂପ ପ୍ରକାଶ ।
ଅନାମିକାକୁଟି ଅଣାକାର ବୋଲି ଆକାରୁ ରୂପ ପ୍ରକାଶ ।
ସବନାମ ମୂଳ ଅନାମରେ ଠୁଳ ଅନାମିକା ବୋଲି ନାମ ।
ତୋ ଆଗେ କହିଲୁ ବରଜକୁମର ଆଶ୍ରୟ ଯେ ସ୍ଵବନାମ ॥"

ଏହି ତତ୍ତ୍ୱକୁ ନେଇ ଅଣାକାର ସଂହିତା ରଚିତ ।

ବ୍ରହ୍ମଶାଙ୍କୁଳୀକୁ "ଚନ୍ଦ୍ରକାନ୍ତ ବ୍ରହ୍ମଶାଙ୍କୁଳୀ ଷୋଡ଼ଶ ପଟଳ" ନାମ ଦିଆଯାଇଛି । ୧୬ ଟି ପଟଳରେ ଭୂଷଣ୍ଡି ବଶିଷ୍ଠ ଜ୍ଞାନଯୋଗରେ ରଚିତ । ସପ୍ତଦଶ ପଟଳରେ ଅଛି :—

"ଅଲେଖ ଦର୍ଶନେ ନାସ୍ତି ନ୍ତ । ଅନ୍ତେ ଅଲେଖ ପଦେ ସ୍ଥିତ ॥
ଅହିଂସା ଲକ୍ଷଣ ଏ ଧର୍ମ । ନିଷ୍କାମ ନିତ୍ୟ ସେବା କର୍ମ ॥
ଏ ଗୁପ୍ତ ସନାତନ ଦୀକ୍ଷା । ଏକାଙ୍ଗ ହେତୁ ପଥ ଶିକ୍ଷା ॥

ପୁଣି

ସକଳ ଧର୍ମ ପରେ ଧର୍ମ । ଏ ଅଣାକାର ଦୀକ୍ଷା ମର୍ମ ॥
ଶିଶୁବେଦରୁ ଯା ଉଦୟ । ଅନନ୍ତ ପଦ ହୋଇ ଜୟ ।
ତ୍ରିଲୋକ ଏ ଶବ୍ଦରେ ସ୍ଥିତ । ଦେଖ ସେ ଏକ ବ୍ରହ୍ମପ୍ରୀତି ॥
ନାନାରୂପେ ସେ ବର୍ଣ୍ଣାନ୍ତର । ମହିମା ନିଗମେ ଗୋଚର ॥
ନିର୍ଗୁଣ ପୁରୁଷ ମୁରାରି । ଅଦୃଶ୍ୟେ ସବଭୂତେ ପୂରି ॥"

× × ×

ସକଳ ଆଶା ଦୂରେ ତେଜି । ନିତ୍ୟ ମହିମା ପଦେ ଭଜି ॥
ବଶିଷ୍ଠ କହିଲେ ଏ ସାର । ଦୀକ୍ଷାକୁ ହୃଦ-ପଦ୍ମେ ଧର ॥

ଏହାଛଡ଼ା ଅଚ୍ୟୁତାନନ୍ଦଙ୍କର ଭଜନଗୁଡ଼ିକ ମଧ୍ୟରେ "ଶବ୍ଦର ଭେଦ ଭଜନ" ଅତି ପରିଚିତ । ଏଥିରେ ମନକୁ ସମ୍ବୋଧନ କରି କବି ଜୀବ ଓ ପରମର ଲୀଳା ବର୍ଣ୍ଣନା କରିଅଛନ୍ତି । ଜୀବ ପରମଠାରୁ

ଜାତ ଏବଂ ତାହାର ଏକ ଅଂଶ । ଜୀବ ସର୍ବଦା ସେହି ପରମ ସହିତ ମିଳିତ ହେବା ନିମିତ୍ତ ଧାବମାନ ହେଉଅଛି । ଏହା ହିଁ ଅଚ୍ୟୁତାନନ୍ଦ ଏଥିରେ ପ୍ରକାଶ କରିଅଛନ୍ତି । ଏହି ଭଜନର ନାମକରଣରୁ କବିଙ୍କର ଜ୍ଞାନମିଶ୍ରା ଭକ୍ତିର ପରିଚୟ ମିଳେ । ଆତ୍ମାରେ ପରମାତ୍ମାଙ୍କୁ ଦର୍ଶନ କରିବା ହିଁ ଯେ ମୁକ୍ତିର ସର୍ବଶ୍ରେଷ୍ଠ ପନ୍ଥା, ଏହା ଏହି କ୍ଷୁଦ୍ର ଭଜନଟିରେ ପ୍ରତିପାଦିତ ହୋଇଅଛି ।

# ଅନନ୍ତ ଦାସ

ଏହାଙ୍କ ଜନ୍ମ, ମୃତ୍ୟୁ, ଜନ୍ମସ୍ଥାନ କିମ୍ବା ରଚନା ବିଷୟରେ କିଛି ସଠିକ ବିବରଣୀ ମିଳି ନାହିଁ । ଚିତ୍ତରଞ୍ଜନ ଦାସ ତାଙ୍କ 'ଅଚ୍ୟୁତାନନ୍ଦ ଓ ପଞ୍ଚସଖାଧର୍ମ' ପୁସ୍ତକରେ ଅଳ୍ପ କିଛି ଏହାଙ୍କ ବିଷୟରେ ଆଲୋକପାତ କରିଅଛନ୍ତି । ଆର୍ତ୍ତବଲ୍ଲଭଙ୍କ ମତରେ ଅନନ୍ତ ଦାସ ଜାତିରେ କରଣ । ତାଙ୍କ ପିତାଙ୍କ ନାମ କପିଳ ମହାନ୍ତି ଓ ମାତାଙ୍କ ନାମ ଗୌରୀ । ତାଙ୍କର ଜନ୍ମ ସମ୍ଭବତଃ ୧୪୯୩ ଖ୍ରୀ: ଅ: । ଅଧ୍ୟାପକ ଜାନକୀବଲ୍ଲଭ ମହାନ୍ତି ତାଙ୍କ (Oriya literature) ପୁସ୍ତକରେ ଲେଖିଛନ୍ତି ଯେ ଅଚ୍ୟୁତାନନ୍ଦଙ୍କ ପରବର୍ତ୍ତୀ ହେଉଛନ୍ତି ଅନନ୍ତ ଦାସ । ମାତ୍ର ଏ ମତ ଠିକ୍ ନୁହେଁ । ଏହାଙ୍କର ଜନ୍ମସ୍ଥାନ ପୁରୀ ଜିଲ୍ଲା କୋଠ-ଦେଶ ଅଞ୍ଚଳର ବାଲିପାଟଣା ଗ୍ରାମ । ଏହାଙ୍କ ସମ୍ବନ୍ଧରେ ପ୍ରବାଦ ଅଛି, ସୂର୍ଯ୍ୟଦେବତା ପ୍ରସନ୍ନ ହୋଇ ଏହାଙ୍କୁ ସୂର୍ଯ୍ୟନାରାୟଣ ଏକାକ୍ଷର ମନ୍ତ୍ର ଦେଇଥିଲେ ଏବଂ ୧୦୦୦ ଶ୍ଳୋକ ମଧ୍ୟ ଶିକ୍ଷା ଦେଇଥିଲେ । ଏହି ଶ୍ଳୋକ ଉପରେ ନିର୍ଭର କରି ଅନନ୍ତ ଅନେକ ମାଳିକା ଲେଖିଥିଲେ । ଆହୁରି ମଧ୍ୟ ଶୁଣାଯାଏ ଯେ ସୂର୍ଯ୍ୟଦେବତା ଏହାଙ୍କୁ ଶ୍ରୀ ଚୈତନ୍ୟ ଓ ନିତ୍ୟାନନ୍ଦଙ୍କ ସହିତ ଦେଖାକରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ପରେ ଅନନ୍ତ ଦାସ କୋଣାର୍କରେ ସେମାନଙ୍କୁ ଦେଖିଲେ । ଦେଖାହେବା ପରେ ନିତ୍ୟାନନ୍ଦ ଏହାଙ୍କୁ ବୈଷ୍ଣବଧର୍ମ ଶିକ୍ଷା ଦେଇଥିଲେ ଏବଂ ସୂର୍ଯ୍ୟଏକାକ୍ଷର ମନ୍ତ୍ର ମଧ୍ୟ ଦେଇଥିଲେ । ଏହି ଏକାକ୍ଷର ମନ୍ତ୍ର ଅଚ୍ୟୁତାନନ୍ଦ ଦାସଙ୍କର ଗୁରୁଭକ୍ତି ଗୀତାରେ ଅଛି । ଗୁରୁଭକ୍ତି ଗୀତା ଅନୁସାରେ ପଞ୍ଚସଖାଙ୍କର ମନ୍ତ୍ର ହେଉଛି—
(୧) ବଳରାମଙ୍କର ରାମତାରକ ମନ୍ତ୍ର, (୨) ଜଗନ୍ନାଥଙ୍କର ୧୬ ନାମ, ୩୨ ଅକ୍ଷର ମନ୍ତ୍ର, (୩) ଯଶୋବନ୍ତ ଦାସଙ୍କର ଶ୍ୟାମପଞ୍ଚାକ୍ଷର ମନ୍ତ୍ର,

(୪) ଅଚ୍ୟୁତାନନ୍ଦଙ୍କର ଅଣାକ୍ଷର ମନ୍ତ୍ର, (୫) ଅନନ୍ତଙ୍କର ସୂର୍ଯ୍ୟ-ନାରାୟଣ ମନ୍ତ୍ର । ସମ୍ଭବତଃ ଅନନ୍ତ ଦାସ ସୂର୍ଯ୍ୟୋପାସକ ଥିଲେ ।

ସେ କୋଣାର୍କ ନିକଟର ଅଧିବାସୀ । ସୂର୍ଯ୍ୟୋପାସନା କରିବା ସଙ୍ଗେ ସଙ୍ଗେ ସେ ବୈଷ୍ଣବଧର୍ମ ଗ୍ରହଣ କରିଥିଲେ । ହେତୁଦୟ ଭାଗବତରେ ଅଛି ଯେ ସମସ୍ତ ପଞ୍ଚସଖା ଜଗନ୍ନାଥଙ୍କ କୃପାସିଦ୍ଧ । ଅନନ୍ତ ଦାସଙ୍କୁ ଶିଶୁ ଅନନ୍ତ ବୋଲି ମଧ୍ୟ କୁହାଯାଏ । ଏ ସମ୍ବନ୍ଧରେ ଗୋଟିଏ କିମ୍ବଦନ୍ତୀ ଶୁଣାଯାଏ ଓ ଏହା ଈଶ୍ୱର ଦାସଙ୍କ ଶ୍ରୀଚୈତନ୍ୟ ଭାଗବତରେ ଲେଖାଯାଇଅଛି । ଅନନ୍ତ ଦାସ ନିଜ ଯୋଗବଳରେ ଶିଶୁ ରୂପଧରି ରୁକ୍ମିଣୀଙ୍କ କୋଳରେ ଥିଲେ । ଜଗନ୍ନାଥ ଦାସ ତାଙ୍କୁ ଦେଖିପାରିଲେ ନାହିଁ । ଯେତେବେଳେ ସେ ନିଜ ରୂପ ପ୍ରକାଶ କଲେ, ସମସ୍ତେ ତାଙ୍କୁ ଦେଖିଲେ । ସେହିଦିନଠାରୁ ତାଙ୍କ ନାମ ଶିଶୁ ଅନନ୍ତ ହେଲା ।

## ରଚନା :—

କେତେକ ଭଜନ, ଚଉତିଶା, ସ୍ତୋତ୍ର, ଗରୁଡ଼-ଗୋବିନ୍ଦ ସମ୍ବାଦ, ଗରୁଡ଼-ଅନନ୍ତ ସମ୍ବାଦ, ଆଗତ ଚମ୍ବୁକ ମାଳିକା, ହେତୁଦୟ ଭାଗବତ, ଉଦେ ବାଖର (ବାଖର ଏକପ୍ରକାର ମାଳିକା), ଗୁଣ୍ଠ ବାଖର, ଠିକା ବାଖର ପ୍ରଭୃତି । କେତେକ ଭଜନକୁ ଛାଡ଼ି ଦେଲେ ଅନ୍ୟ କୌଣସି ରଚନା ପ୍ରକାଶିତ ହୋଇନାହିଁ ।

## ହେତୁଦୟ ଭାଗବତ :—

ଏଥିରେ ଅଛି :— (୧) ପିଣ୍ଡ ବ୍ରହ୍ମାଣ୍ଡ, (୨) କାୟା ସାଧନ, (୩) ଜଗନ୍ନାଥଙ୍କ ବୁଦ୍ଧତ୍ୱ, (୪) ଶରୀରରେ ଜଗନ୍ନାଥଙ୍କ ଅବସ୍ଥିତି । ଏଥିରେ ରାଧାକୃଷ୍ଣଙ୍କୁ ଜୀବାତ୍ମା ଓ ପରମାତ୍ମା ରୂପେ କଳ୍ପନା କରାଯାଇଛି ।

"ଶ୍ରୀରାଧାକୃଷ୍ଣ ବେନଜନ
ଜୀବପରମ ରୂପେ ଜାଣ ।"

ଏ ରାଧାକୃଷ୍ଣ ଧବଳାଙ୍ଗ ଦ୍ୱୀପରେ ଅଛନ୍ତି । ଗୋପୀଭକ୍ତିର ନିଦର୍ଶନ ସ୍ୱରୂପ କେବଳ କାମିନୀ ଭାବରେ କୃଷ୍ଣପ୍ରାପ୍ତି କଥା ଏଥିରେ ଉଲ୍ଲେଖ କରାଯାଇଛି ।

"କାମିନୀଗଣେ ଆଭାସଇ
ପୁରୁଷ ଲେଶ ତହିଁ ନାହିଁ ।"

ଏହା ହିଁ ପ୍ରେମଭକ୍ତିର ପରାକାଷ୍ଠା । ଅନନ୍ତ ଦାସ ଉତ୍କଳୀୟ ବୈଷ୍ଣବ ଥିଲେ ହେଁ ଗୋପୀଭାବର ଚର୍ଚ୍ଚା ଏହିପରି କରିଅଛନ୍ତି । ହେତୁଉଦୟ ଭାଗବତ ହେଉଛି ହେତୁମନ ସମ୍ବାଦ ।

"ହେତୁ ଉଦୟ ଭାଗବତ
ଲେଖଇ ପାମର ଅନନ୍ତ ।"

କବିଙ୍କର ହୃଦୟ ଭାବ ଏଠାରେ ପ୍ରକାଶ ପାଇଅଛି । ଏଥିରେ ସୃଷ୍ଟିକ୍ରମ ଅଛି । ପ୍ରଥମେ ଓଁକାର, ଓଁକାରରୁ ଆକାଶ, ଆକାଶରୁ ବିନ୍ଦୁ, ବିନ୍ଦୁରୁ ମନ, ମନରୁ ମାୟା, ମାୟାରୁ ସତ୍ୟ, ସତ୍ୟରୁ ବିରାଟ— ଏହିପରି ସୃଷ୍ଟିକ୍ରମ ଏଥିରେ ଅଛି । ଏହି ସୃଷ୍ଟିକ୍ରମ ଅନ୍ୟ ପଞ୍ଚସଖା ବୈଷ୍ଣବମାନଙ୍କ ବର୍ଣ୍ଣିତ ସୃଷ୍ଟିକ୍ରମ ସହିତ ସମାନ ନୁହେଁ । ଏଥିରେ ଲୟାଙ୍ଗ, ଲୀଳାଙ୍ଗ, ଭୋଗାଙ୍ଗ ପ୍ରଭୃତି ବିଷୟ ଅଛି । ଏ ସବୁ ଶୂନ୍ୟ-ସଂହିତାରେ ମଧ୍ୟ ଅଛି । ଏହି ତିନି ଅଙ୍ଗରେ ବୌଦ୍ଧଧର୍ମର ତ୍ରିକାୟ-ବାଦର ସମ୍ବନ୍ଧ ଥିଲା ପରି ଜଣାଯାଏ । ମହାଯାନ ବୌଦ୍ଧଧର୍ମରେ ଏହା ଧର୍ମକାୟ, ନିର୍ବାଣକାୟ ଓ ସମ୍ଭୋଗକାୟ ରୂପେ ବର୍ଣ୍ଣିତ ।

"ବଉଦ୍ଧ ଦେହା ତୋର ହୋଇ
ଶୂନ୍ୟ ଯେ ସ୍ୱରୂପ ବୋଲଇ ।"

ଏଥିରେ ବିଶେଷ ଭାବରେ ଲକ୍ଷ୍ୟ କରିବାର କଥା ହେଉଛି ବୌଦ୍ଧଧର୍ମର ପ୍ରସିଦ୍ଧ ୮୪ ଜଣ ସିଦ୍ଧାଚାର୍ଯ୍ୟଙ୍କ କଥା । ଚୌରଙ୍ଗୀନାଥଙ୍କ କଥା ତିବ୍ବତୀୟ ପରଂପରାରେ ଯେପରି ଅଛି, ଠିକ୍ ସେହିପରି ଭାବରେ ଏଥିରେ ଅବଧୂତଙ୍କ ଜନ୍ମବିଷୟ ଅଛି ।

ବାର୍ଦ୍ଧୀର ରାଜା ଶୁକସେନ । ତାଙ୍କ ପୁଅଙ୍କ ନାମ କୃତସେନ । ଓଡ଼ିଶା ରାଜ୍ୟ ଅଙ୍ଗମଦେରେ କୃତସେନ ଉଦ୍ୟରେ ଖେଳାଇବାବେଳେ ବାଟରେ ଧନୀ ଗୋପାଳ ସୁବଳର କନ୍ୟା ସୁକୁମାରୀ ତାଙ୍କୁ ଦେଖିଲା । ସେତେବେଳକୁ କୃତସେନଙ୍କୁ ପାଞ୍ଚ ବର୍ଷ । ସୁବଳ କୃତସେନଙ୍କୁ ଘରେ ରଖିଲା ଓ ବୟଃକ୍ରମେ କୃତସେନଙ୍କ ସହିତ ସୁକୁମାରୀକୁ ବିବାହ ଦେଲା । ସୁକୁମାରୀ ଦିନେ ବିଲକୁ ଖାଇବାକୁ ନେଇ ବିଳମ୍ବରେ ଗଲା । ସୁକୁମାରୀ ଚରିତ୍ରହୀନା । କୃତସେନ ସେଥିରେ ସନ୍ଦେହ କରି ତାକୁ ଭର୍ତ୍ସନା କଲେ । ସେ ନିଜ ଲୁଗାପଟା ଚିରି ବାପ ଆଗରେ ଅଭିଯୋଗ କଲା ଯେ କୃତସେନ ତାକୁ ମାରିଛନ୍ତି । ସୁବଳ ଏଥିରେ ରାଗିଯାଇ କୃତସେନଙ୍କର ହାତ ଗୋଡ଼ କାଟି ଗୋଟିଏ ଖାତରେ ପକାଇଦେଲା । ସେ ଜଙ୍ଗଲରେ ଚିତ୍କାର କରୁଥାନ୍ତି । ଗୋରଖ ରାତିରେ ଆସି ତାଙ୍କୁ ଅନାହତ ଅକ୍ଷର, ଷଡ଼ଚକ୍ର ପ୍ରଭୃତି ଯୋଗ ଉପଦେଶ ଦେଇ, ଗୋଟିଏ ବରଗଛ ମୂଳରେ ବସି ନିରାକାର ଦର୍ଶନ ପାଇବେ ବୋଲି କହିଲେ ଓ ଅବଧୂତ ଦୀକ୍ଷା ଦେଲେ । ଏହି ଦୀକ୍ଷାରେ ଥିବା ୭୪ ଗୁରୁ (ହାତୀ, ସାପ, ପତଙ୍ଗ, ଭଅଁର ପ୍ରଭୃତିର) ବର୍ଣ୍ଣନା ଅଛି । ସେଥିରେ ସେ ସିଦ୍ଧି ଲାଭ କଲେ । ସେହି ସମୟରେ ଜଣେ ବଣିକ ସେବାଟେ ଗାଡ଼ି ନେଇ ଯାଉଥିଲା । ଅବଧୂତ (କୃତସେନ) ପଚାରିବାରୁ ପାଉଁଶ ନେଉଛି ବୋଲି କହିଲା । ସତକୁ ସତ ବଣିକଟି ନିଜ ଘରେ ପହଞ୍ଚି ଦେଖେ ତ ତାର ଜିନିଷତକ ପାଉଁଶ ହୋଇ ଯାଇଛି । ଅନୁଶୋଚନାରେ ସେ ପୁଣି ଥରେ ତାଙ୍କ

ଗାଡ ସେଇବାଟେ ନେଇଗଲା । ଅବଧୂତ ପର୍ବରବାରୁ ସୁନା ଅଛି ବୋଲି କହିଲା । ତାର ସବୁ ସୁନା ହୋଇଗଲା । ଏହା ହିଁ ହେଉଛି ଗାଳ୍ପର ସାର କଥା ।

**ଉଦେବାଖର—**

'ବାଖର' ଶବ୍ଦ ମାଳିକା ଅର୍ଥରେ ବ୍ୟବହୃତ ହୁଏ । ଏହା ଛନ୍ଦୋବଦ୍ଧ ବୃତ୍ତରେ ଲେଖା । ମାଳଗିରିରେ ଦାରୁରୂପରେ ଚହୁଡ ଥିଲା ଏବଂ ଜଗନ୍ନାଥ ଗରୁଡକୁ ସ୍ୱସ୍ଥାନକୁ ଫେରିଯିବାପାଇଁ କହିଛନ୍ତି । ଏଥିରେ ଅଛି—ଦାରୁ କଳେବର ଜଗନ୍ନାଥ ପରେ ବୁଦ୍ଧ ଓ କଳ୍କି ଦୁଇ ରୂପ ହେବେ ।

ଅନନ୍ତ ଦାସଙ୍କର ରଚନା ଗୁଡିକ ଅପ୍ରକାଶିତ ହେତୁ ତାଙ୍କର ରଚନା ବିଷୟରେ ପର୍ଯ୍ୟାପ୍ତ ଆଲୋଚନା ସମ୍ଭବପର ନୁହେଁ ।

## ଷୋଡ଼ଶ ଶତାବ୍ଦୀର ଅନ୍ୟକବିଗଣ

### ବିପ୍ରନାରାୟଣ ଦାସ :—

ବିପ୍ରନାରାୟଣ ହରିବଂଶର ରଚୟିତା । ମାତ୍ର ତାଙ୍କ ଲିଖିତ ହରିବଂଶରେ ତାଙ୍କର ପରିଚୟ ନାହିଁ । ଅଚ୍ୟୁତାନନ୍ଦଙ୍କ ହରିବଂଶରେ ତାଙ୍କର ନାମୋଲ୍ଲେଖ ମିଳେ । ଅଚ୍ୟୁତାନନ୍ଦଙ୍କ ବିଷୟରେ ପ୍ରବାଦ ଅଛି ଯେ ସେ ବିପ୍ରନାରାୟଣଙ୍କୁ ହରିବଂଶ ପଢ଼ିବାକୁ ମାଗିଲେ ; ମାତ୍ର ବିପ୍ରନାରାୟଣ ତାଙ୍କୁ ହରିବଂଶ ଦେଲେ ନାହିଁ । ତେଣୁ ଅଚ୍ୟୁତାନନ୍ଦ ହରିବଂଶ ଲେଖିବାର ପ୍ରୟାସ କଲେ । ଏ ପ୍ରକାର ପ୍ରବାଦ ଯେ ଅନେକ ସମୟରେ ଭିତ୍ତିହୀନ, ତାହା ପ୍ରମାଣିତ ହୋଇଅଛି । ବିପ୍ର-ନାରାୟଣ ଦାସ ଅଚ୍ୟୁତାନନ୍ଦ ଦାସଙ୍କ ପୂର୍ବବର୍ତ୍ତୀ ବା ସମସାମୟିକ ହୋଇଥିଲେ ଏ ପ୍ରକାର ପ୍ରବାଦର ସତ୍ୟତା ବିଷୟରେ ସନ୍ଦେହ ଜାତ ହୁଅନ୍ତା ନାହିଁ । ମାତ୍ର ବିପ୍ରନାରାୟଣ ଅଚ୍ୟୁତାନନ୍ଦଙ୍କର ପରବର୍ତ୍ତୀ । ବିପ୍ରନାରାୟଣଙ୍କ ପିତା ପ୍ରତାପରୁଦ୍ରଙ୍କ ସମସାମୟିକ । ତେଣୁ ବିପ୍ର-ନାରାୟଣ ପୁରୁଷୋତ୍ତମଦେବଙ୍କ ସମସାମୟିକ ହୋଇପାରନ୍ତି । ବିପ୍ରନାରାୟଣ ଦାସଙ୍କ ହରିବଂଶ ମୁଖ୍ୟତଃ ଅନୁବାଦ ନୁହେଁ ।

### ରାୟ ରାମାନନ୍ଦ :—

ସେ ଥିଲେ ଜଣେ ପ୍ରଧାନ ବୈଷ୍ଣବ । ଇତିହାସରୁ ଜଣାଯାଏ ଯେ ରାଜମହେନ୍ଦ୍ରୀଠାରେ ଶ୍ରୀ ଚୈତନ୍ୟଦେବଙ୍କ ସହିତ ତାଙ୍କର ସାକ୍ଷାତ୍ ହୋଇଥିଲା । ସେ ସେଠାରେ ରାଜକର୍ମଚାରୀ ଥିଲେ । ଅତ୍ୟନ୍ତ

ଧର୍ମାସକ୍ତ ଯୋଗୁଁ ସେ ଶାସନକର୍ତ୍ତା କାର୍ଯ୍ୟରେ ଦକ୍ଷତା ଅର୍ଜନ କରିପାରିଲେ ନାହିଁ । ତାଙ୍କର ଶେଷଜୀବନ ଧର୍ମଚର୍ଚ୍ଚାରେ କଟିଥିଲା । ରାୟ ରାମାନନ୍ଦ ବ୍ରଜବୋଲି ଭାଷାରେ ଲେଖିଛନ୍ତି । ବ୍ରଜବୋଲି ଭାଷା ବୈଷ୍ଣବମାନଙ୍କର ଗୀତ-ଭଜନ ଯୋଗୁଁ ଭାରତରେ ବିଶେଷ ପ୍ରାଧାନ୍ୟ ଲାଭ କରିଥିଲା । ମୈଥିଳୀ, ଗୋପ ବା ବ୍ରଜର ମିଶ୍ରିତ ଭାଷା ହିଁ ବ୍ରଜବୋଲି ଭାଷା । ରାୟ ରାମାନନ୍ଦ ସଂସ୍କୃତ ଭାଷାରେ ଜଗନ୍ନାଥ ବଲ୍ଲଭ ନାଟକ ରଚନା କରିଥିଲେ । ତାଙ୍କ ନାମ ରାୟ ରାମାନନ୍ଦ ପଟ୍ଟନାୟକ । ତାଙ୍କର ବୈଷ୍ଣବ ଜୀବନର ଅନେକ ଅତିମାନୁଷିକ ପ୍ରଭାବ ଥିବା କଥା ଶୁଣାଯାଏ । ରାମାନନ୍ଦଙ୍କର କେତେକ ପଦାବଳୀ ପ୍ରିୟରଞ୍ଜନ ସେନ ପ୍ରକାଶ କରିଛନ୍ତି ।

ତାଙ୍କର ପିତାଙ୍କର ନାମ ଭବାନନ୍ଦ ପଟ୍ଟନାୟକ । ପିତାଙ୍କର ପାଞ୍ଚ ଜଣ ପୁଅଙ୍କ ମଧ୍ୟରେ ସେ ଶ୍ରେଷ୍ଠ ଥିଲେ । ଶୁଣାଯାଏ, ସେ ପିତାଙ୍କୁ କହୁଥିଲେ ଯେ ତାଙ୍କର ପିତା ଦ୍ୱାପର ଯୁଗରେ ପାଣ୍ଡୁ ଥିଲେ ଓ ସେମାନେ ପାଞ୍ଚ ଭାଇ ଥିଲେ ପଞ୍ଚପାଣ୍ଡବ । ରାଜମହେନ୍ଦ୍ରୀରେ ଶାସନ-କର୍ତ୍ତା ଥିବା ସମୟରେ ୧୫୧୦ ଖ୍ରୀ:ରେ ଗୋଦାବରୀ ନଦୀ ତୀରରେ ଶ୍ରୀ ଚୈତନ୍ୟଦେବଙ୍କ ସହିତ ତାଙ୍କର ପ୍ରଥମ ସାକ୍ଷାତ ହୋଇଥିଲା । ଶ୍ରୀ ଚୈତନ୍ୟଦେବ ବାସୁଦେବ ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କଠାରୁ ରାୟ ରାମାନନ୍ଦଙ୍କର ସମସ୍ତ ବିଷୟ ଅବଗତ ହୋଇ ତାଙ୍କର ସାକ୍ଷାତ ନିମିତ୍ତ ଯାଇଥିଲେ । ବାସୁଦେବ ସାର୍ବଭୌମ ଭଟ୍ଟାଚାର୍ଯ୍ୟ ସେ ସମୟର ଜଣେ ପ୍ରଖ୍ୟାତନାମା ସଂସ୍କୃତ ଅଭିଜ୍ଞ ପଣ୍ଡିତ ତଥା ଧର୍ମ-ଶାସ୍ତ୍ରରେ ଜଣେ ବିଶିଷ୍ଟ ତାର୍କିକ ଥିଲେ । ରାୟ ରାମାନନ୍ଦ ଶ୍ରୀ ଚୈତନ୍ୟଙ୍କୁ ବୈଷ୍ଣବଧର୍ମର ତତ୍ତ୍ୱରାଜି ବିଶଦ ଭାବରେ ବୁଝାଇଥିଲେ । ଚୈତନ୍ୟଦେବ ତାଙ୍କ ପାଣ୍ଡିତ୍ୟରେ ବିସ୍ମିତ ହେବା ସଙ୍ଗେ ସଙ୍ଗେ ତାଙ୍କୁ ଜଣେ ବିଶିଷ୍ଟ ବୈଷ୍ଣବ ରୂପେ ସ୍ୱୀକାର କରିଥିଲେ ।

ଶ୍ରୀ ଚୈତନ୍ୟଦେବ ଏବଂ ରାୟ ରାମାନନ୍ଦ ସାଙ୍ଗହୋଇ ବୃନ୍ଦାବନକୁ ଯାତ୍ରା କରିଥିଲେ । ଶ୍ରୀଚୈତନ୍ୟଦେବ ବୃନ୍ଦାବନରେ ରାୟ ରାମାନନ୍ଦଙ୍କର ସାହଚର୍ଯ୍ୟ ତ୍ୟାଗକରି ଏକାକୀ ବୃନ୍ଦାବନରେ ରହି ବୃନ୍ଦାବନର ମହତ୍ତ୍ୱ ଉପଲବ୍‌ଧି କରିବାକୁ ରାମାନନ୍ଦଙ୍କୁ କହିଥିଲେ ଏବଂ ନିଜେ ମଧ୍ୟ ତାହା ପାଳନ କରିଥିଲେ । ଶ୍ରୀ ଚୈତନ୍ୟଦେବଙ୍କୁ ବୃନ୍ଦାବନରେ ଛାଡ଼ି ରାୟ ରାମାନନ୍ଦ ପୁରୀକୁ ଫେରିଆସିଲେ ଏବଂ ପରେ ଚୈତନ୍ୟଦେବ ପୁଣି ପୁରୀକୁ ଆସିଲେ । ପୁରୀରେ ଦୁହେଁ ଏକତ୍ର ଅଠର ବର୍ଷ କାଳ ଅତିବାହିତ କରିବାପରେ ୧୫୩୩ ଖ୍ରୀ: ରେ ଶ୍ରୀ ଚୈତନ୍ୟଦେବଙ୍କର ମହାପ୍ରୟାଣ ହେଲା । ଶ୍ରୀ ଚୈତନ୍ୟଦେବଙ୍କ ମହାପ୍ରୟାଣ ପରେ ରାୟ ରାମାନନ୍ଦ ଅତ୍ୟନ୍ତ ବ୍ୟଥିତ ଭାବରେ କାଳ-ଯାପନ କରିଥିଲେ । ଶ୍ରୀ ଚୈତନ୍ୟଦେବଙ୍କ ବିରହ ରାୟ ରାମାନନ୍ଦଙ୍କର ଶେଷଜୀବନରେ ଅତ୍ୟନ୍ତ ଦୁଃଖଦାୟକ ହୋଇଥିଲା ।

କେବଳ ଓଡ଼ିଆ ନୁହେଁ; ସଂସ୍କୃତ, ବଙ୍ଗଳା, ମରାଠୀ, ହିନ୍ଦୀ ଏବଂ ତେଲୁଗୁ ପ୍ରଭୃତି ବିଭିନ୍ନ ଭାଷାରେ ରାୟ ରାମାନନ୍ଦଙ୍କର ପାଣ୍ଡିତ୍ୟ ଥିଲା । ତାଙ୍କର ପଦାବଳୀ ସାହିତ୍ୟ ଏବଂ ଜଗନ୍ନାଥବଲ୍ଲଭ ନାଟକ ମିଳୁଥିଲେ ହେଁ ଦୁଃଖର କଥା, କୌଣସି ଓଡ଼ିଆ ରଚନା ଏ ପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ ।

## ମାଧବୀ ଦାସୀ :—

ମାଧବୀ ଦାସୀ ୧୬ଶ ଶତାବ୍ଦୀର କବି ହେଲେ ହେଁ ତାଙ୍କୁ ଅନେକ ଐତିହାସିକ ପଞ୍ଚଦଶ ଶତାବ୍ଦୀର ନାରୀକବି ହିସାବରେ ଗ୍ରହଣ କରିଛନ୍ତି । ମାଧବୀ ଦାସୀ ପୁରମନ୍ଦିରରେ ମାଦଳାପାଞ୍ଜିର ଲେଖିକା ଥିଲେ । ମହାରାଜା ପ୍ରତାପରୁଦ୍ର ଯେବେ ସମସ୍ତ ଲେଖନକାରମାନଙ୍କୁ

ପରୀକ୍ଷା କଲେ । ସେହି ପରୀକ୍ଷାରେ ମାଧବୀ ଦାସୀ ସର୍ବଶ୍ରେଷ୍ଠା ଲେଖିକାରୂପେ ସ୍ୱୀକୃତି ପାଇଥିଲେ । ସେ ଥିଲେ ବୈଷ୍ଣବୀ ଓ ଶ୍ରୀ ଚୈତନ୍ୟଦେବଙ୍କର ପ୍ରଥମ ନାରୀଶିଷ୍ୟା । ସେ ଥିଲେ ଶିଖି ମହାନ୍ତିଙ୍କର ଭଉଣୀ । ଶ୍ରୀ ଚୈତନ୍ୟ ପୁରୀ ଆସିବାରୁ ମାଧବୀ ଦାସୀ ତାଙ୍କର ଦର୍ଶନ ନିମନ୍ତେ ବ୍ୟାକୁଳ ହେଲେ । ସନ୍ନ୍ୟାସ ଆଚରଣ ଯୋଗୁଁ ଶ୍ରୀ ଚୈତନ୍ୟ ନାରୀମୁଖ ଦେଖୁ ନ ଥିଲେ । ପରଦା ଅନ୍ତରାଳରୁ ସେ ମାଧବୀ ଦାସୀଙ୍କ ଭଜନ, କୀର୍ତ୍ତନ ଇତ୍ୟାଦି ଶୁଣୁଥିଲେ । ଅନ୍ତରାଳରେ ରହି ମାଧବୀ ଦାସୀ ଶ୍ରୀ ଚୈତନ୍ୟଙ୍କର ଉପଦେଶ ଶୁଣୁଥିଲେ । ସେ ବ୍ରଜବୋଲି ଭାଷାରେ ଅନେକ କବିତା, କୀର୍ତ୍ତନ, ଭଜନ ପ୍ରଭୃତି ଲେଖିଛନ୍ତି । ମାଧବୀ ଦାସୀଙ୍କ କୀର୍ତ୍ତନ ପଞ୍ଚଦଶ-ଷୋଡ଼ଶ ଶତାବ୍ଦୀର ଶ୍ରୀ ଚୈତନ୍ୟଙ୍କ ବିଖ୍ୟାତ ଶିଷ୍ୟ ବଳରାମ, ଗୋବିନ୍ଦ ଦାସ, ବାସୁ ଘୋଷ ପ୍ରଭୃତିଙ୍କ ରଚିତ କୀର୍ତ୍ତନଗୁଡିକ ସମକକ୍ଷ ।

**ଦିବାକର ଦାସ :—**

ଜଗନ୍ନାଥ ଦାସଙ୍କର ଶିଷ୍ୟ ଓ ଜଗନ୍ନାଥ ଚରିତାମୃତର କବି । ଦିବାକର ଦାସ ଷୋଡ଼ଶ ଶତାବ୍ଦୀର କବି । ଏହାଙ୍କର ପିତାଙ୍କ ନାମ ନିମାଇଁ ଓ ମାତାଙ୍କ ନାମ ଚମ୍ପାଦେବୀ । ସେ ଲେଖିଛନ୍ତି :—

"ମୋ ନାମ ବିପ୍ର ଦିବାକର
ନିମ ଦେବ ପିତା ମୋହର
ଜଗୁଦାସ ମୋ ପିତୃପିତା
ନନ୍ଦଦାସେ ତାହାଙ୍କ ପିତା
ତାଙ୍କର ପିତା ବାଇଧର
ଚମ୍ପାନାମେ ମାତା ମୋହର ।"

ଦିବାକର ଦାସ ଜଗନ୍ନାଥ ଚରିତାମୃତ ବା ଜଗନ୍ନାଥାମୃତ ଗୀତା ଏବଂ ଏକାଦଶୀ ମାହାତ୍ମ୍ୟ ଲେଖିଛନ୍ତି । ସେ ଅତିବଡ଼ି

ସଂପ୍ରଦାୟର ବୈଷ୍ଣବ । ଜଗନ୍ନାଥ ଚରିତାମୃତକୁ ଓଡ଼ିଶାର ପ୍ରଥମ ଜୀବନୀ ଲେଖାରୂପେ ଗ୍ରହଣ କରାଯାଇଥାଏ । ଏଥିରେ ପଞ୍ଚସଖା-ମାନଙ୍କ ବିଷୟରେ ଅନେକ କଥା ମିଳେ । ଶ୍ରୀ ଚୈତନ୍ୟ (ଗୌଡ଼ୀୟ) ଏବଂ ଉତ୍କଳୀୟ ସମ୍ପ୍ରଦାୟର ସମ୍ବନ୍ଧ ଓ ବୈଶିଷ୍ଟ୍ୟ ସବୁର ବିସ୍ତୃତ ବିବରଣୀ ଏଥିରେ ମିଳେ । ଅନେକ ଗୌଡ଼ୀୟ ବୈଷ୍ଣବଙ୍କର ଜୀବନୀ ମଧ୍ୟ ଏଥିରେ ଅଛି । ଦିବାକର ଦାସ ଉତ୍କଳୀୟ ବୈଷ୍ଣବଙ୍କର ପ୍ରାଧାନ୍ୟ ଦର୍ଶାଇବାକୁ ଯାଇ ଲେଖିଛନ୍ତି :—

"ଏହାଙ୍କ ଦାସ ହେବା ପାଇଁ
ବୋଲିବାକୁ ଡରୁଛି ମୁହିଁ
ଏହାଙ୍କ ଯେ ନିଜ ପୟର
ସେ ଅଟେ ମହା ପ୍ରେମଧର
ହୃଦୟ ମଧ୍ୟେ ତାହା ଥୋଇ
ନିଷ୍କାମେ ଭଜୁଥିବି ମୁହିଁ
ଏମନ୍ତେ କହି ଶ୍ରୀ ଚୈତନ୍ୟ
ପୁନଃ ପୁନଃ କରନ୍ତି ମାନ୍ୟ ।"

ଜଗନ୍ନାଥଙ୍କ ଅତିବଡ଼ି ସମ୍ପ୍ରଦାୟ, ବଂଗୀୟ ବୈଷ୍ଣବମାନଙ୍କର କ୍ଷୁବ୍ଧତା ପ୍ରକାଶ, ଜଗନ୍ନାଥଦାସ ରାଧାଙ୍କ ହାସରୁ ଓ ଚୈତନ୍ୟଦେବ ସ୍ୱୟଂ କୃଷ୍ଣଙ୍କ ହାସରୁ ଜନ୍ମ । ଜଗନ୍ନାଥ ନିରାକାରବ୍ରହ୍ମ ଓ ସକଳ ଅବତାର ତାଙ୍କଠାରୁ ଜନ୍ମ, ଉତ୍ତମ ଗୁରୁର ଲକ୍ଷଣ ପ୍ରଭୃତି ଏଥିରେ ବର୍ଣ୍ଣିତ ହେବା ସଙ୍ଗେ ସଙ୍ଗେ ଗୌଡ଼ୀୟ ବୈଷ୍ଣବମାନଙ୍କ ଉତ୍କଳୀୟ ବୈଷ୍ଣବମାନଙ୍କ ପ୍ରତି ଅସହିଷ୍ଣୁ ମନୋଭାବର ସୂଚନା ଅଛି । ଅନେକ ସ୍ଥାନରେ ବହୁପୁରାଣ ଓ ଗ୍ରନ୍ଥର ଉଲ୍ଲେଖ ଅଛି । ଏହାଙ୍କ ମତ ବିଷୟରେ ଜଣାଯାଏ ଯେ "ଗୌଡ଼ୀୟ ହରେକୃଷ୍ଣ" ମନ୍ତ୍ର ଅପେକ୍ଷା "ହରେ ରାମ" ମନ୍ତ୍ର ଶ୍ରେଷ୍ଠତର ଏବଂ ବୃନ୍ଦାବନାଦି କ୍ଷେତ୍ର

ତୁଳନାରେ ପୁରାତନ ମହତ୍ତର । ଏ ସବୁ ସହିତ ସେ ଯୋଗ ଓ ଶୂନ୍ୟ-ସାଧନାର, ଜଗନ୍ନାଥ ମୂର୍ତ୍ତିର ନିତ୍ୟ ବିହାର ବର୍ଣ୍ଣନା କରିଛନ୍ତି । ବୃନ୍ଦାବନବିହାରୀ ଶ୍ରୀରାଧାକୃଷ୍ଣଙ୍କ ବର୍ଣ୍ଣନା ସେ କରିନାହାନ୍ତି । ଜଗନ୍ନାଥ ଚତୁର୍ଦ୍ଧାମୂର୍ତ୍ତିର ବିଭିନ୍ନ ବ୍ୟାଖ୍ୟା ସେ ଏଥିରେ ଦେଇଛନ୍ତି । ଏହା ନବାକ୍ଷରୀ ବା ଭାଗବତ ବୃତ୍ତରେ ଲେଖା । ଏକାଦଶୀ ମାହାତ୍ମ୍ୟର କଥାବସ୍ତୁ ଭାଗବତରୁ ଗୃହୀତ । ଏହା ମଧ୍ୟ ଭାଗବତ ବୃତ୍ତରେ ଲିଖିତ ।

## କପିଳେଶ୍ୱର ଦାସ :—

କପଟକେଳି ଏହାଙ୍କ ରଚନା । କପଟକେଳିର ସାହିତ୍ୟିକ ମୂଲ୍ୟ ଅଛି । ଏଥିରେ ରାଧାକୃଷ୍ଣଙ୍କର ପ୍ରେମଲୀଳା ବର୍ଣ୍ଣିତ । କୃଷ୍ଣ ନାରୀବେଶରେ ରାଧାଙ୍କ ନିକଟରେ ଗୋଟିଏ ରାତି ରହିବା ପରେ କପଟବେଶ ତ୍ୟାଗ କରିଛନ୍ତି । କପଟକେଳିର ପରିସର ଭିତରେ ବୈଷ୍ଣବତତ୍ତ୍ୱର ଅବତାରଣା ନାହିଁ । ସରସ ସାହିତ୍ୟରୂପେ ଏହାର ମୂଲ୍ୟ ରହିଛି ।

## ଶିଶୁ ଶଙ୍କର ଦାସ :—

'ଉଷାଭିଳାଷ' ଏହାଙ୍କର ପ୍ରଧାନ ରଚନା । ଏହାଙ୍କର କାଳ ନିରୂପଣ ବିଷୟରେ କୌଣସି ପ୍ରତ୍ୟକ୍ଷ ତଥ୍ୟ ନ ଥିବାରୁ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ତୁଳନାତ୍ମକ ଭାବରେ କେତେଗୁଡ଼ିଏ ପ୍ରାଚୀନ ଓଡ଼ିଆ ରଚନାକୁ ବିଚାର କରି 'ଉଷାଭିଳାଷ' ରଚନାର କାଳ ନିରୂପଣ କରିଛନ୍ତି । ତାଙ୍କ ମତରେ ୧୫୫୫ ସାଲ ବେଳକୁ 'ଉଷାଭିଳାଷ' ରଚିତ ହୋଇଅଛି ।

ହିଣ୍ଟର ସାହେବଙ୍କ ମତରେ ଶିଶୁ ଶଙ୍କରଙ୍କର ସମୟ ସପ୍ତଦଶ ଶତାବ୍ଦୀ । ମାତ୍ର ଏ ମତରେ ଆସ୍ଥା ସ୍ଥାପନ କରିହୁଏ ନାହିଁ ।

ହଣ୍ଟରଙ୍କ ମତରେ ବିଶ୍ୱନାଥ ପାଟଯୋଷୀ ନାମକ ଜଣେ ଉତ୍କଳୀୟ ବ୍ରାହ୍ମଣ ପଣ୍ଡିତ ସଂସ୍କୃତ ଭାଷାରେ 'ଉଷାପରିଣୟ' ନାମକ ନାଟକ ଲେଖିଥିଲେ । ଶିଶୁ ଶଙ୍କର ଏହି ନାଟକକୁ ଓଡ଼ିଆରେ ଅନୁବାଦ କରିଅଛନ୍ତି । ମାତ୍ର ସଂସ୍କୃତ 'ଉଷାପରିଣୟ' ନାଟକ ବିଷୟରେ ଓଡ଼ିଆ ସାହିତ୍ୟର ସମାଲୋଚକଗଣ କୌଣସି ସନ୍ଧାନ ପାଇନାହାନ୍ତି । ହଣ୍ଟର ସାହେବଙ୍କର ଏହି ସମ୍ବାଦର ପ୍ରାମାଣିକତା ଏ ପର୍ଯ୍ୟନ୍ତ ସ୍ୱୀକୃତ ହୋଇନାହିଁ ।

ବାଣ-ନନ୍ଦିନୀ ଉଷାଙ୍କ ସହିତ ଅନିରୁଦ୍ଧଙ୍କର ପ୍ରଣୟ ଉପାଖ୍ୟାନକୁ କେନ୍ଦ୍ରକରି ଉଷାଭିଳାଷ କାବ୍ୟ ରଚିତ । ଏହି କାବ୍ୟର କଥାବସ୍ତୁ ନିମିତ୍ତ କବି ହରିବଂଶ ଓ ଶ୍ରୀମଦ୍‌ଭାଗବତ ଦଶମସ୍କନ୍ଧର ସାହାଯ୍ୟ ବିଶେଷ ଭାବରେ ନେଇଛନ୍ତି । ସାରଳାଦାସଙ୍କର ମହାଭାରତର ମଧ୍ୟପର୍ବରେ ମଧ୍ୟ ଏହି ବିଷୟ ବର୍ଣ୍ଣିତ । କବି ବିଭିନ୍ନ ସୂତ୍ରରୁ କଥାବସ୍ତୁ ଆହରଣ କରି ବାରଗୋଟି ଛାନ୍ଦରେ ବିଭିନ୍ନ ରାଗରାଗିଣୀ ଅବଲମ୍ବନରେ କାବ୍ୟଟିକୁ ରଚନା କରିଛନ୍ତି । ଏହି ଗ୍ରନ୍ଥରେ କବିଙ୍କର ବର୍ଣ୍ଣନା-ପାଟବ ଉତ୍କୃଷ୍ଟଭାବରେ ଦେଖାଦେଇଛି । ପ୍ରକୃତି ବର୍ଣ୍ଣନାରେ କବି ନିଜର ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି । ଉଷାର ବେଶ-ବିନ୍ୟାସ ବର୍ଣ୍ଣନା ଅତ୍ୟନ୍ତ ଉପାଦେୟ ହୋଇଅଛି । କାବ୍ୟଟି ପ୍ରଧାନତଃ ଶୃଙ୍ଗାରରସାତ୍ମକ ହେଲେ ହେଁ ଏଥିରେ ବୀର ଓ କରୁଣ-ରସର ମଧ୍ୟ ସମନ୍ୱୟ ସମ୍ପାଦିତ ହୋଇଅଛି । ଅନିରୁଦ୍ଧ ଧୀରୋଦାତ୍ତ ନାୟକ ଏବଂ ଉଷା ମୁଗ୍ଧା-ନାୟିକା । ନାୟକ-ନାୟିକାଙ୍କର ଅଭିଳାଷ ପୂରଣ ନିମିତ୍ତ କବି ଯେଉଁ ସବୁ ବର୍ଣ୍ଣନା ଦେଇଛନ୍ତି, ସେଥିରେ ତାଙ୍କ ନିଜସ୍ୱ ଅନେକ ପଦମାନରେ ଦେଖାଯାଏ ।

# ସମୀକ୍ଷା

ଓଡ଼ିଆ ସାହିତ୍ୟକୁ ବୈଷ୍ଣବ କବିମାନଙ୍କର ଦାନ ଯେ ଅପରିସୀମ, ଏ ବିଷୟରେ ମତଦ୍ୱୈଧ ନାହିଁ । ଏହି କବିମାନଙ୍କର ଦାନ ଓଡ଼ିଆ ସାହିତ୍ୟକୁ କେତେ ପରିମାଣରେ ସମୃଦ୍ଧ କରିଅଛି, ତାହାର ଆଲୋଚନା ଅନେକଥର ହୋଇ ଯାଇଛି । ଓଡ଼ିଆ ବୈଷ୍ଣବ ସାହିତ୍ୟର ଅନୁଶୀଳନ କରିବାକୁ ହେଲେ ସେ ସମୟରେ ଦେଶର ପରିସ୍ଥିତି ଓ ସାମାଜିକ କ୍ରିୟା-ପ୍ରତିକ୍ରିୟା ସାହିତ୍ୟକୁ ଗତିଶୀଳ ହେବାପାଇଁ କିପରି ବାତାବରଣ ସୃଷ୍ଟି କରିଥିଲା, ତାହା ଦେଖିବାର କଥା । ଯେ କୌଣସି ନିର୍ଦ୍ଦିଷ୍ଟ ମତବାଦର ସାହିତ୍ୟ ସବୁବେଳେ ସାମାଜିକ ପୃଷ୍ଠଭୂମି ଉପରେ ଗଢ଼ି ଉଠିଥାଏ । ପୁଣି ପ୍ରାଚୀନ ସାହିତ୍ୟ ଆଲୋଚନା ପ୍ରସଙ୍ଗରେ ଆଉ ଗୋଟିଏ କଥା ମନେରଖିବା ଉଚିତ ଯେ ପ୍ରାଚୀନ କାଳର ମନୁଷ୍ୟ ଥିଲା ମୁଖ୍ୟତଃ ଧର୍ମବିଶ୍ୱାସୀ । ଧର୍ମକୁ ଛାଡ଼ି ମନୁଷ୍ୟ କି ସାମାଜିକ, କି ରାଜନୈତିକ, କୌଣସି କ୍ଷେତ୍ରରେ ତାର କର୍ମସାଧନ କରିପାରି ନାହିଁ । ସେତେବେଳର ମନୁଷ୍ୟର ଏହି ଧର୍ମବିଶ୍ୱାସ ସାହିତ୍ୟ କ୍ଷେତ୍ରରେ ପ୍ରଧାନ ଭାବରେ ପ୍ରତିଫଳିତ ହୋଇଅଛି । ସାହିତ୍ୟର ଆଦିମ ଉତ୍ସ ଧର୍ମର ସୀମା ମଧ୍ୟରେ ଆବଦ୍ଧ ଥିଲା । ସେହି କାରଣରୁ ପ୍ରାଚୀନ ସାହିତ୍ୟ ସବୁବେଳେ ଧର୍ମ ସହିତ ସମାନ୍ତର ଭାବରେ ଗତିକରି ଆସିଅଛି । ଆଧୁନିକ କାଳରେ ଯେତେବେଳେ ମନୁଷ୍ୟର ଜୀବନ ସମସ୍ୟାବହୁଳ ହୋଇ ଉଠିଛି, ବିଜ୍ଞାନର ନବ ନବ ଉଦ୍‌ଭାବନ ଓ ଆବିଷ୍କାର ଫଳରେ ନିଜର କର୍ମକ୍ଷମତା ଉପରେ ମନୁଷ୍ୟର ଆସ୍ଥା ଆସିଛି, ସେତେବେଳେ ମନୁଷ୍ୟ ଧର୍ମ ଓ ଈଶ୍ୱରଙ୍କ ପ୍ରତି ଲକ୍ଷ୍ୟଭ୍ରଷ୍ଟ ହୋଇ ନିଜର ସ୍ୱାତନ୍ତ୍ର୍ୟ ବିଷୟରେ ଚିନ୍ତା କରୁଛି । ଏହି ସ୍ୱାତନ୍ତ୍ର୍ୟ

ବଳରେ ସେ ବହୁ ପ୍ରାଚୀନ କାଳରୁ ଅନୁସୃତ ପଦ୍ଧତିଗୁଡ଼ିକୁ ପରିହାର କରିଛି । ଫଳରେ ଆଧୁନିକ ଜୀବନର ରୂପାୟନ ସାହିତ୍ୟ ଭିତରେ ଏକ ନୂତନ ରୀତିରେ ବିକାଶ ଲାଭ କରିଛି । ତେଣୁ ଆଜିର ସାହିତ୍ୟ ଏକ ଭିନ୍ନମୁଖୀ ସାହିତ୍ୟ, ଠିକ୍ ଯେପରି ଆଜିର ଜୀବନ । ମାତ୍ର ଦୀର୍ଘ ଅତୀତର ଷୋଡ଼ଶ ଶତାବ୍ଦୀର ଜୀବନ, ସମାଜ, ଧର୍ମ ଓ ସାହିତ୍ୟ ଥିଲା ଏହାଠାରୁ ସଂପୂର୍ଣ୍ଣ ଭିନ୍ନ । ସେତେବେଳେ ଧର୍ମର ପ୍ରଭାବ ସମାଜର ପ୍ରତ୍ୟେକ କ୍ଷେତ୍ରରେ ବିସ୍ତାରଲାଭ କରିଥିଲା । ସେତେବେଳେ ସାହିତ୍ୟ ସତେ ଯେପରି ଧର୍ମର ତତ୍ତ୍ୱଗୁଡ଼ିକୁ ଜନସାଧାରଣଙ୍କ ସମ୍ମୁଖରେ ପ୍ରକାଶ କରିବାକୁ ଉଦ୍ଦିଷ୍ଟ ଥିଲା ।

ସେହି ଦୀର୍ଘ ଅତୀତ-ଷୋଡ଼ଶ ଶତାବ୍ଦୀର ସାହିତ୍ୟିକ ପରିବେଶ ପ୍ରତି ଦୃଷ୍ଟି ଦେବାକୁ ହେଲେ ଦେଖିବାକୁ ହେବ, ସେତେବେଳର ଓଡ଼ିଆ ସାହିତ୍ୟ କି ପ୍ରକାର ପରିଣତି ଲାଭ କରିଛି । ଷୋଡ଼ଶ ଶତାବ୍ଦୀର ପୂର୍ବଯୁଗ ଓଡ଼ିଆ ସାହିତ୍ୟକୁ ପ୍ରତିଷ୍ଠିତ ହେବାପାଇଁ ଏକ ଅପୂର୍ବ ସୁଯୋଗ ଦେଇଯାଇଛି । ଯେତେବେଳେ ଓଡ଼ିଆ ଭାଷା ଓ ସାହିତ୍ୟର କୌଣସି ବିଶିଷ୍ଟ ବିକାଶ ସମ୍ଭବ ହୋଇ ନ ଥିଲା, ସେତିକି-ବେଳେ ଜନ୍ମ ହୋଇଥିଲେ ଓଡ଼ିଆ ସାହିତ୍ୟର ପ୍ରକୃତ ସ୍ରଷ୍ଟା ସାରଳା ଦାସ । ସେତେବେଳେ ଓଡ଼ିଶାର ରାଜନୀତି କ୍ଷେତ୍ରରେ, ସାମାଜିକ କ୍ଷେତ୍ରରେ ଏକ ବିପ୍ଳବର ଯୁଗ । ସେ ବିପ୍ଳବ କାଳରେ ବିପ୍ଳବୀ ସାରଳା ଦାସ ସୃଷ୍ଟି କରିଥିଲେ ଓଡ଼ିଆ ସାହିତ୍ୟର ଅମୂଲ୍ୟ ଗ୍ରନ୍ଥ ମହାଭାରତ । ମହାଭାରତ, ବିଲଙ୍କା ରାମାୟଣ, ଚଣ୍ଡୀପୁରାଣ ପ୍ରମୁଖ ବିଭିନ୍ନ ରଚନା ତାଙ୍କର ଥିଲେ ହେଁ ମହାଭାରତ ଓଡ଼ିଶାର ସାମାଜିକ ଜୀବନରେ ଏକ ଆନ୍ଦୋଳନ ସୃଷ୍ଟି କରିଥିଲା । ସାରଳା ଦାସଙ୍କ ସମୟରେ ଓଡ଼ିଆ ଭାଷା, ସାହିତ୍ୟର ବିଶେଷ ବିକାଶ ହୋଇ ନ ଥିବାରୁ ତାଙ୍କର ଏହି ଦାନଗୁଡ଼ିକ ଓଡ଼ିଆ ସାହିତ୍ୟର ପ୍ରାଣପ୍ରତିଷ୍ଠା କରିବା

ସଙ୍ଗେ ସଙ୍ଗେ ଆଗାମୀ ଯୁଗପାଇଁ ଏକ ବଳିଷ୍ଠ ସଙ୍କେତ ପ୍ରଦାନ କରିଥିଲା । ସାରଳା ଦାସଙ୍କ ସାହିତ୍ୟ ଆଲୋଚନା କରି ସମୀକ୍ଷକଗଣ ତାଙ୍କୁ ମୁଖ୍ୟତଃ ଶାକ୍ତ ରୂପେହିଁ ଗ୍ରହଣ କରିଅଛନ୍ତି । ମାତ୍ର ତାଙ୍କର ସମଗ୍ର ସାହିତ୍ୟସୃଷ୍ଟି ଭିତରେ ସେ ବହୁପ୍ରକାର ଧର୍ମମତବାଦର ପରିଚୟ ଦେଇଅଛନ୍ତି । ସାରଳା ଦାସ ଓଡ଼ିଆ ସାହିତ୍ୟକୁ ପ୍ରତିଷ୍ଠିତ କରିବା ନିମିତ୍ତ ଯେଉଁ ବଳିଷ୍ଠ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ, ସେହି ଭିତ୍ତିଭୂମି ଉପରେ ପରବର୍ତ୍ତୀ କାଳରେ ଓଡ଼ିଆ ବୈଷ୍ଣବ ସାହିତ୍ୟସୌଧ ଗଢ଼ି ଉଠିଅଛି ।

ସାରଳା ଦାସଙ୍କ ପରେ ଓ ପଞ୍ଚସଖାଙ୍କ ପୂର୍ବରୁ ଯେଉଁ କେତେଜଣ କବି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାକୁ ସେମାନଙ୍କର ଲେଖନୀ ଚାଳନା କରିଥିଲେ, ସେମାନେ ଆଜି ବିସ୍ମୃତ ; କାରଣ ସେମାନଙ୍କର ସୃଷ୍ଟିସମ୍ଭାର ବିଶେଷ ଭାବରେ ଲୋକଲୋଚନର ଗୋଚରକୁ ଆସିପାରି ନାହିଁ । ଷୋଡ଼ଶ ଶତାବ୍ଦୀ ବେଳକୁ ଓଡ଼ିଶାରେ ମୁଖ୍ୟତଃ ବୈଷ୍ଣବଧର୍ମର ପ୍ରଭାବ ବିଶେଷ ଭାବରେ ଦେଖାଦେଇ-ଥାଇଛି । ପଞ୍ଚସଖାଗଣ ସେମାନଙ୍କର ସାହିତ୍ୟ-ସାଧନା କରିବା ମୂଳରେ ଯେ ଧର୍ମମତବାଦର ପ୍ରେରଣା ବିଶେଷ ଭାବରେ କାର୍ଯ୍ୟ କରିଛି, ଏଥିରେ ସନ୍ଦେହ ନାହିଁ । ପଞ୍ଚସଖା ସାହିତ୍ୟ ଆଲୋଚନା କଲାବେଳେ ଶ୍ରୀଚୈତନ୍ୟଙ୍କ ଆବିର୍ଭାବ ବିଶେଷ ଭାବରେ ଆମ ଆଖିରେ ପଡ଼େ । ତେଣୁ ଆଲୋଚନା ପ୍ରସଙ୍ଗରେ ଶ୍ରୀଚୈତନ୍ୟଙ୍କ କଥା ଏତେ ପ୍ରାଧାନ୍ୟ ଲାଭ କରିଛି ଯେ ଆମର ଅନେକ ସମାଲୋଚକ ମନେ କରନ୍ତି— ସତେ ଯେପରି ଶ୍ରୀଚୈତନ୍ୟ ଓଡ଼ିଶାକୁ ଆସି ନ ଥିଲେ ପଞ୍ଚସଖା ସାହିତ୍ୟ ସୃଷ୍ଟି ହୋଇ ନ ଥାନ୍ତା । ତେଣୁ ଯେତେବେଳେ ପଞ୍ଚସଖା ସାହିତ୍ୟର ଆଲୋଚନା ହୁଏ, ସେତେବେଳେ ଆଲୋଚନାର ପୁରୋ-

ଭାରତରେ ଶ୍ରୀଚୈତନ୍ୟ ରହିଯାଇ ପଞ୍ଚସଖାଙ୍କର ମହତ୍ତ୍ୱ ଘୋଡ଼ାଇ ପକାନ୍ତି ମାତ୍ର ଆମର ଏ ପ୍ରକାର ଆଲୋଚନା ଆଦୌ ଯୁକ୍ତିସଂଗତ ନୁହେଁ । ଯଦି ଶ୍ରୀଚୈତନ୍ୟ ଆସିବା ବେଳକୁ ଓଡ଼ିଶାରେ ବୈଷ୍ଣବ ସାହିତ୍ୟ ଉନ୍ନତିଲାଭ କରି ନ ଥାନ୍ତା, ତେବେ ଏଭଳି ଆଲୋଚନାର ଅବକାଶ ଥାଆନ୍ତା । ମାତ୍ର ଆମକୁ ମନେ ରଖିବାକୁ ହେବ ଯେ ସେତେବେଳକୁ ଓଡ଼ିଶାରେ ବୈଷ୍ଣବ ସାହିତ୍ୟର ସୃଷ୍ଟି ହୋଇ ସାରିଥିଲା । ଶ୍ରୀଚୈତନ୍ୟ ଆସି ହୁଏ ତ ତାଙ୍କର ପ୍ରେମଭକ୍ତି ମତବାଦକୁ ପ୍ରଚାର କରିବା ପାଇଁ ପଞ୍ଚସଖାଙ୍କ ସାହଚର୍ଯ୍ୟ ପାଇଲେ ଏବଂ ଓଡ଼ିଆ ବୈଷ୍ଣବଗଣ ପ୍ରେମଭକ୍ତି ମତବାଦକୁ ସେମାନଙ୍କର ସାହିତ୍ୟ ସାଧନାରେ ସତର୍କ ଭାବରେ ପ୍ରୟୋଗ କଲେ । ଚୈତନ୍ୟ ଯେତେବେଳେ ଜଗନ୍ନାଥଙ୍କୁ ସାକ୍ଷାତ କରନ୍ତି, ସେତେବେଳେ ଜଗନ୍ନାଥ ଓଡ଼ିଆ ଭାଗବତ ରଚନା କରିବାରେ ଲାଗିଥିଲେ । ସେହି ଭାଗବତ ରଚନାରେ ଜଗନ୍ନାଥଙ୍କର ଅପୂର୍ବ ପାଣ୍ଡିତ୍ୟରେ ମୁଗ୍ଧ ହୋଇ ଶ୍ରୀଚୈତନ୍ୟ ଜଗନ୍ନାଥଙ୍କର ମହତ୍ତ୍ୱକୁ ସ୍ୱୀକାର କରିଥିଲେ । ତେଣୁ ଚୈତନ୍ୟ ଆସିବା ବେଳକୁ ଜଗନ୍ନାଥଙ୍କର ପ୍ରତିଭା ବିକାଶପ୍ରାପ୍ତ ହୋଇ ସାରିଥିଲା । ଚୈତନ୍ୟଙ୍କ ସଂସ୍ପର୍ଶରେ ଆସିବା ଫଳରେ ଜଗନ୍ନାଥଙ୍କ କୃତିରେ ପ୍ରେମଭକ୍ତି ମତବାଦର ବିକାଶ ହୋଇଅଛି ସତ୍ୟ, ମାତ୍ର ଚୈତନ୍ୟଙ୍କ ଯୋଗୁଁ ଯେ ଜଗନ୍ନାଥଙ୍କ ପ୍ରତିଭାର ବିକାଶ ହୋଇଛି, ଏହା ଠିକ୍ ନୁହେଁ । ଚୈତନ୍ୟଙ୍କ ପ୍ରଭାବ ଯୋଗୁଁ ଜଗନ୍ନାଥ, ବଳରାମ, ଅଚ୍ୟୁତାନନ୍ଦ, ଅନନ୍ତ ଓ ଯଶୋବନ୍ତ—ଏ ପାଞ୍ଚ ଜଣ ଏକତ୍ରିତ ହୋଇ ସେମାନଙ୍କର ସାହିତ୍ୟସାଧନା ସହିତ ବୈଷ୍ଣବ ମତବାଦର ପ୍ରଚାର କରିଛନ୍ତି । ମାତ୍ର ଏଠାରେ ପ୍ରଶ୍ନ ଉଠେ, ଚୈତନ୍ୟ ଯଦି ଏମାନଙ୍କୁ ପ୍ରଭାବିତ କରି ନ ଥାନ୍ତେ, ତେବେ କ'ଣ ଏମାନଙ୍କର ସାହିତ୍ୟିକ ପ୍ରତିଭା ବିକଶିତ ହୋଇ ନ ଥାନ୍ତା ? ଏପରି ଭାବ ବସିବା ଏକାବେଳକେ

ପ୍ରମାଦପୂର୍ଣ୍ଣ । କାରଣ, ଚୈତନ୍ୟ ଆସିବା ସମୟକୁ ଏମାନଙ୍କ ମଧ୍ୟରୁ ଅଧିକାଂଶ ସାହିତ୍ୟସ୍ରଷ୍ଟାର ଗୌରବଲାଭ କରିସାରିଛନ୍ତି ଓ ଓଡ଼ିଶାରେ ଚୈତନ୍ୟଙ୍କ ଆଗମନ ପୂର୍ବରୁ ବ୍ୟାପକ ଭାବରେ ବୈଷ୍ଣବ ଧର୍ମର ପ୍ରସାର ହୋଇଥିଲା, ସେ କଥା ଏ ଗ୍ରନ୍ଥରେ ଅନ୍ୟତ୍ର କୁହାଯାଇଛି ।

ଜଗନ୍ନାଥଙ୍କ ଉପାସନାର କେନ୍ଦ୍ର ପୁରୁଷୋତ୍ତମ କ୍ଷେତ୍ର । ପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ ବୈଷ୍ଣବ କବିଗଣଙ୍କ ଲେଖାମାନରେ ଅନେକତ୍ର ଆତ୍ମପ୍ରକାଶ କରିଛି । ଏହି କ୍ଷେତ୍ରର ପ୍ରଧାନ ଦେବତା ଜଗନ୍ନାଥଙ୍କର ଉପାସନା ଲାଗି ଭାରତର ବିଭିନ୍ନ ସ୍ଥାନରୁ ଧର୍ମ-ଧ୍ୱଜୀମାନଙ୍କର ଆଗମନ ଓଡ଼ିଶାର ଧର୍ମଜଗତରେ ସୁବିଦିତ । ବିଭିନ୍ନ ସମୟରେ ବିଭିନ୍ନ ଧର୍ମଧ୍ୱଜୀମାନେ ଆସି ସେମାନଙ୍କର ନିଜ ନିଜର ମତବାଦ ଅନୁସାରେ ଜଗନ୍ନାଥକ୍ଷେତ୍ରରେ ପୂଜାବିଧି ପ୍ରଚଳନ କରିବାର ପନ୍ଥା ପ୍ରବର୍ତ୍ତନ କଲେ । ଫଳରେ ଅନେକ କାଳ ଧରି ବିଭିନ୍ନ ମତବାଦ-ପୁଷ୍ଟ ଜଗନ୍ନାଥ ପୂଜା ଏକ କଷ୍ଟକଳ୍ପନାକାର ପୂଜାପଦ୍ଧତିରେ ପରିଣତ ହେଲା । ବିଭିନ୍ନ ଧର୍ମଧ୍ୱଜୀମାନଙ୍କର ମତବାଦର ମିଶ୍ରଣରେ ଗଠିତ ଜଗନ୍ନାଥପୂଜାପଦ୍ଧତିରେ ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ ପ୍ରଭୃତି ମତବାଦର ଅଂଶ ପରିଦୃଷ୍ଟ ହେଉଥିବାରୁ ଜଗନ୍ନାଥଧର୍ମକୁ ସର୍ବଧର୍ମ ସମନ୍ୱୟକାରୀ ଆଖ୍ୟା ଦିଆଯାଏ । ପଣ୍ଡିତମାନେ ମତ ପ୍ରଦାନ କରନ୍ତି ଯେ ଜଗନ୍ନାଥଙ୍କର ପୂଜାପଦ୍ଧତି ସମଗ୍ର ହିନ୍ଦୁଜଗତର ବିଭିନ୍ନ ପୂଜାପଦ୍ଧତିକୁ ଗ୍ରହଣ କରି ବିରୋଧୀ ମତବାଦଗୁଡ଼ିକର ଅପୂର୍ବ ସମନ୍ୱୟ ସମ୍ପାଦନ କରିଅଛି । ପଣ୍ଡିତମାନେ ଜଗନ୍ନାଥଧର୍ମକୁ ଏକ ସ୍ୱତନ୍ତ୍ର ଧର୍ମର ଆଖ୍ୟା ଦେଇଅଛନ୍ତି । ମାତ୍ର ଜଗନ୍ନାଥଧର୍ମର ଏହି ସ୍ୱାତନ୍ତ୍ର୍ୟ କେବଳ ବିଭିନ୍ନ ମତବାଦର ମିଶ୍ରଣରେ ହୋଇଛି । ବସ୍ତୁତଃ ଶବରରାଜାର ପୂଜ୍ୟଦେବତା ନୀଳମାଧବଙ୍କ ରୂପାନ୍ତର ଜଗନ୍ନାଥ । ସେ ଜଗନ୍ନାଥଙ୍କର

ସାର୍ବଜନୀନ ପ୍ରଭୃତ୍ତ୍ୱ କାଳକ୍ରମେ ବୈଷ୍ଣବ ସଂପ୍ରଦାୟର ସମସ୍ତ ମତବାଦକୁ ମଧ୍ୟ ଏକତ୍ରିତ କରିଅଛି । ଓଡ଼ିଶୀ ବୈଷ୍ଣବଧର୍ମ ଜଗନ୍ନାଥଙ୍କୁ ପ୍ରାଧାନ୍ୟ ଦେଇ ଏ ଦେଶରେ ତାର ମତବାଦକୁ ଯେତିକି ପ୍ରସାର କରିଥିଲା, ପରବର୍ତ୍ତୀ କାଳରେ ସମୟ ଏବଂ ପାରିପାର୍ଶ୍ୱିକ ଅବସ୍ଥାର ସୁଯୋଗ ଲାଭକରି ଗୌଡ଼ୀୟ ବୈଷ୍ଣବଧର୍ମର ମତବାଦ ତା ଅପେକ୍ଷା ଅଧିକ ପରିମାଣରେ ପ୍ରସାର ଲାଭ କଲା । ଶ୍ରୀ ଚୈତନ୍ୟଙ୍କ ଦ୍ୱାରା ଗୌଡ଼ୀୟ ବୈଷ୍ଣବ ମତବାଦ ଓଡ଼ିଶାରେ ପ୍ରଚାର ଲାଭ କରିବା ସମୟକୁ ଜଗନ୍ନାଥ ଗୌଡ଼ୀୟ ବୈଷ୍ଣବମାନଙ୍କ ମତରେ କୃଷ୍ଣରେ ପରିଣତ ହୋଇଗଲେ । ତେଣୁ କୃଷ୍ଣଙ୍କୁ କେନ୍ଦ୍ରକରି ପୂର୍ବରୁ ଗୌଡ଼ୀୟ ବୈଷ୍ଣବମାନଙ୍କର ଯେଉଁସବୁ କାହାଣୀ ପ୍ରଚଳିତ ଥିଲା, ସେଗୁଡ଼ିକୁ ଏହି ସମୟରେ ଜଗନ୍ନାଥଙ୍କ ଉପରେ ଆରୋପ କରି ଦିଆଗଲା । ଗୌଡ଼ୀୟ ବୈଷ୍ଣବଧର୍ମର ଅଦ୍ଭୁତ ପ୍ରଚାରକୌଶଳ ବହୁ କାମ୍ୟ, ଚମକାକାର ଗଳ୍ପକୁ ଆଶ୍ରୟ କରିଥିଲା । ଜଗନ୍ନାଥ ଦାସଙ୍କର ନାରୀତ୍ୱ, ତାଙ୍କର ସେବାପାଇଁ ସ୍ୱର୍ଗରୁ ସେବିକାମାନଙ୍କର ଆଗମନ, ବଳରାମଙ୍କ ଲଙ୍କାଦର୍ଶନ, ବାଳିରଥ ପ୍ରସଙ୍ଗ, ବାବନାଭୂତ ପ୍ରସଙ୍ଗ, ଯଶୋବନ୍ତଙ୍କର ଧାନକଟା ବୃତ୍ତାନ୍ତ ପ୍ରଭୃତି ବହୁ ଅଲୌକିକ କାହାଣୀ ଏହାର ଉଦାହରଣ ।

ମାର୍କଣ୍ଡ ଦାସଙ୍କ କେଶବକୋଇଲିକୁ ଓଡ଼ିଆ କବିତାର ଆଦିମଯୁଗରେ ଅବସ୍ଥାପିତ କରି ସାହିତ୍ୟିକଗଣ ମତ ପ୍ରଦାନ କରନ୍ତି ଯେ ଏହାର ତାତ୍ତ୍ୱିକ ବ୍ୟାଖ୍ୟା କରିବାକୁ ଯାଇ ଜଗନ୍ନାଥ ଦାସ ଅର୍ଥକୋଇଲି ପ୍ରଣୟନ କରିଛନ୍ତି । ମାତ୍ର ଏପରି ଏକ ମତ ଯେ ସଂପୂର୍ଣ୍ଣ ପ୍ରମାଦଶୂନ୍ୟ, ଏ କଥା କହିହେବ ନାହିଁ । କାରଣ କେଶବ-କୋଇଲି ଯେ ଓଡ଼ିଆ ସାହିତ୍ୟର ପ୍ରାଚୀନତମ ରଚନା ନୁହେଁ, ଏ କଥା

ବେଶ୍ ଭଲଭାବରେ ଜଣାଯାଇଅଛି । ଜଗନ୍ନାଥ ଦାସ କେଶବକୋଇଲିର ବ୍ୟାଖ୍ୟା କରିବା ଉଦ୍ଦେଶ୍ୟରେ ଅର୍ଥକୋଇଲି ନ ଲେଖି ତାଙ୍କ ବୈଷ୍ଣବ ମତବାଦର ଧୀର-ମନ୍ଥର ପ୍ରଚାର ଉଦ୍ଦେଶ୍ୟରେ ଅର୍ଥକୋଇଲି ଲେଖିଛନ୍ତି ବୋଲି କହିବା ଅଧିକ ସମୀଚୀନ । ଏ ବିଷୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କର ସମୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାରେ ଯେତେବେଳେ କୃଷ୍ଣକୈନ୍ଦ୍ରିକ ଧର୍ମମତବାଦ ବିଶେଷ ଭାବରେ ପ୍ରଚଳିତ ନ ଥିଲା, ସେହି ଅବସ୍ଥାରେ କେଶବକୋଇଲି ରଚିତ ହେବାରୁ ଜଗନ୍ନାଥ ଦାସ କୃଷ୍ଣକୈନ୍ଦ୍ରିକ ସାହିତ୍ୟରୂପେ କେଶବ-କୋଇଲିକୁ ପରିଚିତ ନ କରାଇ ନିଗୂଢ଼ ଧର୍ମତତ୍ତ୍ୱମୂଳକ ରଚନାରୂପେ ପରିଚିତ କରାଇବାର ଉଦ୍ୟମ କରିଥାଇ ପାରନ୍ତି । ମାତ୍ର ଅର୍ଥ-କୋଇଲିର ସମଗ୍ର କଳେବର ଭିତରେ ପିଣ୍ଡବ୍ରହ୍ମାଣ୍ଡତତ୍ତ୍ୱ ଯେପରି ଭାବରେ ବର୍ଣ୍ଣିତ ହୋଇଅଛି, ସେଥିରୁ କେବଳ ଓଡ଼ିଶୀ ବୈଷ୍ଣବଧର୍ମର ମତବାଦ ବ୍ୟତୀତ ଅନ୍ୟ କୌଣସିର ପରିଚୟ ମିଳେ ନାହିଁ । ଜଗନ୍ନାଥ ଦାସଙ୍କ ସମୟରେ କୃଷ୍ଣକୈନ୍ଦ୍ରିକ ରସସାହିତ୍ୟ ବିଶେଷ ଭାବରେ ପ୍ରସାରଲାଭ କରିବାର ସୁଯୋଗ ପାଇନାହିଁ । କାରଣ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱବର୍ଣ୍ଣିତ କଠିନ ବୈଷ୍ଣବ ଦର୍ଶନରେ ଅଭ୍ୟସ୍ତ ଓଡ଼ିଶାର ପଣ୍ଡିତ ତଥା ସାଧାରଣ ବ୍ୟକ୍ତିଙ୍କ ସମ୍ମୁଖରେ ରାଧାକୃଷ୍ଣଙ୍କର ପ୍ରେମବର୍ଣ୍ଣନାକୁ ହଠାତ୍ ପରିବେଷଣ କରିବା ଅସଙ୍ଗତ ହୋଇ ଥାଆନ୍ତା । ତେଣୁ ନିଜର ସଂପ୍ରଦାୟ ଗୁରୁ, ଜଗନ୍ନାଥ ଓ ନିଜ ନିଜ ବିଷୟରେ ଅଦ୍ଭୁତ କାହାଣୀ ସୃଷ୍ଟି କରି ଓଡ଼ିଶାର ଜନସାଧାରଣଙ୍କୁ ସହଜିଆ ମତବାଦ ଆଡ଼କୁ ସାବଧାନତାର ସହିତ ଆକୃଷ୍ଟ କରାଯାଇଅଛି । କୃଷ୍ଣଙ୍କର ଗୋପାଙ୍ଗନା ବା ରାଧାଙ୍କ ସହିତ ପରକୀୟା ପ୍ରେମବର୍ଣ୍ଣନା ହଠାତ୍ ଓଡ଼ିଆ ସାହିତ୍ୟରେ ପ୍ରକାଶ କରିବା ନିମନ୍ତେ ଅନୁକୂଳ ଅବସ୍ଥା ନ ଥିବାରୁ ଯଶୋଦାଙ୍କର ବାତ୍ସଲ୍ୟମମତା

ଜରିଆରେ କୃଷ୍ଣଙ୍କୁ ଉପସ୍ଥାପିତ କରାଯାଇଅଛି । କେଶବକୋଇଲି ଏହାର ପ୍ରତ୍ୟକ୍ଷ ଉଦାହରଣ । ଯଶୋଦାଙ୍କର ପୁତ୍ରବିଚ୍ଛେଦଜନିତ ଦୁଃଖ ଓ ମାତୃହୃଦୟର କରୁଣ-ବିଳାପ ଏଥିରେ ବର୍ଣ୍ଣିତ । ଏହି ସମୟରେ ଭଗବାନଙ୍କ ପ୍ରତି ବାତ୍ସଲ୍ୟପ୍ରେମ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ଅନେକ କିମ୍ବଦନ୍ତୀ ମଧ୍ୟ ଶୁଣାଯାଏ । ଥରେ ଜଣେ ବଙ୍ଗୀୟ ବୁଢ଼ୀ ଜଗନ୍ନାଥ ଦର୍ଶନକୁ ଆସିବାବେଳେ ବାଟରେ ବଡ଼ମାଛ ଦେଖି ଆକୃଷ୍ଟ ହେଲେ । ମାଛ କିଣି, ତରକାରି କରି ତାକୁ ଗୋଟାଏ କଂସାରେ ଧରି ଜଗନ୍ନାଥଙ୍କ ମନ୍ଦିରକୁ ପ୍ରବେଶ କଲେ । ବୁଢ଼ୀ ଜଗନ୍ନାଥଙ୍କୁ ପୁତ୍ରଚକ୍ଷୁରେ ଦେଖି ପୁତ୍ରର ଆହାର ନିମନ୍ତେ ମାଛ ତରକାରି ଆଣିଥିଲେ । ବାତ୍ସଲ୍ୟପ୍ରେମରେ ସେ ଏପରି ଅନ୍ଧୁଣୀ ହୋଇଯାଇଥିଲେ ଯେ ଆମିଷ-ନିରାମିଷ କଥା ଭାବିବାର ଅବକାଶ ତାଙ୍କର ନ ଥିଲା । ପଣ୍ଡାମାନେ ବୁଢ଼ୀଙ୍କୁ ଆମିଷ ନେବାର ଦେଖି ତାଙ୍କ ପ୍ରତି ଅସୌଜନ୍ୟ ବ୍ୟବହାର ପ୍ରଦର୍ଶନ କଲେ ଏବଂ ତାଙ୍କୁ ମାଡ଼ ଦେଲେ । ବୁଢ଼ୀ ମାଡ଼ଖାଇ ଅଚେତ ହୋଇଗଲେ ଓ ପରେ ଜଗନ୍ନାଥଙ୍କୁ ଡାକିଲେ । ଜଗନ୍ନାଥ ସ୍ୱପ୍ନାଦେଶ ଦେଇ କହିଲେ, "ମୋ ମାଆ ମୋ ପାଇଁ ଖାଇବାକୁ ଆଣିଥିଲା, ତୁମେମାନେ ତାକୁ ମାଡ଼ଦେଇ ଅପରାଧ କରିଅଛ ।" ଏପ୍ରକାର କିମ୍ବଦନ୍ତୀର ପ୍ରଚଳନ କେବଳ ଜଗନ୍ନାଥଧର୍ମର କଠିନ ପରଂପରାକୁ ଛିନ୍ନ କରି ସହଜିଆ ମତବାଦର ସ୍ଥାପନ ଉଦ୍ଦେଶ୍ୟରେ ସୃଷ୍ଟ । ପୁଣି ଜଗନ୍ନାଥଙ୍କ ନିକଟରେ ବାତ୍ସଲ୍ୟ ରସ ଜରିଆରେ ଶୃଙ୍ଗାର ରସର ପ୍ରବେଶ ପାଇଁ ପଥ ପ୍ରସ୍ତୁତ ଏହାର ଅନ୍ୟ ଏକ ଉଦ୍ଦେଶ୍ୟ । ପ୍ରତାପରୁଦ୍ରଦେବଙ୍କ ରାଣୀଙ୍କୁ ଦୀକ୍ଷା ଦେବା ନିମନ୍ତେ ଜଗନ୍ନାଥଙ୍କର ନାରୀତ୍ୱ ପ୍ରତିପାଦନ ଏକ ଅସମ୍ଭବ କଥା ହେଲେ ହେଁ ସେ ସମୟରେ ଏହାକୁ ଏକ ଅଲୌକିକ ଘଟଣାରୂପେ ଗ୍ରହଣ କରି ନିଆଯାଇଥିଲା । ବଳରାମ ଦାସଙ୍କ ବାଳିରଥ ସମ୍ପର୍କୀୟ

ଘଟଣା ଠିକ୍ ସେହିପରି । ଯଶୋବନ୍ତ ଦାସଙ୍କ ଧାନଚୋରି କଥା ଏଠାରେ ଦେଖାଯାଉ । ଯଶୋବନ୍ତ ଦାସଙ୍କ ପତ୍ନୀଙ୍କର ସାଧଖିଆ ପାଇଁ ପିଠା ତିଆରି କରିବା ନିମନ୍ତେ ଚାଉଳ ଅଭାବ ହେବାରୁ ସେ ଜଣେ କୃଷକର ଧାନକ୍ଷେତରେ ପଶି ରାତିରେ ଧାନ କାଟି ଆଣିଲେ । ଧାନକାଟିବାଦ୍ୱାରା ଧାନକିଆରିରେ ରାମ ରାମ ଶବ୍ଦ ଶୁଭିଲା । ଧାନ କିଆରିରୁ ଏହି ରାମ ରାମ ଶବ୍ଦ ଜାତ ହେବାର କାରଣ ହେଉଛି ଯଶୋବନ୍ତ ଦାସଙ୍କର ଅଲୌକିକତା । ଯେଉଁ ବୈଷ୍ଣବ ପ୍ରଚାରକ-ମାନେ ଏଭଳି କାହାଣୀ କହି ଯଶୋବନ୍ତ ଦାସଙ୍କର ଅଲୌକିକତା ପ୍ରତିପାଦନ କରିବାକୁ ଚେଷ୍ଟାକରନ୍ତି, ସେମାନଙ୍କର ଏହା ଏକ ଅପଚେଷ୍ଟା । କାରଣ ଧାନବୁଦାରୁ ଯେଉଁ ଶବ୍ଦ ବାହାରୁ ନା କାହିଁକି; ଯଶୋବନ୍ତ ଦାସ ଯେଉଁ ଅସାମାଜିକ କାର୍ଯ୍ୟ କଲେ ତାହା ଚୋରି । ଜଣେ ଅଲୌକିକ ପ୍ରତିଭାଶାଳୀ ମହାପୁରୁଷଙ୍କର ଚୌର୍ଯ୍ୟବୃତ୍ତି ଆଚରଣ କ'ଣ ଅପରାଧ ନୁହେଁ ? ସାମାଜିକତା ଦୃଷ୍ଟିରୁ ଏହା ନିତାନ୍ତ ନିନ୍ଦିତ ପନ୍ଥା । ଭକ୍ତ ହିସାବରେ ଯେ କୌଣସି ଗର୍ହିତ ଅପରାଧ କଲେ ହେଁ ସେଗୁଡ଼ିକ ସେମାନଙ୍କର ଦୋଷ ନ ହୋଇ ଗୁଣରେ ପରିଣତ ହୋଇଅଛି । କେବଳ ଯେ ଭକ୍ତମାନଙ୍କୁ କେନ୍ଦ୍ରକରି ଏ ପ୍ରକାର ଗର୍ହିତ ଅପରାଧ ବର୍ଣ୍ଣିତ ହୋଇଅଛି, ତାହା ନୁହେଁ । ବୈଷ୍ଣବମାନଙ୍କର ଉପାସ୍ୟ ଶ୍ରୀକୃଷ୍ଣ ମଧ୍ୟ କମ୍ ଗର୍ହିତ ଅପରାଧୀ ନୁହନ୍ତି । ସାକ୍ଷୀଗୋପାଳର ଲକ୍ଷ୍ମୀ ବୃତ୍ତାନ୍ତଟିକୁ ଗ୍ରହଣ କରାଯାଉ । ଜଣେ ବ୍ରାହ୍ମଣକନ୍ୟା ଲକ୍ଷ୍ମୀ ସାକ୍ଷୀଗୋପାଳଙ୍କୁ ପୂଜା କରୁଥିଲେ । ସାକ୍ଷୀଗୋପାଳ ଲକ୍ଷ୍ମୀଙ୍କୁ ନିଜର ପ୍ରିୟତମା ବା ପ୍ରେମିକା ରୂପେ ଗ୍ରହଣ କରିଥିଲେ । ଏ କଥାର ପ୍ରମାଣ ରୂପେ ଲକ୍ଷ୍ମୀଙ୍କର ଶେଯର ତକିଆ ତଳୁ ସାକ୍ଷୀଗୋପାଳଙ୍କ ବଂଶୀ ମିଳିବାର ଶୁଣାଯାଏ । ମନ୍ଦିରରେ ଯେତେବେଳେ ଦେଖାଗଲା ଯେ ସାକ୍ଷୀଗୋପାଳଙ୍କ ହାତରେ ବଂଶୀ ନାହିଁ; ସେତେବେଳେ ଚାରିଆଡ଼େ

ଖୋଜାଖୋଜି ଲାଗିଲା । ଶେଷରେ ଯେତେବେଳେ ଲକ୍ଷ୍ମୀଙ୍କ ତଳିଆରୁ ବଂଶୀଟି ଉଦ୍ଧାର କରାଗଲା, ସେତେବେଳେ ସମସ୍ତେ ବିଶ୍ୱାସ କଲେ ଯେ ଲକ୍ଷ୍ମୀଙ୍କ ନିକଟକୁ ସାକ୍ଷୀଗୋପାଳ ଗତ ରାତିରେ ଅଭିସାର ନିମନ୍ତେ ଆସି ଫେରିଯିବାବେଳେ ବଂଶୀଟି ଛାଡ଼ିଦେଇଯାଇଛନ୍ତି । ପୁଣି ଲକ୍ଷ୍ମୀ ଯେତେବେଳେ ଅନ୍ତଃସତ୍ତ୍ୱା ହେଲେ, ସେତେବେଳେ ସାଧାରଣଲୋକେ ବିଶ୍ୱାସ କଲେ ଯେ ସାକ୍ଷୀଗୋପାଳଙ୍କଦ୍ୱାରା ଲକ୍ଷ୍ମୀ ଅନ୍ତଃସତ୍ତ୍ୱା ହୋଇଅଛନ୍ତି । ସାକ୍ଷୀଗୋପାଳଙ୍କ ମନ୍ଦିରରେ ରାଧାଙ୍କ ସ୍ୱର୍ଣ୍ଣବିଗ୍ରହ ପ୍ରତିଷ୍ଠାଦିନ ଲକ୍ଷ୍ମୀ ଇହଜଗତରୁ ବିଦାୟ ନେଇଛନ୍ତି । ସତେ ଯେପରି ଲକ୍ଷ୍ମୀ ମର କଳେବରରୁ ଯାଇ ସ୍ୱର୍ଣ୍ଣବିଗ୍ରହରେ ପ୍ରବେଶ କଲେ !

ଉପରୋକ୍ତ କାହାଣୀଟି ଲୋକମୁଖରେ ଏତେ ପରିମାଣରେ ପ୍ରଚାରଲାଭ କରିଅଛି ଯେ ସାକ୍ଷୀଗୋପାଳଙ୍କ ପ୍ରକୃତରୂପ ଏହି କିମ୍ବଦନ୍ତୀର ଅନ୍ତରାଳରେ ଲୁଚିଯାଇଅଛି । ସାମାଜିକ ବ୍ୟଭିଚାରକୁ ସାକ୍ଷୀଗୋପାଳଙ୍କ ଉପରେ ଲଦି ଦିଆଯିବାର ଅର୍ଥ ସେତେବେଳେ ଶ୍ରୀକୃଷ୍ଣଙ୍କ କ୍ରିୟାକଳାପକୁ ଲୋକସମକ୍ଷରେ ଅତିମାନବିକ ଉପାଦାନରେ ଅତିମାତ୍ରାରେ ପ୍ରଚାର କରାଯାଉଥିଲା । ଆଜି ଆମେ ଯଦି ଏହି ଲକ୍ଷ୍ମୀ ଗପଟିକୁ ପରୀକ୍ଷା କରିବା, ତେବେ ଜାଣିପାରିବା—ଏହା କେବଳ ସାକ୍ଷୀଗୋପାଳଙ୍କ ମହିମା ପ୍ରଚାର ଉଦ୍ଦେଶ୍ୟରେ ନୁହେଁ, ସହଜିଆ ପ୍ରେମର ବାତାବରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସୃଷ୍ଟ । ଏ ସହଜିଆ ମତବାଦ ସାମାଜିକତା ଦୃଷ୍ଟିରୁ ଯେ କେତେ ବଡ଼ ଅପରାଧ, ତାହା ବିଚାର କରିବାର କଥା । ଭଗବାନଙ୍କୁ ଆଣି ଏପରି ଗଳ୍ପ ସାହାଯ୍ୟରେ କି ସ୍ତରରେ ରଖାଯାଇଅଛି ! ବୈଷ୍ଣବଦର୍ଶନ କ'ଣ ଭଗବାନଙ୍କୁ ଏପରି ସହଜଦୃଷ୍ଟିରେ ଦେଖିପାରେ ? ଅଶିକ୍ଷିତ ଧର୍ମାନ୍ଧ ପ୍ରଚାରକମାନଙ୍କର ଏହା ଏକ ଅଦ୍ଭୁତ କଳ୍ପନା । ଯଦି ଏହି ଲକ୍ଷ୍ମୀ ଗଳ୍ପଟି ସତ୍ୟମୂଳକ

ହୋଇଥାଏ, ତାହାହେଲେ ଏଠାରେ ଗୋଟିଏ ସାମାଜିକ ବ୍ୟଭିଚାର ବର୍ଣ୍ଣିତ । ଧରନିଆଯାଉ, ଲକ୍ଷ୍ମୀ ସାକ୍ଷୀଗୋପାଳଙ୍କ ମନ୍ଦିରକୁ ପୂଜାପାଇଁ ଯାଉଥିଲେ । ସେଠାରେ ଥିବା କୌଣସି ଯୁବକ ପୂଜାରୀଙ୍କ ସହ ପାପପ୍ରଣୟରେ ଲିପ୍ତ ହୋଇ ଅନ୍ତଃସତ୍ତ୍ୱା ହେଲେ । ସମାଜରେ ଜଣେ ଅବିବାହିତା ଯୁବତୀଙ୍କର ଗର୍ଭୋଦୟଜନିତ ଅପରାଧକୁ ଲୁଚାଇବା ପାଇଁ ବ୍ରାହ୍ମଣ ପୂଜାରୀ ସାକ୍ଷୀଗୋପାଳଙ୍କ ବଂଶୀକୁ ଆଣି ଲକ୍ଷ୍ମୀଙ୍କ ତକିଆତଳେ ଲୁଚାଇ ଦେଇଗଲେ ଓ ପରଦିନ ଖୋଜାଖୋଜି ଲାଗିବା ସମୟରେ ବଂଶୀଟିକୁ ସେହି ସ୍ଥାନରୁ ଉଦ୍ଧାର କରି ଲକ୍ଷ୍ମୀଙ୍କ ପ୍ରତି ସାକ୍ଷୀଗୋପାଳଙ୍କ ପ୍ରେମ ଥିବା କଥା ପ୍ରକାଶ କଲେ । ସମାଜର ନିନ୍ଦା, ଅପବାଦ ତଥାପି ଲକ୍ଷ୍ମୀଙ୍କୁ ଛାଡ଼ି ନ ଥିବ । ଲକ୍ଷ୍ମୀ ଏପରି ଅବସ୍ଥାର ଶଯ୍ୟାଶାୟିନୀ ହୋଇ ସାକ୍ଷୀଗୋପାଳଙ୍କ ମନ୍ଦିରରେ ସ୍ୱର୍ଣ୍ଣବିଗ୍ରହ ପ୍ରତିଷ୍ଠା ପାଇଁ ସମସ୍ତ ଗ୍ରାମବାସୀ ମନ୍ଦିରରେ ଥିବା ସମୟରେ ଆତ୍ମହତ୍ୟା କଲେ ବା ପ୍ରାଣତ୍ୟାଗ କଲେ । ଏପରି ଭାବରେ କାହାଣୀଟି ବାସ୍ତବ ହୋଇପାରେ, ମାତ୍ର ସାକ୍ଷୀଗୋପାଳଙ୍କୁ କେନ୍ଦ୍ର କରି କାହାଣୀଟି ଗଢ଼ିବା କେବଳ ମୂର୍ଖତା ବ୍ୟତୀତ ଅନ୍ୟ କିଛି ନୁହେଁ ।

ଏହିପରି ଅସଂଖ୍ୟ ଗଳ୍ପ ସାହିତ୍ୟର ପରିସର ଭିତରକୁ ନ ଆସି ପ୍ରଥମେ ଲୋକମାନଙ୍କ ମୁଖରେ ବ୍ୟାପି ଯାଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ସହଜିଆ ମତବାଦ ଆଡ଼କୁ ଲୋକଙ୍କୁ ଆକୃଷ୍ଟ କରିବା । ଭକ୍ତମାନେ ଅପରାଧ କରି ଦଣ୍ଡ ପାଇବା ନିମନ୍ତେ କାରାଗାରକୁ ନିକ୍ଷିପ୍ତ ହେଲାବେଳକୁ ଜଗନ୍ନାଥ ସ୍ୱପ୍ନାଦେଶ ଦେଇ ସେମାନଙ୍କୁ ମୁକ୍ତ କରନ୍ତି । ଭକ୍ତମାନଙ୍କ ଅପରାଧ ସେତେବେଳର ସମାଜରେ ଅପରାଧରୂପେ ଗଣା ଯାଉ ନ ଥିଲା । ସତେ ଯେପରି ଜଗନ୍ନାଥଙ୍କର ଏହି ଭକ୍ତମାନଙ୍କୁ ରକ୍ଷା

କରିବା ଛଡ଼ା ଆଉ କିଛି କାମ ନ ଥିଲା । ସମାଜର ଦୋଷକଳଙ୍କ ଜଡ଼ିତ କର୍ମପନ୍ଥା ଏହି ପ୍ରକାର ମନୋବୃତ୍ତି ଫଳରେ ବୈଷ୍ଣବଧର୍ମର ଧ୍ୱଜାତଳେ ବହୁପରିମାଣରେ ଆତ୍ମରକ୍ଷା କରିପାରିଛି । ସହଜିଆ ମତବାଦପୁଷ୍ଟ ପରକୀୟା ପ୍ରୀତି ବୈଷ୍ଣବଧର୍ମଦର୍ଶନର ଗୂଢ଼ତତ୍ତ୍ୱରୁ ମୁକ୍ତିଲାଭ କରି ସମାଜର ଅଶିକ୍ଷିତ ଜନସାଧାରଣଙ୍କ ନିକଟରେ ଏକ ଅଦ୍ଭୁତ ରୂପ ଲାଭ କରିଅଛି ।

ଗୌଡ଼ୀୟ ବୈଷ୍ଣବଧର୍ମର ତଥ୍ୟରାଜି ଓଡ଼ିଶାର ଜନସାଧାରଣଙ୍କ ନିକଟରେ ତାର ପ୍ରକୃତ ରୂପ ପ୍ରକାଶ ନ କରି ଲୋକମାନଙ୍କ ଅଶିକ୍ଷାବଶତଃ ନାନା ଅପପ୍ରଚାରର ଶିକାର ହୋଇଅଛି । ଉତ୍କଳୀୟ ବା ଗୌଡ଼ୀୟ ଯେ କୌଣସି ମତବାଦ ହେଉ ନା କାହିଁକି, ଓଡ଼ିଶାର ଜନସାଧାରଣ ସେ ମତବାଦକୁ ପ୍ରକୃଷ୍ଟ ଭାବରେ ଗ୍ରହଣ କରିବାକୁ ଅସମର୍ଥ ହୋଇଅଛନ୍ତି । ଧର୍ମକୁ ନିତାନ୍ତ ନିମ୍ନଦୃଷ୍ଟିରେ ପ୍ରଦର୍ଶନ କରାଯାଇଅଛି । ଏଥିପାଇଁ ସେହି ବୈଷ୍ଣବ ପ୍ରଚାରକଗଣ ହିଁ ଦାୟୀ । ନନ୍ଦୁଚୋରି, ଗୋପୀଭାଷା, ବସ୍ତ୍ରହରଣ ପ୍ରଭୃତି ଉପାଖ୍ୟାନ-ମାନ ସୃଷ୍ଟି କରି ସମାଜର ନିମ୍ନସ୍ତରର ବ୍ୟକ୍ତିମାନଙ୍କୁ ବୈଷ୍ଣବ ଧର୍ମମତ ଆଡ଼କୁ ଆକୃଷ୍ଟ କରାଯାଇଅଛି ଏବଂ ପରବର୍ତ୍ତୀ କାଳରେ ଏଗୁଡ଼ିକ ଯୋଗୁ ହିଁ ବୈଷ୍ଣବଧର୍ମମତ ଉପରେ ସାଧାରଣଙ୍କର ଆସ୍ଥା କ୍ଷୁଣ୍ଣ ହୋଇଅଛି ।

ଜଗନ୍ନାଥ ଦାସଙ୍କର ଭାଗବତ ବୈଷ୍ଣବଯୁଗ ବା ପଞ୍ଚସଖା ଯୁଗର ଏକ ଅକ୍ଷୟ କୀର୍ତ୍ତି । ଠିକ୍ ସେହିପରି ବଳରାମ ଦାସଙ୍କର ଦାଣ୍ଡି ରାମାୟଣ ଓ ଅଚ୍ୟୁତାନନ୍ଦ ଦାସଙ୍କର ହରିବଂଶ ବିଖ୍ୟାତ ସୃଷ୍ଟି-ପର୍ଯ୍ୟାୟଭୁକ୍ତ । ଏ ଯୁଗର ଆଉ କେତୋଟି ଉଲ୍ଲେଖଯୋଗ୍ୟ ସୃଷ୍ଟିକୁ ଛାଡ଼ିଦେଲେ ଅପସୃଷ୍ଟିର ସଂଖ୍ୟା ଏତେ ବେଶି ଯେ

ସହକାରେ ତାକୁ ସଂଖ୍ୟା କରିହେବ ନାହିଁ । ପିଣ୍ଡବ୍ରହ୍ମାଣ୍ଡ ତଥ୍ୟ-ସଂକଳିତ ରଚନା ଏ ଯୁଗରେ ଆଜି ଆଦରଣୀୟ ହୋଇ ପାରିନାହିଁ । କାରଣ ରସପ୍ରଧାନ ସାହିତ୍ୟ ପ୍ରତି ଲୋକମାନେ ଆଗ୍ରହ ପ୍ରକାଶ ନ କରି ଶୁଷ୍କ ଜଟିଳ ତଥ୍ୟଗୁଡ଼ିକୁ ପାଠ କରିବାକୁ ଇଚ୍ଛାପୋଷଣ କରି ନ ଥିଲେ । ପ୍ରାଦେଶିକ ଭାଷାଗୁଡ଼ିକରେ ଧର୍ମସାହିତ୍ୟ ପ୍ରାଥମିକ ଅବସ୍ଥାରେ ସାଧାରଣ ଲୋକମାନଙ୍କୁ ଆକୃଷ୍ଟ କରିବା ନିମିତ୍ତ ନିତାନ୍ତ ସରଳ ଓ ନିମ୍ନସ୍ତରର ବର୍ଣ୍ଣନା ପ୍ରଦାନ କରୁଥିଲା । ଏହାର ପ୍ରତ୍ୟକ୍ଷ ଉଦାହରଣ ପ୍ରତ୍ୟେକ ପ୍ରାଦେଶିକ ଭାଷାରେ ମିଳିଥାଏ । ପ୍ରାଦେଶିକ ଭାଷା ଉଦ୍‌ଭବ ସମୟର ଅବ୍ୟବହିତ ପୂର୍ବରୁ ବୌଦ୍ଧଗାନ ଓ ଦୋହା ଏହାର ବିଶେଷ ପ୍ରମାଣ ପ୍ରଦାନ କରିଅଛି । ବୌଦ୍ଧଗାନ ଓ ଦୋହାର କବିତାଗୁଡ଼ିକରେ କେବଳ ସାଧାରଣ ଲୋକମାନଙ୍କୁ ତାନ୍ତ୍ରିକ ବୌଦ୍ଧଧର୍ମ ଆଡ଼କୁ ଆକୃଷ୍ଟ କରିବା ପାଇଁ ନିତାନ୍ତ ଅଶ୍ଳୀଳ ଭାବାପନ୍ନ ବର୍ଣ୍ଣନା ଅଛି । ମାତ୍ର ଏ ଅଶ୍ଳୀଳତା ଧର୍ମଚକ୍ଷୁରେ ପ୍ରକୃତ ଅଶ୍ଳୀଳତା ନୁହେଁ । ବୌଦ୍ଧଗାନ ଓ ଦୋହାର କବିତାଗୁଡ଼ିକୁ ଦୁଇଗୋଟି ଅର୍ଥରେ ଗ୍ରହଣ କରାଯାଏ—ଅନ୍ତରଙ୍ଗ ଓ ବହିରଙ୍ଗ । ବହିରଙ୍ଗ ଅର୍ଥଟି ଅଶ୍ଳୀଳ ଭାବାପନ୍ନ ହେଲେ ହେଁ ଅନ୍ତରଙ୍ଗ ଅର୍ଥଟି ଗୂଢ଼ ଧର୍ମତତ୍ତ୍ୱପୂର୍ଣ୍ଣ । ଏପରି ସ୍ଥଳେ ପ୍ରାଦେଶିକ ଭାଷାରେ ଧର୍ମସାହିତ୍ୟ ବା ଭକ୍ତିସାହିତ୍ୟ ଏକାବେଳକେ ତଥ୍ୟପୂର୍ଣ୍ଣ ହୋଇ ଆତ୍ମପ୍ରକାଶ କରିବା ସମ୍ଭବପର ହୋଇନାହିଁ ।

ସାରଳା ଦାସଙ୍କ ମହାଭାରତରେ ଅଶ୍ଳୀଳତାର ପରିମାଣ କମ୍ ନୁହେଁ । ତଥାପି ତାହା ପୌରାଣିକ ଉପାଦାନର ମହତ୍ତ୍ୱ ଭିତରେ ଲୁଚିଯାଇଅଛି । ଠିକ୍ ସେହିପରି ବୈଷ୍ଣବ କବିମାନଙ୍କର ରଚନାରେ ଅଶ୍ଳୀଳତା ଦେଖା ଦେଇଥିଲେ ହେଁ ଭକ୍ତି ଉପାଦାନର ମହତ୍ତ୍ୱ ଭିତରେ

ତାହା ଲୁଚଯାଇ ପାରିନାହିଁ । ଷୋଡ଼ଶ ଶତାବ୍ଦୀ ପରେ ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ଯେଉଁ ବୈଷ୍ଣବ କବିଗଣ ଭକ୍ତିସାହିତ୍ୟ-ଗ୍ରନ୍ଥ ସୃଷ୍ଟି କରିଛନ୍ତି, ସେଗୁଡ଼ିକ ପାଠ କଲେ କୌଣସି ଆଧୁନିକ ରୁଚିସଂପନ୍ନ ବ୍ୟକ୍ତି ସେଗୁଡ଼ିକୁନିରାଟ ଭକ୍ତିସାହିତ୍ୟ ଭାବରେ ଗ୍ରହଣ କରିପାରିବ ନାହିଁ । ଘନକୃଷ୍ଣ ଦାସଙ୍କର ରସକଲ୍ଲୋଳ, କବିସୂର୍ଯ୍ୟଙ୍କର ଚମ୍ପୂ, ଅଭିମନ୍ୟୁଙ୍କର ବିଦଗ୍ଧ ଚିନ୍ତାମଣି, ଦିନାଇ ଦାସଙ୍କର ଗୋପୀଭାଷା ପ୍ରଭୃତି ଅନେକ ଗ୍ରନ୍ଥ ଏ ବିଷୟରେ ସାକ୍ଷ୍ୟ ପ୍ରଦାନ କରନ୍ତି । ଷୋଡ଼ଶ ଶତାବ୍ଦୀର ବୈଷ୍ଣବ କବିଗଣ ଅତ୍ୟନ୍ତ ଧୀର, ମନ୍ଥର ଗତିରେ ଭକ୍ତିସାହିତ୍ୟ ଭିତରେ ଶୃଙ୍ଗାର ରସର ପ୍ରବେଶ କରାଇବାକୁ ଚେଷ୍ଟା କରି ଯାହା କରିପାରି ନ ଥିଲେ, ଅଷ୍ଟାଦଶ ଶତାବ୍ଦୀର କାବ୍ୟପରଂପରା ଅତି ସହଜରେ ତା ଠାରୁ ଅଧିକ ବଳିଗଲା । ଅଷ୍ଟାଦଶ ଶତାବ୍ଦୀର ଭକ୍ତିସାହିତ୍ୟ ଅଧ୍ୟୟନ କଲେ ଯେ କୌଣସି ପାଠକ ରାଧାକୃଷ୍ଣଙ୍କ ଚରିତ ପାଠକରି ଭକ୍ତିଭାବରେ ତନ୍ମୟ ହେବା ପରିବର୍ତ୍ତେ ଶୃଙ୍ଗାରରସର ବାରିଧିରେ ଅବଗାହନ କରିବ । ବୈଷ୍ଣବମାନେ ଯୁକ୍ତି କରନ୍ତି ଯେ, ଏହା ଶୃଙ୍ଗାରରସ ନୁହେଁ । ଏହା ଲୌକିକ ଦୃଷ୍ଟିରେ ଦୋଷଦୁଷ୍ଟ । ମାତ୍ର ପ୍ରକୃତ ସାଧୁ ଚକ୍ଷୁରେ ପରମ ପବିତ୍ର । କାରଣ ଗୋପାଙ୍ଗନା ଓ ଶ୍ରୀକୃଷ୍ଣଙ୍କୁ କେନ୍ଦ୍ରକରି ଯେଉଁ ବର୍ଣ୍ଣନାଗୁଡ଼ିକ ଦିଆଯାଇଅଛି, ସେଗୁଡ଼ିକ ଭିତରେ କାମଜ ପ୍ରେମର ଗନ୍ଧ ନାହିଁ, ଅଛି ଭକ୍ତ ଓ ଭଗବାନଙ୍କ ସଂପର୍କ । ଏ ପ୍ରକାର ଅଭିବ୍ୟକ୍ତି ରସକଲ୍ଲୋଳ ଓ ବିଦଗ୍ଧଚିନ୍ତାମଣିର ପାଠକ ନିକଟରେ ସାରହୀନ । ଧର୍ମର ବନ୍ଧନରୁ ମୁକ୍ତ ହୋଇ ଅଷ୍ଟାଦଶ ଶତାବ୍ଦୀର ସାହିତ୍ୟ ଯେଉଁ ରସ ପରିବେଷଣ କରି ବସିଲା, ଏହା ହିଁ ତାହାର ପ୍ରଧାନ କାରଣ । ଓଡ଼ିଆ ସାହିତ୍ୟର ବିକାଶ କ୍ଷେତ୍ରରେ ପଞ୍ଚସଖାଯୁଗ ଏକ ବିପ୍ଳବର ଯୁଗ ହେଲେ ହେଁ ଏ ଯୁଗର ସୃଷ୍ଟି ସମ୍ଭାର ଯୋଗୁ

ଏହା ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ । ସାରଳା ଦାସଙ୍କ ସମୟକୁ ଓଡ଼ିଆ ସାହିତ୍ୟରେ ଯେ ବହୁ କିଛି ସୃଷ୍ଟି ସଂପଦ ଥିଲା, ଏକଥା କେବଳ ଅନୁମାନର କଥା । ସାରଳା ଦାସଙ୍କ ପୂର୍ବଯୁଗର ସାହିତ୍ୟ ସଂପଦ ଆଜି ବିସ୍ମୃତିର ଅନ୍ଧକାରରେ ଥିବାରୁ କେବଳ ଏତିକି ଅନୁମାନ କରାଯାଇପାରେ ଯେ ତାଙ୍କ ସମୟକୁ ଓଡ଼ିଆ ସାହିତ୍ୟରେ ବହୁଳ ସୃଷ୍ଟି ନ ଥିଲେ ହଠାତ୍ ସେ ଏତେ ବଡ଼ ମହାଭାରତ ଗ୍ରନ୍ଥ ରଚନା କରିପାରି ନ ଥାନ୍ତେ । ମାତ୍ର ପ୍ରତ୍ୟକ୍ଷ ପ୍ରମାଣ କାହିଁ ? ସାରଳା ଦାସଙ୍କ ସମୟ ପରେ ପରେ ପଞ୍ଚସଖା ଯୁଗର ଅଭ୍ୟୁଦୟ । ଏହି ଯୁଗରେ ପୌରାଣିକ ରଚନା ସହିତ ସାହିତ୍ୟର ଅନ୍ୟାନ୍ୟ ବିଭାଗ-ଗୁଡ଼ିକର ପ୍ରତିଷ୍ଠା ଓଡ଼ିଆ ସାହିତ୍ୟକୁ କମ୍ ଋଦ୍ଧିମନ୍ତ କରିନାହିଁ । ଚଉତିଶା, କୋଇଲି, ଗୀତା, ଷୋଡ଼ଶୀ, ବୋଲି, ଜଣାଣ, ଭଜନ, ପୋଇ, ଗୋଲ, ମାହାତ୍ମ୍ୟ, ଚଉପଦୀ, ଟୀକଲ, ସ୍ତୁତି, ସଂହିତା, ମାଳିକା, ନିର୍ଣ୍ଣୟ, ସଂବାଦ, ଟୀକା, କବଚ * ପ୍ରଭୃତି ବହୁ ବିଭାଗର ପ୍ରତିଷ୍ଠା ପାଇଁ ବୈଷ୍ଣବଯୁଗ ଖ୍ୟାତିଲାଭ କରିଅଛି । କେବଳ ଭକ୍ତି ସାହିତ୍ୟ କହିଲେ ପୁରାଣ, ମହାଭାରତ ଓ ରାମାୟଣକୁ ନ ବୁଝାଇ ଏ ଯୁଗର ଉପର୍ଯ୍ୟୁକ୍ତ ରଚନାଗୁଡ଼ିକୁ ମଧ୍ୟ ବୁଝାଇଥାଏ । ବୈଷ୍ଣବ କବିଗଣ ଗୀତିକବିତା କ୍ଷେତ୍ରରେ ଏ ସବୁର ପରୀକ୍ଷା ପ୍ରବର୍ତ୍ତନ କରି ଓଡ଼ିଆ ସାହିତ୍ୟକୁ ପ୍ରତିଷ୍ଠିତ କରିଥିଲେ ।